DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୨୧/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, July 21/2025 | Page 14 | ₹ 7.00

୫୧ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 236 | ମୂଲ୍ୟ₹୭/-



**ଭାରତୀୟ ଟେଷ୍ଟ ଦଳରେ ଅଂଶୁଲ**

ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ପେସ୍ ବୋଲର ଅଂଶୁଲ କାମ୍ବୋଜ। ୧୪

୦୪ **'ଉସ୍ତାଦ ଭଗତ ସିଂ'ରେ ରାଶିଙ୍କ ଏଣ୍ଟ୍ରି**

ସାଉଥ୍ ସୁପରଷ୍ଟାର ପୱନ କଲ୍ୟାଣଙ୍କ ଫିଲ୍ମ 'ଉସ୍ତାଦ ଭଗତ ସିଂ' ରେ ରାଶି ଖାନ୍ନା ଅଭିନୟ କରୁଛନ୍ତି।



# ଦିଲ୍ଲୀ ଏମ୍ସରେ ବଳଙ୍ଗା ପୀଡ଼ିତା



ଭୁବନେଶ୍ୱର ଏମ୍ସରୁ ବଳଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ନିଆଯାଉଛି।

**ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା)**

ବଳଙ୍ଗା ପୀଡ଼ିତାଙ୍କ ଶରୀର ୭୫ ଭାଗ ପୋଡ଼ିଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଜଟିଳ ରହିଛି ବୋଲି ଦିଲ୍ଲୀ ଏମ୍ସ ହସ୍ପିଟାଲ ପକ୍ଷରୁ ମିଡିଆ ସେଲ୍ ଦାୟିତ୍ୱରେ ଥିବା ଡାକ୍ତର ରୀମା ଦାଦା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରରୁ ପୀଡ଼ିତା ଏୟାରଲିଫ୍ଟ ହେବା ପରେ ସେଠାରେ ଅପରାହ୍ନ ୪ଟା ୨୦ ମିନିଟ୍‌ରେ ପହଞ୍ଚିଥିଲେ। ତାଙ୍କୁ ବର୍ନ ଆଣ୍ଡ ପ୍ଲାଷ୍ଟିକ୍ ସର୍ଜରି ୟୁନିଟ୍ ଆଇସିୟୁରେ ରଖି ଚିକିତ୍ସା କରାଯାଉଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ରହିଛି। ତାଙ୍କୁ ଏବେ ଅକ୍ସିଜେନ ସପୋର୍ଟରେ ରଖାଯାଇଛି। ଏମ୍ସ ପକ୍ଷରୁ ଗୋଟିଏ ଡାକ୍ତରୀ ଦଳ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଚିକିତ୍ସା କରୁଛନ୍ତି ବୋଲି ଡାକ୍ତର ରିମା ଜଣାଇଛନ୍ତି।

ସୂଚନାଯୋଗ୍ୟ, ବଳଙ୍ଗାରେ ଶନିବାର ପୂର୍ବାହ୍ନ ପ୍ରାୟ ୯ଟା ବେଳେ ଜଣେ ୧୫ ବର୍ଷର ଝିଅଙ୍କୁ ତିନି ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ସେଠାରୁ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଭୁବନେଶ୍ୱର ଏମ୍ସରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବାରୁ ସର୍ବୋତ୍ତମ ଚିକିତ୍ସା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀ ଏମ୍ସ ପଠାଯିବାକୁ କହିଥିଲେ। ସେହି ଅନୁସାରେ ରବିବାର ସବୁଜ ବଳୟ(ଗ୍ରୀନ୍ କରିଡର) ମଧ୍ୟରେ ତାଙ୍କୁ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲା। ପୋଲିସ ଦ୍ୱାରା କଡ଼ା ସୁରକ୍ଷା ବଳୟ ମଧ୍ୟରେ ଏସ୍କର୍ଟ ମାଧ୍ୟମରେ ଭୁବନେଶ୍ୱର ଏମ୍ସରୁ ବିଜୁ ପଟ୍ଟନାୟକ ☞ପୃଷ୍ଠା-୪

# ଉଠିପାରେ ଏସ୍ଆଇଆର୍, ଟ୍ରମ୍ପ୍ ଝଡ଼

**ପହଲଗାମ୍ ଆକ୍ରମଣକାରୀଙ୍କୁ ଧରିବାରେ ବିଫଳତା, 'ଅପରେଶନ ସିନ୍ଦୂର' ବେଳେ ଭାରତୀୟ ଯୁଦ୍ଧବିମାନ ଖସିପଡ଼ିବା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାପରେ ଭାରତ-ପାକିସ୍ତାନ ଅସ୍ତ୍ରବିରତି ହୋଇଥିବା ଏବଂ ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ(ଇସି) ଚଳାଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ଭଳି କେତେକ ବଡ଼ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିବୃତି ଦିଅନ୍ତୁ ବୋଲି ବିରୋଧୀ ଦଳଗୁଡ଼ିକ ଦାବି କରିଆସୁଛନ୍ତି। କିନ୍ତୁ ଏହି ପ୍ରସଙ୍ଗଗୁଡ଼ିକରେ ପ୍ରଧାନମନ୍ତ୍ରୀ ନୀରବ ରହିଆସିଛନ୍ତି। ଏଭଳି ସ୍ଥଳେ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ସଂସଦର ମୌସୁମୀ ଅଧିବେଶନରେ ଏହି ପ୍ରସଙ୍ଗରେ ମୋଦି ମୁହଁ ଖୋଲନ୍ତୁ ବୋଲି ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ବିରୋଧୀ ଦାବି କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ କୌଣସି ବିବୃତି ଦେବେ ନାହିଁ ବୋଲି ପିଟିଆଇ ସୂତ୍ରରୁ ଜଣାପଡ଼ିଛି। ବିରୋଧୀ ଉଠାଉଥିବା ସବୁ ପ୍ରସଙ୍ଗର ଉତ୍ତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ପ୍ରମୁଖ ଦେବା ନେଇ ଏକପ୍ରକାର ଚୂଡ଼ାନ୍ତ ହୋଇଛି। ଏନେଇ ଗତ ଶୁକ୍ରବାର ରାଜନାଥଙ୍କ ବାସଭବନରେ ଅନୁଷ୍ଠିତ ଏକ ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି। ବିରୋଧୀ ମୋଦିଙ୍କ ଉତ୍ତର ଦାବିରେ ଅଡ଼ିବସିଥିବାବେଳେ ଶାସକ ଦଳ ତାକୁ କୌଶଳକ୍ରମେ ଟାଳିବାକୁ ଉଦ୍ୟମ କରୁଥିବାରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଚାଲିବାକୁ କାର୍ଯ୍ୟକ୍ରମ ରହିଥିବା ମୌସୁମୀ ଅଧିବେଶନରେ ବାରମ୍ବାର ଝଡ଼ ସୃଷ୍ଟି ହୋଇ ସଂସଦୀୟ କାର୍ଯ୍ୟରେ ଅଚଳାବସ୍ଥା ଦେଖାଦେବା ଅନୁମାନ କରାଯାଉଛି।**

## ଆଜିଠୁ ସଂସଦର ମୌସୁମୀ ଅଧିବେଶନ



**ନୂଆଦିଲ୍ଲୀ,୨୦।୭(ପି.ଟି.)**

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହେଉଥିବାବେଳେ ଏହାର ଦିନକ ପୂର୍ବରୁ ରବିବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ପହଲଗାମ୍ ଆକ୍ରମଣ, ଅପରେଶନ ସିନ୍ଦୂର ଓ ଭାରତ- ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବାରମ୍ବାର ଦାବି ଏବଂ ବିହାରରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସ୍ଆଇଆର୍) ଆଦି ପ୍ରସଙ୍ଗ ଉପରେ ବିରୋଧୀ ଦଳଗୁଡ଼ିକ ବିତର୍କ କରିଛନ୍ତି। ଏପରି କି ଭାଜପାର ସହଯୋଗୀ ଦଳଗୁଡ଼ିକ ମଧ୍ୟ ଅପରେଶନ ସିନ୍ଦୂର ଉପରେ ଆଲୋଚନା ହେବା ଆବଶ୍ୟକ ବୋଲି କହିଛନ୍ତି। ତେବେ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ ବୋଲି ସୂଚନା ଦେଇଛନ୍ତି।

ଟ୍ରମ୍ପଙ୍କ ଅସ୍ତ୍ରବିରତି ଦାବି ଏବଂ ବିହାର ଏସ୍ଆଇଆର୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହରେ ଉପସ୍ଥିତ ରହି ଉତ୍ତର ରଖିବାକୁ ବୈଠକରେ ଇଣ୍ଡିଆ ବ୍ଲକ୍ ଦାବି କରିଥିଲା। ତେବେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ଉତ୍ତର ରଖି ନ ପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଭାରତ-ପାକିସ୍ତାନ ସଂଘର୍ଷରେ ଅସ୍ତ୍ରବିରତି କରାଇଥିବା ନେଇ ଟ୍ରମ୍ପଙ୍କ ଦାବି ଉପରେ ଆଲୋଚନା ହେଲେ ସରକାର ଉପଯୁକ୍ତ ଉତ୍ତର ରଖିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ମାସେବ୍ୟାପୀ ବସିବାକୁ ଥିବା ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ ସେଥିପାଇଁ ସରକାର ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡ଼ିଛନ୍ତି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଅଧ୍ୟକ୍ଷତାରେ ବସିଥିବା ସର୍ବଦଳୀୟ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ରିଜିଜୁ କହିଛନ୍ତି, ଏନ୍‌ଡିଏ ସହଯୋଗୀ ଏବଂ ବିରୋଧୀ ସଦସ୍ୟମାନଙ୍କ ଦାବିକୁ ଆମେ ଧୈର୍ଯ୍ୟର ସହ ଶୁଣିଛୁ ଏବଂ ଏହି ଅଧିବେଶନ ବେଶ୍ ଫଳପ୍ରଦ ହେବ ବୋଲି ଆଶାବାଦୀ ରହିଛୁ। ପାର୍ଲାମେଣ୍ଟ ସୁରୁଖୁରୁରେ ଚାଲିବା ପାଇଁ ସରକାର ଏବଂ ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହିବା ଉଚିତ। ବୈଠକରେ ବିଭିନ୍ନ ଦଳର ୫୪ ଜଣ ନେତା ଏବଂ ସ୍ୱାଧୀନ ଏମ୍‌ପିମାନେ ଉପସ୍ଥିତ ଥିଲେ। ଅପରେଶନ ସିନ୍ଦୂର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ଆଲୋଚନା ନିମନ୍ତେ ରାଷ୍ଟ୍ରର ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି ବୋଲି ରିଜିଜୁ କହିଛନ୍ତି। ତେବେ ସରକାରଙ୍କୁ ନିୟମ ଓ ପରମ୍ପରାକୁ ଗୁରୁତ୍ୱ ଦେବାକୁ ହେବ। ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ଉଭୟ ଗୃହର ବିଜ୍‌ନେସ୍ ଆଡଭାଇଜରି କମିଟିକୁ ନିଆଯିବ, ଯେଉଁଠି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ରିଜିଜୁ ସୂଚନା ଦେଇଛନ୍ତି। ପାର୍ଲାମେଣ୍ଟରେ ଅଳ୍ପ କେତେଜଣ ଏମ୍‌ପି କହିବା ସୁଯୋଗ ପାଉଥିଲାବେଳେ ଦଳଗୁଡ଼ିକୁ ଅଧିକ ସମୟ ଦେବା ପାଇଁ ଦାବି ହୋଇଥିଲା। ଛୋଟ ଦଳଗୁଡ଼ିକ ସମେତ ସମସ୍ତଙ୍କୁ ପର୍ଯ୍ୟାପ୍ତ ସମୟ ଯୋଗାଇବା ପାଇଁ ☞ପୃଷ୍ଠା-୪

# ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଛାତ୍ର କଂଗ୍ରେସ ସଭାପତି ଗିରଫ

**ଭୁବନେଶ୍ୱର,୨୦।୭ (ସତ୍ୟଜିତ ରାଉତ)**



ଉଦିତ ପ୍ରଧାନ

ଜଣେ ଛାତ୍ରୀ(୧୯)ଙ୍କୁ ମୃଦୁ ପାନୀୟରେ ନିଶା ଦେଇ ବଳାତ୍କାର କରିବା ଅଭିଯୋଗରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ପୋଲିସ ରବିବାର ରାତିରେ ଗିରଫ କରିଛି। ଏନେଇ ଥାନାରେ ବିଏନ୍ଏସ୍ ଦଫା ୬୪(୧), ୧୨୩, ୨୯୬, ୭୪, ୩୫୧(୨) ଅନୁଯାୟୀ ଏକ ମାମଲା (ନଂ.୪୧୭/୨୦୨୫) ରୁଜୁ ହୋଇଛି। ଉଦିତଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ପୀଡ଼ିତା ହେଉଛନ୍ତି ଚନ୍ଦକା ଥାନା ଅଞ୍ଚଳର। ସେ ଓ ତାଙ୍କର ଜଣେ ସାଙ୍ଗ ଅନ୍ୟ ଜଣେ ଯୁବକଙ୍କ ସହ ଗତ ମାର୍ଚ୍ଚ ୧୮ ସନ୍ଧ୍ୟାରେ ମାଷ୍ଟରକ୍ୟାଣ୍ଟିନକୁ ବୁଲି ଯାଇଥିଲେ। ଏହାପରେ ସେଠାରେ ଉଦିତ୍ ସେମାନଙ୍କ ଗାଡ଼ିରେ ଆସି ବସିଥିଲେ। ତାଙ୍କୁ ବୁଲେଇ ନେବାକୁ କହି ମଞ୍ଚେଶ୍ୱର ଥାନା ଅଞ୍ଚଳର ଏକ ହୋଟେଲକୁ ନେଇଯାଇଥିଲେ। ସେଠାରେ ଉଦିତ ଓ ଅନ୍ୟମାନେ ମଦ୍ୟପାନ କରିଥିଲେ। ଉଦିତ ତାଙ୍କୁ ମୃଦୁ ପାନୀୟରେ ନିଶା ଦ୍ରବ୍ୟ ମିଶାଇ ପିଇବାକୁ ଦେବା ପରେ ତାଙ୍କ ମୁଣ୍ଡ ବୁଲେଇଥିଲା। ସେ ଘରକୁ ଯିବାକୁ ଚେଷ୍ଟା କରିବାରୁ ଉଦିତ ଓ ଅନ୍ୟମାନେ ତାଙ୍କୁ ଛାଡ଼ି ନ ଥିଲେ। ତାଙ୍କୁ ନିଶା ହୋଇଯିବ ପରେ ଉଦିତ ତାଙ୍କୁ ବଳାତ୍କାର କରିଥିଲେ। ପ୍ରାୟ ୩୦ମିନିଟ ପରେ ତାଙ୍କ ଆଖି ଖୋଲିବାରୁ ଏ ବିଷୟରେ ସେ ଜାଣିପାରିଥିଲେ। ଉଦିତ ତାଙ୍କୁ ଧମକ ଦେବାରୁ ସେ ଚୁପ ରହିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ନାରୀଙ୍କୁ ନ୍ୟାୟ ଦେବା ଅଭିଯାନ ଚାଲିଥିବା ବେଳେ ପୀଡ଼ିତା ସାହସ କରି ଏତଲା ଦେଇଛନ୍ତି ବୋଲି ଜଣାଇଛନ୍ତି। ରବିବାର ରାତି ୮ଟା ୩୦ରେ ଅଭିଯୋଗ ପାଇ ପୋଲିସ ମାମଲା ରୁଜୁ କରିବା ସହ ଉଦିତଙ୍କୁ ଉଠାଇ ଆଣିଥିଲା। ତେବେ ଘଟଣା ଦିନ ହୋଟେଲରେ ଉପସ୍ଥିତ ଥିବା ଅନ୍ୟମାନଙ୍କୁ ମଧ୍ୟ ମାମଲାର ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଏନ୍‌ସିଇଆର୍‌ଟି ବହିରୁ ପାଇକ ବିଦ୍ରୋହ ବାଦ୍

**ଭୁବନେଶ୍ୱର,୨୦।୭ (ସୁଚିସ୍ମିତା ସାହୁ)**

ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଉଥିବା ଓଡ଼ିଶାର ପାଇକ ବିଦ୍ରୋହକୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ୮ମ ଶ୍ରେଣୀର ଇତିହାସ ବହିରେ ସ୍ଥାନିତ କରାଯାଇଥିଲା। କିନ୍ତୁ ଗତ ସପ୍ତାହରେ ନ୍ୟାଶନାଲ କାଉନ୍‌ସିଲ୍ ଅଫ୍ ଏଜୁକେଶନାଲ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆରଟି)ର ନୂଆ ଇତିହାସ ବହିରେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦିଆଯାଇଛି। ଏହା ଜଣାପଡିବା ପରେ ବିଭିନ୍ନ ମହଲାରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ଓଡ଼ିଆ ଜାତିପ୍ରତି ଚରମ ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ କୁହାଯାଇଛି। ପୁନର୍ବାର ଏନ୍‌ସିଇଆର୍‌ଟି ୮ମ ଶ୍ରେଣୀ ଇତିହାସ ବହିରେ ସ୍ଥାନ ଦେବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ, ବଙ୍ଗଳାର

**ଓଡ଼ିଶା ପ୍ରତି ଅପମାନ**

ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳଙ୍କ ବିଦ୍ରୋହ ସେହି ଇତିହାସ ବହିରେ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ୍ ଦେବା ବୀର ପାଇକଙ୍କ ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ। ଓଡ଼ିଆ ଜାତିର ସ୍ୱାଭିମାନ ଦୃଷ୍ଟିରୁ ପୁନଶ୍ଚ ଇତିହାସ ବହିରେ ସ୍ଥାନ ଦେବାକୁ ବେହେରାଙ୍କ ସମେତ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅରୁଣ ଜେନା, ନାରାୟଣ ଡାଳୁଆ, ସୁବାସ କୁମାର ତାରଣିଆଁ, ଗଣେଶ ପଣ୍ଡା ପ୍ରମୁଖ ଦାବି କରିଛନ୍ତି। ଏହି ଘଟଣାକୁ ପୁନର୍ବାର ପାର୍ଲାମେଣ୍ଟରେ ଦାବି ଉପସ୍ଥାପନ କରିବା ପାଇଁ ଓଡ଼ିଆ ଅସ୍ମିତା ପରିଷଦ ଦାବି କରିଛି। ଅନ୍ୟପକ୍ଷରେ ଓଡ଼ିଆ ଅସ୍ମିତାର କଥା କହୁଥିବା ରାଜ୍ୟ ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିପ୍ରତି ଦୃଷ୍ଟି ଦେବାକୁ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

**ଆଜିର ସମ୍ପାଦକୀୟ**

**୫ଟା ୩୦**

**ଆଜିର ମନ୍ତବ୍ୟ**

" କଂଗ୍ରେସ ସମେତ ଅନ୍ୟ କେତେକ ବିରୋଧୀ ଦଳ ସେମାନଙ୍କ ମୁସ୍‌ଲିମ୍ ଭୋଟବ୍ୟାଙ୍କ ବଞ୍ଚାଇ ରଖିବା ପାଇଁ ନୂଆ ୱକ୍‌ଫ ଆଇନକୁ ବିରୋଧ କରୁଛନ୍ତି।

**-କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ମନ୍ତ୍ରୀ**

# ଡିଏଫ୍‌ଓଙ୍କ ୧୧୫ ପ୍ଲଟ୍

**ଭୁବନେଶ୍ୱର/ କେନ୍ଦୁଝର,୨୦।୭ (ସତ୍ୟଜିତ୍ ରାଉତ/ ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)**

**୭ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ**



ଡିଏଫ୍‌ଓ ନିତ୍ୟାନନ୍ଦ ନାୟକ

ବନ ଅଧିକାରୀଙ୍କ ଜମି କିଣା ସଉକ। ଦୁର୍ନୀତି ଟଙ୍କାରେ ସ୍ତ୍ରୀ, ପୁଅ, ଝିଅ ଓ ନିଜ ନାଁରେ କିଣିଛନ୍ତି ମାଲମାଲ ପ୍ଲଟ। ଘର ସଜେଇବାକୁ ବାଛିଥିଲେ ବହୁମୂଲ୍ୟବାନ୍ କାଠ। ମୂଲ୍ୟବାନ କାଠରେ ଚୌକିଠୁ ଆରମ୍ଭ କରି ଟେବୁଲ, ଆଲମିରା, କବାଟ, ପଲଙ୍କ, ଖୁଣ୍ଟ ଓ ଭିନ୍ନ ଭିନ୍ନ ଆକର୍ଷଣୀୟ ଉପକରଣ ପ୍ରସ୍ତୁତ କରିଥିଲେ। କେବଳ ଏତିକି ନୁହେଁ ଘରେ ବେଆଇନ ଭାବେ ରଖିଥିଲେ ବନ୍ଧୁକଠୁ ଆରମ୍ଭ କରି ତୀର, ଟାଙ୍ଗିଆ, ଖଣ୍ଡା ଆଦି ବହୁ ମାରଣାସ୍ତ୍ର। କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକ ଭିଜିଲାନ୍ସ ଜାଲରେ ରବିବାର ଫସିବା ପରେ ତାଙ୍କ କଳା କାରନାମା ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ନିତ୍ୟାନନ୍ଦଙ୍କ ଘର ସମେତ ଅନୁଗୋଳ, କେନ୍ଦୁଝର ଓ ନୟାଗଡ଼ ☞ପୃଷ୍ଠା-୪



## ସଂକ୍ଷେପରେ

### ରୁଷିଆରେ ବଡ଼ ଭୂକମ୍ପ ସୁନାମି ସତର୍କ ସୂଚନା ପ୍ରତ୍ୟାହୃତ

ମସ୍କୋ,୨୦।୭

ରୁଷିଆର ପୂର୍ବ ଉପକୂଳରେ ରବିବାର ୫ଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ସର୍ବାଧିକ ତୀବ୍ରତା ୭.୪ ରହିଥିଲା। ଫଳରେ ସୁନାମି ଆସିବା ଆଶଙ୍କାରେ ସତର୍କ ସୂଚନା ଜାରି କରାଯାଇଥିଲା। ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଦୂରକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସତର୍କ ସୂଚନାକୁ ପ୍ରତ୍ୟାହାର କରିନିଆଯାଇଛି। ରୁଷିଆର କାମ୍‌ଚଟ୍‌କା ପେନିନ୍‌ସୁଲାରେ ଆଉ ସୁନାମି ବିପଦ ନାହିଁ ବୋଲି ପାସିଫିକ୍ ସୁନାମି ୱାର୍ନିଂ ସେଣ୍ଟର ପକ୍ଷରୁ କୁହାଯାଇଛି। ସବୁଠୁ ଶକ୍ତିଶାଳୀ ଭୂକମ୍ପର କେନ୍ଦ୍ରସ୍ଥଳ ପେଟ୍ରୋପାଭ୍‌ଲୋଭ୍‌ସ୍କ-କାମ୍‌ଚଟ୍‌ସ୍କି ସହରଠାରୁ ପୂର୍ବ ଦିଗରେ ୧୪୪ କିଲୋମିଟର ଦୂର ଓ ୨୦ କିଲୋମିଟର ଗଭୀରରେ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଆକଳନ କରିଛି। ଏହାର ପୂର୍ବରୁ ଓ ପରେ ଅନେକ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ।

### ହସ୍ପିଟାଲ ବେଡ୍‌ରେ ସ୍ତ୍ରୀଙ୍କୁ ହତ୍ୟାକଲେ ସ୍ୱାମୀ

ଚେନ୍ନାଇ,୨୦।୭

ତାମିଲନାଡୁର କରୁର ଜିଲାରେ ଶନିବାର ସ୍ୱାମୀଙ୍କ ସହ ବଚସାରୁ ଗଣ୍ଡଗୋଳ ହୋଇ ଆହତ ହୋଇଥିବା ୨୭ ବର୍ଷୀୟ ସ୍ତ୍ରୀ ଚିକିତ୍ସା ପାଇଁ ସରକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲ ବେଡ୍‌ରେ ଅଚେତ ଅବସ୍ଥାରେ ଥିବା ସ୍ତ୍ରୀ ଶ୍ରୁତିଙ୍କୁ ରବିବାର ସ୍ୱାମୀ ବିଶ୍ୱଥ ୩ ଥର ଛୁରି ଭୁସି ହତ୍ୟା କରିଛନ୍ତି। ଅନ୍ୟ ରୋଗୀ ଓ ହସ୍ପିଟାଲ କର୍ମଚାରୀଙ୍କ ସମ୍ମୁଖରେ ହତ୍ୟାକାଣ୍ଡ ଘଟାଇ ବିଶ୍ୱଥ ଫେରାର ହୋଇଯାଇଥିଲେ। କୁଳିଥଲାଇ ପୋଲିସ ମାମଲା ରୁଜୁକରି ଅଭିଯୁକ୍ତ ସ୍ୱାମୀଙ୍କୁ ଖୋଜୁଛି। ଶ୍ରୁତି ପଡ଼ଭର୍ଥି ଅଞ୍ଚଳର ବିଶ୍ୱଥଙ୍କୁ ବିବାହ କରିଥିବାବେଳେ ସେମାନଙ୍କର ୨ ସନ୍ତାନ ଅଛନ୍ତି।

### ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ନୋଟିସରେ ଶତାଧିକ ଏମ୍‌ପିଙ୍କ ସ୍ୱାକ୍ଷର

ନୂଆଦିଲ୍ଲୀ,୨୦।୭ (ପି.ଟି.)

ସରକାରୀ ବାସଭବନ ପରିସରରୁ ବିପୁଳ ପରିମାଣର ଟଙ୍କା ମିଳିବା ଘଟଣାରେ ଦିଲ୍ଲୀ ହାଇକୋର୍ଟର ତତ୍କାଳୀନ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ବହିଷ୍କାର ପାଇଁ ପାର୍ଲାମେଣ୍ଟରେ ମହାଭିଯୋଗ ପ୍ରସ୍ତାବ ଅଣାଯିବ। ମହାଭିଯୋଗ ନୋଟିସରେ ବର୍ତ୍ତମାନ ସୁଦ୍ଧା ୧୦୦ରୁ ଅଧିକ ଏମ୍‌ପି ସ୍ୱାକ୍ଷର କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ରବିବାର କହିଛନ୍ତି। ଲୋକସଭାରେ ମହାଭିଯୋଗ ଆଣିବା ପାଇଁ ଯେତିକି ସମର୍ଥନ ଆବଶ୍ୟକ, ତା'ଠାରୁ ଅଧିକ ଏମ୍‌ପି ସ୍ୱାକ୍ଷର କରିସାରିଲେଣି ବୋଲି ରିଜିଜୁ ସର୍ବଦଳୀୟ ବୈଠକ ପରେ ଗଣମାଧ୍ୟମକୁ କହିଛନ୍ତି। କେତେବେଳେ ପ୍ରସ୍ତାବ ସଂସଦର ଉଭୟ ସଦନରେ ଅଣାଯିବ, ସେ ସମ୍ପର୍କରେ ବିଜ୍‌ନେସ୍ ଆଡଭାଇଜରି କମିଟି ନିଷ୍ପତ୍ତି ନେବ।

### ଅଭିଯୁକ୍ତଙ୍କୁ ଜାମିନ ଦେଇ କବିତା ଶୁଣାଇଲେ ବିଚାରପତି

ନୂଆଦିଲ୍ଲୀ, ୨୦।୭

ଦିଲ୍ଲୀର ରୋହିଣୀ କୋର୍ଟରୁ ଏକ ନିଆରା ମାମଲା ସାମ୍ନାକୁ ଆସିଛି। ଏକ ସମ୍ପତ୍ତି ବିବାଦ ମାମଲାରେ ଜୁଡିସିଆଲ ମାଜିଷ୍ଟ୍ରେଟ୍ (ଫାର୍ଷ୍ଟ କ୍ଲାସ୍) ରୋହିତ କୁମାର ଅଭିଯୁକ୍ତଙ୍କୁ ଜାମିନ ଦେବା ସମୟରେ ଏକ କବିତା ଶୁଣାଇଛନ୍ତି। ଏହି କବିତା ମାଧ୍ୟମରେ ସେ ସମ୍ପତ୍ତି ପାଇଁ ଘରେ ଘରେ ଦେଖାଦେଉଥିବା ବିଭିନ୍ନ ପାରିବାରିକ ବିବାଦ ଏବଂ ଭାଙ୍ଗିଯାଉଥିବା ସମ୍ପର୍କକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ସମ୍ପତ୍ତି ବିବାଦର ସାମାଜିକ ପ୍ରଭାବକୁ ସେ କବିତା ମାଧ୍ୟମରେ ଶୁଣାଇଥିଲେ। ଉକ୍ତ ମାମଲାରେ ଇନ୍ଦୁ ସୋନି ନାମ୍ନୀ ଜଣେ ମହିଳା ନିଜ ପୁଅ ନୀତିନ ସୋନିଙ୍କ ବିରୋଧରେ ତାଙ୍କ ସମ୍ପତ୍ତିକୁ ବେଆଇନ ଭାବେ ଦଖଲ କରି ରଖିଥିବା ନେଇ ଅଭିଯୋଗ କରିଥିଲେ। ନୀତିନ ଓ ତାଙ୍କ ସ୍ତ୍ରୀ ତାଲା ଭାଙ୍ଗି ଘରେ ପଶିଥିଲେ ଏବଂ ତାଙ୍କୁ ଆକ୍ରମଣ କରିଥିବା ଦର୍ଶାଇ ଇନ୍ଦୁ ଥାନାରେ ଏତଲା ଦେଇଥିଲେ। ତେବେ ନୀତିନ ପୂର୍ବରୁ ଉକ୍ତ ସମ୍ପତ୍ତିର ମାଲିକ ହୋଇସାରିଥିବା ନେଇ ଜଣାପଡ଼ିବା ପରେ କୋର୍ଟ ତାଙ୍କୁ ଜାମିନ ଦେଇଥିଲେ। ମୌଖିକ ଚୁକ୍ତିନାମା ଅନୁଯାୟୀ, ଇନ୍ଦୁ ପୂର୍ବରୁ ତାଙ୍କ ସମ୍ପତ୍ତି ନୀତିନଙ୍କୁ ହସ୍ତାନ୍ତର କରିଥିଲେ ବୋଲି ନୀତିନଙ୍କ ଓକିଲ କହିଛନ୍ତି।

# ଇସ୍ରାଏଲୀ ସେନା ଗୁଳିରେ ୮୫ ପାଲେଷ୍ଟିନୀୟ ମୃତ

■ସହାୟତା ନେବାକୁ ଯାଉଥିଲେ
■କେନ୍ଦ୍ରୀୟ ଗାଜା ଖାଲି କରିବା ପାଇଁ ଇସ୍ରାଏଲର ନିର୍ଦ୍ଦେଶ

ଡେର୍ ଅଲ୍ ବଲାହ, ୨୦।୭

ଇସ୍ରାଏଲ ଆକ୍ରମଣରେ ରବିବାର ଗାଜାର ବିଭିନ୍ନ ସ୍ଥାନରେ ମାନବିକ ସହାୟତାକୁ ଅପେକ୍ଷା କରି ରହିଥିବା ୮୫ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଛି। ଏନେଇ ପାଲେଷ୍ଟିନୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ଗାଜାରେ ମାନବିକ ସହାୟତା ପାଇବା ପାଇଁ ଜିକିମ୍ କ୍ରସିଂ ଦେଇ ଯାଉଥିବା ସମୟରେ ଇସ୍ରାଏଲୀ ସେନାର ଗୁଳିରେ ଅତିକମ୍‌ରେ ୭୯ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ହୋଇଛି। ସେହିପରି ୧୫୦ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଗୁରୁତର ରହିଛନ୍ତି। ସହାୟତା ପାଇଁ ଯାଉଥିବା ଭିଡ଼ ଉପରେ ଇସ୍ରାଏଲୀ ସେନା ଗୁଳି ଚଳାଇଥିବା ନେଇ କେତେଜଣ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ଅନ୍ୟପକ୍ଷରେ, ରବିବାର ଇସ୍ରାଏଲୀ ସେନା ପକ୍ଷରୁ କେନ୍ଦ୍ରୀୟ ଗାଜାର କିଛି ଅଞ୍ଚଳରୁ ଲୋକଙ୍କୁ ଖାଲି କରାଇବା ପାଇଁ ନୂତନ ନିର୍ଦ୍ଦେଶନାମା ଜାରି କରାଯାଇଛି। ଉକ୍ତ ଅଞ୍ଚଳଗୁଡ଼ିକରେ ଅନେକ ଅନ୍ତର୍ଜାତୀୟ ସଙ୍ଗଠନ ପକ୍ଷରୁ ଲୋକଙ୍କୁ ସହାୟତା ସାମଗ୍ରୀ ବଣ୍ଟନ କରାଯାଉଥିଲା। ଏହି ନିର୍ଦ୍ଦେଶନାମାକୁ ନେଇ ଇସ୍ରାଏଲୀ ସେନା ମୁଖପାତ୍ର ଅବିଚାୟ ଅଦ୍ରାୟୀ ହମାସକୁ ଚେତାବନୀ ଦେଇ କହିଛନ୍ତି, ହମାସ ଆତଙ୍କବାଦୀଙ୍କ ଉପରେ ଇସ୍ରାଏଲୀ ସେନା ତୀବ୍ର ଆକ୍ରମଣ କରିବ। କେନ୍ଦ୍ରୀୟ ଗାଜାର ବିଭିନ୍ନ ଅଞ୍ଚଳରେ ବାସ କରୁଥିବା ଲୋକ ଏବଂ ତମ୍ବୁରେ ଆଶ୍ରୟ ନେଇଥିବା ଲୋକଙ୍କୁ ଦକ୍ଷିଣ ଗାଜାର ମୁୱାସି ଅଞ୍ଚଳକୁ ଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ମୁୱାସି ଅଞ୍ଚଳରେ ଥିବା ବିଭିନ୍ନ ଶିବିରକୁ ଇସ୍ରାଏଲୀ ସେନା ପକ୍ଷରୁ ହ୍ୟୁମାନାଟେରିଆନ୍ ଜୋନ୍ ଭାବେ ଘୋଷଣା କରାଯାଇଛି। ତେଣୁ ସେଠାରେ ଲୋକେ ସୁରକ୍ଷିତ ରହିବେ ବୋଲି ଅଦ୍ରାୟୀ କହିଛନ୍ତି। କେନ୍ଦ୍ରୀୟ ଗାଜାର ବିଭିନ୍ନ ଅଞ୍ଚଳରୁ ଲୋକଙ୍କୁ ଖାଲି କରାଗଲେ ଡେର୍ ଅଲ୍ ବଲାହ ସହର ସହ ଦକ୍ଷିଣ ଗାଜାର ରାଫାହ ଏବଂ ଖାନ୍ ୟୁନିସ୍ ସହର ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହେବ।

କାତାରରେ ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତି ଆଲୋଚନା ଚାଲିଥିବାବେଳେ ଇସ୍ରାଏଲର ଏହି ନିର୍ଦ୍ଦେଶନାମା ସାମ୍ନାକୁ ଆସିଛି। ତେବେ ଉକ୍ତ ଆଲୋଚନାରେ ବର୍ତ୍ତମାନ ସୁଦ୍ଧା ସମାଧାନର କୌଣସି ମାର୍ଗ ବାହାରିନାହିଁ ବୋଲି ଅନ୍ତର୍ଜାତୀୟସ୍ତରୀୟ ମଧ୍ୟସ୍ଥମାନେ କହିଛନ୍ତି। ଆଲୋଚନାରେ ନିଜ ସର୍ତ୍ତ ମଞ୍ଜୁର ପାଇଁ ହମାସ୍ ଉପରେ ଚାପ ପକାଇବାକୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଗାଜାରେ ସାମରିକ ଅଭିଯାନକୁ ବଢ଼ାଇବା ଉପରେ ଜୋର୍ ଦେଇ ଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ଗାଜା ଷ୍ଟ୍ରିପ୍‌ର ୬୫% ଅଞ୍ଚଳକୁ ଅଧିକୃତ କରିସାରିଥିବା ନେଇ ଗତ ମାସରେ ଇସ୍ରାଏଲୀ ସେନା ଦାବି କରିଥିଲା।



କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର ନୁସିରାତ ଅଞ୍ଚଳରେ ଥିବା ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ପାଲେଷ୍ଟିନୀୟମାନେ ଭୋଜନ ପାଇଁ ଭିଡ଼ ଜମାଇଛନ୍ତି।

### ବ୍ରିଟେନ୍, ମାଳଦ୍ୱୀପ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୦।୭(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ବୁଧବାରରୁ ୪ ଦିନିଆ ବ୍ରିଟେନ୍ ଓ ମାଳଦ୍ୱୀପ ଗସ୍ତରେ ଯିବେ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଏବଂ ଐତିହାସିକ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ଏହି ଗସ୍ତର ଉଦ୍ଦେଶ୍ୟ ବୋଲି କୁହାଯାଉଛି। ପ୍ରଥମ ପର୍ଯ୍ୟାୟରେ ମୋଦି ବ୍ରିଟେନ୍‌କୁ ୨ ଦିନିଆ ଗସ୍ତରେ ଯାଉଥିବାବେଳେ ସେଠାରୁ ଫେରି ମାଳଦ୍ୱୀପ ସ୍ୱାଧୀନତା ଦିବସ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଚାଇନାକୁ ସମର୍ଥନ କରୁଥିବା ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ୨୦୨୩ ନଭେମ୍ବରରେ କ୍ଷମତାକୁ ଆସିବା ପରେ ଭାରତ ସହ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା। ଆସନ୍ତା ୨୫ ଓ ୨୬ରେ ଏହି ଦ୍ୱୀପଦେଶକୁ ମୋଦି ଗସ୍ତରେ ଯାଉଥିବାରୁ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଦିଗରେ ଏହା ଉଲ୍ଲେଖନୀୟ ବୋଲି କୁହାଯାଇଛି। ୨୩ ଓ ୨୪ରେ ମୋଦି ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟର୍ମରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଗସ୍ତ ସମୟରେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହେବା ଆଶା କରାଯାଉଛି। ଗତ ମେ'ରେ ଏହି ଚୁକ୍ତିନାମା ଚୂଡ଼ାନ୍ତ ହୋଇଥିଲା।

# ୨୨ରେ ସେନାକୁ ମିଳିବ ପ୍ରଥମ ପର୍ଯ୍ୟାୟ ଅପାଚେ ହେଲିକପ୍ଟର

ନୂଆଦିଲ୍ଲୀ,୨୦।୭

ଦୀର୍ଘ ୧୫ ମାସରୁ ଊର୍ଦ୍ଧ୍ୱ ବିଳମ୍ବ ପରେ ଶେଷରେ ଭାରତୀୟ ସେନାକୁ ଅପାଚେ ଏଏଚ୍-୬୪ଇ ଲଢ଼ୁଆ ହେଲିକପ୍ଟରର ପ୍ରଥମ ବ୍ୟାଚ୍ ମିଳିବାକୁ ଯାଉଛି। ଦେଶର ପଶ୍ଚିମ ସୀମାରେ ସେନାର ଆକ୍ରମଣ ସାମର୍ଥ୍ୟ ବଢ଼ାଇବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ। ସୂତ୍ର ଅନୁଯାୟୀ, ୨୨ ତାରିଖରେ ସେନାର ଆଭିଏଶନ କର୍‌କୁ ପ୍ରଥମ ପର୍ଯ୍ୟାୟରେ ୩ଟି ହେଲିକପ୍ଟର ହସ୍ତାନ୍ତର କରାଯିବ। ଆମେରିକାରୁ ୬ଟି ଲଢ଼ୁଆ ଅପାଚେ ହେଲିକପ୍ଟର କିଣିବା ପାଇଁ ଭାରତୀୟ ସେନା ୨୦୨୦ରେ ୬୦୦ ନିୟୁତ ଡଲାରର ଚୁକ୍ତିନାମା ସ୍ୱାକ୍ଷର କରିଥିଲା। ୨୦୨୪ ମେ'-ଜୁନ୍ ମଧ୍ୟରେ ଏହା ମିଳିବ ବୋଲି ଆଶା କରାଯାଉଥିବାବେଳେ ଇତିମଧ୍ୟରେ ୧୫ ମାସ ବିଳମ୍ବ ହେଲାଣି। ଯୋଗାଣ ଶୃଙ୍ଖଳରେ ସମସ୍ୟା ଓ ବୈଷୟିକ କାରଣରୁ ହେଲିକପ୍ଟର ମିଳିବା ବିଳମ୍ବ ହୋଇଥିବା କୁହାଯାଇଛି।



# ଶାନ୍ତି ଆଲୋଚନା ପାଇଁ ରୁଷିଆର ସର୍ତ୍ତ

ମସ୍କୋ,୨୦।୭

ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ନେଇ ପ୍ରସ୍ତୁତ ଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ କହିଥିବାବେଳେ ଏଥିପାଇଁ ମସ୍କୋ ବଡ଼ ସର୍ତ୍ତ ରଖିଛି। ରୁଷିଆ ଏହାର ମୁଖ୍ୟ ଲକ୍ଷ୍ୟ ହାସଲ କରିବାକୁ ପ୍ରତିବଦ୍ଧ ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି। ୟୁକ୍ରେନ୍ ସହ ଚାଲିଥିବା ଯୁଦ୍ଧର ସମାଧାନ ଲାଗି ଯଥାଶୀଘ୍ର ସମ୍ଭବ ଶାନ୍ତିପୂର୍ଣ୍ଣ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ପୁଟିନ୍ ଚାହାନ୍ତି ବୋଲି ବାରମ୍ବାର କହିଆସୁଛନ୍ତି। ଏହା ଏକ ଦୀର୍ଘ ପ୍ରକ୍ରିୟା ଏବଂ ଏଥିପାଇଁ ଉଦ୍ୟମ ଆବଶ୍ୟକ, ଯାହା ଏତେ ସହଜ ନୁହେଁ। ଆମ ପାଇଁ ମୁଖ୍ୟ କଥା ହେଉଛି ଲକ୍ଷ୍ୟ ହାସଲ କରିବା। ଆମ ଲକ୍ଷ୍ୟ ସ୍ପଷ୍ଟ ବୋଲି ପେସ୍କୋଭ୍ କହିଛନ୍ତି। ଜୁନ୍ ପ୍ରଥମ ଭାଗରେ ଆରମ୍ଭ ହୋଇଥିବା ବୁଝାମଣା ଅଟକିବା ପରେ ଆସନ୍ତା ସପ୍ତାହରୁ ପୁଣି ଶାନ୍ତି ଆଲୋଚନା ପାଇଁ ୟୁକ୍ରେନ୍ ପ୍ରସ୍ତାବ ଦେଇଥିଲା। ୫୦ ଦିନ ମଧ୍ୟରେ ମସ୍କୋ ଶାନ୍ତି ଚୁକ୍ତିନାମା ପାଇଁ ରାଜି ନ ହେଲେ ଏହାଠାରୁ ଇନ୍ଧନ କିଣୁଥିବା ଦେଶଗୁଡ଼ିକ ଉପରେ କଟକଣା ଲାଗୁ କରାଯିବ ଏବଂ ୟୁକ୍ରେନ୍‌କୁ ଆବଶ୍ୟକ ଅସ୍ତ୍ର ସହାୟତା ଯୋଗାଇ ଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ସୋମବାର ଚେତାବନୀ ଦେଇଥିଲେ।

# ବେଦାନ୍ତ ସେମିକଣ୍ଡକ୍ଟର ଏକ ନକଲି ସାମଗ୍ରୀ ବ୍ୟବସାୟ ସଞ୍ଚାଳନ

## ଭାଇସ୍‌ରୟ୍‌ର ଅଭିଯୋଗ

ନୂଆଦିଲ୍ଲୀ,୨୦।୭(ପି.ଟି.)

ଖଣି ବ୍ୟବସାୟୀ ଅନିଲ ଅଗ୍ରୱାଲଙ୍କ ବେଦାନ୍ତ ଗ୍ରୁପ୍‌କୁ ଟାର୍ଗେଟ କରି ଆସୁଥିବା ଆମେରିକାର ଶର୍ଟ ସେଲର ଭାଇସ୍‌ରୟ ରିସର୍ଚ୍ଚ ଏହାର ସେମିକଣ୍ଡକ୍ଟର ୟୁନିଟ୍‌କୁ ଏକ 'ନକଲି ସାମଗ୍ରୀ ବ୍ୟବସାୟ ସଞ୍ଚାଳନ' ବୋଲି ଅଭିଯୋଗ କରିଛି। ନନ୍‌ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ(ଏନ୍‌ବିଏଫ୍‌ସି) ଭାବେ ବର୍ଗୀକରଣରୁ ବର୍ତ୍ତିବା ପାଇଁ କମ୍ପାନୀ ଏଭଳି ୟୁନିଟ୍ ସ୍ଥାପନ କରିଥିବା ଭାଇସ୍‌ରୟ କହିଥିବାବେଳେ ବେଦାନ୍ତ ଏହାକୁ ଭିତ୍ତିହୀନ କହି ଖଣ୍ଡନ କରିଛି।

ଗତ ସପ୍ତାହରେ ମଧ୍ୟ ଭାଇସ୍‌ରୟ ରିସର୍ଚ୍ଚ ବେଦାନ୍ତ ଗ୍ରୁପ୍ ସମ୍ପର୍କରେ ଏକ ନକାରାତ୍ମକ ରିପୋର୍ଟ ପ୍ରକାଶ କରିଥିବାବେଳେ ପରେ ଏଭଳି ଅନେକ ରିପୋର୍ଟ ଆଣିଲାଣି। ସଦ୍ୟତମ ରିପୋର୍ଟରେ ଅଭିଯୋଗ ହୋଇଛି ଯେ, ବେଦାନ୍ତ ଲିମିଟେଡ୍ ନିୟନ୍ତ୍ରଣରେ ଥିବା ବେଦାନ୍ତ ସେମିକଣ୍ଡକ୍ଟର ପ୍ରା.ଲିଃ(ଭିଏସ୍‌ପିଏଲ୍) ହେଉଛି ଏକ ଯୋଜନାର ଅଂଶ, ଯାହା ଏପ୍ରିଲରେ ଗୁରୁତର ନଗଦ ସଙ୍କଟର ସମ୍ମୁଖୀନ ହୋଇଥିବା ମୂଳ କମ୍ପାନୀ ବେଦାନ୍ତ ରିସୋର୍ସେସ୍‌କୁ ବ୍ରାଣ୍ଡ ଦେୟ ଛାଡ଼ କରିବା ପାଇଁ କରାଯାଇଛି। ଅନ୍ୟପକ୍ଷରେ ଭିଏସ୍‌ପିଏଲ୍ ସମ୍ପର୍କିତ ଅଭିଯୋଗ ଭିତ୍ତିହୀନ କହି ବେଦାନ୍ତ ଗ୍ରୁପ୍ ଏହାକୁ ଦୃଢ଼ଭାବେ ପ୍ରତ୍ୟାଖ୍ୟାନ କରୁଛି ବୋଲି ଏହାର ମୁଖପାତ୍ର କହିଛନ୍ତି।

# କୋମାରେ ୨୦ ବର୍ଷ ରହିବା ପରେ ସାଉଦି ସ୍ଲିପିଂ ପ୍ରିନ୍ସଙ୍କ ମୃତ୍ୟୁ


ସାଉଦି ପ୍ରିନ୍ସ ଅଲ୍‌ୱାଲିଦ୍ ବିନ୍ ଖାଲେଦ୍ ବିନ୍ ତଲାଲ୍

ରିୟାଧ, ୨୦।୭

ସାଉଦି ପ୍ରିନ୍ସ ଅଲ୍‌ୱାଲିଦ୍ ବିନ୍ ଖାଲେଦ୍ ବିନ୍ ତଲାଲ୍‌ଙ୍କର ୩୬ ବର୍ଷ ବୟସରେ ରବିବାର ମୃତ୍ୟୁ ହୋଇଯାଇଛି। ଏନେଇ ସାଉଦି ଆରବର ରାଜ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସେ ଗତ ୨୦ ବର୍ଷ ଧରି କୋମାରେ ଥିଲେ। ତେଣୁ ସ୍ଲିପିଂ ପ୍ରିନ୍ସ ନାମରେ ସେ ଜଣାଶୁଣା ଥିଲେ। ୨୦୦୫ରେ ଲଣ୍ଡନରେ ଏକ ମିଲିଟାରୀ କଲେଜରେ ଅଧ୍ୟୟନ କରୁଥିବା ସମୟରେ ଏକ କାର୍ ଦୁର୍ଘଟଣାରେ ସେ ଗମ୍ଭୀର ଭାବେ ଆହତ ହୋଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଯୋଗୁ ପ୍ରିନ୍ସ ଅଲ୍‌ୱାଲିଦ୍ କୋମାକୁ ଚାଲିଯାଇଥିଲେ। ବିଶ୍ୱବ୍ୟାପୀ ଅନେକ ବିଶେଷଜ୍ଞ ତାଙ୍କର ଚିକିତ୍ସା କରିଥିଲେ ମଧ୍ୟ ତାଙ୍କୁ କୋମାରୁ ବାହାର କରାଯାଇ ପାରି ନ ଥିଲା। ତେବେ କୋମାରେ ଥିବାବେଳେ ଅନେକ ସମୟରେ ଅଙ୍ଗୁଠି ହଲିବା ପରି ବିଭିନ୍ନ ସାମାନ୍ୟ ଗତିବିଧି ପ୍ରିନ୍ସ ଅଲ୍‌ୱାଲିଦ୍‌ଙ୍କଠାରେ ଦେଖିବାକୁ ମିଳିଥିଲା।

## ଫୁର୍‌ସତ୍

# ଖାଦ୍ୟପ୍ରେମୀଙ୍କ ପାଇଁ ରୋବୋଟିକ୍ କିଚେନ୍



ନୂଆଦିଲ୍ଲୀ

ଭାରତରେ ରୋବୋଟିକ୍ସ କମ୍ପାନୀ 'ଅଟୋସେଫ୍' ପକ୍ଷରୁ ରୋବୋଟିକ୍ କିଚେନ୍ ସୁବିଧା ଦିଆଯିବା ନେଇ ଘୋଷଣା କରାଯାଇଛି। ଏହାଦ୍ୱାରା ଲୋକଙ୍କୁ ନିଜ ମନପସନ୍ଦର ଖାଦ୍ୟ ପାଇଁ ରୋଷେଇ ଘରେ ପରିଶ୍ରମ କରିବାକୁ ପଡ଼ିବ ନାହିଁ ବରଂ ଲୋକଙ୍କ ଅର୍ଡର ଅନୁଯାୟୀ, ରୋବୋଟିକ୍ କିଚେନ୍ ସ୍ୱୟଂଚାଳିତ ଭାବେ ଗ୍ରାହକଙ୍କ ମନପସନ୍ଦର ଖାଦ୍ୟ ଖୁବ୍ କମ୍ ସମୟ ମଧ୍ୟରେ ପ୍ରସ୍ତୁତ କରିପାରିବ। 'ଅଟୋସେଫ୍'ର ଫାଉଣ୍ଡର ତଥା ପୂର୍ବତନ ପାଇଲଟ ଏହସାନ୍ ଖାଲିଦ ଏହି ସୂଚନା ଦେଇଛନ୍ତି।

ଏହସାନ୍ ନିଜେ ତାଙ୍କ ଘରେ ଅଟୋସେଫ୍‌ର ସଫ୍ଟୱେର୍‌କୁ ବିକଶିତ କରିଥିବା କହିଛନ୍ତି। ଅନ୍ୟ ନିର୍ମାତାଙ୍କଠାରୁ କିଣାଯାଇଥିବା କିଛି ଉପାଦାନ ବ୍ୟତୀତ କମ୍ପାନୀ ବ୍ୟବହାର କରୁଥିବା ଅଧିକାଂଶ ହାର୍ଡୱେର୍ ମଧ୍ୟ ସେ ନିଜେ ବିକଶିତ କରିଛନ୍ତି। ଏହି ସିଷ୍ଟମ୍ ଏକ ସମ୍ପୂର୍ଣ୍ଣ କଷ୍ଟମାଇଜେବଲ୍ ଆପ୍ ମାଧ୍ୟମରେ କାର୍ଯ୍ୟ କରିଥାଏ ଯାହା ବ୍ୟବହାରକାରୀଙ୍କ ପସନ୍ଦ, ନାପସନ୍ଦ ଏବଂ ସ୍ୱାଦର ଯତ୍ନକୁ ଗୁରୁତ୍ୱ ଦେଇଥାଏ। ଏହି ସିଷ୍ଟମରେ ଲୋକଙ୍କୁ କେବଳ ନିଜ ଇଚ୍ଛା ଅନୁଯାୟୀ ଖାଦ୍ୟ ବାଛିବାକୁ ପଡ଼ିବ ଏବଂ ଏକ ଆପ୍ ମାଧ୍ୟମରେ ନିର୍ଦ୍ଦେଶ ଦେବାକୁ ପଡ଼ିବ। କିଛି ମିନିଟ୍‌ର ଅପେକ୍ଷା ପରେ ଖାଦ୍ୟ ପ୍ରସ୍ତୁତ ହୋଇଯିବ ବୋଲି ସେ କହିଛନ୍ତି।

ଏହସାନ୍ କହିଛନ୍ତି, ରୋଷେଇ ପ୍ରତି ତାଙ୍କର ବିଶେଷ ଆଗ୍ରହ ନ ଥିଲା। ତେଣୁ ରୋଷେଇ ଘରେ ବିନା ପରିଶ୍ରମରେ ବିଭିନ୍ନ ଡିସ୍ ପ୍ରସ୍ତୁତ କରିବା ଲକ୍ଷ୍ୟରେ ସେ 'ଅଟୋସେଫ୍' ଗଢ଼ିଥିଲେ। ସମ୍ପ୍ରତି ଅଟୋସେଫ୍‌ର ରୋବୋଟିକ୍ କିଚେନ୍ ଅନ୍ତିମ ପରୀକ୍ଷଣ ପର୍ଯ୍ୟାୟରେ ରହିଛି। ଏହାପରେ ବଜାରରେ ଏହାର ଲଞ୍ଚିଂ ହେବ ବୋଲି ଏହସାନ୍ କହିଛନ୍ତି। ଆଗାମୀ ଦିନରେ ଯେଉଁମାନେ ଭଲ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି, କିନ୍ତୁ ନିଜେ ରାନ୍ଧିବା ପାଇଁ ସମୟ ପାଆନ୍ତି ନାହିଁ ସେମାନଙ୍କ ଜୀବନକୁ ସହଜ କରିବାରେ ଅଟୋସେଫ୍‌ର ଏହି ରୋବୋଟିକ୍ କିଚେନ୍ ସିଷ୍ଟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି।



## ଯୁବକଙ୍କୁ ଛୁରି ଭୁସି ହତ୍ୟା

ବାଲେଶ୍ୱର,୨୦।୭(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ସିଂଲା ଥାନା ଗୋପିନାଥପୁର ଗ୍ରାମରେ ରବିବାର ଜମିଜମା ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ହତ୍ୟାକାଣ୍ଡ ଘଟିଛି। ଜଣେ ଯୁବକଙ୍କ ଛୁରାମାଡ଼ରେ ଅନ୍ୟ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଗ୍ରାମର ସେକ୍ କଲିମୁଦ୍ଦିନ ଓରଫ ସେକ କାଲୁ(୫୨)। ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ସ୍ଥାନୀୟ ହସ୍ପିଟାଲ ଏବଂ ପରେ ରେମୁଣାସ୍ଥିତ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି।



ଶ୍ରାବଣ ଦ୍ୱିତୀୟ ସୋମବାର ଉପଲକ୍ଷେ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# କେବଳ ଗାଡ଼ିରେ ପେଟ୍ରୋଲ, ଖୋଲା କିଣାକୁ ମନା

ଭୁବନେଶ୍ୱର,୨୦।୭(ରବିନାରାୟଣ ଜେନା) ଏଣିକି କେବଳ ଗାଡ଼ି ନେଇ ପେଟ୍ରୋଲ ପମ୍ପକୁ ଗଲେ ପେଟ୍ରୋଲ ମିଳିବ। ଖୋଲାରେ ପ୍ଲାଷ୍ଟିକ୍ ବୋତଲ, ଜାର୍ ଆଦି ଧରି ଯାଉଥିବା ଲୋକଙ୍କୁ ପେଟ୍ରୋଲ ଦିଆଯିବ ନାହିଁ ବୋଲି ରବିବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ଆଗାମୀ ଦିନରେ ଖୋଲାବଜାରରେ ମିଳୁଥିବା ପେଟ୍ରୋଲ ଉପରେ କଟକଣା ଲାଗୁ କରାଯିବ ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି। ଖୋଲା ପେଟ୍ରୋଲ ଓ ଡିଜେଲ ବିକ୍ରି ଉପରେ କଟକଣା ଲାଗିବ। ଏନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ। ଆଲୋଚନା ପରେ ଠୋସ୍ ନିଷ୍ପତ୍ତି ଖୁବ୍‌ଶୀଘ୍ର ଜଣାଇ ଦିଆଯିବ। ପେଟ୍ରୋଲ ଡିଲର ସଂଘ ସାଧାରଣ ସମ୍ପାଦକ ସଞ୍ଜୟ ଲାଠ୍ କହିଛନ୍ତି, ପେଟ୍ରୋଲ ଖୋଲାରେ ବିକ୍ରି ହେବା କଥା ନୁହେଁ। ରାସ୍ତା କଡ଼ରେ ଛୋଟ ଛୋଟ ଦୋକାନରେ ଖୋଲା ବିକ୍ରି ହେଉଛି, ଯାହାକି ଠିକ୍ ନୁହେଁ। ଏହି ପେଟ୍ରୋଲ ଅନ୍ୟ ସ୍ଥାନରୁ ଚୋରା ଭାବେ ଆସେ। ଅପମିଶ୍ରିତ ପେଟ୍ରୋଲ ମଧ୍ୟ ବିକ୍ରି ହେଉଛି ବୋଲି ସେ କହିଛନ୍ତି। ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏଶନ ସଭାପତି ଶଶାଙ୍କ ଶେଖର ସାହୁ କହିଛନ୍ତି, ସୋମବାରଠାରୁ ଆଉ ପେଟ୍ରୋଲ ଖୋଲାରେ ଦିଆଯିବ ନାହିଁ। ପେଟ୍ରୋଲ ପମ୍ପରେ କେବଳ ଗାଡ଼ିରେ ପେଟ୍ରୋଲ ଭରାଯିବ।

# ସ୍ତ୍ରୀଙ୍କୁ ମାରି ନାଳରେ ଫିଙ୍ଗିଦେଲେ

## ଥାନାରେ ଆତ୍ମସମର୍ପଣ କଲେ ସ୍ୱାମୀ

ବଣାଇଁ,୨୦।୭(ପ୍ରଦୀପ ତ୍ରିପାଠୀ) ଅଙ୍ଗନୱାଡି କର୍ମୀ ଭାବେ କାର୍ଯ୍ୟରତ ସ୍ତ୍ରୀଙ୍କ ଚରିତ୍ରକୁ ସନ୍ଦେହ କରି ତାଙ୍କୁ ହତ୍ୟା କରିବା ପରେ ମୃତଦେହକୁ ଅଖାରେ ଭର୍ତ୍ତି କରି ନାଳରେ ଫିଙ୍ଗି ଦେଇଥିଲେ ସ୍ୱାମୀ। ଏହାର ଦିନକ ପରେ ଅର୍ଥାତ୍ ରବିବାର ଅଭିଯୁକ୍ତ ସ୍ୱାମୀ ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ପଙ୍କଡ଼ିହି ପଞ୍ଚାୟତ ଅନ୍ତର୍ଗତ ଜଡ଼ା ଗ୍ରାମର ଲକ୍ଷ୍ମଣ ଓରାମ ଗୁରୁଣ୍ଡିଆ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସ୍ତ୍ରୀଙ୍କ ପରକୀୟା ପ୍ରୀତି ଅସହ୍ୟ ହେବାରୁ ତାଙ୍କୁ ହତ୍ୟା କରିବା ଛଡ଼ା ଅନ୍ୟ କୌଣସି ବାଟ ନ ଥିଲା ବୋଲି ଲକ୍ଷ୍ମଣ ପୋଲିସକୁ କହିଛନ୍ତି। ମୃତା ମହିଳା ହେଲେ ଜୟନ୍ତୀ କୁଜୁର। ପ୍ରଥମେ ଲକ୍ଷ୍ମଣ ସ୍ତ୍ରୀଙ୍କ ମୃତଦେହ ବ୍ରାହ୍ମଣୀ ନଦୀରେ ଫିଙ୍ଗିଥିବା କହି ପୋଲିସକୁ ଭୂଆଁ ବୁଲାଇଥିଲେ। ସେହି ସୂଚନା ଆଧାରରେ ପୋଲିସ ସେଠାକୁ ଯାଇ ଖୋଜାଖୋଜି କରିଥିଲେ ହେଁ ମୃତଦେହ ଠାବ କରିପାରି ନ ଥିଲା। ଏହାପରେ ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା ପରେ ସେ କାଂଶବାହାଲ ନାଳରେ ଫିଙ୍ଗିଥିଲେ ବୋଲି କହିଥିଲେ। ଅଭିଯୁକ୍ତଙ୍କ ବୟାନ ପରେ ପୋଲିସ ତାଙ୍କୁ ଘଟଣାସ୍ଥଳକୁ ନେଇ ମୃତଦେହ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା ( ନଂ. ୪୦/୨୫) ରୁଜୁ କରି ଲକ୍ଷ୍ମଣଙ୍କୁ ଗିରଫ କରିଛି। ଜୟନ୍ତୀଙ୍କୁ ଲକ୍ଷ୍ମଣ ତଣ୍ଟିଚିପି ହତ୍ୟା କରିଥିବା ଥାନାଧିକାରୀ ରାମେଶ୍ୱର ସିଂ କହିଛନ୍ତି।

ସୂଚନା ଅନୁଯାୟୀ, ୨୦୧୯ରେ ଲକ୍ଷ୍ମଣ ସୁନ୍ଦରଗଡ଼ କିଞ୍ଜିରିକେଲା ଗ୍ରାମର ଜୟନ୍ତୀଙ୍କୁ ବିବାହ କରିଥିଲେ। ଜୟନ୍ତୀଙ୍କ ଅନ୍ୟ ଜଣେ ପୁରୁଷ ବନ୍ଧୁ ଥିବା ଜାଣି ଉଭଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଝଗଡ଼ା କାରଣରୁ ଜୟନ୍ତୀ ନିଜ ବାପାଘରକୁ ଚାଲିଯାଇଥିଲେ। ପରେ ଲକ୍ଷ୍ମଣ ବୁଝାଶୁଝା କରି ପୁଣି ଜୟନ୍ତୀଙ୍କୁ ଡାକି ଆଣିବା ପରେ ହତ୍ୟା ଷଡ଼ଯନ୍ତ୍ର ରଚିଥିଲେ। ଶନିବାର ସେ ଜୟନ୍ତୀଙ୍କ ତଣ୍ଟିଚିପି ହତ୍ୟା କରିବା ପରେ ଏକ ଅଖାରେ ମୃତଦେହକୁ ପୂରାଇ ସ୍କୁଟିରେ ଜଡ଼ାରୁ ଜଙ୍ଗଲ ରାସ୍ତା ଦେଇ ରାଜଗାଙ୍ଗପୁର ପଟକୁ ନେଇ କାଂଶବାହାଲ ନାଳରେ ଫୋପାଡ଼ି ଚାଲିଆସିଥିଲେ। ଜୟନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିବା ଗ୍ରାମରେ ଚର୍ଚ୍ଚା ହୋଇଥିଲା। ଧରାପଡିଯିବା ଭୟରେ ରବିବାର ସକାଳେ ନିଜେ ଗୁରୁଣ୍ଡିଆ ଥାନାରେ ଆତ୍ମସମର୍ପଣ କରିଥିଲେ। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଖୋଲିଲା ୪୬ ମିଶ୍ରଣ ସ୍କୁଲ

## ଆଉ ୪ ଖୋଲିବ

ଭୁବନେଶ୍ୱର,୨୦।୭(ସୁଚିସ୍ମିତା ସାହୁ) ରାଜ୍ୟରେ ମିଶ୍ରଣ ପରେ ବନ୍ଦ ହୋଇଥିବା ସ୍କୁଲ ମଧ୍ୟରୁ ରାଜ୍ୟ ସରକାର ୪୬ଟିରୁ ତାଲା ଖୋଲିଛନ୍ତି। ଆଉ ୪ଟି ସ୍କୁଲ ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ପୂର୍ବସରକାରଙ୍କ ସମୟରେ ଛାତ୍ରୀଛାତ୍ରଙ୍କ କମ୍ ଉପସ୍ଥାନ ଥିବା ରାଜ୍ୟର ପ୍ରାୟ ୭୭୫୧ଟି ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାକୁ ସେତେବେଳେ ଭାଜପା ସମେତ ବିଭିନ୍ନ ମହଲରୁ ତୀବ୍ର ବିରୋଧ କରାଯାଇଥିଲା। ଏହାଦ୍ୱାରା ସ୍କୁଲରେ ଡ୍ରପ୍‌ଆଉଟ୍ ହାର ବଢ଼ିବ। ବିଶେଷକରି ଦୁର୍ଗମ ଅଞ୍ଚଳରେ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହେଉଥିବା ଅଭିଯୋଗ ଉଠିଥିଲା। ହେଲେ ତତ୍କାଳୀନ ସରକାର ଏଦିଗରେ ଠୋସ୍ ପଦକ୍ଷେପ ଗ୍ରହଣ କରି ନ ଥିବାବେଳେ ଏବେ ଭାଜପା ସରକାର ଏହାକୁ ଗୁରୁତ୍ୱର ସହ ନେଇ ବନ୍ଦ ହୋଇଯାଇଥିବା ସ୍କୁଲଗୁଡ଼ିକୁ ପୁଣି ଖୋଲିବା ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ତଥ୍ୟ ଅନୁସାରେ, ସରକାରଙ୍କ ନିଷ୍ପତ୍ତିକ୍ରମେ ସ୍କୁଲଗୁଡ଼ିକର ଭିତ୍ତିଭୂମିକୁ ସଜଡା ଯାଇ ତୁରନ୍ତ ଖୋଲିବାକୁ ବ୍ୟବସ୍ଥା କରାଯାଉଛି। ଢେଙ୍କାନାଳରେ ସର୍ବାଧିକ ୨୨ଟି ମିଶ୍ରଣ ସ୍କୁଲ ଖୋଲିଥିବା ବେଳେ ଦେବଗଡ ଜିଲାରେ ୧୦ଟି ସ୍କୁଲ ଖୋଲାଯାଇଛି। ସେହିପରି ବରଗଡରେ ୭, ଯାଜପୁରର ୪ ଏବଂ ଖୋର୍ଦ୍ଧାର ୩ଟି ସ୍କୁଲ ଖୋଲିଛି। ଏହାବାଦ୍ ଯାଜପୁରର ବିଞ୍ଝାରପୁର, ଖୋର୍ଦ୍ଧାର ବାଣପୁର, ଦେବଗଡ଼ର ରିଆମାଳ ଏବଂ ତେଲେଇବଣୀ ସ୍କୁଲ ଖୋଲାଯିବାକୁ ପ୍ରକ୍ରିୟା ଚାଲିଥିବା ଜଣାଯାଇଛି।

ଶିକ୍ଷକ, ଭିତ୍ତିଭୂମି ଏବଂ ପାଠପଢ଼ା ଭଳି ବିଭିନ୍ନ ସମସ୍ୟା ଲାଗି ରହିବାରୁ ପୂର୍ବ ସରକାର କମ୍ ଛାତ୍ରୀଛାତ୍ର ଥିବା ସ୍କୁଲକୁ ପାଖ ସରକାରୀ ସ୍କୁଲରେ ମିଶ୍ରଣ କରିଥିଲେ। ମିଶ୍ରଣ ପାଇଁ ନିର୍ଦ୍ଦେଶ ଥିବା ୭୭୫୧ଟି ସ୍କୁଲ ମଧ୍ୟରୁ ଗତ ୧୦ ତାରିଖ ସୁଦ୍ଧା ୫୬୩୦ଟି ସମ୍ପୂର୍ଣ୍ଣ ଭାବେ ମିଶ୍ରଣ ହୋଇଥିଲା। ଏହି ପ୍ରକ୍ରିୟାରେ ରାଜ୍ୟରେ ଅନେକ ପୁରୁଣା ସ୍କୁଲ ମଧ୍ୟ ବନ୍ଦ ହୋଇଯାଇଛି। କୋମଳମତି ପିଲାମାନେ ଅନ୍ୟ ଗାଁକୁ ପାଠପଢ଼ିବାକୁ ଯିବାବେଳେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନଦୀନାଳ ପାର ହୋଇ ସ୍କୁଲକୁ ଯିବାକୁ ପଡୁଥିବାରୁ ଓ ସ୍କୁଲ ଦୂର ହେଉଥିବାରୁ ବହୁ ପିଲା ଇତିମଧ୍ୟରେ ପାଠପଢ଼ା ବନ୍ଦ କରିଦେଇଥିବା ଜଣାପଡିଛି। ତେଣୁ ତୁରନ୍ତ ମିଶ୍ରଣ ସ୍କୁଲଗୁଡ଼ିକୁ ଅଲଗା କରି ପୁଣି ଖୋଲିବା ପାଇଁ ଅଭିଭାବକ ସଂଘ ସମେତ ବହୁ ସଙ୍ଗଠନ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଆସୁନ୍ତି। ବାସ୍ତବ ସ୍ଥିତି ଅନୁଧ୍ୟାନ ପରେ ସରକାରଙ୍କ ପକ୍ଷରୁ ଆବଶ୍ୟକ ହେଉଥିବା ମିଶ୍ରଣ ହୋଇଥିବା ସ୍କୁଲ୍‌ଗୁଡିକୁ ପୁଣି ସ୍ୱତନ୍ତ୍ର ଭାବେ ଖୋଲିବାକୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଯେଉଁଠାରେ ଭୌଗୋଳିକ ସ୍ଥିତି ଜଟିଳ ଥିବ, ସେକ୍ଷେତ୍ରରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୨୦ଜଣ ଛାତ୍ରୀଛାତ୍ରଙ୍କ ଉପସ୍ଥାନକୁ ବିଚାରକୁ ନେଇ ବିଦ୍ୟାଳୟ ଖୋଲା ଯିବାକୁ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଦିବାସୀ ଅଧ୍ୟୁଷିତ ତଥା ସଂରକ୍ଷିତ ଅଞ୍ଚଳରେ ୨୦ ଏବଂ ଅଣସଂରକ୍ଷଣ ଅଞ୍ଚଳରେ ୪୦ ଜଣ ଛାତ୍ରୀଛାତ୍ର ଥିଲେ ସ୍କୁଲ ଖୋଲାଯାଇ ପାରିବ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ।

### ମିଶ୍ରଣ ହୋଇଛି ୫୬୩୦ ସ୍କୁଲ

ମିଶ୍ରଣ ହୋଇଥିବା ୫୬୩୦ ସ୍କୁଲ ମଧ୍ୟରୁ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୫୭ ସ୍କୁଲ ରହିଥିବା ବେଳେ ପୁରୀରେ ଗୋଟିଏ ବି ସ୍କୁଲ ମିଶ୍ରଣ ହୋଇନାହିଁ। ସେହିପରି କଟକରେ ୪୫୨, ଗଜପତିରେ ୪୨୬, କୋରାପୁଟରେ ୩୪୬, ଗଞ୍ଜାମରେ ୩୩୪, ଯାଜପୁରରେ ୩୦୯, କନ୍ଧମାଳରେ ୨୭୮, ବରଗଡରେ ୨୫୦, ଭଦ୍ରକରେ ୨୦୭, କେନ୍ଦ୍ରାପଡାରେ ୨୦୩, ଢେଙ୍କାନାଳରେ ୧୯୨, ଜଗତ୍‌ସିଂହପୁରରେ ୧୯୦, ସମ୍ବଲପୁରରେ ୧୬୦, ସୁନ୍ଦରଗଡରେ ୧୩୬, ରାୟଗଡାରେ ୧୨୧, ନୂଆପଡାରେ ୧୧୭, ନବରଙ୍ଗପୁର୧୩୪, ଖୋର୍ଦ୍ଧାରେ ୧୫୬, କଳାହାଣ୍ଡିରେ ୧୫୫, ବୌଦ୍ଧରେ ୧୧୦, ବଲାଙ୍ଗୀରରେ ୧୩୯, ଅନୁଗୋଳରେ ୧୬୬, ବାଲେଶ୍ୱରରେ ୧୧୮, ନୟାଗଡରେ ୯୯, ସୋନପୁରରେ ୬୮, ମାଲକାନଗିରି ଓ କେନ୍ଦୁଝରରେ ୮୪, ଝାରସୁଗୁଡା ୭୦ ଏବଂ ଦେବଗଡରେ ୬୯ଟି ସ୍କୁଲକୁ ମିଶ୍ରଣ କରାଯାଇଛି।

# ଉପସ୍ଥାନ ବଢ଼ାଇବାକୁ ଶିକ୍ଷକଙ୍କୁ ଧମକ ଦେଲେ ଛାତ୍ରୀ

କେନ୍ଦ୍ରାପଡ଼ା,୨୦।୭ (ଜଗନ୍ନାଥ ଧଳ) କେନ୍ଦ୍ରାପଡ଼ା ଜିଲାର ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ଜଣେ ଛାତ୍ରୀଙ୍କ କମ୍ ରହିଥିବାରୁ ସେ ପରୀକ୍ଷା ଦେଇପାରିବେ ନାହିଁ ବୋଲି ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ ତାଙ୍କୁ କହିଥିଲେ। ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣାକୁ ନେଇ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିବାବେଳେ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ ଛାତ୍ରୀ ଜଣକ କର୍ତ୍ତୃପକ୍ଷଙ୍କୁ ଗତ ୧୬ରେ ଧମକ ଦେଇଥିଲେ। ଏହାକୁ ନେଇ ଶିକ୍ଷକମାନେ ଭୟଭୀତ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି। ଛାତ୍ରୀଙ୍କ ଧମକ ସମ୍ପର୍କରେ ସଦର ଥାନାରେ ଅନୁଷ୍ଠାନର କର୍ତ୍ତୃପକ୍ଷ ରବିବାର ଫୋନ୍ ଯୋଗେ ସୂଚନା ଦେଇଥିଲେ ମଧ୍ୟ କୌଣସି ଅଭିଯୋଗପତ୍ର ପହଞ୍ଚି ନ ଥିବା ସୂଚନା ମିଳିଛି। ପ୍ରଶିକ୍ଷଣ କେନ୍ଦ୍ରର ଏହି ଛାତ୍ରୀ ଜଣକ ଗତ ଶିକ୍ଷାବର୍ଷରେ ସ୍ୱଳ୍ପ ସମୟ ପାଇଁ କ୍ଲାସ କରିଛନ୍ତି। ତେବେ ନିୟମ ଅନୁଯାୟୀ, ଉପଯୁକ୍ତ ସମୟ ଉପସ୍ଥାନ ନ ରହିଲେ ପରୀକ୍ଷା ଦେବା ସମ୍ଭବ ନୁହେଁ ବୋଲି ଜାଣିବା ପରେ ସେ ଅନୁଷ୍ଠାନ ମୁଖ୍ୟଙ୍କୁ ଉପସ୍ଥାନ ସଂଖ୍ୟା ବଢ଼ାଇବାକୁ କହିଥିଲେ। ଉପସ୍ଥାନ ସଂଖ୍ୟା ନ ବଢ଼ାଇଲେ ବାଲେଶ୍ୱର ଏଫ୍‌ଏମ୍ କଲେଜ ପରି ଅବସ୍ଥା ଭୋଗିବ ବୋଲି ସେ ଧମକ ଦେଇଛନ୍ତି। ଏ ନେଇ ସମ୍ପୃକ୍ତ ଛାତ୍ରୀଙ୍କ ମୋବାଇଲ୍ ସୁଇଚ୍ ଅଫ୍ ଥିବାରୁ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ରାଜ୍ୟରେ ବଢ଼ି ଚାଲିଛି ନାରୀ ନିର୍ଯାତନା: କଂଗ୍ରେସ

ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା) ରାଜ୍ୟ ସରକାରଙ୍କ ପକ୍ଷରୁ କଠୋର ପଦକ୍ଷେପ ଅଭାବରୁ ରାଜ୍ୟରେ ନାରୀ ନିର୍ଯାତନା କ୍ରମାଗତ ଭାବେ ବଢ଼ି ଚାଲିଛି ବୋଲି କଂଗ୍ରେସ ଅଭିଯୋଗ କରିଛି।

ରବିବାର ଓଡ଼ିଶା ପ୍ରଦେଶ କଂଗ୍ରେସର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ମହିଳା ସୁରକ୍ଷାକୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ଫଳରେ ରାଜ୍ୟରେ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଓ ବଳଙ୍ଗାରେ ଛାତ୍ରୀଙ୍କୁ ପୋଡ଼ିବା ଭଳି ଘଟଣାମାନ ଘଟୁଛି। ଏହି ବୀଭତ୍ସ ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନିଅନ୍ତୁ ଏବଂ ଏହି ଅଞ୍ଚଳର ଜନପ୍ରତିନିଧି ଖୋଦ୍ ଉପମୁଖ୍ୟମନ୍ତ୍ରୀ ତେଣୁ ତାଙ୍କର କର୍ତ୍ତବ୍ୟ ସେ ଘଟଣାକୁ ନିଜ ମୁଣ୍ଡକୁ ନେଇ ଉତ୍ତରଦାୟୀ ହୁଅନ୍ତୁ ବୋଲି ପ୍ରସାଦ କହିଛନ୍ତି।

ସେ କହିଛନ୍ତି, ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଅତ୍ୟନ୍ତ କଠୋର ଦଣ୍ଡବିଧାନ କରାଯାଉ। ପୀଡ଼ିତାଙ୍କ ପରିବାରକୁ ୧ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯାଉ। ଡବଲ ଇଞ୍ଜିନ ସରକାରରେ ଦେଶରେ ଓଡ଼ିଶା ସବୁଠୁ ଅସୁରକ୍ଷିତ ହୋଇ ପଡ଼ିଛି। ଆଇନ ଶୃଙ୍ଖଳା ରସାତଳଗାମୀ ହେବାକୁ ବସିଛି। ଏମ୍‌ସ ପରିସରରେ ୧୬୩ ଧାରା ଲାଗୁ ହେବାକୁ ନେଇ ସେ କହିଛନ୍ତି, ଏମ୍‌ସ ହେଉଛି ରାଜ୍ୟର ଏକ ଉନ୍ନତମାନର ଚିକିତ୍ସାଳୟ। ସେଠାକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ଆସିଥାନ୍ତି। ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ, ସେଠାରେ ୧୬୩ ଧାରା ଜାରି ହେଲେ କୌଣସି ସ୍ଥାନରେ ୪ ଜଣରୁ ଅଧିକ ଲୋକ ରହିପାରିବେ ନାହିଁ, କିନ୍ତୁ ସରକାର ସମ୍ପୂର୍ଣ୍ଣ ଏମ୍‌ସ ପରିସରରେ ୧୬୪ ଧାରା ଜାରି କରିବା ଦ୍ୱାରା ରୋଗୀ ତଥା ତାଙ୍କ ପରିଜନ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି।

ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି, ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜେ ମହିଳା ହୋଇ ସେଠାକୁ ଗଲେନାହିଁ। ଏବେ ତାଙ୍କ ନିର୍ବାଚନମଣ୍ଡଳୀରେ ଆଉ ଏକ ନାରକୀୟ କାଣ୍ଡ ଘଟିଲା, ଏଥିରେ ମଧ୍ୟ ଘଟଣାର ୩୦ ଘଣ୍ଟା ପରେ ବି ସେ ଘଟଣାସ୍ଥଳକୁ କିମ୍ବା ଏମ୍‌ସକୁ ଯାଇ ନାହାନ୍ତି। ବାଲେଶ୍ୱର ଘଟଣାର ନ୍ୟାୟିକ ତଦନ୍ତ ଦାବିରେ ରାଜ୍ୟବ୍ୟାପୀ କଂଗ୍ରେସର ଆନ୍ଦୋଳନ ଜାରି ରହିବ। ଆସନ୍ତା ୨୪ ତାରିଖ ଦିବଂଗତ ଛାତ୍ରୀଙ୍କ ଏକାଦଶାହ ଅବସରରେ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯିବ ଏବଂ ବଳଙ୍ଗା ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଚୋରି କରିବାକୁ ଯାଇଥିଲେ, ଖାଇକି ଫେରିଲେ

ବଡ଼ଗାଁ,୨୦।୭( ଅଶୋକ ଷଡ଼ଙ୍ଗୀ) ଚୋରି କରିବାକୁ ଆସି ଘରେ ପଶିଲେ। ହେଲେ ଘର ଭିତରେ କେହି ନ ଥିବା ନିଶ୍ଚିତ ହେବା ପରେ ଚୋରମାନେ ସେଠାରେ ଭୋଜି କରି ଖାଇବାକୁ ସ୍ଥିର କଲେ। ଘରେ ଥିବା ଅଣ୍ଡା ସିଝାଇ ତରକାରି କଲେ। ଡାଲି ବି ରାନ୍ଧିଲେ। ହାଣ୍ଡିରେ ଥିବା ଭାତ ସହିତ ଏ ସବୁକୁ ଖାଇ ଚାଲିଗଲେ। ଏହିଭଳି ଘଟଣା ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ବଡ଼ଗାଁ ଥାନା ସବ୍ ଇନ୍ସପେକ୍ଟର ଖଗପତି ବିଶ୍ୱାଳଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ବଡ଼ଗାଁ ଡିଗ୍ରୀ କଲେଜର ଅଧ୍ୟାପିକା ବନଜା ରାଣୀ ଷଡ଼ଙ୍ଗୀ କିଛି ଦିନ ହେଲା ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଶୁକ୍ରବାର ରାତିରେ କଲେଜ ନିକଟରେ ସେ ରହୁଥିବା ଷ୍ଟାଫ କ୍ୱାର୍ଟରରେ ଚୋରମାନେ ତାଲାଭାଙ୍ଗି ପଶିଥିଲେ। ଘରେ ଥିବା ଆସବାବପତ୍ର, ବିଭିନ୍ନ ସାମଗ୍ରୀ ଫିଙ୍ଗା ଫୋପଡ଼ା କରିଥିଲେ ମଧ୍ୟ କିଛି ନେଇ ନ ଥିଲେ। ଶନିବାର କଲେଜ କର୍ମଚାରୀମାନେ କବାଟ ତାଲା ଭଙ୍ଗା ଯାଇଥିବା ଦେଖି ଅଧ୍ୟାପିକାଙ୍କୁ ଫୋନ କରି ଜଣାଇଥିଲେ। ଅଧ୍ୟାପିକା ଏ ସମ୍ପର୍କରେ ବଡ଼ଗାଁ ପୋଲିସକୁ ଜଣାଇବା ପରେ ସବ୍ ଇନ୍ସପେକ୍ଟର ବିଶ୍ୱାଳ ତଦନ୍ତ କରିଥିଲେ। ତଦନ୍ତ ସମୟରେ ଚୋରମାନେ ଭୋଜି କରି ଖାଇଥିଲେ ମଧ୍ୟ କିଛି ଜିନିଷ ନେଇ ନ ଥିବା ଜଣାପଡିଥିଲା। ସେହିପରି ଗତ ସପ୍ତାହ ମଙ୍ଗଳବାର ରାତିରେ ଚୋରମାନେ ଧୁମାଗଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତାଲା ଭାଙ୍ଗି ପଶି ଥିଲେ। ମଧ୍ୟାହ୍ନଭୋଜନ ପାଇଁ ବତୁରା ଯାଇଥିବା ଚଣା ସିଝାଇ ଖାଇଥିଲେ ମଧ୍ୟ କୌଣସି ସାମଗ୍ରୀ ନେଇ ନ ଥିଲେ।

# ବିଦ୍ୟୁତ୍‌ସେବା ମାନକ ଉପରେ ଉପଭୋକ୍ତା ମତାମତ ଦେବେ

ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା) ଟାଟାର ବିଦ୍ୟୁତ୍‌ସେବା ମାନକ କିଭଳି ସେନେଇ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ପକ୍ଷରୁ ଜନସାଧାରଣଙ୍କ ମତାମତ ଲୋଡ଼ାଯାଇଛି। ଏହାକୁ ନେଇ ବିଦ୍ୟୁତ୍ ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି, ଆୟୋଗର ୩୦ ବର୍ଷ ଇତିହାସରେ ଏହା ପ୍ରଥମ ଘଟଣା।

ସେ କହିଛନ୍ତି, ଆୟୋଗଙ୍କ ପୂର୍ବତନ ସଭ୍ୟ ବିଜୟ ଚନ୍ଦ୍ର ଜେନା ଟାଟାର ଦୁର୍ବଳ ବିଦ୍ୟୁତ୍ ବିତରଣ ଭିତ୍ତିଭୂମି ତଥା ନିମ୍ନମାନର ବିଦ୍ୟୁତସେବା ଉପରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଜେନାଙ୍କ ଅଭିଯୋଗକୁ ନେଇ ଜୁନ୍ ୯ରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏକ ଚିଠି ମାଧ୍ୟମରେ ଗ୍ରୀଡ୍‌କୋ ଓ ଟାଟାକୁ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉପଭୋକ୍ତା ଓ ଜେନାଙ୍କଠାରୁ ପ୍ରାପ୍ତ ଅଭିଯୋଗ ତଥା ହସ୍ତାନ୍ତର ସର୍ତ୍ତାବଳୀକୁ ବିଚାରକୁ ନେଇ ଓଇଆରସିର ନିର୍ଦ୍ଦେଶକ (ନିୟାମକ ବ୍ୟାପାର) ପ୍ରିୟବ୍ରତ ପଟ୍ଟନାୟକ ଏକ 'ସୋ-ମୋଟ୍' ମାମଲା ଦାଏର କରିଥିଲେ। ଏହାର ସମାଧାନ ପାଇଁ ଟାଟାର ଚାରୋଟି ଆବଣ୍ଟନ କମ୍ପାନୀ, ଶକ୍ତି ସଚିବ ବିସି ଜେନା ଓ ଅନ୍ୟ ଦୁଇଜଣ ଉପଭୋକ୍ତାଙ୍କୁ ମାମଲାରେ ପକ୍ଷକରି ଜୁନ୍ ୨୫ରେ ଓଇଆର୍‌ସି ନୋଟିସ ଜାରି କଲେ। ତେବେ ଏହି ମାମଲାର ଶୁଣାଣି ସମୟରେ ଟାଟାର ନିବେଦନକୁ ଆୟୋଗ ଖାରଜ କରିବା ସହିତ ରାଜ୍ୟର ସମସ୍ତ ଉପଭୋକ୍ତାଙ୍କ ମତାମତ ପାଇଁ ନିଷ୍ପତ୍ତି ନେଇଥିଲେ। ଏହିକ୍ରମରେ ଓଇଆର୍‌ସି ପକ୍ଷରୁ ଚଳିତମାସ ୧୮ରେ ଏକ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଓଡ଼ିଶାର ସମସ୍ତ ୧କୋଟି ଉପଭୋକ୍ତାଙ୍କଠାରୁ ମତାମତ ଆହ୍ୱାନ କରାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୯ରେ ହେବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

# ୮୪୪ କେଜି ଗଞ୍ଜେଇ ଜବତ

ମାଲକାନଗିରି,୨୦।୭(ଦୁର୍ଯ୍ୟୋଧନ ପାତ୍ର) ମାଲକାନଗିରି ଜିଲା ଅବକାରୀ ବିଭାଗ ଦ୍ୱାରା ରବିବାର ୮୪୪ କେଜି ଗଞ୍ଜେଇ ଜବତ କରାଯାଇଛି। ମାଲକାନଗିରି ଅବକାରୀ କର୍ମଚାରୀ ବିଶେଷ ସୂତ୍ରରୁ ଖବର ପାଇ ଅଧୀକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଚିତ୍ରକୋଣ୍ଡା ବ୍ଲକ ଜୋଡାମ୍ବ ଥାନା ଅନ୍ତର୍ଗତ ସାଦରାମ ଓ କୋଡିଗନ୍ଧି ଜଙ୍ଗଲରେ ଚଢାଉ କରିଥିଲେ। ଗୋଟିଏ ସ୍ଥାନରେ ଏହି ଗଞ୍ଜେଇ ଲୁଚାଇ ରଖାଯାଇଥିବା ଦେଖି କର୍ମଚାରୀମାନେ ଏହାକୁ ଜବତ କରିଥିଲେ। ୮୪୪ କେଜି ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୮୪ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହା ବାହାର ରାଜ୍ୟକୁ ଚୋରାଚାଲାଣ ଲାଗି ଗଚ୍ଛିତ ରଖାଯାଇଥିବା କର୍ମଚାରମାନେ କହିଛନ୍ତି। ଜବତ ସମୟରେ ଘଟଣାସ୍ଥଳରେ କେହି ନ ଥିବାରୁ କାହାରିକୁ ଗିରଫ କରାଯାଇନାହିଁ। ଏ ନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଆରମ୍ଭ କରିଥିବା ବିଭାଗ ପକ୍ଷରୁ କୁହାଯାଇଛି। ଚଢାଉ ସମୟରେ ଅବକାରୀ ଉପ ଅଧୀକ୍ଷକ ଟଙ୍କଧର ଭୋଇ, ଅବକାରୀ ନିରୀକ୍ଷକ ସନ୍ତୋଷ କୁମାର ବଳ, ଅବକାରୀ ଉପ ନିରୀକ୍ଷକ ଅଶେଷ କୁମାର ନାୟକ, ଏଏସ୍‌ଆଇ ଜେମସ ମାଲଖମ୍ ସାହୁ ଓ ରାମଚନ୍ଦ୍ର ହନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ।


ଜବତ ହୋଇଥିବା ଗଞ୍ଜେଇ।

# ଆଜିଠାରୁ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଶାନ୍ତିପୂର୍ଣ୍ଣ ପ୍ରତିବାଦ

ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା) ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ବିଭିନ୍ନ ଦାବି ନେଇ ସୋମବାରଠାରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବ ବୋଲି ସଂଘର ସାଧାରଣ ସମ୍ପାଦକ ଅମର କୁମର ପ୍ରତାପ ସିଂହ ଜଣାଇଛନ୍ତି। ସେ ଏକ ପ୍ରେସ୍ ବାର୍ତ୍ତାରେ ଜଣାଇଛନ୍ତି, ମହାସଂଘର ଡାକରାକ୍ରମେ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଦ୍ୱାରା ପରିଚାଳିତ ଓଡ଼ିଶାର ସମସ୍ତ ଜଳବିଦ୍ୟୁତ୍ କେନ୍ଦ୍ର ଓ ଓଡ଼ିଶା ମୁଖ୍ୟ ଦପ୍ତରରେ କାର୍ଯ୍ୟରତ ସମସ୍ତ ଶ୍ରମିକ କର୍ମଚାରୀ ସୋମବାରଠାରୁ ମୁଖ୍ୟ ଦପ୍ତର ଓ ଜଳବିଦ୍ୟୁତ୍ କେନ୍ଦ୍ର ଆଗରେ ତିନିଦିନିଆ ଶାନ୍ତିପୂର୍ଣ୍ଣ ଦୀପ ପ୍ରଜ୍ୱଳନ କରିବେ। ସେ କହିଛନ୍ତି,ବର୍ତ୍ତମାନ ଓଡ଼ିଶା ଜଳବିଦ୍ୟୁତ୍ ନିଗମର ନୂତନ ମାନବ ସମ୍ବଳ ମୁଖ୍ୟ ଦାୟିତ୍ୱ ନେବା ପରଠାରୁ କେବଳ ଅବସରପ୍ରାପ୍ତ କର୍ମଚାରୀଙ୍କୁ କିପରି ନିଯୁକ୍ତି ଦିଆଯିବ ସେ ନେଇ ତତ୍ପରତା ଦେଖାଉଥିବା ବେଳେ ନୂତନ ନିଯୁକ୍ତ କର୍ମଚାରୀ ଓ ପୁରୁଣା କର୍ମଚାରୀଙ୍କ ସମସ୍ୟା ବୁଝିବାରେ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ଦୀର୍ଘ ୫୦/୭୦ ବର୍ଷ ତଳେ ନିର୍ମିତ ସରକାରୀ ବାସଗୃହ ଗୁଡ଼ିକରେ ଯେଉଁଠାରେ ଗାଧୁଆ ଘରଟିଏ ନାହିଁ କି ପିଇବା ପାଣି ଭଳି ମୌଳିକ ସୁବିଧା ନାହିଁ, ସେହିଭଳି ସରକାରୀ ବାସଗୃହ ମରାମତି ହେଉନାହିଁ। ପ୍ରତ୍ୟେକ ବର୍ଷ ୮ରୁ ୧୦କୋଟି ଟଙ୍କା ମରାମତି ଆଳରେ ଆତ୍ମସାତ୍ ହେଉଛି। କେତେକ ଅବସରପ୍ରାପ୍ତ ଶ୍ରମିକ ନେତାଙ୍କ ସହ ଭିତିରିଆ ଯୋଗସୂତ୍ର ପାଇଁ ରବିବାର ଓଡ଼ିଶା ଜଳବିଦ୍ୟୁତ୍ ନିଗମରେ କାର୍ଯ୍ୟରତ କର୍ମଚାରୀଙ୍କ ଭାଗ୍ୟ ଅନ୍ଧକାରରେ ଗତି କରୁଛି। ଏହାକୁ ନେଇ ବିଦ୍ୟୁତ୍ କର୍ମଚାରୀ ମହାସଂଘ ତରଫରୁ ସୋମବାରଠାରୁ ତିନିଦିନିଆ ଶାନ୍ତିପୂର୍ଣ୍ଣ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟ ଓ ଓଡ଼ିଶାର ସମସ୍ତ ଜଳବିଦ୍ୟୁତ୍ କେନ୍ଦ୍ର ଆଗରେ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସେ କହିଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଆ କଳାକାରଙ୍କ ସ୍ୱର ପକ୍ଷରୁ 'କଳାକାର ଦିବସ' ପାଳନ ନିମନ୍ତେ ଖବରଦାତା ସମ୍ମିଳନୀ ସ୍ଥାନ: କାଳାକେନ୍ଦ୍ର(ଭୁବନେଶ୍ୱର କ୍ଲବ୍ ପଛପଟ), ସମୟ: ପୂର୍ବାହ୍ନ ୧୦.୩୦
- ଓଡ଼ିଶା ଗୀତା ପରିବାର ପକ୍ଷରୁ ଶ୍ରୀମଦ୍ ଭଗବଦ୍ ଗୀତା ପାରାୟଣ। ସ୍ଥାନ: କୋଳଥିଆ ଜଗନ୍ନାଥ ମନ୍ଦିର। ସମୟ ପୂର୍ବାହ୍ନ ୧୦.୦୦।
- ବଲଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବି ଏବଂ ନାରୀ ସୁରକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉଦାସୀନତା ପ୍ରତିବାଦରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିରୋଧ ପ୍ରଦର୍ଶନ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ସେକୋଣ୍ଡରି ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ବୋର୍ଡ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା

## ପୁରୀ
- ବାମ ଦଳ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

## ଖୋର୍ଦ୍ଧା
- ଜଟଣୀ ଗାଁ, ହାଟବଜାର ଓ ଗୋପୀନାଥପୁରର ଗ୍ରାମଦେବତୀ ମା' ଭଗବତୀଙ୍କ ଶୁଭ ଆଗମନ (ସାହିଯାତ୍ରା) ଆରମ୍ଭ, ସ୍ଥାନ: ଜଟଣୀ ଗାଁ ହାଟବଜାର ମେଳଣ ପଡ଼ିଆ, ସମୟ: ରାତି ୧୦ଟା।

## ବାଲେଶ୍ୱର
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସୋର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- . ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- **ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କରଞ୍ଜିଆ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, କରଞ୍ଜିଆ,ସମୟ: ପୂର୍ବାହ୍ନ ୧୦ଟା।**

## ବ୍ରହ୍ମପୁର
- ବିଜେଡ଼ି ପକ୍ଷରୁ ଶୋଭାଯାତ୍ରା ଓ ଆରଡିସି ଘେରାଉ, ସ୍ଥାନ: ଖଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ସକାଳ ୧୦ଟା।
- ବୈଶ୍ୟ ମହିଳା ସଂଘ ପକ୍ଷରୁ ସୋଲାର ପ୍ୟାନେଲ ଉଦଘାଟନ, ସ୍ଥାନ: ଅନ୍ଧପସରା ରୋଡ଼ ଦୃଷ୍ଟି ବାଧିତ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

## କନ୍ଧମାଳ
- ଜିଲ୍ଲାପଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ ବ୍ଲକ୍ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି
- ଓଡିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବ୍ଲକସ୍ତରୀୟ କନଭେସନ ବୈଠକ, ସ୍ଥାନ: ଲାଲବାହାଦୁର ଶାସ୍ତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଚାନ୍ଦିପୁଟ, ସମୟ: ଅପରାହ୍ନ ୨ ଟା।

## ଢେଙ୍କାନାଳ
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡାହାଡ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବରାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ତକ୍ତିଆପାଳରେ ନାବାଳିକ ଅପହରଣ ମାମଲାର ନ୍ୟାୟ ଦାବିରେ ବିକ୍ଷୋଭ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଦଳେଇଗୁଡ଼ା, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ଲଙ୍କାପୁଟ ପଞ୍ଚାୟତ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ସଭା ଗୃହ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି, ସ୍ଥାନ: କାଳିଆଗାଁ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ:ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନର ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଯୁଯୁମୁରା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- .ବିଜୁ ଜନତା ଦଳ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ : ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର
- ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ : ଖୁରସେଲ ପଞ୍ଚାୟତ କାର୍ଯ୍ୟାଳୟ, ପାଟଣାଗଡ ବ୍ଲକ , ସମୟ : ସକାଳ ୧୦ଟା
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା
- ରାଉରକେଲା ସହରରେ ୭୯ତମ ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ,ସ୍ଥାନ: ଆଇଟିଡିଏ ହଲ,ସମୟ:ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଶାନ୍ତିପୂର୍ଣ୍ଣ ପ୍ରତିବାଦ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ୧୦ଟା।
- ଦ୍ୱିତୀୟ ଶ୍ରାବଣ ସୋମବାର ଜଳାଭିଷେକ, ସ୍ଥାନ: ବେଦବ୍ୟସ ଧାମ, ସମୟ: ଭୋର ୫ଟା।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସଭାକକ୍ଷ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର,ସ୍ଥାନ:କଣ୍ଟାମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ , କଣ୍ଟାମାଳ , ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ ରାଇତାବାହାଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ତରଭା ନୀଳକଣ୍ଠେଶ୍ୱର ମନ୍ଦିରରେ ଜଳଶାୟୀ ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟାରୁ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ମୁଖ୍ୟମନ୍ତ୍ରୀ ବୟୁ ସେବା ଯୋଜନାରେ ଉତ୍ତମ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ନୂଆପଡ଼ା, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।

# 'ଉସ୍ତାଦ ଭଗତ ସିଂ'ରେ ରାଶିଙ୍କ ଏଣ୍ଟ୍ରି

ହାଇଦ୍ରାବାଦ: ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ତଥା ସାଉଥ୍ ସୁପରଷ୍ଟାର ପଓ୍ୱନ କଲ୍ୟାଣଙ୍କ ଆଗାମୀ ଫିଲ୍ମ 'ଉସ୍ତାଦ ଭଗତ ସିଂ' ଆସନ୍ତା ବର୍ଷ ରିଲିଜ୍ ହେବ। ଏହି ଫିଲ୍ମରେ ଅଭିନେତ୍ରୀ ଶ୍ରୀଲୀଳା ପଓ୍ୱନଙ୍କ ବିପକ୍ଷରେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ତେବେ ଏକ ରିପୋର୍ଟ ଅନୁଯାୟୀ, 'ଉସ୍ତାଦ ଭଗତ ସିଂ' ଫିଲ୍ମରେ ସାଉଥ୍ ଅଭିନେତ୍ରୀ ରାଶି ଖାନ୍ନାଙ୍କ ଏଣ୍ଟ୍ରି ହୋଇଛି। ଶ୍ରୀଲୀଲାଙ୍କ ପରେ ସେ ଫିଲ୍ମର ଦ୍ୱିତୀୟ ମୁଖ୍ୟ ଅଭିନେତ୍ରୀ ଭାବେ ନଜରକୁ ଆସିବେ। ଏହି ରିପୋର୍ଟ ରାଶିଙ୍କ ପ୍ରଶଂସକଙ୍କୁ ଉତ୍ସାହିତ କରାଇଛି। ରିପୋର୍ଟ ଅନୁଯାୟୀ, ସମ୍ପ୍ରତି ଫିଲ୍ମର ଶୁଟିଂ ଜାରି ରହିଛି। ଆସନ୍ତା ସେପ୍ଟେମ୍ବର ୨ରେ ପଓ୍ୱନଙ୍କ ଜନ୍ମଦିନ ଅବସରରେ ଫିଲ୍ମର ନିର୍ମାତା 'ଉସ୍ତାଦ ଭଗତ ସିଂ'ର ଟିଜରକୁ ଜାରି କରି ପଓ୍ୱନଙ୍କ ପ୍ରଶଂସକଙ୍କୁ ଖୁସି କରାଇବା ପାଇଁ ଯୋଜନା କରିଛନ୍ତି। ଫିଲ୍ମରେ ଅଭିନେତା ଆଶୁତୋଷ ରାଣାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ପ୍ରଡକ୍ସନ୍ ହାଉସ୍ ମାଉଥ୍ରୀ ମୁଭି ମେକର୍ସର ବ୍ୟାନରରେ ନିର୍ମିତ ହେଉଥିବା ଏହି ଫିଲ୍ମର ନିର୍ଦ୍ଦେଶନା ହରିଶ୍ ଶଙ୍କର ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶତ୍ରୁକୁ ରୋକିଲେ ବଢ଼ଇ ମାନ**
**ବିର୍ଯ୍ୟକୁ ରୋକିଲେ ବଢ଼ଇ ଜ୍ଞାନ।**
**ହଗାକୁ ରୋକିଲେ ବଢ଼ଇ ବାୟୁ**
**ନିଃଶ୍ୱାସ ରୋକିଲେ ବଢ଼ଇ ଆୟୁ।**
**ନିଦକୁ ରୋକିଲେ ବଢ଼ଇ ହାଇ**
**ମନକୁ ରୋକିଲେ ହେବୁ ବିଜୟୀ।**

ଶତ୍ରୁକୁ ପ୍ରତିରୋଧ କରିପାରିଲେ ମାନ, ସମ୍ମାନ ତଥା ପ୍ରଶଂସା ମିଳିଥାଏ। ସଂଯମ ବଜାୟ ରଖିବା ଦ୍ୱାରା ଆତ୍ମଜ୍ଞାନ ବଢ଼ିଥାଏ। ସେମିତି ଝାଡାକୁ ଅଟକାଇଲେ ବାୟୁ ବଢୁଥିବା ବେଳେ ନିଃଶ୍ୱାସକୁ ନିୟନ୍ତ୍ରଣରେ ରଖିପାରିଲେ ବା ପ୍ରାଣାୟାମ ସାଧନା ଦ୍ୱାରା ଆୟୁ ବଢ଼ିଥାଏ। ଠିକ୍ ସେହିପରି ନିଦକୁ ଅଟକାଇଲେ ହାଇ ବଢ଼ିଥାଏ ଏବଂ ମନକୁ ନିୟନ୍ତ୍ରଣରେ ରଖିଲେ ସବୁ କ୍ଷେତ୍ରରେ ବିଜୟ ମିଳିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଶୋଇଲା ପୁଅର ଭାଗ ନାହିଁ।**

କାମରେ ଉପସ୍ଥିତ ନ ଥିବା ବ୍ୟକ୍ତି ଭାଗ ପାଇବାରେ ହକ୍‌ଦାର ହୋଇ ନ ଥାନ୍ତି। ସେହିପରି ନିଜର ଦାବି ଉପସ୍ଥାପନ ନ କଲେ କେହି ଯାଚି କରି ଦେଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଡିଏଫ୍‌ଓଙ୍କ ୧୧୫...



ଜିଲାର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ ହୋଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ଅନୁଗୋଳ ବନ୍ତଲା ଥାନା ଅନ୍ତର୍ଗତ ମଦନମୋହନପାଟଣା ଗ୍ରାମସ୍ଥିତ ପୈତୃକ ଘର, ଅନୁଗୋଳ ଜଗନ୍ନାଥପୁରସ୍ଥିତ ଶ୍ୱଶୁର ଘର, କେନ୍ଦୁଝରସ୍ଥିତ ଅଫିସ, କେନ୍ଦୁଝରସ୍ଥିତ ସରକାରୀ ବାସଭବନ, ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୋମଣ୍ଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)ସ୍ଥିତ ନିତ୍ୟାନନ୍ଦଙ୍କ ପୁଅଙ୍କ ଅଫିସ ଚାମ୍ବର ଆଦି ରହିଛି। କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ଟିମ୍ ଏହି ଚଢାଉ କରୁଥିବାବେଳେ ଏଥିରେ ୩ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ନିତ୍ୟାନନ୍ଦ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନିକଟରୁ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ନିତ୍ୟାନନ୍ଦ ଚାକିରି କାଳ ମଧ୍ୟରେ ୧୧୫ଟି ପ୍ଲଟ୍ କିଣିଛନ୍ତି। ଏତେ ସଂଖ୍ୟାରେ ଭିଜିଲାନ୍ସ ଜମି ଠାବ କରିବାରେ ଏହା ରାଜ୍ୟରେ ପ୍ରଥମ। ଏହି ପ୍ଲଟ୍‌ଗୁଡ଼ିକ ମଧ୍ୟରେ ନିତ୍ୟାନନ୍ଦଙ୍କ ନିଜ ନାଁରେ ୫୩ଟି, ପତ୍ନୀଙ୍କ ନାଁରେ ୪୨ଟି, ଦୁଇ ପୁଅଙ୍କ ନାଁରେ ୧୬ଟି ଓ ଝିଅଙ୍କ ନାଁରେ ୪ଟି ପ୍ଲଟ୍ ରହିଛି। ନିତ୍ୟାନନ୍ଦ ୧୯୯୨ରେ ସରକାରୀ ଚାକିରିରେ ଯୋଗ ଦେବାପରଠାରୁ ୨୦୨୪ ମସିହା ମଧ୍ୟରେ ଅନୁଗୋଳ ଜିଲା ଛେଣ୍ଡିପଦାରେ ଏସବୁ ପ୍ଲଟ୍ କିଣିଛନ୍ତି। ରେଜିଷ୍ଟର୍ ସେଲ୍ ଡିଡ୍ (ଆର୍‌ଏସ୍‌ଡି) ଅନୁଯାୟୀ ମୋଟ୍ ପ୍ଲଟଗୁଡ଼ିକର ଦାମ ୨.୫ କୋଟି ଥିବାବେଳେ ପ୍ରକୃତ ମୂଲ୍ୟ ଏହାଠୁ ଢେରଗୁଣ ଅଧିକ ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ପ୍ଲଟ୍ ଓ କୋଠାର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ କରୁଛି। ଏଥିସହ ନିତ୍ୟାନନ୍ଦଙ୍କ ଅନୁଗୋଳ ଟାଉନରେ ୯ହଜାର ବର୍ଗଫୁଟରେ ଚାରି ମହଲା ଆଲିଶାନ୍ କୋଠା ଠାବ ହୋଇଛି। ସେହିପରି ଘରୁ ୨୦୦ ଗ୍ରାମର ସୁନା ଅଳଙ୍କାର, କାଠରୁ ନିର୍ମିତ ବିଭିନ୍ନ ଆକର୍ଷଣୀୟ କଳାକୃତି ଓ ତୀର, ବନ୍ଧୁକ, ଟାଙ୍ଗିଆ ଆଦି ଜବତ ହୋଇଛି। ନିତ୍ୟାନନ୍ଦଙ୍କ ଘରୁ ୧.୧୯ ଲକ୍ଷ ନଗଦ ଟଙ୍କା ମିଳିଥିବା ବେଳେ ବ୍ୟାଙ୍କ, ଜୀବନବୀମା, ପୋଷ୍ଟାଲ ଓ ଅନ୍ୟାନ୍ୟ ଜମା ଆଦି ସଂକ୍ରାନ୍ତରେ ଜାଣିବାକୁ ଭିଜିଲାନ୍ସ ପ୍ରୟାସ କରୁଛି। ଏଥିସହ ୧୫ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ଦୁଇଟି ଚାରିଚକିଆ ଯାନ (ମାରୁତି ସୁଜୁକି ଡିଜାୟାର ଓ ସ୍କୋଡା ଭୋଲକ୍ସୱାଗେନ୍ ଭର୍ଟସ) ଏବଂ ୪ଟି ଦୁଇଚକିଆ ଯାନ ଠାବ ହୋଇଛି। ଯାଞ୍ଚ ଜାରି ରହିଥିବାରୁ ନିତ୍ୟାନନ୍ଦଙ୍କ ଆହୁରି ବହୁ ସମ୍ପତ୍ତି ଠାବ ହେବାର ଆଶଙ୍କା କରାଯାଉଛି।

#### ୩୩ ବର୍ଷର ଚାକିରି, ଫରେଷ୍ଟ ରେଞ୍ଜରରୁ ଡିଏଫ୍‌ଓ

ନିତ୍ୟାନନ୍ଦ ୧୯୯୨ ଏପ୍ରିଲ ୬ରେ ଫରେଷ୍ଟ ରେଞ୍ଜର ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ଅନୁଗୋଳସ୍ଥିତ ରାଜ୍ୟ ବନରାଜିକ ମହାବିଦ୍ୟାଳୟରେ ଟ୍ରେନିଂ ଶେଷ ହେବା ପରେ ତାଙ୍କୁ ସୁନ୍ଦରଗଡ଼ ବନଖଣ୍ଡ (ହେମଗିର ରେଞ୍ଜ)ରେ ରେଞ୍ଜ ଅଫିସର ଭାବେ ନିଯୁକ୍ତି ଦିଆଯାଇଥିଲା। ପରେ ସେ ୧୯୯୨ ଅକ୍ଟୋବର ୧୫ରୁ ୨୦୧୫ ମେ' ୨୭ ଯାଏ ସମ୍ବଲପୁର, ଢେଙ୍କାନାଳ, ସୁବର୍ଣ୍ଣପୁର, ନୂଆପଡ଼ା ଜିଲାର ବିଭିନ୍ନ ବନଖଣ୍ଡ ଅଧୀନରେ ଫରେଷ୍ଟ ରେଞ୍ଜର ଭାବେ କାମ କରିଥିଲେ। ୨୦୧୫ ଜୁଲାଇ ୨୭ରେ ନିତ୍ୟାନନ୍ଦ ଓଡ଼ିଶା ବନ ସେବା (ଓଏଫ୍‌ଏସ୍)ର ସହକାରୀ ବନ ସଂରକ୍ଷକ (ଏସିଏଫ୍) ପାହ୍ୟାକୁ ପଦୋନ୍ନତି ପାଇ ଖରିଆର ଡିଭିଜନ୍‌ରେ ନିଯୁକ୍ତି ପାଇଥିଲେ। ୨୦୧୭ ସେପ୍ଟେମ୍ବର ୬ରୁ ୨୦୨୨ ଅଗଷ୍ଟ ୩୦ ପର୍ଯ୍ୟନ୍ତ ସେ ରାୟଗଡ଼ା ବନଖଣ୍ଡରେ ଏସିଏଫ୍ ଦାୟିତ୍ୱରେ ଥିଲେ। ଏହାପରେ ସେ ଉପ ବନ ସଂରକ୍ଷକ (ଡିସିଏଫ୍) ଭାବେ ପଦୋନ୍ନତି ପାଇ ୨୦୨୨ ସେପ୍ଟେମ୍ବର ୭ ଯାଏ ଭୁବନେଶ୍ୱରସ୍ଥିତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ)ଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିଲେ। ପରେ ୨୦୨୪ ଜାନୁଆରୀ ୨୪ରେ ନିତ୍ୟାନନ୍ଦ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ପାହ୍ୟାକୁ ପଦୋନ୍ନତି ପାଇଥିଲେ। ଏହା ପରଠାରୁ ସେ କେନ୍ଦୁଝର କେନ୍ଦୁ ପତ୍ର ଡିଭିଜନ୍‌ରେ ଡିଏଫ୍‌ଓ ଭାବେ କାମ କରିଆସୁଛନ୍ତି।

### ଉଠିପାରେ ଏସ୍‌ଆଇଆର୍...

ଉଦ୍ୟମ କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ପହଲଗାମ୍ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ନେଇ ବିରୋଧୀଙ୍କ ଦାବି ଉପରେ ସେ କହିଥିଲେ, ବିଦେଶ ଗସ୍ତ ବ୍ୟତୀତ ଅନ୍ୟ ସମୟରେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ଉପସ୍ଥିତ ରହିବେ। ତେବେ ସେ ସବୁ ସମୟରେ ଗୃହରେ ରହିବେ ନାହିଁ ବୋଲି ରିଜିଜୁ କହିଛନ୍ତି। ବିଭିନ୍ନ ବିଭାଗ ସମ୍ପର୍କିତ ପ୍ରଶ୍ନ ଉପରେ କ୍ୟାବିନେଟ ମନ୍ତ୍ରୀମାନେ ଜବାବ ରଖିବେ। ମୌସୁମୀ ଅଧିବେଶନରେ ସରକାର ୧୭ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ଯାଉଥିବା ରିଜିଜୁ ସୂଚନା ଦେଇଛନ୍ତି। ବୈଠକ ପରେ କଂଗ୍ରେସ ନେତା ଗୌରବ ଗୋଗୋଇ ଗଣମାଧ୍ୟମକୁ କହିଛନ୍ତି, ତାଙ୍କ ଦଳ ଟ୍ରମ୍ପଙ୍କ ଦାବି ଉପରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବି କରିଛି। ଏଥିସହିତ କେଉଁ ତ୍ରୁଟି ଯୋଗୁ ପହଲଗାମ୍ ଆକ୍ରମଣ ହେଲା ଏବଂ ବିହାର ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ଉପରେ ପ୍ରଧାନମନ୍ତ୍ରୀଙ୍କ ଜବାବ ମଗାଯାଇଛି। ତାଙ୍କ ଦଳ ଉଠାଉଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ପାର୍ଲାମେଣ୍ଟରେ ଉତ୍ତର ରଖିବା ପ୍ରଧାନମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ ବୋଲି ଗୋଗୋଇ କହିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ନୈତିକ କର୍ତ୍ତବ୍ୟ ପୂରଣ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହା ବ୍ୟତୀତ ଗୋଗୋଇ ମଣିପୁର ସ୍ଥିତି ସମ୍ପର୍କରେ ଆଲୋଚନା ଚାହିଁଛନ୍ତି। ଉକ୍ତ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଅଢ଼େଇ ବର୍ଷ ପରେ ମଧ୍ୟ ହିଂସା ବନ୍ଦ ହୋଇନାହିଁ। ପ୍ରଧାନମନ୍ତ୍ରୀ ଅନେକ ଛୋଟ ଦେଶକୁ ଗସ୍ତ କରୁଥିବାବେଳେ ମଣିପୁର ଯାଉ ନ ଥିବା ଗୋଗୋଇ କହିଛନ୍ତି। ବିହାର ଏସ୍‌ଆଇଆର୍‌କୁ ନିର୍ବାଚନ ଦୁର୍ନୀତି ବୋଲି ଆମ୍ ଆଦ୍‌ମୀ ପାର୍ଟିର ସଞ୍ଜୟ ସିଂ ଅଭିଯୋଗ କରିଥିଲେ। ପ୍ରତ୍ୟେକ ନାଗରିକ ଭୋଟ ଅଧିକାର ପାଇବା ଜରୁରୀ ବୋଲି ଜେଡିୟୁ ନେତା ସଞ୍ଜୟ କୁମାର ଝା କହିବା ସହ ସଚେତନତା ପାଇଁ ତାଙ୍କ ଦଳ ଏକ ଅଭିଯାନ ଆରମ୍ଭ କରିବ ବୋଲି କହିଛନ୍ତି।

### ନୂଆ ଆୟକର ବିଲ୍ : ଆଜି ଲୋକ ସଭାରେ ରିପୋର୍ଟ ଦାଖଲ କରିବ ସଂସଦୀୟ କମିଟି

୬ ଦଶନ୍ଧିର ପୁରୁଣା ଆୟକର ଆଇନ ସ୍ଥାନରେ ସରକାର ଆଣିଥିବା ନୂଆ ଆୟକର ବିଲ୍, ୨୦୨୫ ଉପରେ ସଂସଦୀୟ କମିଟି ଏହାର ଯାଞ୍ଚ ରିପୋର୍ଟ ସୋମବାର ଲୋକ ସଭାରେ ଉପସ୍ଥାପନ କରିବ। ଫେବୃଆରୀ ୧୩ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ଏହି ବିଲ୍ ଉପସ୍ଥାପନ କରିଥିବାବେଳେ ଏହାର ଯାଞ୍ଚ ପାଇଁ ଭାଜପା ନେତା ବୈଜୟନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗଠିତ ୩୧ ଜଣିଆ ସିଲେକ୍ଟ କମିଟିକୁ ପଠାଯାଇଥିଲା। କମିଟି ଏହା ଉପରେ ୨୮୫ଟି ପ୍ରସ୍ତାବ ଦେଇଥିବାବେଳେ ଗତ ୧୬ ତାରିଖରେ ଉକ୍ତ ବିଲ୍ ଉପରେ ରିପୋର୍ଟ ଗୃହୀତ ହୋଇଥିଲା। ପରବର୍ତ୍ତୀ ପଦକ୍ଷେପ ପାଇଁ ରିପୋର୍ଟକୁ ଲୋକ ସଭାରେ ଉପସ୍ଥାପନ କରାଯିବ।

### ଦିଲ୍ଲୀ ଏମ୍‌ସରେ ...

ଅନ୍ତର୍ଜାତୀୟ ବିମାନବନ୍ଦରକୁ ଦ୍ରୁତଗତିରେ ସ୍ଥାନାନ୍ତର କରାଯାଇଥିଲା। ତେବେ ପୀଡ଼ିତାଙ୍କ ଚିକିତ୍ସା ଲାଗି ୧୪ଜଣିଆ ଟିମ୍ କିଭଳି ଶନିବାରଠାରୁ ବର୍ନ ୟୁନିଟ୍‌ରେ ରଖି ଚିକିତ୍ସା କରୁଥିଲେ ସେ ସମ୍ପର୍କରେ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ ସୂଚନା ଦେଇଥିଲେ। ନିର୍ଦ୍ଦେଶକଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱର ବିମାନବନ୍ଦରରୁ ଏୟାର ଆମ୍ବୁଲାନ୍ସରେ ପୀଡ଼ିତାଙ୍କ ପରିବାରର ୨ ସଦସ୍ୟଙ୍କ ସମେତ ଏମ୍‌ସର ଏକ ଡାକ୍ତରୀ ଟିମ୍ ଦିଲ୍ଲୀ ଅଭିମୁଖେ ଯାଇଛନ୍ତି । ଦିଲ୍ଲୀ ଏମ୍‌ସ କର୍ତ୍ତୃପକ୍ଷଙ୍କ ସହ ଏନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ପୀଡ଼ିତାଙ୍କ ପାଇଁ ବେଡ୍ ଆରେଞ୍ଜମେଣ୍ଟ କରାଯାଇଛି। ଏଥିସହିତ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ଡାକ୍ତର କହିଛନ୍ତି, ପୀଡ଼ିତାଙ୍କ ଆଗାମୀ ୪୮ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ ଏଠାରେ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ଥିଲେ। ୨୦ରୁ ୨୫ ପ୍ରତିଶତ ବ୍ୟତୀତ ଶରୀର ଅନ୍ୟ ସବୁ ସ୍ଥାନ ପୋଡ଼ିଯାଇଛି । ତାଙ୍କ ଶରୀର ଇଣ୍ଟରନାଲ ପାର୍ଟ ଯଦିଓ ଖରାପ ରହିଛି ତଥାପି ସେ ଭଲ ଭାବେ କଥାବାର୍ତ୍ତା କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଶନିବାର ଦିନ ଝିଅଟି ଜଣେ ବନ୍ଧୁଙ୍କୁ ଭେଟିବାକୁ ଯାଉଥିବା ସମୟରେ ଭାର୍ଗବୀ ନଦୀ ନିକଟରେ ତିନି ଜଣ ଅଜଣା ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦାମାନେ ତାଙ୍କୁ ସାହାଯ୍ୟ କରିବାକୁ ଦୌଡ଼ି ଆସିଥିଲେ ଏବଂ ନିଆଁ ଲିଭାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର ପୂର୍ବରୁ ପ୍ରଥମେ ନିକଟସ୍ଥ ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ମାତ୍ର ସେ ଅଜଣା ଯୁବକ କିଏ ଥିଲେ, କାହିଁକି ନାବାଳିକାଙ୍କୁ ଆକ୍ରମଣ କଲେ, ଏନେଇ ଏପର୍ଯ୍ୟନ୍ତ କିଛି ବି ତଥ୍ୟ ହସ୍ତଗତ ହୋଇନାହିଁ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ଶୁକ୍ର ସହ ଚନ୍ଦ୍ରଙ୍କ ସଂଯୋଗ ଆପଣଙ୍କ ସମସ୍ତ କାର୍ଯ୍ୟ ସକାଶେ ଅନୁକୂଳ ବାତାବରଣ ସୃଷ୍ଟିକରିବ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ କିନ୍ତୁ କିଛିଟା ପ୍ରତିରୋଧର ସାମ୍ନା କରିବେ। ବ୍ୟବସାୟିକ ଦିଗଟି ଭଲ ରହିବ କିନ୍ତୁ ବକେୟା ଋଣ ପରିଶୋଧ କରି ନ ପାରନ୍ତି। ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତି ପୂର୍ବପରି ବହୁତ ଭଲ ରହିପାରେ।

**ବୃଷ** - ସ୍ୱଗୃହୀ ରାଶ୍ୟାଧିପ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ରହିବା ସହ ବନ୍ଧୁବର୍ଗଙ୍କ ସହାନୁଭୂତି ପାଇବେ। କର୍ମକ୍ଷେତ୍ରରେ ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହେବେ। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅର୍ଥର ଆବଶ୍ୟକତା ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମିଥୁନ** - ବିବାଦୀୟ ପରିସ୍ଥିତି ଲାଗିରହିବା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଫାଇଦା ହାସଲ ପାଇଁ ସମ୍ପର୍କୀୟ ଫନ୍ଦିଫିକର କରିବାକୁ ମନ ବଳାଇପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ। ନିର୍ମାଣମୂଳକ କାର୍ଯ୍ୟରେ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ।

**କର୍କଟ** - ବ୍ୟୟାଧିପ ରାଶିରେ ଅବସ୍ଥାନ କରିଥିବାରୁ ଆଜି ପାଇବେ ଯେତିକି ତାହାଠାରୁ ଅଧିକ କିଛି ହରାଇବାକୁ ପଡ଼ିପାରେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରର ଆର୍ଥିକ ଅବନତିର ସମୀକ୍ଷା କରି ଚିନ୍ତିତ ରହିପାରନ୍ତି।

**ସିଂହ** - ପୂର୍ବ ପରିକଳ୍ପିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରିପାରନ୍ତି। ବନ୍ଧୁମାନଙ୍କ ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦ ହେତୁ ମାନସିକ ଅବସାଦ ଲାଗିରହିବ।

**କନ୍ୟା** - ସପ୍ତମସ୍ଥ ଶନି ଯୋଗୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ପ୍ରତିବନ୍ଧକ ଦେଖାଦେବ। ବନ୍ଧୁଙ୍କ ସହ ବିବାଦଜନିତ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇ ଶତ୍ରୁତାକୁ ନିମନ୍ତ୍ରଣ କରିପାରନ୍ତି। ପ୍ରଶାସନିକ ସ୍ତରରେ ସମସ୍ୟାର ଅନ୍ତ ଘଟିବା ସକାଶେ ସହକର୍ମୀଙ୍କ ଆଲୋଚନା ଫଳପ୍ରଦ ହେବ।

**ତୁଳା** - ଆଜି କର୍ମଭାବରେ ବୁଧାଦିତ୍ୟ ଯୋଗଜନିତ କୌଣସି କାମ ଅସାଧ୍ୟ ରହିବ ନାହିଁ। କିନ୍ତୁ ଭୁଲ୍ ବୁଝାମଣାଜନିତ ଛୋଟ ଘଟଣାକୁ କେନ୍ଦ୍ରକରି ମନାନ୍ତର ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ପ୍ରତିଷ୍ଠିତ ହେବେ। ଈର୍ଷାପରାୟଣ ହୋଇ ନିକଟରେ ରହୁଥିବା ଆତ୍ମୀୟମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା** - ପାପଗ୍ରହମାନଙ୍କ କୁପ୍ରଭାବରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହୋଇପାରେ। ପରିବାରରେ ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତିଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ସାମୟିକ ମନକୁ ଭାରାକ୍ରାନ୍ତ କରିବାର ଆଶଙ୍କା ରହିଛି।

**ଧନୁ** - ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଉପକୃତ ହେବେ। ଶନିଙ୍କ ଦୁର୍ବଳତାଜନିତ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** - ସହକର୍ମୀଙ୍କ ସହ ସୁସମ୍ପର୍କ ଅଭାବରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ମଙ୍ଗଳଙ୍କ ଦୁର୍ବଳତା କାରଣରୁ ଗୃହସୀମା, ନିର୍ମାଣ, ଜମିଜମା ସମସ୍ୟା ଲାଗି ରହିବ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ମାନସିକ ସ୍ଥିତି ବିଗିଡିଯିବ।

**କୁମ୍ଭ** - ପାରିବାରିକ କ୍ଷେତ୍ରରେ ଅସ୍ଥିରତା ବୃଦ୍ଧି ପାଇବା ହେତୁ ମନ ଭଲ ରହି ନ ପାରେ। ଆର୍ଥିକ ଅନଟନକୁ ସୁଧାରିବାକୁ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ଆକସ୍ମିକ କେତେକ ସମସ୍ୟା ହେତୁ ଦୂରଯାତ୍ରା ସ୍ଥଗିତ ରହିଯାଇପାରେ। ଆନୁଷ୍ଠାନିକ କାମରେ ଯୋଗଦେଇ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ମୀନ** - ସାମାନ୍ୟ ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ କର୍ମକ୍ଷେତ୍ରରେ ଚେଷ୍ଟା ନିଷ୍ଫଳ ହେବନାହିଁ। ଅଂଶୀଦାର ବ୍ୟବସାୟୀଙ୍କ ସହ ବିତର୍କ ହେତୁକ ମନ ଭଲ ରହି ନ ପାରେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବା ଯୋଗୁ ଖୁସି ହୋଇପାରନ୍ତି।

ଆଜି ଜୁଲାଇ ୨୧ ତାରିଖ, ଶ୍ରାବଣ କୃଷ୍ଣପକ୍ଷର ସର୍ବସମ୍ମତ କାମିକା/ ଚକ୍ରବୁଲା, ଶମ୍ଭୁ ଏକାଦଶୀ ସୋମବାର। ରାଶି ନକ୍ଷତ୍ର- ରୋହିଣୀ/ବୃଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୨ ଗତେ ଘ. ୦୬.୫୯ ମଧ୍ୟେ, ଘ. ୧୦.୩୪ ଗତେ ଘ.୦୧.୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬.୫୯ ଗତେ ଘ.୦୮.୩୭ ମଧ୍ୟେ ରାହୁ କାଳ ।

# ମୃତ ଛାତ୍ରୀଙ୍କୁ ନ୍ୟାୟ ମିଳିବ: କ୍ରାଇମବ୍ରାଞ୍ଚ ଡିଜି


ଖବରଦାତା ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଓ ଆଇଜି ଏସ୍. ସାଇନି।


ବାଲେଶ୍ୱରରେ କ୍ରାଇମବ୍ରାଞ୍ଚ ଡିଜି।

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**
**ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ**

ବାଲେଶ୍ୱର,୨୦।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ଇତିମଧ୍ୟରେ ୮ରୁ ଅଧିକ ଦିନ ବିତିଯାଇଥିବା ସତ୍ତ୍ୱେ ଘଟଣା ଉପରୁ ପରଦା ହଟିପାରିନି। ମାମଲାର ସତ୍ୟାସତ୍ୟ ଉନ୍ମୋଚନ ପାଇଁ ଜୋରଦାର ତନାଘନା ଚାଲିଛି। ମହାବିଦ୍ୟାଳୟରେ ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, କ୍ରାଇମବ୍ରାଞ୍ଚ ଟିମ୍ ଓ ଉଚ୍ଚଶିକ୍ଷା ବିଭାଗର ଉଚ୍ଚସ୍ତରୀୟ ତଦନ୍ତ କମିଟି ପକ୍ଷରୁ ତଦନ୍ତ ଚାଲିଥିବାବେଳେ ରବିବାର କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ବାଲେଶ୍ୱରରେ ପହଞ୍ଚି ତଦନ୍ତର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ତଦନ୍ତ ସମୟରେ ଅନେକ ତଥ୍ୟ ମିଳିଛି, ଖୁବ୍‌ଶୀଘ୍ର ମୃତ ଛାତ୍ରୀଙ୍କୁ ନ୍ୟାୟ ମିଳିବ ବୋଲି ଡିଜି ମିଶ୍ର କହିଛନ୍ତି।

ଡିଜି ମିଶ୍ର ପ୍ରଥମେ ପୂର୍ବାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡିଆଇଜି ଡା. ସତ୍ୟଜିତ୍ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହାପରେ ମହାବିଦ୍ୟାଳୟକୁ ଯାଇ ଛାତ୍ରୀ ଆତ୍ମାହୁତି ଦେଇଥିବା ସ୍ଥାନ ଓ ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପ୍ରାୟ ସାଢ଼େ ୩ ଘଣ୍ଟା ଧରି ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀ, ଇଣ୍ଟରନାଲ କମ୍ପ୍ଲେଣ୍ଟ କମିଟି (ଆଇସିସି) ସଦସ୍ୟ ଓ ଷ୍ଟାଫ୍‌ଙ୍କ ସହ କଥା ହୋଇ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚାରି ବୁଝିଥିଲେ। ଡିଜିଙ୍କ ସହ ଡିଆଇଜି ଡା. ନାୟକ, କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁ ଶାଖା ଆଇଜି ଏସ୍. ସାଇନି, ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଳି ରାଉତ ଉପସ୍ଥିତ ଥିଲେ। ଏହାପରେ ଡିଆଇଜିଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଜି ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ କହିଥିଲେ, ଘଟଣା ସମ୍ପର୍କରେ ମୃତାଙ୍କ ସାଙ୍ଗସାଥୀ, କଲେଜ କର୍ମଚାରୀ ଓ ଅନ୍ୟମାନେ ସୋସିଆଲ ମିଡିଆରେ ଯେଉଁ ପ୍ରତିକ୍ରିୟା ଦେଇଥିଲେ, ତଦନ୍ତବେଳେ ପୋଲିସ ଆଗରେ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। ମାମଲାର ଠିକ୍ ତଦନ୍ତ ହେବ। କ୍ରାଇମବ୍ରାଞ୍ଚ ଟିମ୍ ଘଟଣାର ତଦନ୍ତ ଜାରି ରଖିଛି। ସିସିଟିଭି ଫୁଟେଜ୍ ସବୁକୁ ସଂଗ୍ରହ କରାଯାଇଛି। ତଦନ୍ତ ସମୟରେ ଅନେକ ସାମଗ୍ରୀ ମିଳିଛି। ଅନ୍ୟ ଡିଜିଟାଲ ପ୍ରମାଣପତ୍ର ମଧ୍ୟ ତଦନ୍ତକାରୀ ଟିମ୍‌ର ହସ୍ତଗତ ହୋଇଛି। ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର(ଏସ୍‌ଏଫ୍‌ଏସ୍‌ଏଲ୍)କୁ ସବୁ ପଠାଯାଇଛି। ଏପରି ସ୍ଥିତିରେ ତରବରିଆ ଭାବେ କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ୍ ନୁହେଁ। ବର୍ତ୍ତମାନ ତଦନ୍ତ ରିପୋର୍ଟ ଯାହା ଅଛି, ତାହା ପ୍ରକାଶ କରିହେବ ନାହିଁ। ସାକ୍ଷୀମାନଙ୍କ ବୟାନ ରେକର୍ଡ ହୋଇଛି। ଡିଜିଟାଲ ମିଡିଆରେ ଯେଉଁ ବୟାନ ଆସୁଛି, ତଦନ୍ତ ସମୟରେ ଆସିଥିବା ବୟାନ ଓ ଏସ୍‌ଏଫ୍‌ଏସ୍‌ଏଲ୍ ରିପୋର୍ଟକୁ ନେଇ ତର୍ଜମା କରାଯିବ। କ୍ରାଇମବ୍ରାଞ୍ଚ ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରହିଛି। ଟିମ୍ ତଦନ୍ତ ପାଇଁ ଆଉ କିଛିଦିନ ବାଲେଶ୍ୱରରେ ରହିବ। ଘଟଣା ପୂର୍ବ ଓ ପରର ସ୍ଥିତି ଉପରେ ମଧ୍ୟ ସମୀକ୍ଷା କରାଯାଉଛି। ସୌମ୍ୟାଶ୍ରୀ ପୋଲିସରେ କେବେ ଅଭିଯୋଗ କରି ନ ଥିଲେ। କଲେଜ କର୍ତ୍ତୃପକ୍ଷଙ୍କୁ କେବଳ ଘଟଣା ସମ୍ପର୍କରେ ଅଭିଯୋଗପତ୍ର ଦେଇଥିଲେ। ଜନସାଧାରଣଙ୍କ ପାଖରେ ଯାହା ତଥ୍ୟ ଘୂରି ବୁଲୁଛି ତାହା ପ୍ରକୃତ ସତ ହୋଇ ନ ଥାଇପାରେ। ତରବରିଆ ଭାବେ କିଛି ନିଷ୍ପତ୍ତି ନେଲେ ହୁଏତ କେହି ନିର୍ଦ୍ଦୋଷ ବି ବଳିପଡ଼ିଯାଇ ପାରନ୍ତି। ପୋଲିସ ହାତକୁ ଯାହା ତଥ୍ୟ ଆସିଛି ସେ ସବୁକୁ ପୁଙ୍ଖାନୁପୁଙ୍ଖ ପରଖିବା ପରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମିଶ୍ର କହିଛନ୍ତି।

# ୩୬ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା**
- ଘଟଣାସ୍ଥଳ ଅନୁଧ୍ୟାନ କଲେ ଡିଜିପି
- ପରିବାର ସଦସ୍ୟଙ୍କ ସହ ୮ ଜଣଙ୍କୁ ଜେରା
- ଫୋରେନ୍ସିକ ଲାବ୍‌କୁ ପଠାଗଲା ସିସିଟିଭି ହାର୍ଡଡିସ୍କ

ବଳଙ୍ଗା,୨୦।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେବା ଘଟଣା ରାଜ୍ୟ ତଥା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ୩୬ ଘଣ୍ଟା ପରେ ବି ପୋଲିସ ହାତ ଖାଲି ରହିଛି। ପ୍ରଥମ ଦିନରେ ପୀଡ଼ିତାଙ୍କ ପରିବାର ସହ ୪ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରି ରାତିରେ ଛାଡ଼ି ଦେବା ପରେ ପୁନଃ ଦ୍ୱିତୀୟ ଦିନରେ ପୋଲିସ ପୀଡିତାଙ୍କ ପିଉସୀ, ଖୁଡ଼ୀ, ଦାଦା, ଜଣେ ଭଉଣୀ, ଦୁଇଜଣ ସାଙ୍ଗ ସମେତ ୮ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଏଥିସହ ସ୍ପେଶାଲ ସ୍କ୍ୱାଡ୍ ଟିମ ପୀଡ଼ିତାଙ୍କ ଘରୁ ଏକ କିରୋସିନ ବୋତଲ, ପୀଡ଼ିତାଙ୍କ ବାପାଙ୍କ ଗ୍ୟାରେଜ୍ ଚାବି ମଧ୍ୟ ଜବତ କରିଛି। କିନ୍ତୁ ପୀଡ଼ିତାଙ୍କ ମା'ଙ୍କ ଏତଲାକ୍ରମେ ସମ୍ପୃକ୍ତ ୩ ଜଣ ଦୁର୍ବୃତ୍ତଙ୍କର କୌଣସି ପତ୍ତା ମିଳିପାରି ନାହିଁ। ଅପରପକ୍ଷରେ ରବିବାର ଅପରାହ୍ନରେ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ, ପୁରୀ ଏସ୍‌ପି ପିନାକ ମିଶ୍ର, କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ, ପୀଡ଼ିତାଙ୍କ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ପୋଲିସ ମହାନିର୍ଦ୍ଦେଶକ ଖୁରାନିଆ ପ୍ରଥମେ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିବା ସହ ପୀଡିତାଙ୍କୁ ଉଦ୍ଧାର କରିଥିବା ତେରହଲ ଗ୍ରାମର ଦୁଃଖୀଶ୍ୟାମଙ୍କ ଘରକୁ ଯାଇ ତାଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ପୀଡ଼ିତାଙ୍କ ଘରକୁ ଯାଇ ସାହିପଡ଼ିଶା ଲୋକଙ୍କ ସହ ଆଲୋଚନା କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହାପରେ ବଳଙ୍ଗା ଥାନାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଡିଜିପି ଖୁରାନିଆ ବରିଷ୍ଠ ଅଧିକାରୀ, ତଦନ୍ତ ଅଧିକାରୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ତଦନ୍ତର ସବୁଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ପୋଲିସ ଉନ୍ନତ ଜ୍ଞାନକୌଶଳ ବ୍ୟବହାର କରି ରାଜ୍ୟ ସାଇଣ୍ଟିଫିକ୍ ଟିମ୍ ଓ ରାଜ୍ୟ ଫୋରେନ୍ସିକ୍ ଲ୍ୟାବ୍‌ର ୧୦ ଜଣିଆ ଟିମ୍ ଦ୍ୱାରା ତଦନ୍ତ ଚଳାଇଛି। ପୋଲିସ ବିଭିନ୍ନ ସ୍ଥାନର ସିସିଟିଭି ହାର୍ଡଡିସ୍କକୁ ଜବତ କରି ଫରେନ୍ସିକ୍ ଲ୍ୟାବ୍‌କୁ ପଠାଇଛି। ଖୁବଶୀଘ୍ର ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଆଶା ରଖିଥିବା ଡିଜିପି ଖୁରାନିଆ କହିଛନ୍ତି। ଅନ୍ୟପକ୍ଷରେ ବଜାରରେ କିରୋସିନ ମିଳୁ ନ ଥିବା ବେଳେ ଘଟଣା ଦିନ କିଏ ଓ କାହିଁକି ଘଟଣାସ୍ଥଳକୁ କିରୋସିନ ଆଣିଲେ ଏବଂ ଘଟଣାସ୍ଥଳକୁ ବାଇକ ଯିବା ପାଇଁ ରାସ୍ତା ନ ଥିବାବେଳେ ପୀଡ଼ିତାଙ୍କୁ ମୁଖ୍ୟ ରାସ୍ତା ନଦୀବନ୍ଧ ତଳକୁ ନେଲେ ତାହା ସାଧାରଣରେ ପ୍ରଶ୍ନ ପାଲଟିଛି। ପରିବାର ଲୋକଙ୍କୁ ପୋଲିସ ବାରମ୍ବାର ଥାନାକୁ ଆଣି ପଚରାଉଚରା କରୁଥିବାରୁ ଏନେଇ ମଧ୍ୟ ନାନା କଥା ଆଲୋଚନା ହେଉଛି। ତୁରନ୍ତ ସତ୍ୟାସତ୍ୟ ଉନ୍ମୋଚନ ପାଇଁ ସାଧାରଣରେ ଦାବି ହେଉଛି। ଏହି ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କୁ ହରଡ଼ଘଣାରେ ପକାଉଥିବାବେଳେ ସୁରକ୍ଷା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ରବିବାର ମଧ୍ୟାହ୍ନରେ ଓଡ଼ିଶା ରାଜ୍ୟ ଫୋରେନ୍ସିକ ଲ୍ୟାବ୍‌ର ୧୦ ଜଣିଆ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୀଡିତାଙ୍କୁ ସାହାଯ୍ୟ କରିଥିବା ଦୁଃଖୀଶ୍ୟାମ ସେନାପତିଙ୍କ ଘରଠାରେ ପହଞ୍ଚି କଥାବାର୍ତ୍ତା କରିବା ସହିତ ଘଟଣାସ୍ଥଳରୁ କିଛି ନମୁନା ସଂଗ୍ରହ କରି ସାଥିରେ ନେଇଛି।


ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ ଘଟଣାସ୍ଥଳ ବୁଲି ଦେଖୁଛନ୍ତି।


ଫୋରେନ୍‌ସିକ୍ ଟିମ୍ ତଦନ୍ତ ଚଳାଇଛି।

# ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧକରି ମହିଳାଙ୍କ ଆତ୍ମହତ୍ୟା

ଭବାନୀପାଟଣା,୨୦।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଧୋବାପଡ଼ାରେ ବାପ ଘରେ ରହୁଥିବା ସ୍ନେହା ବେହେରା ନାମ୍ନୀ ଜଣେ ମହିଳା ଶନିବାର ରାତିରେ ତାଙ୍କ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ରବିବାର ସକାଳେ ପୋଲିସ ତାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ଏହା ସହ ପୋଲିସ ଏକ ସୁଇସାଇଡ ନୋଟ୍ ମଧ୍ୟ ପାଇଛି। ଯେଉଁଥିରେ ସ୍ନେହା ନିଜ ମୃତ୍ୟୁ ପାଇଁ ସ୍ୱାମୀ ଆଉ ତାଙ୍କ ପ୍ରେମିକାଙ୍କୁ ଦାୟୀ କରି ନ୍ୟାୟ ମାଗିଛନ୍ତି।

ଧୋବାପଡାର ଜିତେନ୍ଦ୍ର ସେଠୀଙ୍କ ଝିଅ ସ୍ନେହାକୁ କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳର ଶ୍ୟାମଲ କୁମାର ବେହେରା ୨୦୨୩ରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଶ୍ୟାମଲଙ୍କ ସହ ଅନ୍ୟ ଜଣେ ଝିଅର ସମ୍ପର୍କ ଥିବା ଜାଣିବା ପରେ ସ୍ନେହା ବାପଘର ଭବାନୀପାଟଣାକୁ ଚାଲିଆସିଥିଲେ। ତେବେ ଶ୍ୟାମଲ ଓ ତାଙ୍କ ପ୍ରେମିକା ଫୋନ ଯୋଗେ ସ୍ନେହାକୁ ଅସହ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ। ତାହା ସହି ନ ପାରି ଝିଅ ଆତ୍ମହତ୍ୟା କରିଥିବା ନେଇ ବାପା ଜିତେନ୍ଦ୍ର ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏହାକୁ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା (ନଂ.୨୫୮/୨୦୨୫)ରୁଜୁ ହୋଇଛି। ସ୍ନେହାଙ୍କ ସୁଇସାଇଡ୍‌ନୋଟ ଓ ତାଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତିକରି ଘଟଣାର ତଦନ୍ତ ଚାଲିଛି। ତଦନ୍ତ ଶେଷ ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟାଉନ ଥାନା ଅଧିକାରୀ ଯଶୋବନ୍ତ ହିଆଲ ପ୍ରକାଶ କରିଛନ୍ତି।


ସ୍ନେହା ବେହେରା।

# ମହିଳାଙ୍କୁ ବଳାତ୍କାର, ଅତିରିକ୍ତ ଅଗ୍ନିଶମ ଅଧିକାରୀ ଗିରଫ

## ପୂର୍ବରୁ ଭରଣପୋଷଣ ବାବଦକୁ ମହିଳାଙ୍କୁ ଦେଇଥିଲେ ୧୦ ଲକ୍ଷ

ରାୟଗଡ଼ା,୨୦।୭
(ଆଶିଷ ରଞ୍ଜନ ପଣ୍ଡା)

ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ରାୟଗଡ଼ା ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ଟାଉନ ଥାନା ପୋଲିସ ରବିବାର ଗିରଫ କରିଛି। ରମେଶଙ୍କ ଡାକ୍ତରୀ ମାଇନା କରାଯାଇ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ମହିଳାଙ୍କ ଦୁଇଟି ସନ୍ତାନ ରହିଥିବା ବେଳେ ସ୍ୱାମୀଙ୍କଠାରୁ ଅଲଗା ହେବା ପରେ ୨୦୨୩ରେ ସେ ରମେଶଙ୍କ ପ୍ରେମ ଜାଲରେ ପଡ଼ିଥିଲେ। ଅତିରିକ୍ତ ଅଗ୍ନିଶମ ଅଧିକାରୀ ବେହେରାଙ୍କୁ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲେ। ସେମାନଙ୍କ ମଧ୍ୟରେ ବିବାଦ ହେବାରୁ ଉଭୟେ ଅଲଗା ହେବା ସହିତ ଏ ନେଇ ନୋଟାରିରେ ଲିଖିତ ଚୁକ୍ତି କରିଥିଲେ। ଭରଣପୋଷଣ ବାବଦକୁ ରମେଶ ଚୁକ୍ତିନାମା ଅନୁସାରେ ଉକ୍ତ ମହିଳାଙ୍କୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହାପରେ ୨୦୨୫ରେ ପୁଣି ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇଥିଲା। ମହିଳାଙ୍କଠାରୁ ରମେଶ ୫ଲକ୍ଷ ଟଙ୍କା ନେଇ ଫେରସ୍ତ କରି ନ ଥିବା ସହିତ ତାଙ୍କୁ ମାଡ଼ ମାରିଥିବା ଏବଂ ଜବରଦସ୍ତି ବଳାତ୍କାର କରୁଥିବା ମହିଳା ଜଣକ ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ୨୫୫/୨୫ରେ ମାମଲା ରୁଜୁ କରି ସମ୍ପୃକ୍ତ ଅଧିକାରୀଙ୍କୁ ଗିରଫ କରିଛି।


ଗିରଫ ରମେଶ ଚନ୍ଦ୍ର ବେହେରା।

# ଥାନା ଘେରାଉ କଲା ବିଜେଡି

**୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଦାବି**

ବଳଙ୍ଗା,୨୦।୭(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଦେହରେ କିରୋସିନ ଢାଳି ଜାଳିଦେବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ଦୁର୍ବୃତ୍ତ ଧରାପଡ଼ି ନ ଥିବା ଜଣାପଡ଼ିଛି। ତେଣୁ ରବିବାର ପୂର୍ବାହ୍ନରେ ବିଜେଡି ପକ୍ଷରୁ ବଳଙ୍ଗା ବଜାର ନିକଟସ୍ଥ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରୁ ସ୍ଥାନୀୟ ବିଜେଡି ନେତା ଦିଲୀପ ନାୟକଙ୍କ ନେତୃତ୍ୱରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ବିଜେଡି ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତରାୟ, ପୁରୀ ଜିଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ଟୁକୁନି ସାହୁ, ପ୍ରଦୀପ୍ତ ମାଝୀ, ରାଜଶ୍ରୀ ମଲ୍ଲିକ, ରୁଦ୍ର ମହାରଥୀ, ଶୁଭାଶିଷ ଖୁଣ୍ଟିଆ, ସୁବ୍ରତ ଛାଟୋଇଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ ଥାନା ପର୍ଯ୍ୟନ୍ତ ଯିବା ବାଟରେ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ହୋହଲ୍ଲା କରିଥିଲେ। ପରେ ଥାନା ସମ୍ମୁଖରେ ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ସମସ୍ତ ବରିଷ୍ଠ ନେତା ସରକାରଙ୍କ ବିରୋଧରେ ବିଭିନ୍ନ ବକ୍ତବ୍ୟ ରଖିଥିଲେ। ଯଦି ୪୮ ଘଣ୍ଟା ମଧ୍ୟରେ ଦୋଷୀଙ୍କୁ ଧରା ନ ଯାଏ ତା' ହେଲେ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇବା ସହ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସେହିପରି ରାଜ୍ୟ ପିସିସି ପ୍ରତିନିଧି ଦଳ ବଳଙ୍ଗା ଥାନାରେ ପହଞ୍ଚି ଥାନାଧିକାରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରି ଦୋଷୀଙ୍କର କୌଣସି ସୁରାକ୍ ମିଳି ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ର, ପିପିଲି ବ୍ଲକ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ମିଶ୍ର, ସତ୍ୟବାଦୀର ମନୋଜ କୁମାର ରଥ ପ୍ରମୁଖ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ସେହିଭଳି ବଳଙ୍ଗା ପୀଡ଼ିତାଙ୍କୁ ନ୍ୟାୟ ମିଳିବା ଓ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବି କରି ରାଜ୍ୟ ଜମିୟତ ଉଲ୍ଲେମା ହିନ୍ଦ୍‌ର ସାଧାରଣ ସମ୍ପାଦକ ଅକ୍ରମ ତକି ଓ ଏକ ପ୍ରତିନିଧି ଦଳ ବଳଙ୍ଗା ପୋଲିସକୁ ଭେଟି ଦୋଷୀଙ୍କୁ ଧରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି।



ବଳଙ୍ଗା ଥାନା ସମ୍ମୁଖରେ ବିଜେଡି ନେତା ଓ କର୍ମୀଙ୍କ ଧାରଣା।

# ପୋଲିସ ନିଷ୍କ୍ରିୟତା ବିରୋଧରେ କଂଗ୍ରେସର ବିକ୍ଷୋଭ

- ଏସ୍‌ପି ଅଫିସ ଘେରାଉ କଲା ଜିଲା ଯୁବ କଂଗ୍ରେସ
- ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)

ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ବଢ଼ିବା ଓ ବଙ୍ଗଳା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଜାଳିଦେବା ଉଦ୍ୟମ ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରି ରାଜ୍ୟ ଯୁବ କଂଗ୍ରେସ ଏବଂ ପିସିସିର ପ୍ରତିନିଧିମଣ୍ଡଳୀ ପୁରୀ ଜିଲା କଂଗ୍ରେସ କର୍ମୀଙ୍କ ସହ ରବିବାର ଏସ୍‌ପି ଅଫିସ ଘେରାଉ କରିଥିଲେ। ଏଥିସହ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ବାଇକ ଶୋଭାଯାତ୍ରାରେ ଆସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ଆଇନକାନୁନ ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ନାରୀମାନେ ଅସୁରକ୍ଷିତ। ବାଲେଶ୍ୱର ଏଫ୍‌ଏମ୍ କଲେଜ ଏବଂ ବଳଙ୍ଗା ଘଟଣାକୁ ଦେଖିଲେ ପ୍ରଶ୍ନ ଉଠୁଛି ଯେ, ଭାଜପା ସରକାର 'ବର୍ଷ ଏକ ବିକାଶ ଅନେକ' ପ୍ରଚାର କରୁଥିବାବେଳେ ଏଠାରେ କିନ୍ତୁ ଅଲଗା କଥା। ବଳଙ୍ଗା ଅଞ୍ଚଳର ପୀଡ଼ିତା ହେଉଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀର ବାସିନ୍ଦା। ଦିନ ଦ୍ୱିପ୍ରହରରେ ନାବାଳିକାଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ କରାଯାଇଛି। ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ସନ୍ଦିଗ୍ଧଙ୍କୁ ଧରିପାରିନାହିଁ ପୋଲିସ। ଆଇନ ବିଭାଗ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ରାଜ୍ୟ ପିସିସି ସାଧାରଣ ସମ୍ପାଦକ ୟାସିର ନୱାଜ କହିଛନ୍ତି, ରାଜ୍ୟ ସରକାର ଏବଂ ପୋଲିସ ପ୍ରଶାସନର ନିଷ୍କ୍ରିୟତା ଦେଖାଯାଉଛି। ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ତଦନ୍ତ ବାଟବଣା ହେବ। ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦିଆଯିବାକୁ ନୱାଜ କହିଛନ୍ତି। ବିକ୍ଷୋଭରେ ନୱାଜଙ୍କ ସମେତ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଗୋପନ ମାର୍ଥା ଓ ସୁଦୀପ ସାମଲ, ଜିଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶଙ୍କ ନେତୃତ୍ୱରେ ଶତାଧିକ ଯୁବ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବି ନେଇ ସେମାନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।



ପୁରୀ ଏସ୍‌ପି ଅଫିସ୍ ସମ୍ମୁଖରେ କଂଗ୍ରେସ କର୍ମୀଙ୍କ ଧାରଣା।

# ବିବାହ ପାଇଁ ରାଜି ନ ହେବାରୁ ଯୁବତୀଙ୍କୁ ବଳାତ୍କାର, ୨ ଗିରଫ

ଡାବୁଗାଁ, ୨୦।୭ (ପ୍ରଜ୍ଞାରଞ୍ଜନ ପରିଡା)

ବିବାହ କରିବାକୁ ରାଜି ନ ହେବାରୁ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ନବରଙ୍ଗପୁର ଜିଲା ଡାବୁଗାଁ ଥାନା ପୋଲିସ ରବିବାର ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ଦଶମନ୍ତ ଭତ୍ରା (୨୬) ଓ ରମେଶ ଭତ୍ରା (୨୦)।

ପୋଲିସ ସୂଚନା ଅନୁଯାୟୀ, ଡାବୁଗାଁ ଥାନା ଅଧୀନ ସିଂଶାରୀ ପଞ୍ଚାୟତ ଅଞ୍ଚଳର ଦଶମନ୍ତ ତାଙ୍କ ପାଖ ଗ୍ରାମର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଯୁବତୀ ଜଣଙ୍କ ତାଙ୍କୁ ବିବାହ କରିବାକୁ ମନା କରି ଦେଇଥିଲେ। ଗତ ମାସ ୨୩ ତାରିଖ ସନ୍ଧ୍ୟାରେ ଯୁବତୀ ଜଣଙ୍କ ନିଜ ଦୋକାନ ବନ୍ଦ କରି ଘରକୁ ଫେରିବା ସମୟରେ ଦଶମନ୍ତ ଓ ତାଙ୍କ ସହଯୋଗୀ ରମେଶ ହଠାତ୍ ଏକ ବାଇକ୍‌ରେ ଆସି ତାଙ୍କୁ ଜୋର ଜବରଦସ୍ତି ଗାଡିରେ ବସାଇ ନିଜ ଘରକୁ ନେଇଯାଇଥିଲେ। ପରେ ଛତିଶଗଡ ଜଗଦଲପୁରକୁ ନେଇ ସେଠାରେ ଯୁବତୀଙ୍କ ଏକ ଘରେ ରଖିବା ସହ ଦଶମନ୍ତ ତାଙ୍କ ସହ ଜବରଦସ୍ତି ଶାରୀରିକ ସମ୍ପର୍କ ରଖିଥିଲେ। ପୁଣି ସେଠାରୁ ନିଜ ଗାଁକୁ ଆଣି ନିଜ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ଏହାର କିଛି ଦିନ ପରେ ଦଶମନ୍ତ ଯୁବତୀଙ୍କୁ ଆଣି ତାଙ୍କ ଗ୍ରାମରେ ଛାଡି ଚାଲି ଯାଇଥିଲେ। ଏନେଇ ପୀଡିତା ଯୁବତୀ ଜଣଙ୍କ ଶନିବାର ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ୧୫୪/୨୫ରେ ଏକ ମାମଲା ରୁଜୁ କରି ୨ ଯୁବକଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିଛି। ରବିବାର ଅପରାହ୍ନରେ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସବଇନ୍ସପେକ୍ଟର ବିକ୍ରମ କିଶୋର ସାହୁ ସୂଚନା ଦେଇଛନ୍ତି।

# ୨ ଜଣଙ୍କୁ ଅପହରଣ ଅଭିଯୋଗରେ ୩ ଗିରଫ

**ମୁକ୍ତି ପାଇଁ ୩ ଲକ୍ଷ ଦାବି କରିଥିଲେ ଅଭିଯୁକ୍ତ**

ବାଉଁଶୁଣୀ,୨୦।୭(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ମୁଣ୍ଡିପଦର ନିକଟରୁ ୨ ଜଣଙ୍କୁ ଅପହରଣ କରିବା ଓ ସେମାନଙ୍କ ମୁକ୍ତି ପାଇଁ ୩ ଲକ୍ଷ ଟଙ୍କା ଦାବି କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ସ୍ଥାନୀୟ ପୋଲିସ ରବିବାର ୩ ଅପହର୍ତ୍ତାଙ୍କୁ ଗିରଫ କରିଛି। ଅପହୃତଙ୍କ ବାପା ରମେଶ ସାହୁଙ୍କ ଏତଲା କ୍ରମେ ପୋଲିସ ମାମଲା (ନଂ.୧୨୧/୨୫)ରୁଜୁ କରି ତଦନ୍ତ ଚଳାଇଛି। ତଦନ୍ତ ପରେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ବାଉଁଶୁଣୀ ଥାନାଧିକାରୀ ସାରଦା ପ୍ରଶନ୍ନ ଦାସ କହିଛନ୍ତି।

ବଘିଆପଡା ପଞ୍ଚାୟତ ସାନ ଗୋଛାପଡ଼ା ଗ୍ରାମର ରମେଶଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ମାନସ ସାହୁ ଓ ତାଙ୍କ ଟ୍ରାକ୍ଟର ଡ୍ରାଇଭର ଦନ୍ତାପାଲି ଗ୍ୟାରେଜରେ ଟ୍ରାକ୍ଟର ମରାମତି ସାରି ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରେ ଘରକୁ ଫେରୁଥିଲେ। ମୁଣ୍ଡିପଦର ନିକଟରେ ତିନି ଅଭିଯୁକ୍ତ ସେମାନଙ୍କୁ ଅଟକାଇ ବାଇକ୍ ଓ ଟ୍ରାକ୍ଟର ଚାବି ଛଡ଼ାଇ ନେଇଥିଲେ। ପରେ ଉଭୟଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେଇ ରଖିଥିଲେ। ଏ ସମ୍ପର୍କରେ ମାନସ ନିଜ ବାପାଙ୍କୁ ରାତି ୧ଟାରେ ଫୋନରେ ଜଣାଇଥିଲେ। ୩ ଲକ୍ଷ ଟଙ୍କା ଦେଲେ ଅପହରଣକାରୀମାନେ ସେମାନଙ୍କୁ ଛାଡ଼ିଦେବେ ବୋଲି କହୁଥିବା ସୂଚନା ଦେଇଥିଲେ। ଏ ନେଇ ରମେଶ ବାଉଁଶୁଣୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ସଙ୍ଗେ ସଙ୍ଗେ ମାନସଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ୍ କରି ମନୁପାଲି ଖେଳ ପଡ଼ିଆ ନିକଟରୁ ରବିବାର ଭୋର୍‌ରେ ମାନସ ଓ ଟ୍ରାକ୍ଟର ଡ୍ରାଇଭରକୁ ଉଦ୍ଧାର କରିଥିଲା।

# ସ୍ତ୍ରୀଙ୍କୁ ଆଇରନ ଚେଙ୍କ

ସୋନପୁର,୨୦।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସୋନପୁର ଥାନା ନନ୍ଦନମାଳ ଗାଁର କଲ୍ୟାଣୀ ନାଗ(୨୩)ଙ୍କ ମୁହଁ, ହାତ ଓ ଶରୀରର ବିଭିନ୍ନ ସ୍ଥାନରେ ଆଇରନ ଚେଙ୍କ ଦିଆଯାଇଛି। ତାଙ୍କ ସ୍ୱାମୀ ମହେନ୍ଦ୍ର ନାଗ ଏହି କାଣ୍ଡ ଭିଆଇଛନ୍ତି। ଗତ ୧୬ ତାରିଖରେ ମହେନ୍ଦ୍ର କୌଣସି କାରଣକୁ ନେଇ ଉତ୍ତେଜିତ ହୋଇ ଯାଇଥିଲେ। ସେ ଶାର୍ଟ ଆଇରନ କରୁଥିବା ବେଳେ ଗରମ ଆଇରନକୁ କଲ୍ୟାଣୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଲଗାଇ ଦେଇଥିଲେ। ଚିତ୍କାର କରିବାରୁ ମହେନ୍ଦ୍ର ସେଠାରୁ ପଳାଇଥିଲେ। ଗୁରୁତର ଅବସ୍ଥାରେ କଲ୍ୟାଣୀଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଥିଲା। ଏବେ କଲ୍ୟାଣୀ ସମ୍ବଲପୁର ଜିଲା କଷଣ୍ଡା ଗ୍ରାମସ୍ଥିତ ନିଜ ବାପାଙ୍କ ଘରେ ରହିଛନ୍ତି। ସ୍ୱାମୀଙ୍କ ଅକଥନୀୟ ନିର୍ଯାତନା ବିରୋଧରେ ସେ ସୋନପୁର ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ. ୧୫୮/୨୦୨୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବା ପାଇଁ ତନାଘନା ଜାରି ରଖିଛି।

> ଯେଉଁ ଶକ୍ତି ସବୁ ସାଧନ କରିପାରିବ– ତାହା ଅଛି । କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି । ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ । ଆସ– ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା । –ଶ୍ରୀଅରବିନ୍ଦ

-କାମଦା ଏକାଦଶୀ,
ଚକ୍ରବୁଲା, ହଳ ନିଷେଧ



# ୫ଟା ୩୦

ନାରୀ ସଶକ୍ତୀକରଣ ବିଷୟରେ ମହାତ୍ମା ଗାନ୍ଧୀ ଏକଦା କହିଥିଲେ–ଯେଉଁଦିନ ଜଣେ ମହିଳା ରାତିରେ ରାସ୍ତାରେ ମୁକ୍ତ ଭାବେ ଚାଲିପାରିବେ, ସେହିଦିନ ଆମେ କହିପାରିବୁ ଯେ ଭାରତ ସ୍ୱାଧୀନତା ହାସଲ କରିଛି । ମହାତ୍ମାଙ୍କ ବାଣୀରୁ ଖିଅ ଧରି ଆଲୋଚନା କଲେ କୁହାଯାଇପାରେ ଯେ, ସାମାଜିକ ବ୍ୟବସ୍ଥା ଓ ପ୍ରତ୍ୟେକ ପୁରୁଷଙ୍କ ମାନସିକତାରେ ନାରୀମାନଙ୍କ ପାଇଁ ଏକ ସମ୍ମାନବୋଧ ଦେଖାଦେଲେ ଯାଇ ପରିବର୍ତ୍ତନ ଆସିପାରିବ । ନିୟମ ଉଲ୍ଲଂଘନକାରୀଙ୍କ ପାଇଁ କଡ଼ା ଆଇନ ଥିଲେ ମଧ୍ୟ ଅପରାଧ ଘଟିଚାଲିଛି । ଯଦି ଏହାର ମୂଳକୁ ଯାଇ ଚିନ୍ତା କରିବା ତେବେ ଭିନ୍ନ ଭିନ୍ନ ଦିଗକୁ ଦେଖିବା । ନାରୀ ତା'ର ସୁରକ୍ଷା ପାଇଁ ସ୍ୱାଧୀନତାକୁ ବଳି ଦେଉଛି । ଉଦାହରଣ ଭାବେ ଦେଖିଲେ ଝିଅଟିଏ ପଢ଼ିବା ପାଇଁ ବାହାରକୁ ବାହାରିଲେ ବିଭିନ୍ନ ପ୍ରକାର କଟକଣାର ସମ୍ମୁଖୀନ ହୋଇଥାଏ । ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ଦେଇ କର୍ମକ୍ଷେତ୍ରକୁ ଯିବା ଯାଏ ପିଲାଟି ବେଳୁ ଯେଉଁ ମାନସିକତା ଦେଇ ଝିଅଟି ବଢ଼ି ଆସିଥାଏ, ସେଥିରେ ସହଜରେ ଉନ୍ନତି ଆସିପାରି ନ ଥାଏ । ଭାରତୀୟ ମାନସିକତାରେ ଏସବୁକୁ ସାଧାରଣ ଆଚରଣ ଭାବେ ଧରିନିଆଯାଇଥିବାରୁ ସେଥିପ୍ରତି ଧ୍ୟାନ ଦିଆଯାଉନାହିଁ । ମନେରଖିବାକୁ ହେବ ଯେ ଏହି ମାଟିର ଇତିହାସ ଦେଖିଲେ ମହିଳାମାନଙ୍କ ପାଇଁ ପରଦା କିମ୍ବା ଅନ୍ୟ କୌଣସି ମୁହଁ ଲୁଚାଇବା ବ୍ୟବସ୍ଥା କରାଯାଇ ନ ଥିଲା । ମୁସଲମାନ ଆକ୍ରମଣ ପରେ ଘୁଁଘଟ ଭଳି ଲମ୍ବା ଓଢ଼ଣି ଉତ୍ତର ଭାରତରେ ପ୍ରବେଶ କଲା । ସେହି ସମୟ ପରେ, କ୍ରମଶଃ ସମଗ୍ର ଉପମହାଦେଶରେ ଏହି ପଶ୍ଚାତପଦ ମାନସିକତା ଜୋର ଧରିଲା ।

ସନ୍ଧ୍ୟା ସାଢ଼େ ୫ଟାରେ ଅର୍ଥାତ୍ ସୂର୍ଯ୍ୟାସ୍ତ ପୂର୍ବରୁ ଝିଅ ଓ ମହିଳା କର୍ମଚାରୀମାନଙ୍କୁ ବିଦା କରିଦେବାର ମାନସିକତା ସେହି ପୁରୁଣା ମୁସଲମାନ ସମ୍ପ୍ରଦାୟର ପରଦା ବ୍ୟବସ୍ଥାକୁ ପୁନର୍ଜୀବିତ କରାଇବ। ସମ୍ଭବତଃ ଆଉ କିଛି ସମୟ ବିତିଗଲା ପରେ ଝିଅମାନଙ୍କୁ ବୁର୍ଖା ପିନ୍ଧାଇ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଘୋଡ଼ାଇ ରଖିବାର ବ୍ୟବସ୍ଥା ଆମ ହିନ୍ଦୁତ୍ୱ ଶାସକମାନେ ପ୍ରଚଳନ କରାଇପାରନ୍ତି। ତା'ର ଏକମାତ୍ର କାରଣ ହେଉଛି ପ୍ରଶାସନିକ ଦକ୍ଷତା ଅଭାବରୁ ଏଭଳି ବିକଟାଳ ଚିନ୍ତାଧାରା ଜନ୍ମ ନେଉଛି।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରୀ, ଅଧ୍ୟାପିକା ଏବଂ ମହିଳା କର୍ମଚାରୀ ଅପରାହ୍ନ ୫ଟା ୩୦ ପରେ ବୁଲିପାରିବେ ନାହିଁ ବୋଲି ୧୭ ଜୁଲାଇରେ କୁଳପତିଙ୍କ ନିର୍ଦ୍ଦେଶ କ୍ରମେ କୁଳସଚିବଙ୍କ ପକ୍ଷରୁ ଏଭଳି ଏକ କଟକଣା ଜାରି କରାଯାଇଥିଲା । ବିଶ୍ୱବିଦ୍ୟାଳୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ୧୮ ଜୁଲାଇରେ ଏ ସମ୍ପର୍କରେ ଗଣମାଧ୍ୟମକୁ ଜଣାଇଥିଲେ । ବିଭିନ୍ନ ମହଲ ଗଣମାଧ୍ୟମରେ ଏହି ନିର୍ଦ୍ଦେଶନାମାକୁ ମହିଳା ବିରୋଧୀ ମାନସିକତା ବୋଲି କୁହାଯାଇ ଘୋର ସମାଲୋଚନା ହେବା ପରେ କଟକଣା ଜାରିର ଘଣ୍ଟାଏ ପରେ ତାହାକୁ ପ୍ରତ୍ୟାହାର କରିନିଆଗଲା । ପ୍ରତ୍ୟାହାର ସିନା କରିନିଆଗଲା, କିନ୍ତୁ ତାହା ଏକ ବିକୃତ ମାନସିକତାକୁ ପଦାରେ ପକାଇଲା । ତାଲିବାନ ଚିନ୍ତାଧାରା ଭଳି ଏହି ନିଷ୍ପତ୍ତି ଦର୍ଶାଇଲା ଯେ କର୍ତ୍ତୃପକ୍ଷ ଓ ସମାଜ ମହିଳାଙ୍କୁ ସମ୍ମାନ ଓ ସୁରକ୍ଷା ଦେବାରେ ବିଫଳ ବୋଲି ସ୍ୱୀକାର କରିବା ସହିତ ଝିଅମାନଙ୍କୁ ଘରକୁ ପଠାଇଦେଇ ନିଜ ଦାୟିତ୍ୱରୁ ଓହରିଗଲେ । ଏଭଳି ଚିନ୍ତାଧାରା ମହିଳାମାନଙ୍କୁ ମୁଖ୍ୟ ସ୍ରୋତରୁ ଦୂରେଇଦେବ । ଉଦାହରଣ ସ୍ୱରୂପ ଏକ ବିଶ୍ୱବିଦ୍ୟାଳୟରେ ଅନେକ ଗବେଷଣା ଛାତ୍ରୀ ପାଠ ପଢ଼ୁଛନ୍ତି । ସେମାନଙ୍କୁ ସହଯୋଗ କରିବା ପାଇଁ ମହିଳା ଅଧ୍ୟାପକ, ପ୍ରଫେସର ଡେରି ପର୍ଯ୍ୟନ୍ତ ରହି କାମ କରିଥାନ୍ତି । ଅପରାହ୍ନ ସାଢ଼େ ୫ଟାରେ ଅର୍ଥାତ୍ ସୂର୍ଯ୍ୟାସ୍ତ ପୂର୍ବରୁ ଝିଅ ଓ ମହିଳା କର୍ମଚାରୀମାନଙ୍କୁ ବିଦା କରିଦେବାର ମାନସିକତା ସେହି ପୁରୁଣା ମୁସଲମାନ ସମ୍ପ୍ରଦାୟର ପରଦା ବ୍ୟବସ୍ଥାକୁ ପୁନର୍ଜୀବିତ କରାଇବ । ସମ୍ଭବତଃ ଆଉ କିଛି ସମୟ ବିତିଗଲା ପରେ ଝିଅମାନଙ୍କୁ ବୁର୍ଖା ପିନ୍ଧାଇ ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଘୋଡ଼ାଇ ରଖିବାର ବ୍ୟବସ୍ଥା ଆମ ହିନ୍ଦୁତ୍ୱ ଶାସକମାନେ ପ୍ରଚଳନ କରାଇପାରନ୍ତି । ତା'ର ଏକମାତ୍ର କାରଣ ହେଉଛି ପ୍ରଶାସନିକ ଦକ୍ଷତା ଅଭାବରୁ ଏଭଳି ବିକଟାଳ ଚିନ୍ତାଧାରା ଜନ୍ମ ନେଉଛି ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୧ ଜୁଲାଇ ୧୯୭୬

- ଜାତୀୟ ଅର୍ଥନୀତିର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଦ୍ୟୋଗ– ପରୋକ୍ଷ ଟିକସ ବ୍ୟବସ୍ଥା ଏବଂ ଜାତୀୟକରଣ ବ୍ୟାଙ୍କ ସମୂହ ସମ୍ପର୍କରେ ଅନୁଧ୍ୟାନ କରିବା ନିମନ୍ତେ ୨ଟି ଉଚ୍ଚ କ୍ଷମତାପନ୍ନ କମିଟି ଗଠିତ ।
- ପଣ୍ୟବାହୀ ଜାହଜ ଚଳାଚଳ ସମ୍ପର୍କରେ ଭାରତ ଓ ରୁଷିଆ ମଧ୍ୟରେ ଏକ ନୂତନ ରାଜିନାମା ସ୍ୱାକ୍ଷରିତ ।
- ବାଂଲାଦେଶ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ହୋଇଥିବା ଏକ ଷଡ଼ଯନ୍ତ୍ରର ନେତାଙ୍କୁ ସ୍ୱତନ୍ତ୍ର ସାମରିକ ଅଦାଲତରେ ପ୍ରାଣଦଣ୍ଡ ଆଦେଶ ଦିଆଯାଇଛି ।



ଡ. ବିମଳ ଷଡ଼ଙ୍ଗୀ

# ଶାନ୍ତି ପ୍ରୟାସର ଆହ୍ୱାନ

ସଚେତନତା ଅଭାବରୁ କୋର୍ଟ କଚେରି, ଥାନାର ଭୟ ଦେଖାଇ କିଛି ଖଳପ୍ରକୃତିର ବ୍ୟକ୍ତି ସାଧାରଣ ଜନତାଙ୍କୁ ଭୟଭୀତ କରନ୍ତି ଏବଂ ପରେ ଡାହାଣୀ ହୋଇ ଲାଗିବା ଓ ଗୁଣିଆ ହୋଇ ଛଡ଼ାଇବା ନୀତିରେ ମଧ୍ୟସ୍ଥି ହୋଇ ସେମାନଙ୍କର ସର୍ବସ୍ୱ ଲୁଟନ୍ତି । ଫଳରେ ସବୁଦିନ ପାଇଁ ସେମାନେ ଭୟରେ ସେମାନଙ୍କ ପାଦତଳେ ରହିଥା'ନ୍ତି ଏବଂ କାଳକ୍ରମେ ସେହିପରି ନୀଚ ବ୍ୟକ୍ତିମାନେ ଅର୍ଥ ଓ ବାହୁବଳରେ ବଳୀୟାନ୍ ହୋଇ ରାଜନୀତିରେ ପ୍ରବେଶ କରି ଚଞ୍ଚକତାର ସହିତ ସବୁଦିନ ପାଇଁ ନେତା ଭାବରେ ନିଜକୁ ଉପସ୍ଥାପିତ କରି ଅୟସ କରନ୍ତି, ଯାହା ଏବେ ବି ଭାରତରେ ଭିନ୍ନ ରୂପରେ ବିଦ୍ୟମାନ ଏବଂ ତା'ର ବିକଶିତ ରୂପ ସାରା ବିଶ୍ୱରେ ମହାମାରୀ ଭଳି ମାଡ଼ିଚାଲିଛି, ଯାହା ବିଚାରଯୋଗ୍ୟ ।

ଯେତେବେଳେ ଦେଶ–ଦେଶ ଭିତରେ ବିବାଦ ଉପୁଜେ, ସେତେବେଳେ କିଛି ଦେଶର ରାଜନେତା ନିଜର ବାହାଦୁରି ଦେଖାଇ ପ୍ରଚାର କରନ୍ତି ଯେପରି ମୋ ମଧ୍ୟସ୍ଥି ଯୋଗୁ ସେମାନେ ଯୁଦ୍ଧ ନ କରି ନିଜ ଭିତରେ ମିଳାମିଶା କରିଦେଲେ,ତେଣୁ ମୁଁ ବହୁତ କରିତ୍‌କର୍ମା । ଉଦାହରଣ ସ୍ୱରୂପ, ଜୁନ୍ ୨୦୨୫ରେ ଡୋନାଲ୍ଡ ଟ୍ରମ୍ପ୍ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ବିରତି ପାଇଁ ନିଜର ମଧ୍ୟସ୍ଥତାକୁ ବିଭିନ୍ନ ଗଣମାଧ୍ୟମରେ ପ୍ରଚାର କରିଥିଲେ, ମାତ୍ର ଭାରତର ସ୍ପଷ୍ଟ ବାର୍ତ୍ତା ଥିଲା ଯେ, 'ଏହି ଯୁଦ୍ଧବିରତି ୧୯୭୨ ସିମ୍‌ଲା ଚୁକ୍ତିନାମା ଅନୁସାରେ ସିଧାସଳଖ ସାମରିକ ବୁଝାମଣା ଦ୍ୱାରା ହୋଇଥିଲା, ଭାରତ କେବେ ବି ତୃତୀୟ ପକ୍ଷ ମଧ୍ୟସ୍ଥତାକୁ ଗ୍ରହଣ କରିନାହିଁ ବା କରିବ ନାହିଁ ।' ଏହାପରେ ଟ୍ରମ୍ପଙ୍କ ମିଛ ଘୋଷଣା ଧରାପଡ଼ିଥିଲା ଏବଂ ସେ ନିଜର ବକ୍ତବ୍ୟ ବଦଳାଇଥିଲେ । ଆଜିକାଲି ସମାନ ଧରଣର କାର୍ଯ୍ୟ ସାରା ବିଶ୍ୱରେ କିଛି ରାଷ୍ଟ୍ରମୁଖ୍ୟ କରିଆସୁଛନ୍ତି, ଫଳରେ ଭବିଷ୍ୟତରେ ଦେଶ–ଦେଶ ମଧ୍ୟରେ ଅବିଶ୍ୱାସ ଓ ହିଂସାର ବାତାବରଣ ସୃଷ୍ଟି ହେବ, ଏହା ନିଃସନ୍ଦେହ । ବର୍ତ୍ତମାନର ଇରାନ୍–ଇସ୍ରାଏଲ୍, ଇସ୍ରାଏଲ୍–ହମାସ୍, ରୁଷ୍–ୟୁକ୍ରେନ୍ ଏବଂ ଭାରତ–ପାକିସ୍ତାନ ଭଳି ଯୁଦ୍ଧ ଦ୍ୱାରା ବିଶ୍ୱରେ ବିଶ୍ୱସନୀୟତା ଓ ସାର୍ବଜନୀନ ଭାବରେ ଗୃହୀତ ମଧ୍ୟସ୍ଥତାକାରୀଙ୍କ ସମ୍ପୂର୍ଣ୍ଣ ଅଭାବ ପରିଲକ୍ଷିତ ହୁଏ ଏବଂ ମିଳିତ ଜାତିସଂଘ ବୋଲି ଗୋଟିଏ ବିଶ୍ୱ ସଂଗଠନ ଥିବାପରି ମନେହୁଏ ନାହିଁ, ଯାହାର ଫଳସ୍ୱରୂପ ଲକ୍ଷଲକ୍ଷ ନିରୀହ ଜନତା ଯୁଦ୍ଧ ଦ୍ୱାରା ପ୍ରାଣ ହରାଉଛନ୍ତି ।

ଇତିହାସର ୧୯୭୦ ଦଶକକୁ ଫେରିଯିବା । ଶୀତଳ ଯୁଦ୍ଧ ସମୟରେ ସୋଭିଏଟ୍ ୟୁନିୟନକୁ ରୋକିବା ପାଇଁ ମାଓ ଜେ ଡୋଙ୍ଗଙ୍କ ସହ ହେନ୍‌ରି କିସିଞ୍ଜରଙ୍କ ଗୁପ୍ତ କୂଟନୀତି ବିଶ୍ୱସନୀୟ କାର୍ଯ୍ୟ କରିଥିଲା ଓ ବିଶ୍ୱ ମେଣ୍ଟକୁ ପୁନଃ ଆକୃତି



ଦେବା ପାଇଁ ବାସ୍ତବବାଦୀ ରାଜନୀତି ବ୍ୟବହାର କରିଥିଲେ । ସେହିପରି ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଫ୍ରାଙ୍କ୍‌ଲିନ ଡି. ରୁଜ୍‌ଭେଲ୍ଟ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମୁଖ୍ୟ ନେତୃତ୍ୱ ଦେଇଥିଲେ । ଯୁଦ୍ଧ ପରେ ବ୍ରିଟେନ୍‌ର ଚର୍ଚ୍ଚିଲ ଏବଂ ସୋଭିଏଟ୍ ୟୁନିଅନର ଷ୍ଟାଲିନ୍‌ଙ୍କ ସହ ମିଶି ମିଳିତ ଜାତିସଂଘ ଗଠନର ପ୍ରମୁଖ ପ୍ରବନ୍ଧକ ଥିଲେ । ଯାହା ରାଷ୍ଟ୍ର–ରାଷ୍ଟ୍ର ମଧ୍ୟରେ ଭବିଷ୍ୟତ ଯୁଦ୍ଧ ରୋକିବା ଏବଂ ବିଶ୍ୱରେ ଶାନ୍ତି ସ୍ଥାପନ ପାଇଁ ଗଠିତ ହୋଇଥିଲା । ଏହାଥିଲା ପ୍ରକୃତ ରାଜନୈତିକ ବ୍ୟକ୍ତିଙ୍କ ସମାଜର ମଙ୍ଗଳ ପାଇଁ ସୁସ୍ଥ ଆଚାର ଓ ବିଚାର । ସେହିପରି ଆମେରିକାର ରାଷ୍ଟ୍ରପତି ଜିମି କାର୍ଟର, ୧୯୭୮ ମସିହାରେ କ୍ୟାମ୍ପ ଡେଭିଡ୍ ଚୁକ୍ତିନାମାରେ ମଧ୍ୟସ୍ଥତା କରିଥିଲେ, ଯାହା ଦ୍ୱାରା ଇସ୍ରାଏଲ ଓ ମିଶର ମଧ୍ୟରେ ଏକ ଐତିହାସିକ ଶାନ୍ତିଚୁକ୍ତି ହେଇଥିଲା ।

୨୦୨୫ ମଧ୍ୟଭାଗରେ ବିକାଶୋନ୍ମୁଖୀ ବିଶ୍ୱରେ ଇସ୍ରାଏଲ ଏବଂ ଇରାନ୍ ପରସ୍ପରକୁ କ୍ଷେପଣାସ୍ତ୍ର ବିନିମୟ କରୁଛନ୍ତି, ଟ୍ରମ୍ପ୍ ନିଆଁରେ ଘିଅ ଢାଳି ନିଜର ସ୍ୱାର୍ଥ ହାସଲ ଲାଗି ଇରାନ୍ ଉପରେ ବଙ୍କର ବିଧ୍ୱଂସୀ ବୋମା ପକାଇ ଇରାନ୍‌କୁ ନଷ୍ଟ କରିଚାଲିଛନ୍ତି ଯେପରି କିଛି ବର୍ଷ ପୂର୍ବେ ଇରାକ ଶିକାର ହୋଇଥିଲା । ଫଳରେ ବିଖଣ୍ଡିତ ବିଶ୍ୱକୁ ସୁଯୋଗବାଦୀ ମଧ୍ୟସ୍ଥତା ସମ୍ପୂର୍ଣ୍ଣ ବିଫଳ ଏବଂ ଶାନ୍ତି ସ୍ଥାପନକାରୀଙ୍କ ଅଭାବ ଯୋଗୁଁ ସମାଧାନ ସୂତ୍ର ବହୁ ଦୂରରେ । ଅନେକ ରାଷ୍ଟ୍ର ଧର୍ମ ନାମରେ ମାନବ ବିଧ୍ୱଂସକାରୀ ଅସ୍ତ୍ର ଓ ସଙ୍ଗଠନକୁ ପ୍ରସ୍ତୁତ କରି ମାନବ ସଭ୍ୟତାକୁ ନଷ୍ଟ କରିବାକୁ ବ୍ୟସ୍ତ । ଅପରେଶନ ସିନ୍ଦୂର ପରେ ଭାରତ–ପାକିସ୍ତାନ ଉତ୍ତେଜନା ରହୁଛି । କିସିଞ୍ଜରଙ୍କ ଶଟଲ କୂଟନୀତି ଓ ଅନୱର ସାହ ଏବଂ ମେନାଚେମ ବେଗିନଙ୍କ ମଧ୍ୟରେ ବହୁଦିନର ଶାନ୍ତି ମିଳାମିଶା ଆଜିର ତଥାକଥିତ ଶାନ୍ତି ସ୍ଥାପନକାରୀମାନଙ୍କ ଛଦ୍ମବେଶର ଡିଲ୍ ମେକର ଭାବରେ ବହୁଦୂରରେ । ସର୍ବିଆ–କୋସୋଭୋର ବିଭେଦ ମଧ୍ୟରେ ଟ୍ରମ୍ପଙ୍କ ଛଦ୍ମବେଶୀ ମଧ୍ୟସ୍ଥତା ଏକ କାଚଘର ପରି ଗୋଟିଏ ସପ୍ତାହ ଭିତରେ ଭାଙ୍ଗି ପଡ଼ିଥିଲାଏବଂ ରୁଷର ଭ୍ଲାଦିମିର ପୁଟିନଙ୍କ ମସ–ଗା–ତେହେରାନ ଚୁକ୍ତି ତାଙ୍କୁ ପଶ୍ଚିମ ଏସିଆରେ ଦଲାଲ ଭାବରେ ବିବେଚନା କରେ, ସେ ମଧ୍ୟ ଇରାନକୁ ଡ୍ରୋନ ଏବଂ କୌଶଳଗତ ପରାମର୍ଶଦାତା ଯୋଗାଣରେ ଏତେ ବ୍ୟସ୍ତ ଯେ, ଇସ୍ରାଏଲ ଏହାକୁ ଗମ୍ଭୀରତାର ସହିତ ନେଇପାରିନାହିଁ । ଚାଇନାର 'ବେଲ୍ଟ ଆଣ୍ଡ୍ ରୋଡ଼' ପ୍ରୋଜେକ୍ଟ ପାଇଁ କଶ୍ମୀର ଉପରେ ତାହାର ନୀରବତା ଓ ଅପରେଶନ ବୁନୟାନ ମାର୍ସୁସ ପାଇଁ ପାକିସ୍ତାନକୁ ସାମରିକ ସହାୟତା ଯୋଗାଣ ଅବିଶ୍ୱାସର ଏକ ଜ୍ୱଳନ୍ତ ଉଦାହରଣ । ୟୁକ୍ରେନ୍‌ର ଗଚ୍ଛିତ ପ୍ରାକୃତିକ ସମ୍ପଦ ଉପରେ ଆମେରିକାର ଲୋଲୁପଦୃଷ୍ଟି କେବେବି ଆମେରିକାକୁ ରୁଷ–ୟୁକ୍ରେନ୍‌ର ମଧ୍ୟସ୍ଥି କରାଇ ଦେବନାହିଁ ।

ଭାରତ ସ୍ୱାଧୀନତା ସମୟରେ ବ୍ରିଟେନ୍‌ର ଚର୍ଚ୍ଚିଲଙ୍କ ଚାଲ୍ ଯୋଗୁ ଓ ସେତେବେଳର ନେତାମାନଙ୍କର ଅଦୂରଦର୍ଶୀତା ହେଉ ବା ସମୟର ଅସ୍ଥିର ଅବସ୍ଥା ହେଉ ଅଖଣ୍ଡ ଭାରତକୁ ଧର୍ମ ନାଁରେ ବିଖଣ୍ଡିତ କରିବାର ଫଳ ସ୍ୱରୂପ ଭାରତ ଓ ପାକିସ୍ତାନ ଏବଂ ପରେ ବାଂଲାଦେଶର ସୃଷ୍ଟି । ଏହା ଏପରି ଏକ ସୃଷ୍ଟି ଯେ, ଯେତେଦିନ ପର୍ଯ୍ୟନ୍ତ ଦେଶଗୁଡ଼ିକର ସାଧାରଣ ଜନତା ସଚେତନ ହୋଇ ନଥିବେ, ସେତେଦିନ ପର୍ଯ୍ୟନ୍ତ ଧର୍ମର ଦ୍ୱାହିଦେଇ ଉଭୟଦେଶ ମଧ୍ୟରେ ବିବାଦ ଲାଗି ରହିବ । କିଛି ଦେଶ ଓ ବ୍ୟକ୍ତି ଏହାର ସୁଯୋଗରେ ସାଧାରଣ ଲୋକଙ୍କ ଧନଜୀବନ ନଷ୍ଟ କରିଚାଲିଥିବେ, କେତେବେଳେ ଚାଇନା ତ କେତେବେଳେ ଆମେରିକା ସ୍ୱାର୍ଥ ପାଇଁ ମଧ୍ୟସ୍ଥି ହେବାକୁ ଆଗେଇ ଆସିବେ, ଠିକ୍ ଯେପରି ବିଲେଇ କଳିରେ ମାଙ୍କଡ଼ ମଧ୍ୟସ୍ଥି । ଏ ଘଡ଼ିସନ୍ଧି ମୁହୂର୍ତ୍ତରେ ବିଶ୍ୱକୁ ଜଣେ ଶାନ୍ତି ନିର୍ମାତାଙ୍କ ନିତାନ୍ତ ଆବଶ୍ୟକତା ଅଛି, ଜଣେ ଲୋକପ୍ରିୟ, କ୍ଷମତା–ଲୋଭୀ ସୁଯୋଗବାଦୀ, ବିସ୍ତାରବାଦୀ, ପରସ ଅପହରଣକାରୀ ନୁହେଁ ବରଂ ଜଣେ କାର୍ଟରଙ୍କ ନୈତିକ କର୍ତ୍ତୃତ୍ୱ ଏବଂ ଜଣେ କିସିଞ୍ଜରଙ୍କ ପରି ବୁଦ୍ଧିମାନ୍ ରାଷ୍ଟ୍ରନୀତିଜ୍ଞଙ୍କ ଆବଶ୍ୟକତା ଅଛି । ଯେପର୍ଯ୍ୟନ୍ତ ଏପରି ବ୍ୟକ୍ତିତ୍ୱ ଆସିବେ ନାହିଁ, ସେପର୍ଯ୍ୟନ୍ତ ବିଶ୍ୱରେ ରକ୍ତର ହୋଲି ଚାଲିଥିବ, ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ କରିବ ଏବଂ ବିନାଶରେ ଅଙ୍କୁରୋଦ୍‌ଗମ ହୋଇ ବଢ଼ି ଚାଲୁଥିବା ଏକ ଅସ୍ତ୍ରଶିଳ୍ପକୁ ପ୍ରୋତ୍ସାହନ ଯୋଗାଇବ । ଅନେକ ଦେଶକୁ ଚିରଶୃଙ୍ଖଳ ମଧ୍ୟରେ ରଖି କିଛି ନୀଚ ରାଷ୍ଟ୍ରଙ୍କର ନୀଚ ବ୍ୟକ୍ତି ବିଶ୍ୱବ୍ୟାପୀ ରକ୍ତନଦୀ ବୁହାଇ ଖୁସିରେ ଅୟସ କରିଚାଲିବେ, ଠିକ୍ ଯେପରି ଖଳପ୍ରକୃତିର ବ୍ୟକ୍ତି କରନ୍ତି । ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଭାରତ ଭଳି ଶାନ୍ତିକାମୀ ମାନବ ସମ୍ବଳ ରାଷ୍ଟ୍ରରୁ ପୁଣି ଥରେ ବିଶ୍ୱରେ ଶାନ୍ତିର ପ୍ରତିଷ୍ଠା ପାଇଁ ପ୍ରୟାସ ଆରମ୍ଭ ହେବାର ପ୍ରକୃଷ୍ଟ ସମୟ ଆସିଯାଇଛି, ଅନ୍ୟଥା ନିଃସନ୍ଦେହରେ ବିଶ୍ୱଶାନ୍ତିର ସୂଚନା ବହୁ ଦୂରରେ ଏବଂ ମାନବ ସଭ୍ୟତାର ଅନ୍ତ ସନ୍ନିକଟ ।

**ସଂସାଧନ ବ୍ୟକ୍ତି, ଭାରତୀୟ ମାନକ ବ୍ୟୁରୋ, ଭୁବନେଶ୍ୱର, ଭାରତ ସରକାର**
**ମୋ: ୯୪୩୭୧୨୩୮୯୨**



ହରେକୃଷ୍ଣ ଦାସ

# ମାଗଣା ଲଙ୍କା

ପ୍ରଥମ ଥର ନିଜେ ନିଜେ ହାଟକୁ ଯାଉଥିବାରୁ ପରିବା କିଣା ବିଷୟରେ ପତ୍ନୀ ଦେଇଥିବା ଜ୍ଞାନକୁ ଘୋଷି ହେଉଥାଏ – ପରିବା କିଣିବା ପୂର୍ବରୁ ଆଗ ହାଟ ସାରା ବୁଲି ବିଭିନ୍ନ ଜାଗାରୁ ରେଟ୍ ବୁଝିବ । ଦୋକାନୀ ଯୋଉ ପରିବା ନିଜେ ବାଛିକରି ଦେଉଥିବ, ସେ ସବୁ କେବେ ବି ଭଲ ଜିନିଷ ନୁହଁ । ବୋକା ଗ୍ରାହକ ଦେଖିଲେ ସେମାନେ ସବୁ ଖରାପ ମାଲ ବିକେଇ ଦିଅନ୍ତି । ତେଣୁ ତାଙ୍କ ସାମ୍ନାରେ ନିଜ ମୂର୍ଖତା ଦେଖେଇବନି । ପରିବା ଯେତେ ତାଜା ଦିଶୁଥିଲେ ବି ଦୋକାନୀକୁ କହିବ ଯେ ଏଗୁଡ଼ାକ ବାସି, ହରମୋନ ମରା ହେଇଛି ଯେ ଫ୍ରିଜ୍‌ରେ ଦି'ଦିନ ରହିବନି । ପରିବା ଓଜନ କଲାବେଳେ ସାବଧାନ ଥିବ । ଅଧକିଲୋ ଅମୃତଭଣ୍ଡା ଆଣୁଥିଲେ ଦି' ଚାରିଥର ଅଲଗା ଅଲଗା ଭଣ୍ଡା ଓଜନ କରିବ ଯେମିତି ସତୁରି ଅଶୀ ଗ୍ରାମ୍ ଅଧିକ ଓଜନ ହଉଥିବ । ଦୋକାନୀ ସେତକ ପାଇଁ ଅଧିକ ପଇସା ନେବନି, ସେତକ ଆମର ଲାଭ । ହଁ, ଲଙ୍କା ଲେମ୍ବୁ କି ଧନିଆପତ୍ର – ୟା ଭିତରୁ ଯାହା ହେଲେ ଗୋଟେ ମାଗଣା ଆଣିବା ଗରାଖଙ୍କର ଅଲିଖିତ ଅଧିକାର । କିନ୍ତୁ ଦୋକାନୀଗୁଡ଼ାକ ମହା ଲୋଭି, ନ ମାଗିଲେ ଦେବେନି । ପ୍ରେଷ୍ଟିଜ ଚାଲିଯିବ ଭାବି ନ ମାଗି ଚୁପ୍‌ଚାପ ପଳେଇଆସିବନି । ମୁଠାଏ ଲଙ୍କା ହଉ ପଛେ ଯେମିତି ହେଲେ ମାଗି ଆଣିବ । ଯଦି ଦି'ତିନି ଜାଗାରୁ କିଣୁଥାଅ ତେବେ ଜଣକଠାରୁ ଲଙ୍କା ହେଲେ ଆଉ ଜଣକଠାରୁ ଲେମ୍ବୁ ନେଇଆସିବ ।

ହାଟ ଆରମ୍ଭରୁ ପିଲାଟିଏ ଉପରେ ନଜର ପଡ଼ିଗଲା । ବୟସ ଅଠର କି କୋଡ଼ିଏ ହବ । ମନେମନେ ଖୁସି ହେଲି ଯେ ଯାହାହେଉ, ମଦ ଗଞ୍ଜେଇ ଖାଇ ଲଫଙ୍ଗା ଭଳିଆ ନ ବୁଲି ପିଲାଟା ଦି'ପଇସା ପାଇଁ ପରିଶ୍ରମ କରୁଛି । ତା'ଠାରୁ କିଣି ତାକୁ କିଛି ରୋଜଗାର କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବା ଉଚିତ । ପ୍ରାୟ କୋଡ଼ିଏ ମିନିଟ ଧରି ପରିବା ବାଛି, ମୂଲଚାଲ କରି ଶହେ କୋଡ଼ିଏ ଟଙ୍କାର ଚାରି ପ୍ରକାର ପରିବା କିଣି ସାରି କିଛି ଲଙ୍କା ମାଗଣାରେ ପକେଇ ଦେବାକୁ କହିବାରୁ ପିଲାଟି ଅମଙ୍ଗ ହେଲା । ଘୋଷିଥିବା ଗାଳିରୁ ମନେପକେଇ କହିଲି, 'ତୁ ଏତିକିଟିଏ ପିଲା, ଆଜହୁଁ ଏତେ ଲୋଭ! ଏମିତି ବେପାର କଲେ ତ ତୁ ଦିନେ ଆଦାନୀକୁ କିଣିଦେବୁ!' ଅରାଜି ସତ୍ତ୍ୱେ ପିଲାଟି କିଛି ଲଙ୍କା ଦେଲା ।

ମୋର ଆଚରଣ ଦେଖି ଆଶ୍ଚର୍ଯ୍ୟ ହେଇଯାଇ ଝିଅ କହିଲା, ''ବାପା, ବୋଧେ ତମେ ବାଛିଥିବା ପରିବା ଭଲନୁହଁ । ସେ ପିଲାକୁ ତମେ ଲୋଭି କହୁଛ, ଅଥଚ ନିଜେ ପାଞ୍ଚ ଦଶ ଟଙ୍କାର ଲଙ୍କା ନ କିଣି ତା'ଠାରୁ ମାଗିକରି ଆଣୁଛ ? ଏପଟେ କହୁଛ ଯେ ଏ ଭଳିଆ ପିଲାଙ୍କୁ ରୋଜଗାର କରିବା ପାଇଁ ଆମେ ପ୍ରୋତ୍ସାହନ ଦେବା ଉଚିତ, ସେପଟେ ତା' ଲାଭକୁ ତମେ ଖାଉଛ । କିଣି ଆଣିଥିଲେ ତମର କିଛି କ୍ଷତି ହେଉ ନ ଥିଲା, କିନ୍ତୁ ମାଗଣା ଆଣିବା ଦ୍ୱାରା ତା ଲାଭ କମିଗଲା ନା ନାହିଁ?'' ଝିଅର ମଞ୍ଜି କଥାରେ ଦୋହଲି ଯାଇଥିଲେ ବି ମୁହଁ ଫୁଟାଣି ଦେଖେଇ ରାଗିଲା ଭଳିଆ କହିଲି, 'ତୁ ଛୋଟ ପିଲା, ଏମାନଙ୍କ ଚାଲବାଜି ଜାଣିପାରୁନୁ । ତୋ ବୋଉ ସାଙ୍ଗରେ କିଣାକିଣି କରି ଟ୍ରେନିଂ



ନେ । ନ ହେଲେ ଜୀବନରେ ଠକି ହେଇଯିବୁ ।'

ପରିବାସବୁ ଦେଖି ପତ୍ନୀ ବିରକ୍ତ ହେବାରୁ କହିଲି, 'ଆର ପାଳିହାଟକୁ ଗଲେ ସେ ପିଲାକୁ କହିବି ।'

ତିନିପାଳି ପରେ ହାଟ ବାହାରେ ପିଲାଟିକୁ ଦେଖି ପଚାରିଲି, 'ବାବୁରେ ଆଜି ପରିବା ଆଣିନୁ କି? ମତେ ଚିହ୍ନିପାରୁଛୁ ?' ପିଲାଟି ତାଚ୍ଛଲ୍ୟ ହସଟେ ହସି କହିଲା, 'ଆପଣଙ୍କୁ କ'ଣ ଭୁଲିହେବ, ଆଜ୍ଞା ? ଦି ଚାରିଟା ମାଗଣା ଲଙ୍କା ନେବାପାଇଁ ମତେ ଦଶ ମିନିଟ ଧରି ମାଗଣା ଟିଉଶନ କରିଥିଲେ ନା ?'ରାଗିଯାଇ ପାଟିକଲି, 'କ'ଣ ଏମିତି କଥାବର୍ତ୍ତା କରୁଛୁ ?'ଏଥର ଧୀର ଭାବରେ ପିଲାଟି କହିଲା,'ବହୁତ ବଡ ବଡ କଥା କହୁଥିଲେ ନା ଆମ ଭଳିଆ ପିଲାଙ୍କୁ ଉତ୍ସାହିତ କରିବା ଉଚିତ ବୋଲି ? ସେଦିନ ଆପଣଙ୍କୁ ପରିବା ବିକି କୋଡ଼ିଏ ଟଙ୍କା ଲାଭ ପାଇଥିବି କି ନାହିଁ, ଆପଣ କିନ୍ତୁ ପାଞ୍ଚ ଟଙ୍କାର ଲଙ୍କା ମାଗଣା ନେଇ ମୋର ଲାଭ ଖାଇଗଲେ । କି ବେଳାରେ ଆପଣଙ୍କ ହାତରେ ଅନୁକୂଳ ହେଇଥିଲା ଯେ ଆପଣଙ୍କ ପରେ ଆସିଥିବା ଅନ୍ୟ ଗରାଖମାନେ ମଧ୍ୟ ଜୋର କରି ମାଗଣାରେ ଲେମ୍ବୁ, ଲଙ୍କା, ଧନିଆପତ୍ର ନେଇଚାଲିଲେ । ଏମିତିକି ଓଜନରେ ଗଡେଇ ଗଡେଇ ଅଧିକ ପରିବା ମଧ୍ୟ ନେଇଗଲେ । ପରିବା ଶେଷ ହେଲା ବେଳକୁ ଅଧେ ପଇସା କାଟିଦେଇ ସବୁତକ ପରିବା ନେଇଥିବା ଗରାଖ ଭାରି ଖୁସି ହେଇ କହିଲେ ଯେ, କୋଉ ଗରାଖ ଈଶ୍ୱରଙ୍କ ହାତରେ ଅନୁକୂଳ କରିଥିଲୁ ଯେ ଆଜି ତୋର ସବୁ ପରିବା ଏତେ ଶୀଘ୍ର ସରିଗଲା । ଆପଣ ହେଉଛନ୍ତି ସେଇ ଗରାଖେଶ୍ୱର । ଦି'ହଜାର ଟଙ୍କାର ପରିବା ବିକିବା ପାଇଁ ଦୁଇଶହ ଟଙ୍କାର ଲଙ୍କା ଲେମ୍ବୁ ଆଦି ମାଗଣା ଦେବାକୁ ପଡ଼ିଲା । ସେଦିନ ରାତିରେ ହିସାବ କଲାବେଳକୁ ଦେଖିଲି ଲାଭ ହେଇଛି ଦେଢଶହ ଟଙ୍କା । କୁହନ୍ତୁ ତ ଏତିକି ଟଙ୍କା ପାଇଁ କିଏ ଗୋଟେ ପାଳି ନିକିମା ହେଇ ଏତେ ପରିଶ୍ରମ କରିବ ? ରୋଜଗାର ପାଇଁ ବହୁତ ବାଟ ଅଛି, ସେ ଯେମିତି ବାଟ ହେଉ ପଛେ । ବୁଝିଲେ ଆଜ୍ଞା, ଆପଣ ଲକ୍ଷେ ଟଙ୍କାର ଟିଭି, ଦଶ ଲକ୍ଷ ଟଙ୍କାର ଗାଡ଼ି କିଣିବେ । ସେଥିରେ କମ୍ପାନୀ କେତେ ଲାଭ ନେଇଗଲା, ଆପଣଙ୍କର କିଛି ଯାଏନି ଆସେନି । ମଲ୍‌ରୁ ଜିନିଷ କିଣିଲେ ସେଠି ପାଞ୍ଚ ଗ୍ରାମ ଅଧିକ ସଉଦା ପାଇଁ ମଧ୍ୟ ପଇସା ଦେବେ । ବାର ପଇସା ଅଧିକ ବିଲ୍ ହେଇଥିଲେ ବି ସେତକ ଦେବାକୁ ମନା କରିପାରିବେନି । କିନ୍ତୁ ମୋ ଭଳି ଛୋଟ ବେପାରୀଙ୍କ ଲାଭ ଆପଣ ସହି ପାରନ୍ତିନି । ବଡ ବ୍ୟବସାୟୀଙ୍କ ପରି ଆପଣଙ୍କଠାରୁ ପାଉଥିବା ଲାଭରେ ଆମେ କୋଠା ଉପରେ କୋଠା ତିଆରି କରୁନୁ, ବରଂ ବଞ୍ଚିବା ପାଇଁ ବାଟ ଖୋଜୁ । ଆମର ଲାଭ ଠିକ୍ ଥିଲେ ଆମେ ଆପେଆପେ ଲଙ୍କା ଲେମ୍ବୁ ମୋଫତରେ ପକେଇଦବୁ । କିନ୍ତୁ ଆପଣମାନେ ମାଗଣା ନେବାର ମନୋବୃତ୍ତି ଛାଡ଼ିବା ଉଚିତ । କେବଳ ଆପଣମାନେ ହିଁ ସବୁତକ ଲାଭ ଖାଉଥିବେ ବୋଲି ଭାବିଲେ ଅନ୍ୟମାନେ ବଞ୍ଚିବେ କେମିତି ? ଯାଆନ୍ତୁ, ମୋ ଜାଗାରେ ଆଜି ମୋ ଭାଇକୁ ବସେଇ ଦେଇଛି । ମୁଁ ଅନ୍ୟ ଗୋଟେ ବେପାର ଆରମ୍ଭ କରିଛି ।''

ଏତେକଥା ଶୁଣି ଉଦାସ ହୃଦୟରେ ଅନ୍ୟମନସ୍କ ଭାବରେ ପରିବା କିଣି ଫେରିବା ବେଳକୁ ଝିଅ ପଚାରିଲା, 'ଲଙ୍କା ଆଜି ମାଗଣା ଆଣିଲନି ?' ତାକୁ ଚାହିଁ ହସି କହିଲି ,'ନା, ଦଶ ଟଙ୍କା ଦେଇ କିଣିଛି ।'

**ଅଧ୍ୟାପକ, ଇଂରାଜୀ ବିଭାଗ,**
**ନିଆଳି କଲେଜ, କଟକ**
**ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ସମସ୍ୟା ସମାଧାନ ନ ହେଲେ ସମସ୍ତେ ବିରୋଧ କରନ୍ତି । ଏଥିପାଇଁ କେହି କେହି ଆଇନର ଆଶ୍ରୟ ନିଅନ୍ତି ତ କେହି ଅନୁରୋଧ କରନ୍ତି । ହେଲେ ବେଳେବେଳେ ଲୋକେ ଏଭଳି ଅଜବ ଢଙ୍ଗରେ ବିରୋଧ ପ୍ରଦର୍ଶନ କରନ୍ତି ଯେ ତାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଠିକ୍ ଏମିତି ଭିନ୍ନ ଢଙ୍ଗରେ ବିରୋଧ ପ୍ରଦର୍ଶନ କରିଛନ୍ତି ମଧ୍ୟପ୍ରଦେଶ ଗ୍ୱାଲିୟରସ୍ଥିତ ଖୋରିଆମୋଦି ଅଞ୍ଚଳର ରାମସେବକ ପାଲ୍ । ସେ ତାଙ୍କ ବାଇକ୍ ସଜାଡିବା ପାଇଁ ଦେଇଥିଲେ । କିନ୍ତୁ ବାରମ୍ବାର କହିବା ପରେ ବି ସମ୍ପୃକ୍ତ ଏଜେନ୍ସି ତାଙ୍କ ବାଇକ୍ ସର୍ଭିସିଂ କରିବାରେ ବିଳମ୍ବ କରୁଥିଲା । ଫଳରେ ହତୋତ୍ସାହିତ ହୋଇ ସେ ସର୍ଭିସିଂ ସେଣ୍ଟର ଆଗରେ ବିକ୍ରି ପାଇଁ ନେଇଥିବା କ୍ଷୀରକୁ ନିଜ ଉପରେ ଢାଳି ସେହିଠାରେ ତଳେ ପଡି ରହିଥିଲେ । ସର୍ଭିସିଂ ସେଣ୍ଟରର କର୍ମଚାରୀଙ୍କ ବିରୋଧରେ ତାଙ୍କର ଏଭଳି ବିରୋଧ ପ୍ରଦର୍ଶନକୁ ଦେଖି ସ୍ଥାନୀୟ ଲୋକେ ହଠାତ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତାଙ୍କୁ ବୁଝାଶୁଝା କରିବା ପାଇଁ ବି ଚେଷ୍ଟା କରିଥିଲେ । କିନ୍ତୁ ବାଇକ୍ ନ ଥିବାରୁ ସାଇକେଲରେ ବିଭିନ୍ନ ସ୍ଥାନକୁ କ୍ଷୀର ନେଇ ଯିବା ଫଳରେ ତାହା ନଷ୍ଟ ହୋଇଯାଉଥିଲା । ଏଥିପାଇଁ ସେ ବହୁ କ୍ଷତି ସହୁଥିଲେ ବୋଲି କହିଥିଲେ । ଏହି କାରଣରୁ ମର୍ମାହତ ହୋଇ ସେ ଏଭଳି ନିଷ୍ପତ୍ତି ନେଇଥିଲେ । ତାଙ୍କର ଏଭଳି ଢଙ୍ଗରେ ବିରୋଧ ପ୍ରଦର୍ଶନ ସ୍ଥାନୀୟ ଅଞ୍ଚଳରେ ଯେତିକି ଚର୍ଚ୍ଚିତ ହୋଇଛି ତା' ଠାରୁ ବେଶି ଭାଇରାଲ ହେଉଛି ସୋସିଆଲ ମିଡିଆରେ ।

## ଚିରନ୍ତନୀ

ଆସ ତୁମେ ଆସ ପାଶେ,
ଗଭୀର ନୀରବଭାଷେ
ପରଶ ଏ କ୍ଷୁବ୍ଧ ମୋର ତନୁ,
ଶୀତଳ ବିଦ୍ୟୁତ୍ ସମ
ସେ ପରଶ ଲାଗି ମମ
ଘୁଞ୍ଚାଉ ବିଷାଦଛାୟା ମନୁଁ ।
ନିକଟେ ନିକଟେ ଆଉ
ଧୀରେ ସେ କୋମଳ ବାହୁ
ଜଡ଼ାଅ ତପତ ଅଙ୍ଗେ ମୋର,
ନିବିଡ଼ ଅତି ନିବିଡ଼
କରି ମୋର ବକ୍ଷ ଭିଡ଼
ଦିଅ ଆଲିଙ୍ଗନ ଦୃଢ଼ତର ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | 3 | | 8 | |
| | | 8 | 5 | | | 3 | 6 | |
| | 3 | 5 | 7 | | 9 | | | |
| | | | 8 | 6 | 4 | | | |
| | | 4 | | | | | | |
| 2 | | | | 1 | 7 | | | 6 |
| | 2 | | | 7 | | 8 | | 9 |
| 1 | | 7 | | | | | 2 | |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 7 | 3 | 1 | 8 | 5 | 9 | 6 |
| 5 | 9 | 8 | 6 | 2 | 4 | 7 | 3 | 1 |
| 6 | 3 | 1 | 5 | 9 | 7 | 4 | 2 | 8 |
| 3 | 4 | 2 | 1 | 5 | 6 | 8 | 7 | 9 |
| 7 | 5 | 6 | 8 | 3 | 9 | 1 | 4 | 2 |
| 1 | 8 | 9 | 4 | 7 | 2 | 6 | 5 | 3 |
| 9 | 1 | 4 | 7 | 8 | 3 | 2 | 6 | 5 |
| 8 | 7 | 3 | 2 | 6 | 5 | 9 | 1 | 4 |
| 2 | 6 | 5 | 9 | 4 | 1 | 3 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧାନ ମଣ୍ଡିରେ ସ୍ୱଚ୍ଛତା ଆଣନ୍ତୁ

ମହାଶୟ,

ଏବେ ବି ରାଜ୍ୟର ହଜାର ହଜାର ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରି ନାହାନ୍ତି । କିନ୍ତୁ ସରକାରଙ୍କ କହିବା ଅନୁଯାୟୀ ଜୁନ ୩୦ ତାରିଖ ସୁଦ୍ଧା ମଣ୍ଡିରୁ ଧାନ କିଣିବା ଶେଷ ହୋଇଛି । ଚାଷୀ ମଣ୍ଡିରେ ଧାନ ଦେବା ପାଇଁ ଆଗୁଆ ପଞ୍ଜୀକରଣ କରିଥିବା ସ୍ଥଳେ ଧାନ ମଣ୍ଡିରେ ବିକ୍ରି କରିପାରି ନାହିଁ । ଏବେ ବି ହଜାର ହଜାର ଚାଷୀ ମଣ୍ଡିରେ ଧାନ ବିକ୍ରି କରିନାହାନ୍ତି । ତା'ହେଲେ ସରକାରଙ୍କ ଧାନ ଉଠିବା ଧାର୍ଯ୍ୟ କେମିତି ପୂରଣ ହେଲା । ଟୁକନ ଅନୁଯାୟୀ ଧାନ କାହିଁକି କିଣା ଯାଇ ନାହିଁ । ଚାଷୀଙ୍କୁ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ବହୁତ କ୍ଷତି ସହ କେତେ କଷ୍ଟ ସହିବାକୁ ପଡିଛି । ସରକାରଙ୍କୁ ଅନୁରୋଧ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ କ୍ଷତି ସହିଥିବା ଚାଷୀଙ୍କୁ ଟୁକନ ଅନୁସାରେ କ୍ଷତିପୂରଣ ପାଇଁ କିଛି ଆର୍ଥିକ ସାହାଯ୍ୟ କରନ୍ତୁ । ଆଗାମୀ ବର୍ଷଠାରୁ ମଣ୍ଡିରୁ ଧାନ କିଣିବାରେ ସରକାର ଆବଶ୍ୟକ ପଦକ୍ଷେପ ନିଅନ୍ତୁ ଏବଂ ଏଥିରେ ସ୍ୱଚ୍ଛତା ଆଣନ୍ତୁ ।

**–ସତ୍ୟଜିତ୍ ଦାସ, ଆଗତମଳା, ବସ୍ତା, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦୁର୍ଘଟଣାରେ ୫ ମୃତ, ୭ ଗୁରୁତର

## ଦୁଇ କାର୍ ମୁହାଁମୁହିଁ ଧକ୍କା

**ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷର ସହାୟତା**

ସୁନାବେଡ଼ା,୨୦।୭(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସୁନାବେଡ଼ା ଥାନା ଅଧୀନ ୨୬ନଂ. ଜାତୀୟ ରାଜପଥ ସୁନାବେଡ଼ା ଟିଏସ୍ ନିକଟରେ ଶନିବାର ବିଳମ୍ବିତ ରାତିରେ ୨ କାର୍ ମୁହାଁମୁହିଁ ଧକ୍କାହୋଇ ୩ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ରହିଛନ୍ତି। ମୃତକମାନେ ହେଲେ ସୁନାବେଡ଼ା ଏଚ୍‌ଏଫ୍ କଲୋନିର ବାଳକୃଷ୍ଣ ରଣାଙ୍କ ପୁଅ ଆଶୁତୋଷ ରଣା(୨୪), ଡିପି କ୍ୟାମ୍ପ ଲିଙ୍ଗରାଜ ପାତ୍ରଙ୍କ ପୁଅ ଦିବ୍ୟରଞ୍ଜନ ପାତ୍ର(୨୪) ଓ ଗଞ୍ଜାମ କଲୋନିର ସୂର୍ଯ୍ୟ ପାତ୍ରଙ୍କ ପୁଅ ବିକାଶ ପାତ୍ର(୨୬)। ଗୁରୁତରମାନେ ହେଲେ ଦାମନଯୋଡ଼ି ଭେଜାପୁଟର ପ୍ରମୋଦ କୁମାର ସ୍ୱାଇଁ ଓ ସୁନାବେଡ଼ା ଗଞ୍ଜାମ କଲୋନିର କୈଳାଶ ହରିଜନ। ଘଟଣା ସମ୍ପର୍କରେ ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଆଶୁତୋଷ, ଦିବ୍ୟରଞ୍ଜନ ଓ ବିକାଶଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ସେମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



ଦୁର୍ଘଟଣାଗ୍ରସ୍ତ କାର।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ସୁନାବେଡ଼ା ଅଞ୍ଚଳର ଦିବ୍ୟରଞ୍ଜନ ଓ ଅନ୍ୟ ୩ ଯୁବକ କାର(ଓଡ଼ି୧୦-ଏସ୍-୫୬୩୪)ରେ ସେମିଲିଗୁଡ଼ାରୁ ସୁନାବେଡ଼ା ଫେରୁଥିବା ବେଳେ ବିପରୀତ ଦିଗରୁ ସେମିଲିଗୁଡ଼ା ଅଭିମୁଖେ ଆସୁଥିବା ଅନ୍ୟ ଏକ କାର(ଓଡ଼ି୧୦-ଜେଡ୍-୫୩୩୨) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗାଡ଼ିଟି ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଏହି ସମୟରେ ସେହି ରାସ୍ତା ଦେଇ ସେମିଲିଗୁଡ଼ା ଫେରୁଥିବା ଜଣେ ବାଇକ୍ ଚାଳକ ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୁନାବେଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଘଟଣାସ୍ଥଳରେ ଆଶୁତୋଷଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ୨ ଗୁରୁତରଙ୍କୁ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲକୁ ସେମାନଙ୍କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏ ନେଇ କେସ୍ ନଂ. ୧୨୮/୨୫ରେ ଏକ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୁଷମା କୁହଁର ସୂଚନା ଦେଇଛନ୍ତି।

## ଅଟୋରିକ୍ସା-ପିକ୍‌ଅପ୍ ଭ୍ୟାନ ଧକ୍କା

ନୟାଗଡ଼/ଶରଣକୁଳ,୨୦।୭ (ଲୋକନାଥ ମିଶ୍ର/ଦୀପକ କର)

■ ପାଣିଲାଗି କରିପାରିଲେନି ୨ ମହିଳା କାଉଡ଼ିଆ

ନୟାଗଡ଼-ଭଞ୍ଜନଗର ୨୧୧ନଂ. ରାଜ୍ୟ ରାଜପଥର ଦରପଦା ଗାଁ ନିକଟରେ ଅଟୋରିକ୍ସା ଓ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମହିଳା କାଉଡ଼ିଆଙ୍କ ମୃତ୍ୟୁ ହୋଇଥିବା ବେଳେ ଡ୍ରାଇଭର ସମେତ ୫ କାଉଡ଼ିଆ ଗୁରୁତର ହୋଇଛନ୍ତି। ମୃତକ ହେଲେ ଶରଣକୁଳ ଥାନା ଅଧୀନ କଟରାଙ୍ଗିଆ ଗାଁରେ ରିଙ୍କି ସ୍ୱାଇଁ(୨୩) ଓ ବିଟଳଗଡ଼ିଆ ଗାଁର ରମା ଦାସ(୫୦)। ଆହତ ୫ ଜଣଙ୍କୁ ଭୁବନେଶ୍ୱରରେ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଶ୍ରାବଣ ମାସର ଦ୍ୱିତୀୟ ସୋମବାର ପାଇଁ କଣ୍ଟିଲୋ ମହାନଦୀ ଘାଟରୁ ପାଣି ଉଠାଇବାକୁ ଶରଣକୁଳରୁ ୭ ଜଣ ଯୁବକ ଚାଲି ନ ପାରି ପରିବାର ସାଥୀ କାଉଡ଼ିଆମାନେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ପାଣିପୋଇଲାରୁ ଏକ ଅଟୋରିକ୍ସା(ନଂ. ଓଡ଼ି ୨୫ ଜି୧୬୭୫)ରେ ଆସିଥିଲେ। ଶରଣକୁଳର ଲକ୍ଷ୍ମୀବାରଙ୍କ ପୀଠ ଆଉ ଅଳ୍ପ ବାଟ ଥିବା ବେଳେ ଦରପଦା ଗାଁ ନିକଟରେ ଶରଣକୁଳ ପାର୍ଶ୍ୱରୁ ଦ୍ରୁତବେଗରେ ଆସୁଥିବା ଏକ ପରିବା ବୋଝେଇ ପିକ୍‌ଅପ ଭ୍ୟାନ ସେହି ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅଟୋରିକ୍ସାଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଶନିବାର ରାତି ପ୍ରାୟ ସାଢ଼େ ୩ଟାରେ ଏହି ଦୁର୍ଘଟଣା ଘଟିଥିଲା। ଏଥିରେ ଅଟୋରିକ୍ସା ଡ୍ରାଇଭରଙ୍କ ସମେତ ୭ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର କଟରାଙ୍ଗିଆ କେଦାର ସ୍ୱାଇଁଙ୍କ ଝିଅ ରିଙ୍କିଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଜଣେ ଯୁବକ ସୁସ୍ଥ ଥିବା ବେଳେ କଟକ ଜିଲ୍ଲା ନରସିଂହପୁର ଥାନା ଅଞ୍ଚଳର ରିଙ୍କୁ ଗୁରୁ, ଶରଣକୁଳ ଥାନା ହରିପୁର ଗାଁର ଦୀପକ ପ୍ରଧାନ ଓ ଓରଣା ଦାସ, ବିଟଳଗଡ଼ିଆ ଗାଁର ରମା ଦାସ, ଖୋର୍ଦ୍ଧା ଜିଲ୍ଲା ସ୍ୱପ୍ନେଶ୍ୱରପୁର ଗୀତାଞ୍ଜଳି ସୁନ୍ଦରା, ନୟାଗଡ଼ ସଦର ଥାନା ପାଣିପୋଇଲା ଗାଁର ଅଟୋଚାଳକ ବାବନ ପଢ଼ିହାରୀ ପ୍ରମୁଖ ୬ ଜଣ ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ହେଲେ ଭୁବନେଶ୍ୱରରେ ରମା ଦାସଙ୍କ ମୃତ୍ୟୁ ଘଟିଛି ବୋଲି ମଗରବନ୍ଧ ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ନାଥ ପ୍ରଧାନ ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ବୋଲି ସେ କହିଛନ୍ତି। ଖବରପାଇ ଶରଣକୁଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋରିକ୍ସାକୁ ଜବତ କରି ମାମଲା ରୁଜୁ କରି ତଦନ୍ତ କରୁଛି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ଫେରାର ହୋଇଯାଇଛି। ସେପଟେ ରିଙ୍କିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ଦୁର୍ଘଟଣାରେ ଭାଙ୍ଗିରୁଜି ଯାଇଥିବା ଅଟୋରିକ୍ସା।

## ବିଭାଗୀୟ ମୁଖ୍ୟଙ୍କୁ ଯୌନ ନିର୍ଯାତନା ନିବାରଣ ଆଇନ-୨୦୧୩ ପାଳନ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା)

ରାଜ୍ୟରେ ସମ୍ପ୍ରତି ଦେଖାଦେଉଥିବା ମହିଳା ନିର୍ଯାତନା ଘଟଣାକୁ ନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଶନିବାର ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଜୋଗିଶଙ୍କର ମହାପାତ୍ର ସବୁ ବିଭାଗ ମୁଖ୍ୟ, ଜିଲାପାଳ, ମହାନଗର ନିଗମ କମିଶନର ଏବଂ ଆର୍ଡ଼ିସିଙ୍କୁ ପତ୍ର ଲେଖି ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ନିବାରଣ (ପିଓଏସ୍‌ଏଚ୍) ଆଇନ-୨୦୧୩କୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଅବଗତ କରାଇଛନ୍ତି। ଅତିରିକ୍ତ ସଚିବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟର ଅଧିକାଂଶ ଅନୁଷ୍ଠାନ କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିବାରଣ ନେଇ ଥିବା ଆଇନକୁ ଠିକ୍‌ଣା ଭାବେ ପାଳନ କରୁନାହାନ୍ତି। ଏଣିକି ପ୍ରତ୍ୟେକ କାର୍ଯ୍ୟସ୍ଥଳରେ ଏହି ନିୟମ ସମ୍ପର୍କରେ ନୋଟିସ୍ ମରାଯିବ। ଫଳରେ ଝିଅ-ପୁଅମାନଙ୍କ ମଧ୍ୟରେ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ସଚେତନତା ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ କେଉଁସବୁ ଦିଗକୁ ଗୁରୁତ୍ୱ ଦିଆଯିବ ଏବଂ କାହାକୁ ଦିଆଯିବ ନାହିଁ, ସେ ସମ୍ପର୍କରେ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି। ଏହାକୁ ଭଲ ଭାବେ କାର୍ଯ୍ୟସ୍ଥଳରେ ଲଗାଯିବା ସହିତ ଅଭିଯୋଗ ଗ୍ରହଣ ପାଇଁ ସି ବାକ୍ସ ପୋର୍ଟାଲରେ ପଞ୍ଜୀକରଣ କରିବାକୁ ହେବ ବୋଲି ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି। ନୋଟିସ୍‌ରେ କାର୍ଯ୍ୟକ୍ଷେତ୍ରରେ କିଭଳି ସଂଯମ ରଖି କାର୍ଯ୍ୟ କରିବେ ତାହା ଦର୍ଶାଯାଇଛି। ବ୍ୟବହାରିକ ଶାଳୀନତାଠାରୁ କଥାବାର୍ତ୍ତା ପର୍ଯ୍ୟନ୍ତ ସଂଯମ ରକ୍ଷା କରିବାକୁ କୁହାଯାଇଛି। ଏହାସହିତ ଯଦି କୌଣସି ପରିସ୍ଥିତିରେ ଅସଦାଚରଣ କିମ୍ବା ଦୁର୍ବ୍ୟବହାର ହେବ ସେକ୍ଷେତ୍ରରେ ତତ୍କାଳ ଅବଗତ କରାଇବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଯୌନ ଉତ୍ପୀଡ଼ନ ନିବାରଣ ଆଇନ-୨୦୧୩ କ'ଣ କହୁଛି ଏବଂ ଆପଣ କିଭଳି ଏହା ଜରିଆରେ ଆପଣଙ୍କ ଅଭିଯୋଗ ଦେବେ, ତାହାକୁ ଅନୁସରଣ କରିବା ସହିତ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯାଉ। କାର୍ଯ୍ୟକ୍ଷେତ୍ରରେ ଅଦରକାରୀ ମନ୍ତବ୍ୟ ନ ଦେବା, 'ଫେବର' ନ ମାଗିବା କିମ୍ବା ଅନାବଶ୍ୟକଭାବେ ନ ଛୁଇଁବା ଭଳି କାର୍ଯ୍ୟକୁ ବାରଣ କରାଯାଇଛି।

## ଓଟିଇଟି ପରୀକ୍ଷା ବାତିଲ ନେଇ ଅସନ୍ତୋଷ



ପାରଳାଖେମୁଣ୍ଡିରେ ଏକ କେନ୍ଦ୍ରକୁ ପରୀକ୍ଷା ଦେବାକୁ ଆସିଥିବା ପରୀକ୍ଷାର୍ଥୀମାନେ।

ପାରଳାଖେମୁଣ୍ଡି,୨୦।୭ (ଗିରିଧାରୀ ପରିଡ଼ା)

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ରବିବାର ହେବାକୁ ଧାର୍ଯ୍ୟ ହୋଇଥିଲା। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ ହେବାରୁ ଶନିବାର ବିଳମ୍ବିତ ରାତିରେ ପରୀକ୍ଷାକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଫଳରେ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯିବାରୁ ଏହା ଜାଣି ନ ପାରି ରାଜ୍ୟର ବହୁ ସ୍ଥାନରେ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରକୁ ଆସି ନିରାଶ ହୋଇ ଫେରିଛନ୍ତି। ଗଜପତି ଜିଲା ସଦର ପାରଳାଖେମୁଣ୍ଡି ସହରର ୫ଟି କେନ୍ଦ୍ରରେ ପରୀକ୍ଷା ଦେବା ପାଇଁ ୧ ହଜାରରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ରବିବାର ପରୀକ୍ଷା ଦେବାକୁ ଧାର୍ଯ୍ୟ ସମୟରେ ପହଞ୍ଚିଥିଲେ। ସେଠାରେ ପରୀକ୍ଷା ସ୍ଥଗିତ ନେଇ କୌଣସି ବିଜ୍ଞପ୍ତି ନ ଥିବାରୁ ସେମାନେ ପରୀକ୍ଷା ସମୟକୁ ଅପେକ୍ଷା କରିଥିଲେ। ପରେ କେନ୍ଦ୍ର କେତେଜଣ କର୍ମଚାରୀ ଆସି ପରୀକ୍ଷା ସ୍ଥଗିତ ରହିଥିବା ନେଇ କାଗଜରେ ନୋଟିସ ମାରିଥିଲେ। ଏହା ଜାଣିବା ପରେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା।

## ଓଟିଇଟି ପରୀକ୍ଷା: ସରକାରଙ୍କୁ ବିଜେଡିର ଟାର୍ଗେଟ୍

ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା)

ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ପରୀକ୍ଷା ପ୍ରସଙ୍ଗରେ ବିଜେଡି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ, ରାଜ୍ୟ ଭାଜପା ସରକାର ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ସାଧାରଣ ପରୀକ୍ଷା ସୁରୁଖୁରୁରେ କରାଇବାରେ ସକ୍ଷମ ହୋଇପାରୁ ନାହାନ୍ତି। ପ୍ରଶ୍ନପତ୍ର ପ୍ରଘଟ ଯୋଗୁ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଗଲା ବୋଲି କୁହାଯାଉଥିଲେ ମଧ୍ୟ ପ୍ରକୃତରେ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି। ଲେନିନ କହିଥିଲେ, ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି। ବର୍ଷକ ଭିତରେ ପ୍ରାୟ ୧୨ଟି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କେଉଁଠି ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ବେଳେ, କେଉଁଠି ଭୁଲ ପ୍ରଶ୍ନପତ୍ର ବଣ୍ଟନ ଯୋଗୁ ପରୀକ୍ଷା ସ୍ଥଗିତ ରଖାଯାଇଛି। ଏଭଳି ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡ଼ିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍-୨୦୨୪ରେ କରାଯାଇଛି। ଏହି ବିଲ୍ ଅନୁଯାୟୀ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲଦଣ୍ଡ ସହ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ରହିଛି, ହେଲେ ସରକାର ଆଇନ ଅନୁଯାୟୀ କୌଣସି ଠୋସ୍ ପଦକ୍ଷେପ ନେଇ ନାହାନ୍ତି ବୋଲି ସେ କହିଛନ୍ତି।

## ଟୋଲ ପ୍ଲାଜା ବୁଥ୍‌ରେ ପିଟିହେଲା କାର୍

**ଜଣେ ମୃତ, ୧ ଗୁରୁତର**

ବୈଶିଙ୍ଗା,୨୦।୭(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥର ପଦ୍ମନାଭପୁର ଟୋଲପ୍ଲାଜା ନିକଟରେ ରବିବାର ସକାଳ ୭ଟା ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବାରିପଦା ୱାଲିଗାଞ୍ଜ ଅଞ୍ଚଳର ସନତ ପଟ୍ଟନାୟକଙ୍କ ପୁଅ ରାଜୀବ ଓ ତାଙ୍କ ସାଙ୍ଗ ଅଜୟ ନାୟକ ବାଲେଶ୍ୱରରୁ ବାରିପଦା ଅଭିମୁଖେ ଯାଉଥିଲେ। ଦ୍ରୁତ ଗତି ଯୋଗୁ କାରଟି ଭାରସାମ୍ୟ ହରାଇ ଟୋଲ୍ ପ୍ଲାଜା ୩ ନଂ. ବୁଥ୍‌ରେ ପିଟି ହୋଇଯାଇଥିଲା। ଅଜୟ ଓ ରାଜୀବଙ୍କୁ ପୋଲିସ ଉଦ୍ଧାର କରି ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ସେଠାରେ ରାଜୀବଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ କାରଟିକୁ ଜବତ କରି ତଦନ୍ତ ଜାରି ରଖିଛି।



ଦୁର୍ଘଟଣାଗ୍ରସ୍ତ କାର



ବଲଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବିଜେଡି ପକ୍ଷରୁ ସମୂହ ଦୀପଦାନ କରାଯାଇଛି। ଏଥିରେ ଭୁବନେଶ୍ୱର ଜିଲା ସଭାପତି ଅଶୋକ ପଣ୍ଡା, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ମୁଖପାତ୍ର ଲେନିନ ମହାନ୍ତି ପ୍ରମୁଖ ଯୋଗଦେଇଛନ୍ତି।

## ବଲଙ୍ଗା ଘଟଣା ପାଇଁ ମର୍ମାହତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୭ (ରବିନାରାୟଣ ଜେନା)

ପୁରୀ ଜିଲାର ବଲଙ୍ଗାଠାରେ ଘଟିଯାଇଥିବା ଅଘଟଣ ପାଇଁ ଗଭୀର ଭାବେ ମର୍ମାହତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ତାଙ୍କ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି, ପୀଡ଼ିତାଙ୍କର ସର୍ବୋତ୍ତମ ଚିକିତ୍ସା ପାଇଁ ତାଙ୍କୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରିବେ। ବ୍ୟକ୍ତିଗତ ଭାବେ ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଝିଅଟିର ତ୍ୱରିତ ଆରୋଗ୍ୟ ନିମନ୍ତେ ପ୍ରାର୍ଥନା କରୁଛି।

# ୩ ବର୍ଷରେ କଲରାପତରିଆ ବାଘ, ହାତୀ ସମେତ ୧୩ ଜନ୍ତୁ ଶିକାର

**ନୟାଗଡ଼ ବନଖଣ୍ଡ**
■ ଗଲାଣି ୪୦ ଜଙ୍ଗଲୀ ଜନ୍ତୁଙ୍କ ଜୀବନ
■ ଶିକାରୀଙ୍କୁ ରୋକିପାରୁନି ବନ ବିଭାଗ
■ ଜଙ୍ଗଲରେ ସୁରକ୍ଷିତ ନୁହନ୍ତି ଜୀବଜନ୍ତୁ

ନୟାଗଡ଼,୨୦।୭(ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡରେ ଗତ ୩ ବର୍ଷରେ ୫୩ ଜଙ୍ଗଲୀ ଜନ୍ତୁ ମରିଛନ୍ତି। ସେହି ଜନ୍ତୁ ମଧ୍ୟରୁ କଲରାପତରିଆ ବାଘ, ହାତୀ, ହରିଣ, ବାରହା ସମେତ ୧୩ ଜନ୍ତୁଙ୍କୁ ଶିକାର କରାଯାଇଛି। ଏଥିରୁ ଜଙ୍ଗଲରେ ଶିକାରୀ ସକ୍ରିୟ ଥିବା ପ୍ରମାଣିତ ହୋଇଛି। ଗତ କିଛି ମାସ ତଳେ ଦଶପଲ୍ଲାରେ ବାରହା ଶିକାର ପାଇଁ ଥିବା ବିଦ୍ୟୁତ୍ ଫାସରେ ପଡ଼ି ହାତୀ ଓ ଖଣ୍ଡପଡ଼ାରେ ଏକ କଲରାପତରିଆ ବାଘର ଜୀବନ ଯାଇଛି। ଏହାପରେ ନୟାଗଡ଼ ଜଙ୍ଗଲ ଜଙ୍ଗଲୀ ଜନ୍ତୁ ପାଇଁ ନିରାପଦ ନୁହେଁ ବୋଲି ଅଭିଯୋଗ ହୋଇଆସୁଛି। ଯଦିଓ ବାଘ ମୃତ୍ୟୁ ଘଟଣାରେ ୪ଜଣ ଗିରଫ ହୋଇ ଜେଲ ଯାଇଥିଲେ ତେବେ କର୍ତ୍ତବ୍ୟରେ ଅବହେଳା କରିଥିବା ବନ ବିଭାଗର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହୋଇଛି। ବନରକ୍ଷୀ ଓ ବନପାଳଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବା ଡିଏଫ୍‌ଓ କହୁଥିଲେ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନରେ ପରିବେଶପ୍ରେମୀ ଓ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ସରକାରୀ ରିପୋର୍ଟରେ ମୃତ ଜଙ୍ଗଲୀ ଜନ୍ତୁଠାରୁ ୧୦ରୁ ୨୦ ଗୁଣ ଅଧିକ ଶିକାର ହେଉଛି। ହେଲେ ରିପୋର୍ଟ ସାମ୍ନାକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ବନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ,୨୦୨୨-୨୩ ବର୍ଷରେ ୩ଟି ବାରହା, ୨ଟି ହରିଣ, ଗୋଟିଏ କୁକୁରା, ଗୋଟିଏ ଗୁଣ୍ଡୁଚି, ଗୋଟିଏ ସମ୍ବର, ଗୋଟିଏ ଗୟଳ, ଗୋଟିଏ ମାଛିଖିଆ ବିଲେଇ ପ୍ରାଣ ହରାଇଛନ୍ତି। ନିହତ ଜଙ୍ଗଲୀ ଜନ୍ତୁଙ୍କ ମଧ୍ୟରୁ ୩ଟିର ସାଧାରଣ ମୃତ୍ୟୁ ହୋଇଥିବାବେଳେ ୫ ଶିକାର, ଗୋଟିଏ ଜନ୍ତୁ କୁକୁର କାମୁଡ଼ାରେ ପ୍ରାଣ ହରାଇଥିବା ବନ ବିଭାଗର ରିପୋର୍ଟ କହୁଛି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ୧୭ ଜଙ୍ଗଲୀ ଜନ୍ତୁଙ୍କ ମୃତ୍ୟୁ ହୋଇଥିବାବେଳେ ଏଥିରୁ ୭ ସାଧାରଣ ମୃତ୍ୟୁ, ୫ ଶିକାର, ୨ ଦୁର୍ଘଟଣା, ବିଦ୍ୟୁତ୍ କରେଣ୍ଟରେ ୨ ଓ କୁକୁର କାମୁଡ଼ାରେ ଗୋଟିଏ ଜନ୍ତୁ ପ୍ରାଣ ହରାଇଛନ୍ତି। ଏହି ଆର୍ଥିକ ବର୍ଷରେ ଗୋଟିଏ ଶାଳିଆପତରି, ୨ ଅଜଗର, ଗୋଟିଏ କୁକୁରା, ଗୋଟିଏ ହାତୀ, ୬ ବାରହା, ୪ ଚିତା ହରିଣ, ୨ ଗୟଳଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସେହିଭଳି ୨୦୨୪-୨୫ ବର୍ଷରେ ୯ ଗୟଳ, ୬ ବାରହା, ଗୋଟିଏ ହାତୀ, ୨ କୁକୁରା, ଗୋଟିଏ ବଉଳା କୁଆର, ଗୋଟିଏ ମୟୂର, ଗୋଟିଏ କଲରାପତରିଆ ବାଘ, ୩ ହରିଣ, ଗୋଟିଏ ସମ୍ବର, ଗୋଟିଏ ଚିତା ହରିଣର ମୃତ୍ୟୁ ହୋଇଛି। ମୃତ ୨୬ ଜଙ୍ଗଲୀ ଜନ୍ତୁ ମଧ୍ୟରୁ ୧୭ଟିର ସାଧାରଣ ମୃତ୍ୟୁ ହୋଇଥିବାବେଳେ ୩ଟି ଶିକାର, ଗୋଟିଏ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେହିଭଳି ୫ଟିର ବିଦ୍ୟୁତ୍ କରେଣ୍ଟରେ ଜୀବନ ଯାଇଥିବାବେଳେ ୨ଟିର କୁକୁର କାମୁଡ଼ାରେ ମୃତ୍ୟୁ ହୋଇଥିବା ବନ ବିଭାଗର ସରକାରୀ ରିପୋର୍ଟ ଦର୍ଶାଉଛି। ଏନେଇ ପରିବେଶବିତ୍ ହରିଶଙ୍କର ମହାରାଣ କହନ୍ତି, ନୟାଗଡ଼ ଜଙ୍ଗଲରେ ବାରହା ଶିକାର ବଢ଼ିଚାଲିଛି। ଶିକାର ପାଇଁ ବିଦ୍ୟୁତ୍ ଫାସ ପ୍ରୟୋଗ ସବୁ ଜଙ୍ଗଲରେ ପରୁଛି। ପୁଣି ବନ୍ଧୁକ ଗୁଳିରେ ଓ କୁକୁର ଲଗାଇ ଶିକାର କରାଯାଉଥିବାବେଳେ ବିଷ ଦେଇ ବି ହତ୍ୟା କରାଯାଉଛି। ନୟାଗଡ଼ ବନଖଣ୍ଡର ଜଙ୍ଗଲରେ ଶିକାରୀ ସକ୍ରିୟ ଥିବାବେଳେ ଶିକାରୀଙ୍କ ଟେର୍ ପାଉନି ବିଭାଗ। ସରକାରୀ ରିପୋର୍ଟରେ ଯେତିକି ନିହତ ଦେଖାଯାଇଛି ତାର ୨୦ ଗୁଣ ଅଧିକ ଶିକାର ପ୍ରତିବର୍ଷ ହେଉଛି ବୋଲି ସେ କହିଛନ୍ତି। ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କହିଛନ୍ତି, ୩ ବର୍ଷରେ ସାଧାରଣ ମୃତ୍ୟୁ, ଶିକାର, କୁକୁରକାମୁଡ଼ା, ଦୁର୍ଘଟଣା, ବିଦ୍ୟୁତ୍ କରେଣ୍ଟ ପରି କାରଣରୁ ୫୩ ଜଙ୍ଗଲୀ ଜନ୍ତୁଙ୍କ ଜୀବନ ଯାଇଛି। ଶିକାରୀଙ୍କୁ ଲଗାମ ଦେବା ପାଇଁ ବନ ବିଭାଗର ପ୍ରୟାସ ଜାରି ରହିଛି। ବାଘ ମୃତ୍ୟୁ ଘଟଣାରେ ବନରକ୍ଷୀ ଓ ବନପାଳଙ୍କ ବିରୋଧରେ ଡିପାର୍ଟମେଣ୍ଟାଲ ପ୍ରୋସିଡିଂ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି ବୋଲି ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

## ହଷ୍ଟେଲରୁ ଲୁଚି ପଳାଇଥିବା ୨ ଛାତ୍ର ବାଲିଗୁଡ଼ାରୁ ଉଦ୍ଧାର

ବାଲିଗୁଡ଼ା, ୨୦।୭ (ସଞ୍ଜୟ କୁମାର ପାଣିଗ୍ରାହୀ)

ହଷ୍ଟେଲରୁ ଲୁଚି ପଳାଇଥିବା ୨ ଛାତ୍ରଙ୍କୁ ବାଲିଗୁଡ଼ାରୁ ଉଦ୍ଧାର କରି ଦୁଇଜଣ ମହିଳା ଥାନା ଜିମା ଦେଇଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ବାଲିଗୁଡ଼ା ବ୍ଲକ ଅନ୍ତର୍ଗତ ଗୁରୁଖିଆପଡ଼ା ଏକ ଆଶ୍ରମ ସ୍କୁଲରେ। ଗୁରୁଖିଆପଡ଼ା ସମ୍ପୃକ୍ତ ଆଶ୍ରମ ସ୍କୁଲରେ ଜଣେ ଛାତ୍ର ତୃତୀୟ ଶ୍ରେଣୀରେ ଓ ଅନ୍ୟ ଜଣେ ୪ର୍ଥ ଶ୍ରେଣୀରେ ହଷ୍ଟେଲରେ ରହି ପଢ଼ୁଥିଲେ। ରବିବାର ସକାଳୁ କୌଣସି କାରଣରୁ ଏହି ସ୍କୁଲର ୨ ଛାତ୍ର ହଷ୍ଟେଲରୁ ଲୁଚି ପଳାଇ ଆସିଥିଲେ। କିଛି ବାଟ ଆସିବା ପରେ ଉଭୟେ ଗୁରୁଖିଆ ଗାଁ ମୁଣ୍ଡ ଘାଟିରେ ଓଏସ୍‌ଆର୍‌ଟିସି ବସ୍‌କୁ ଅଟକାଇ ସେଥିରେ ବାଲିଗୁଡ଼ା ଆସି ବସ୍‌ଷ୍ଟାଣ୍ଡରେ ଓହ୍ଲାଇଥିଲେ। ବାଲିଗୁଡ଼ା ବସ୍‌ଷ୍ଟାଣ୍ଡରେ ଦୁଇଜଣ ମହିଳା ଉଭୟ ଛାତ୍ରଙ୍କୁ ଏକୁଟିଆ ଦେଖି ସନ୍ଦେହରେ ପଚରାଉଚରା କରିଥିଲେ। ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଉଭୟଙ୍କୁ ସାଥିରେ ଆଣି ବାଲିଗୁଡ଼ା ଥାନା ଜିମା ଦେଇଥିଲେ। ପରେ ସେମାନଙ୍କ ପରିବାର ଲୋକଙ୍କୁ ଥାନା ପକ୍ଷରୁ ଅବଗତ କରାଯିବା ପରେ ଉଭୟ ଛାତ୍ରଙ୍କ ଅଭିଭାବକ ଥାନାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ଦୁର୍ଗମ ଅଞ୍ଚଳ ହୋଇଥିବାରୁ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ପିଲାଙ୍କର କିଛି ଅଘଟଣ ଘଟିଥିଲେ ଏଥିପାଇଁ କିଏ ଦାୟୀ ହୋଇଥାନ୍ତା ବୋଲି ଉଭୟ ଛାତ୍ରଙ୍କ ମା'ବାପା ପ୍ରଶ୍ନ ଉଠାଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ଅବହେଳାର ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନଙ୍କ ଅଭିଭାବକ ଓ ସମ୍ପୃକ୍ତ ୨ ମହିଳା ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ମହେଶ୍ୱର ମାଝୀଙ୍କୁ ପଚାରିବାରୁ ଏହି ବିଦ୍ୟାଳୟ ଆମ ଅଧୀନରେ ଯାଉନାହିଁ ବୋଲି କହିଛନ୍ତି।

# ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)

ପବିତ୍ର ଶ୍ରାବଣ ମାସ କୃଷ୍ଣପକ୍ଷ ଏକାଦଶୀ ତିଥି ଅବସରରେ ରବିବାର 'କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ' ପକ୍ଷରୁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସୂର୍ଯ୍ୟ ଆଳତି ଅନୁଷ୍ଠିତ ହୋଇଯାଇଛି। ପଞ୍ଜିକାନୁଯାୟୀ, ପ୍ରତ୍ୟୁଷ ୫ଟା ୨୦ରେ ସୂର୍ଯ୍ୟ ପୂଜା ପରେ ବନ୍ଦାପନା ଓ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ଧର୍ମୀୟ ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଟ୍ରଷ୍ଟ ପକ୍ଷରୁ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଟ୍ରଷ୍ଟ ମାର୍ଗଦର୍ଶକ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭ୍ୟା ସଭ୍ୟ ଓ ଚନ୍ଦ୍ରଭାଗାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନେ ମିଶି ସୂର୍ଯ୍ୟ ଆଳତି କରିଥିଲେ। ଅତିଥି ଭାବେ ପ୍ରଫେସର ହରମୋହନ ମିଶ୍ର, କୋଷାଧ୍ୟକ୍ଷ ସଞ୍ଜୟ ବରାଳ, ବାନର ସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ଶ୍ରୀଧର ନାୟକ, ପ୍ରସନ୍ନ ତ୍ରିପାଠୀ, ପ୍ରତାପ ରାଉତ, ସାଂସଦଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି, ଓ ସୁକାନ୍ତ କୁମାର ନାଏକ, ଅଜିତ୍ କୁମାର ମଲ୍ଲିକ, ରବିନ୍ଦ୍ରନାଥ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ବିରଞ୍ଚି ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ମାସର ସଂକ୍ରାନ୍ତି ଓ ସ୍ୱତନ୍ତ୍ର ଦିବସରେ ସକଳ ଶକ୍ତିର ଆଧାର ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଛି। ଜୁନ୍ ୨୦ ତାରିଖରୁ ମାସିକ ଆଳତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

# ରାସ୍ତା ମରଣଯନ୍ତା: ପ୍ରଶାସନ ଦାୟୀ




ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା।

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସହର ଦେଇ ଯାଇଥିବା ୫୭ ନମ୍ବର ଜାତୀୟ ରାଜପଥରେ ଖାଲଖମା ଦେଖିବାକୁ ମିଳୁଛି। ପିତାପଲ୍ଲୀ ଛକ ନିକଟରୁ ମୁକୁନ୍ଦପ୍ରସାଦ, ଗୋଡ଼ିପୋଖରୀ, ଟ୍ରାଫିକ ଛକ, ମେଡିକାଲ ଦେଇ ଏହା ନୟାଗଡ଼-ବଲାଙ୍ଗୀରକୁ ସଂଯୋଗ କରୁଛି। ମୁକୁନ୍ଦପ୍ରସାଦ ଠାରୁ ମେଡିକାଲ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ଅବସ୍ଥାରେ ରହିଛି। ଗାତ ସୃଷ୍ଟି ଯୋଗୁ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ପୋଷ୍ଟ ଅଫିସ ଛକ ନିକଟରେ ୪ଟି ବଡ଼ ଗାତ ସୃଷ୍ଟି ହୋଇଛି। ମେଡିକାଲ ଛକଠାରୁ ଏକ ଘରୋଇ ମେଡିକାଲ ପର୍ଯ୍ୟନ୍ତ ରାସ୍ତାରେ ବିରାଟ ଗାତ ଦେଖିବାକୁ ମିଳିଛି। ଲୋକେ ଯାତାୟାତ ଲାଗି ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଜାତୀୟ ରାଜପଥ କର୍ତ୍ତୃପକ୍ଷ କେବଳ ଗାତରେ ପିଚୁ ଢାଳେଇ କରି ଛାଡ଼ିଦେଉଛନ୍ତି। ଫଳରେ କିଛି ଦିନ ପରେ ପିଚୁ ତରଳି ପୁନଃ ଗାତ ସୃଷ୍ଟି ହେଉଛି। ବିଭାଗୀୟ ଅପାରଗତା ଏବଂ ପ୍ରଶାସନିକ ଅବହେଳାକୁ ଲୋକେ ଦାୟୀ କରୁଛନ୍ତି। ନୂଆ ବସଷ୍ଟାଣ୍ଡ ନିକଟ ପଲ୍ଲା ଛକ ନିକଟରେ ଏକାଧିକ ଖାଲ ହୋଇଛି। ଏହି ରାସ୍ତା ସହରର ଏକ ପ୍ରବେଶ ପଥ ହୋଇଥିବାରୁ ସବୁ ସମୟରେ ଟ୍ରାଫିକ ସମସ୍ୟା ରହୁଛି। ଗାତରେ ବର୍ଷାପାଣି ଜମିଲେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗତବର୍ଷ ପୂର୍ତ୍ତବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଚଣ୍ଡିତୁଆ ଛକ ପର୍ଯ୍ୟନ୍ତ ପତଳା ସ୍ତରରେ ପିଚୁ ଢାଳେଇ କରି ଛାଡ଼ିଦିଆଗଲା। ନିମ୍ନମାନର କାମ ଯୋଗୁ ପିଚୁ ଉଠିଯାଇ ପୁଣି ଗାତ ସୃଷ୍ଟି ହୋଇଛି। ପଲ୍ଲା ଛକ ନିକଟରେ ଗାତରେ ପିଲା ପଡ଼ି ଆହତ ହେଉଛନ୍ତି। ମରାମତିର ଏକ ବର୍ଷ ନ ପୂରୁଣୁ ରାସ୍ତା ପୁଣି ଶୋଚନୀୟ ହୋଇଥିବା ସ୍ଥାନୀୟ ଲୋକେ ଗଣମାଧ୍ୟମ ଆଗରେ କହିଛନ୍ତି।

ସେହିଭଳି ନୂଆ ବସଷ୍ଟାଣ୍ଡ ଠାରୁ ଚଣ୍ଡିତୁଆ ଛକ ପର୍ଯ୍ୟନ୍ତ ଗତ ୫ବର୍ଷ ମଧ୍ୟରେ ଏକାଧିକ ଥର ମରାମତି କରାଯାଇଛି। ତେବେ କିଛି ମାସ ପରେ ରାସ୍ତାରୁ ପିଚୁ ଉଠିଯାଇଛି। ଏହି ରାସ୍ତା ମରାମତି ଆଳରେ ଲକ୍ଷାଧିକ ଟଙ୍କା ହଡପ କରାଯାଇଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ଏହାର ତଦନ୍ତ କରାଯିବାକୁ କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି ଦାବି କରିଛନ୍ତି। ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ନିମ୍ନମାନର କାମ ହୋଇଥିବା ମହାନ୍ତି ଅଭିଯୋଗ ଆଣିଛନ୍ତି। ୩ବର୍ଷ ତଳେ ନିମ୍ନମାନର ରାସ୍ତା ନିର୍ମାଣକୁ ନେଇ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଥିଲା। ପଲ୍ଲା ଛକଠାରୁ ଇସ୍କନ ମନ୍ଦିର ରାସ୍ତା, ଡାକ୍ତର୍ସ ଲେନ ଠାରୁ ଗୁରୁଜଙ୍ଗ ସମେତ ସହର ସାହିଗଳି କନ୍ଦି ରାସ୍ତା ଅବସ୍ଥା କଦର୍ଯ୍ୟ ବୋଲି ସାମାଜିକ କର୍ମୀ ଜୟନ୍ତ ମହାନ୍ତି କହିଛନ୍ତି। ଏନେଇ ପୌର ପ୍ରଶାସନ କର୍ତ୍ତୃପକ୍ଷଙ୍କ ସୂଚନାନୁଯାୟୀ, ନିକଟରେ ଇସ୍କନ ଛକଠାରୁ ଟ୍ରାଫିକ ଛକ ପର୍ଯ୍ୟନ୍ତ ରାସ୍ତା ପାଇଁ ୧୨ କୋଟି ଏବଂ ଅନ୍ୟ ରାସ୍ତା ମରାମତି ପାଇଁ ୧୦ କୋଟି ଟଙ୍କାର ବ୍ୟୟବରାଦ ସହ ଶିଳାନ୍ୟାସ କରାଯାଇଛି। ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ବର୍ଷା ଦିନ ଯୋଗୁ ରାସ୍ତା ମରାମତିରେ ବିଳମ୍ବ ଘଟୁଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ଘର ସମ୍ମୁଖରେ ପାଚେରି ନିର୍ମାଣ

## ୫ ପରିବାର ଯାତାୟାତ ପାଇଁ ରାସ୍ତା ନାହିଁ

ଟାଙ୍ଗୀ,୨୦।୭(ରଘୁନାଥ ସାହୁ)

ଚାନ୍ଦପୁର ଥାନା ଅନ୍ତର୍ଗତ ଜେମାଦେଈପୁର ଗ୍ରାମର ୫ ପରିବାରଙ୍କ ଘର ସମ୍ମୁଖରେ ପାଚେରି ନିର୍ମାଣ ଫଳରେ ଯାତାୟାତ ପାଇଁ ରାସ୍ତା ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଚାନ୍ଦପୁର ପୋଲିସ ଓ ରଣପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ ନ୍ୟାୟ ମିଳିପାରିନାହିଁ। ସୂଚନାଯୋଗ୍ୟ, ଜେମାଦେଈପୁର ଗ୍ରାମରେ ଖାତା ନଂ ୨୩୧/୮୨ ଓ ପ୍ଲଟ ନଂ. ୧୭୪ରେ ରୀନା ପ୍ରଧାନ, ସୁଷମା ମହାପାତ୍ର, ସନ୍ତୋଷ ସାହୁ, ରଙ୍କ ଖମାରୀ, ବୈକୁଣ୍ଠ ଖମାରୀ, ବସନ୍ତ ଖଟେଇ, ରବୀନ୍ଦ୍ର ସାହୁ, ପ୍ରଫୁଲ୍ଲ ପ୍ରଧାନ ଏବଂ ଲକ୍ଷ୍ମୀ ପରିଡା ପ୍ରମୁଖ ଘରବାଡ଼ି କିସମ ଜମି କିଣିଥିଲେ। ଏହି ସ୍ଥାନରେ ୩ ବର୍ଷ ଧରି ୫ଟି ପରିବାର ଘର ତିଆରି କରି ରହିଆସୁଥିଲେ। ଗତ ଜୁନ୍ ୮ରେ ସେହି ଗ୍ରାମର ଜନୈକ ବ୍ୟକ୍ତି ୫ଟି ପରିବାରର ଘର ସମ୍ମୁଖରେ ବଳପୂର୍ବକ ଏକ ପାଚେରି ନିର୍ମାଣ କରିଦେଇଥିଲେ। ଫଳରେ ପରିବାର ସଦସ୍ୟମାନେ ଯାତାୟାତ ପାଇଁ ହୀନସ୍ତା ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଜାଗା ମାପଚୁପ ପାଇଁ ରଣପୁର ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ। ଅଦ୍ୟାବଧି ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ ପାଇଁ କୌଣସି ବ୍ୟବସ୍ଥା ହୋଇପାରିନାହିଁ। ତହସିଲଦାର ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଦାବି ଜଣାଇଛନ୍ତି।



ପାଚେରି ନିର୍ମାଣକୁ ନେଇ ପ୍ରତିବାଦ କରାଯାଉଛି।

# ୨୦ ଦିନ ପରେ ବି ଜିଲାପାଳ ପଦବୀ ଖାଲି

ଖୋର୍ଦ୍ଧା,୨୦।୭(ପ୍ରଭାତ ପାଣିଗ୍ରାହୀ)

ପୁରୀ ଶରଧାବାଲି ଦଳାଚକଟା ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟଣାକୁ ନେଇ ସରକାର ତତ୍କାଳୀନ ପୁରୀ ଜିଲାପାଳଙ୍କୁ ବଦଳି କରିବା ସହ ତାଙ୍କ ସ୍ଥାନରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣାଙ୍କୁ ଗତ ଜୁନ ୨୯ରେ ନିଯୁକ୍ତି ଦେଇଥିଲେ। ରାଣା ପୁରୀ ବଦଳି ହୋଇ ଚାଲିଯାଇଥିବାବେଳେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ସାଫଲ୍ୟମଣ୍ଡିତ ପ୍ରଧାନ ଜିଲାପାଳ ଦାୟିତ୍ୱରେ ରହିଛନ୍ତି। ଇତିମଧ୍ୟରେ ୨୦ ଦିନ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ସରକାର ନୂତନ ଜିଲାପାଳଙ୍କୁ ନିଯୁକ୍ତି ଦେଇନାହାନ୍ତି। ଫଳରେ ଜିଲାର ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନାହିଁ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଓ ପ୍ରକଳ୍ପ ନିର୍ମାଣରେ ବାଧା ସୃଷ୍ଟି ହେଉଛି। ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟିବାକୁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଛନ୍ତି। ଜିଲାରେ ହଇଜା, ବାର୍ଡ ଫ୍ଲୁ ଆଦି ଦେଖାଦେଇଥିବାବେଳେ ଜିଲାପାଳ ପଦବୀ ଖାଲିକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# 'ସୁସ୍ଥ ଜୀବନ ପାଇଁ ପୂର୍ଣ୍ଣାଙ୍ଗ ଯୋଗ'



ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ଯୋଗ କର୍ମଶାଳା।

ଜଟଣୀ,୨୦।୭(ରବୀନ୍ଦ୍ରନାଥ ମହାକୁଡ଼)

ବରିଷ୍ଠ ନାଗରିକ ମଞ୍ଚ, ଜଟଣୀ ଆନୁକୂଲ୍ୟରେ ଏକ ପୂର୍ଣ୍ଣାଙ୍ଗ ଯୋଗ କର୍ମଶାଳା ଆୟୋଜିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ଭକ୍ତବନ୍ଧୁ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ବିକାଶନଗରସ୍ଥିତ ସୁଖଶାନ୍ତି ପାର୍କରେ ଆୟୋଜିତ ଏହି କର୍ମଶାଳାରେ ପ୍ରହ୍ଲାଦ ସାହୁ ଯୋଗଶିକ୍ଷା ଦେଇଥିଲେ। ଶ୍ୟାମସୁନ୍ଦର ପଣ୍ଡା ଓ ପଦ୍ମନାଭ ପାଣିଗ୍ରାହୀ ତାଙ୍କୁ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ଶାରୀରିକ ବ୍ୟାୟାମ ସହିତ ଆସନ, ପ୍ରାଣାୟମ ଶିକ୍ଷା ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମଞ୍ଚ ପରିସରରେ ସବୁଜ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ଚାରାରୋପଣ କରାଯାଇଥିଲା। ମଞ୍ଚର ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ ଓ ସହସମ୍ପାଦକ ପ୍ରହ୍ଲାଦ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ରଜବନ୍ଧୁ ନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ, କେ.ରାମାରାଓ, ମହେନ୍ଦ୍ର ସାହୁ, ପଦ୍ମଲୋଚନ ସାହୁ, ଶରତ ଦାଶ, ଶରତ ଚନ୍ଦ୍ର ସାହୁ, ବିଳାସ ଜେନା, ଧିରେନ୍ ପଡ଼ିଆରୀ, ମଙ୍ଗୁଳି ବାରିକ, କୁମୁଦିନୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଆବର୍ଜନାରେ ପଡ଼ିଛି ସୂଚନାଫଳକ

ଟାଙ୍ଗୀ,୨୦।୭(ରଘୁନାଥ ସାହୁ)

ପୂର୍ତ୍ତବିଭାଗ ତରଫରୁ ବିଭିନ୍ନ ରାସ୍ତାପାର୍ଶ୍ୱରେ 'ରାସ୍ତା ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର' ଲେଖାଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଫଟୋଚିତ୍ର ଥାଇ ବଡ଼ ବଡ଼ ସୂଚନାଫଳକ ଲଗାଯାଇଛି। ଟାଙ୍ଗୀ ବାଇପାସ୍ ରାସ୍ତା ପାର୍ଶ୍ୱରେ ଏଭଳି ଏକ ସୂଚନାଫଳକ ଦୀର୍ଘ ଦିନ ଧରି ଲଟାବୁଦା ମଧ୍ୟରେ ପଡ଼ିରହିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ନାହିଁ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅସମ୍ମାନ ହେଉଥିବା ଟାଙ୍ଗୀ ବରିଷ୍ଠ ନାଗରିକ ମଞ୍ଚ ଅଭିଯୋଗ ଆଣି ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛି।

# ରୋଟାରି କ୍ଲବ ପକ୍ଷରୁ ରକ୍ତଦାନ ଶିବିର

ବାଲୁଗାଁ,୨୦।୭(ସଂଗ୍ରାମ ପାଇକରାୟ)

ବାଣପୁର-ବାଲୁଗାଁ ରୋଟାରି କ୍ଲବ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ସ୍ଥାନୀୟ ବଣିକ ସଂଘ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲୁଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଜୟପ୍ରକାଶ ପରିଡା ଯୋଗଦେଇଥିଲେ। ଖୋର୍ଦ୍ଧା ରକ୍ତଭଣ୍ଡାରର ଡାକ୍ତର ଏବଂ କର୍ମଚାରୀଙ୍କ ଦ୍ୱାରା ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଉକ୍ତ ଶିବିରର ଅଧ୍ୟକ୍ଷ ଡ. ସୁନୀଲ କୁମାର ପଟ୍ଟନାୟକ, କ୍ଲବ ସଭାପତି ସୁନୀଲ କୁମାର ପାତ୍ର, ସମ୍ପାଦକ ହିମାଂଶୁ କୁମାର ପାତ୍ର, ପ୍ରାକ୍ତନ ସଭାପତି ବିଜୟ କୁମାର ନନ୍ଦ, ଡାକ୍ତର ଯୋଗୀନ୍ଦ୍ର ସେନାପତି, ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକ, ନନ୍ଦକିଶୋର ମିଶ୍ର, ରବିନାରାୟଣ ପାଲଙ୍କ ସମେତ ସଭ୍ୟ ଡ. ଚିନ୍ତାମଣି ମିଶ୍ର, ରବୀନ୍ଦ୍ରନାଥ ପ୍ରଧାନ, କ୍ୟାପ୍‌ଟେନ ଭବାନୀ ପ୍ରସାଦ ହୋତା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

# ହିନ୍ଦୁ ରୀତିରେ ମାଙ୍କଡ଼ ମୃତଦେହ ସତ୍କାର କଲେ ଯୁବକ

ବୋଲଗଡ଼,୨୦।୭(ଦେବବ୍ରତ ହୋତା)

ଖଗୁରିଆ ପଞ୍ଚାୟତ ଅରଖପଲ୍ଲୀ ଗ୍ରାମ ହିନ୍ଦୁ ସାହି ମଝିରେ ଥିବା ଏକ ବିଦ୍ୟୁତ ଖୁଣ୍ଟର ତାର ସଂସ୍ପର୍ଶରେ ଆସି ରବିବାର ସକାଳେ ଏକ ମାଙ୍କଡ ପ୍ରାଣ ହରାଇଛି। ତେବେ ପ୍ରଭୁ ଶ୍ରୀରାମଙ୍କ ଦୂତ ହନୁମାନଙ୍କ ବଂଶଧର ରୂପେ ମାଙ୍କଡ଼ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ବିଶ୍ୱାସ କରିଆସୁଛନ୍ତି। ସେଥିପାଇଁ ହିନ୍ଦୁସାହିର ଯୁବକମାନେ ମାଙ୍କଡ଼ର ମୃତଦେହକୁ ଉଦ୍ଧାର କରି ଏକ ଚୌକିରେ ରଖି ଫୁଲ, ଚନ୍ଦନ, ସିନ୍ଦୂର, ଧୂପ ଦେଇ ନାମ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। ପରେ ସ୍ଥାନୀୟ ଶ୍ମଶାନରେ ଗାତ ଖୋଳି ମୃତଦେହକୁ ମାଟିରେ ପୋତି ସତ୍କାର କରିଥିଲେ। ମାଙ୍କଡର ସଂସ୍କାର କାର୍ଯ୍ୟ କରାଯିବ ଏବଂ ଆସନ୍ତା ୨୯ ତାରିଖରେ ଦଶାହ ପାଳନ ହିନ୍ଦୁ ରୀତିନୀତି ଅନୁଯାୟୀ ଆୟୋଜନ କରାଯିବ ବୋଲି ଭାଜପା ଯୁବନେତା ଦୀପନ ବିଶ୍ୱାଳ କହିଛନ୍ତି।



ମାଙ୍କଡ଼ର ଶବସତ୍କାର କରାଯିବାକୁ ନିଆଯାଉଛି।

# ପାଇପ୍ ଫାଟି ରାସ୍ତାରେ ପାନୀୟଜଳ

ଟାଙ୍ଗୀ, ୨୦।୭(ରଘୁନାଥ ସାହୁ)

ଚାନ୍ଦପୁର ବଜାର ରାସ୍ତାରେ ପାନୀୟଜଳ ବୋହିଯାଇ ଅପଚୟ ହେଉଛି। ରାସ୍ତା ସାରା ପାଣି ପଚପଚ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପ୍ରତି ପଞ୍ଚାୟତ ବାସିନ୍ଦାଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଛି। ପଞ୍ଚାୟତ



ହାତରେ ଏହି ଦାୟିତ୍ୱ ରହିଛି। ଦୀର୍ଘ ଦିନ ଧରି ପାଇପ୍ ଫାଟି ପିଇବା ପାଣି ନଷ୍ଟ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଅଯଥାରେ ପାଣି ନଷ୍ଟ ହେବା ସହ ରାସ୍ତାରେ ପାଣି ଜମି ରହି ଯାତାୟାତରେ ସମସ୍ୟା ଉପୁଜୁଛି। ତୁରନ୍ତ ପାଇପ୍ ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ନିରାକାରପୁର,୨୦।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ଆର୍ଯ୍ୟବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର 'ମାତୃ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ୧୪୩ ଜଣ ମାଆ ଉପସ୍ଥିତ ଥିଲେ। ବିଦ୍ୟା ମନ୍ଦିରର ବ୍ୟବସ୍ଥାନୁଯାୟୀ ସର୍ବପ୍ରଥମେ ଉପସ୍ଥିତ ଥିବା ମା' ସବିତା ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟା ମନ୍ଦିର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ କହିଥିଲେ, ବିଦ୍ୟା ମନ୍ଦିର ଓ ଅଭିଭାବକ ରେଳଧାରଣାର ଦୁଇପାର୍ଶ୍ୱ ଭଳି। ଦୁଇ ରେଳଧାରଣା ଭିତରେ ସୁସମନ୍ୱୟ ରହିଲେ ଶିଶୁର ଶିକ୍ଷାରୂପକ ଗାଡ଼ି ଦ୍ରୁତ ଗତିରେ ଗଡ଼ିବ। ନଚେତ ରେଳଗାଡ଼ି ଲାଇନ୍‌ଚ୍ୟୁତ ହେଲା ଭଳି ଶିଶୁର ସାମଗ୍ରିକ ବିକାଶ ହୋଇପାରିବ ନାହିଁ। ଠିକ୍ ସେହିପରି ଅଭିଭାବକ ଏବଂ ବିଦ୍ୟାମନ୍ଦିରର ଦୁଇ ପାର୍ଶ୍ୱରୁ ଗୋଟିଏ ପାର୍ଶ୍ୱର ସହଯୋଗ ଊଣା ହେଲେ ଶିକ୍ଷା ଓ ଶୃଙ୍ଖଳାରେ ବ୍ୟତିକ୍ରମ ଦେଖାଦେବ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ ଶିକ୍ଷଣ ପଦ୍ଧତିର ବିଭିନ୍ନ ଧାରାର ଆଲୋଚନା କରି କହିଥିଲେ, ଆନନ୍ଦଦାୟୀ ଶିକ୍ଷା ହିଁ ଶିଶୁର ଶିକ୍ଷା ବିକାଶରେ ସହଜଲବ୍ଧ ହୋଇଥାଏ। ପରେ ଗୁରୁଜୀ ଗୁରୁମାଙ୍କ ଶିକ୍ଷଣ କାଳାଂଶର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ପ୍ରାନ୍ତଃ ପର୍ଯ୍ୟାୟ ପ୍ରମୁଖ ବିନୋଦ ବିହାରୀ ସେଠୀ ସଭା ପରିଚାଳନା କରିଥିଲେ।



ମାତୃ ସମ୍ମିଳନୀରେ ଉପସ୍ଥିତ ଅଭିଭାବିକା ଏବଂ ପିଲାମାନେ।

# ସରକାରୀ ରାସ୍ତା ଜବରଦଖଲ: ଗ୍ରାମବାସୀ ହଇରାଣ

ବୋଲଗଡ଼,୨୦।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅନ୍ତର୍ଗତ ଅନେକ ଗ୍ରାମରେ ସରକାରୀ ଜାଗା, ରାସ୍ତା, ପୋଖରୀ ହୁଡ଼ା, ଗୋଚର, ଅନାବାଦୀ, ଜଙ୍ଗଲଜମିକୁ କେତେକ ବ୍ୟକ୍ତି ଜବରଦଖଲ କରି ରଖିଥିବା ଅଭିଯୋଗ ହେଉଛି। ବୋଲଗଡ଼ ତହସିଲ ପିଚୁକୁଳି ରାଜସ୍ୱ ସର୍କଲ ଅଧୀନ ରାସୋଳ ଗ୍ରାମର ବୁଦ୍ଧିନାଥ ବେହେରାଙ୍କ ବାରିଠାରୁ ବଡ଼ସାହି ଛକ, ଆର୍‌ଡି ରାସ୍ତା ନିକଟ ବାଉତି ମନ୍ଦିରଠାରୁ ନାରାୟଣ ବଳିୟାରସିଂ ଘର ଓ ହରିହର ମହାପାତ୍ରଙ୍କ ବାରିଠାରୁ ଜେନାଗାଡିଆ ପୋଖରୀ ପର୍ଯ୍ୟନ୍ତ ରାସ୍ତାରୁ ଜବରଦଖଲ ହଟାଇବାକୁ ନେଇ ୨୦୨୩ରେ ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେ ଏହାର ସରଜମିନ ତଦନ୍ତ ପାଇଁ ବୋଲଗଡ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପିଚୁକୁଳି ରାଜସ୍ୱ ନୀରିକ୍ଷକ ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ଗ୍ରାମବାସୀ ୧୬-୧୧-୨୦୨୪ରେ ଜିଲାପାଳଙ୍କୁ ପୁନର୍ବାର ଅଭିଯୋଗ କରିବାରୁ ସେ ବୋଲଗଡ଼ ତହସିଲଦାରଙ୍କୁ ମାପ ଚିହ୍ନଟ କରି ତୁରନ୍ତ ଉଚ୍ଛେଦ ପ୍ରକ୍ରିୟା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ତତ୍କାଳୀନ ତହସିଲଦାର, ସରକାରୀ ଅମିନ, ରାଜସ୍ୱ ନିରୀକ୍ଷକ ପ୍ରମୁଖ ପହଞ୍ଚି ରାସୋଳ ମୌଜା ଖାତା ନମ୍ବର ୩୯୯ର ପ୍ଲଟ ନମ୍ବର ୭୫୬, ୭୫୧, ୩୬୫କୁ ମାପ ଚିହ୍ନଟ କରିଥିଲେ। ଏନେଇ ପିଚୁକୁଳି ଆର୍‌ଆଇ ସର୍ବସାଧାରଣ ରାସ୍ତା ଜବରଦଖଲକାରୀଙ୍କ ନାମରେ ଜି ଫର୍ମ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ତେବେ ତତ୍କାଳୀନ ତହସିଲଦାରଙ୍କ ବଦଳି ହୋଇଯିବାରୁ କାର୍ଯ୍ୟାନୁଷ୍ଠାନ ଶିଥିଳ ପଡ଼ିଯାଇଛି। ଗ୍ରାମବାସୀଙ୍କ ବାରମ୍ବାର ଦାବି ପରେ ଆର୍‌ଆଇ ରିପୋର୍ଟ ଆଧାରରେ ଚଳିତ ମାସରେ ୮ଜବରଦଖଲକାରୀଙ୍କୁ ନିଜ ପକ୍ଷ ରଖିବାପାଇଁ ନୋଟିସ ଜାରି ହୋଇଛି। ରାସ୍ତା ଜବରଦଖଲ ଯୋଗୁ ଲୋକଙ୍କ ଚଳପ୍ରଚଳରେ ସମସ୍ୟା ଉପୁଜୁଛି ବୋଲି ସତ୍ୟନାରାୟଣ ବାରିକ, ବୁଦ୍ଧିନାଥ ବେହେରା, ସୁଶାନ୍ତ କୁମାର ସାହୁଙ୍କ ସମେତ ଗ୍ରାମ ମଙ୍ଗଳ ପରିଚାଳନା କମିଟି ଏବଂ କୁଣ୍ଡାଖାଇ ସେବା ସଂଘର ସଦସ୍ୟ ଅଭିଯୋଗ ଆଣିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ତହସିଲ କାର୍ଯ୍ୟାଳୟ ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି।



ଜବରଦଖଲ ହୋଇଥିବା ଗାଁ ରାସ୍ତା।

## ବେଆଇନ ବାଲିଘାଟ ଉପରେ ଚଢ଼ାଉ, ୭ ହାଇୱା ଜବତ

**କଣ୍ଟାପଡ଼ା,୨୦।୭(ସୂର୍ଯ୍ୟନାରାୟଣ ସାହୁ)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ କନ୍ଦଳନଦୀର ବଡବିଲି ନିକଟରେ ଏକ ବେଆଇନ ବାଲିଘାଟ ଉପରେ ଚଢ଼ାଉବେଳେ ପୋଲିସ ରବିବାର ୭ଟି ବାଲି ବୋଝେଇ ହାଇୱାକୁ ଜବତ କରିଛି। ତେବେ ଡ୍ରାଇଭରମାନେ ଗାଡ଼ି ଛାଡ଼ି ଦେଇ ଫେରାର ହୋଇ ଯିବାରୁ ପୋଲିସ ଗାଡ଼ିଗୁଡ଼ିକୁ ଘଟଣା ସ୍ଥଳରେ ଅଟକ ରଖିଛି। ଖବର ଲେଖାହେବା ବେଳକୁ ମାଇନ୍ସ ବିଭାଗର କର୍ମଚାରୀମାନେ ପହଞ୍ଚି ନ ଥିବାରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିନାହିଁ ବୋଲି ଗୋବିନ୍ଦପୁର ଥାନାଧିକାରୀ ସୋନାଲି ଆନନ୍ଦ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, କଣ୍ଟାପଡ଼ା ତହସିଲ ଅନ୍ତର୍ଗତ କନ୍ଦଳନଦୀର ସାଇଲୋ ବଡବିଲି ଓ ଦେବୀନଦୀର ଅଣ୍ଡେଇସାହି ନିକଟରେ ୨ଟି ବାଲିଘାଟ ଦୀର୍ଘ ଦିନ ହେଲା ବେଆଇନ ଭାବେ ଚାଲିଆସୁଛି। ବର୍ଷାଦିନେ ନଦୀରୁ ବାଲି ଉଠାଇବା ସମ୍ପୂର୍ଣ୍ଣ ନିଷିଦ୍ଧଥିଲେ ମଧ୍ୟ ସରକାରୀ ଛୁଟିଦିନରେ କିଛି ଦୁର୍ବୃତ୍ତ ଉକ୍ତ ସ୍ଥାନଦ୍ୱୟରୁ ବେଧଡ଼କ ଭାବେ ବାଲି ଉଠାଇ ବିକ୍ରି କରୁଛନ୍ତି। ରବିବାର କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ଓ ଗୋବିନ୍ଦପୁର ପୋଲିସ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ଓଡି୦୨-ୱାଇ-୯୬୧୧, ଓଡି୦୨-ସିୱାଇ-୯୧୮୭, ଓଡି୧୮-ବି-୩୭୩୯, ଓଡି୦୨-ସିଏ-୨୩୦୦, ଓଡି୩୫-ଇ-୫୬୮୧, ଓଡି୧୮-ଇ-୧୯୧୯ ଆଦି ୭ଟି ବାଲି ବୋଝଇ ହାଇୱାକୁ ପୋଲିସ ଅଟକ ରଖିଛି।

## ରୋଟାରି କ୍ଲବ ଅଫ୍ କଟକ ଇଷ୍ଟର ଅଧିଷ୍ଠାନ ଉତ୍ସବ

**କଟକ, ୨୦।୭(କାର୍ତ୍ତିକ ସାହୁ)**

କଟକ କଲେଜ ଛକସ୍ଥିତ ହୋଟେଲ ଅଶୋକାର ସମ୍ମିଳନୀ କକ୍ଷରେ ରୋଟାରି କ୍ଲବ ଅଫ୍ ଇଷ୍ଟର ୨୬ତମ ଅଧିଷ୍ଠାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦାୟୀ ସଭାପତି ସ୍ମୃତି ରଞ୍ଜନ ଷଡ଼ଙ୍ଗୀ ୨୦୨୫-୨୬ ବର୍ଷ ପାଇଁ ନବ ନିର୍ବାଚିତ ସଭାପତି ଶରତ ଚନ୍ଦ୍ର ଦାଶଙ୍କୁ କଲର, ଗଙ୍ଗ, ଗାଭେଲ, ଚାର୍ଟର ଆଦି ପ୍ରଦାନ କରି ଦାୟିତ୍ୱ ହସ୍ତାନ୍ତର କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ରତ୍ନାକର ରାଉତ ଯୋଗଦେଇ ରୋଟାରି କ୍ଲବ ଅଫ୍ କଟକ ଇଷ୍ଟର କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିବା ସହିତ ସମାଜର ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟରେ ରୋଟାରୀର ଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ଉତ୍ସବର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ରୋଟାରୀ କ୍ଲବ୍ କଟକ ଇଷ୍ଟ କ୍ଲବ୍ ତରଫରୁ ପ୍ରକାଶିତ ବାର୍ଷିକ ବୁଲେଟିନ 'ପ୍ରାଚୀ' ଉନ୍ମୋଚିତ ହୋଇଥିଲା। କ୍ଲବ୍‌ର ପୂର୍ବତନ ସମ୍ପାଦକ ଅମ୍ରିତ ରାଜ ସିଂ ଗତ ବୈଠକର ପ୍ରୋସିଡ଼ିଂ ପଠନ କରିଥିବାବେଳେ ସମ୍ପାଦକ ବୀର କିଶୋର ପରିଡ଼ା ଚଳିତ ବର୍ଷ ୨୦୨୫-୨୬ ପାଇଁ କ୍ଲବ୍ ତରଫରୁ ପ୍ରସ୍ତୁତ କରାଯାଇଥିବା ଆକ୍ସନ ପ୍ଲାନ୍ ବର୍ଣ୍ଣନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପ୍ରାକ୍ତନ ପାଷ୍ଟ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର (ପିଡିଜି) ଦିଲୀପ କୁମାର ପଟ୍ଟନାୟକ, ପିଡିଜି ଏ. ବି. ମହାପାତ୍ର, ଜୋନାଲ ଚେୟାର ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ସମାଜ ସେବାରେ ରୋଟାରି କ୍ଲବ ସମ୍ପୂର୍ଣ୍ଣ ନିୟୋଜିତ ରହିବା ସହିତ କ୍ଲବର ସଦସ୍ୟମାନେ ବ୍ୟକ୍ତିଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ଗରିବ, ଅବହେଳିତ, ଅସହାୟ ଲୋକଙ୍କ ପାଇଁ ନିଜକୁ ସମର୍ପିତ କରିବାକୁ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ।



ଶ୍ରାବଣ ମାସ ଦ୍ୱିତୀୟ ସୋମବାର ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ ରବିବାର କଟକ ଗଡ଼ଗଡ଼ିଆ ଘାଟରୁ ପାଣି ନେବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।(ଫଟୋ: ରାଜକିଶୋର ମହାନ୍ତି)

## ଶିବଙ୍କ ମହାରୁଦ୍ରାଭିଷେକ, ଶୃଙ୍ଗାର ବେଶ

**କଟକ,୨୦।୭(କାର୍ତ୍ତିକ ସାହୁ)**

ଶ୍ରାବଣ ମାସ କୃଷ୍ଣ ପକ୍ଷ ଦଶମୀ ତିଥିରେ କଟକ ସହରର ବିଭିନ୍ନ ସ୍ଥାନରେ ଶିବଙ୍କ ମହାରୁଦ୍ରାଭିଷେକ ଓ ଶୃଙ୍ଗାର ବେଶ ଦର୍ଶନ ରବିବାର ସମ୍ପନ୍ନ ହୋଇଛି। ତୁଳସୀପୁରସ୍ଥିତ ଜେ.ବି. ଏସ୍ ଗାର୍ଡେନଠାରେ ମହାରୁଦ୍ରାଭିଷେକ ସହିତ ଶିବ ଶୃଙ୍ଗାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ୫୧ ଜଣ ଦମ୍ପତି ଯୋଡି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ବନାରସର ପଣ୍ଡିତ ଜୟ ଚନ୍ଦ୍ର ଝା ମୁଖ୍ୟ ପୂଜକ ଭାବରେ ଯୋଗଦେଇ ଦମ୍ପତି ଯୋଡିଙ୍କୁ ପୂଜା ପାଠ କରାଇଥିଲେ। ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହର ହର ମହାଦେବ ଏବଂ ଓଁ ନମଃ ଶିବାୟ ଉଚ୍ଚାରଣରେ ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । କଟକ ସହରର ବହୁ ମାରୱାଡି ସମାଜର ଶିବ ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଫୁଲ ମାଧ୍ୟମରେ କାର୍ଯ୍ୟକ୍ରମସ୍ଥଳୀକୁ ସଜ୍ଜିତ କରାଯାଇଥିଲା।



ତୁଳସୀପୁରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ମହା ରୁଦାକ୍ଷ ଓ ଶୃଙ୍ଗାର ଦର୍ଶନ।

## ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଟକ ଜିଲା ଛାତ୍ର କଂଗ୍ରେସ

**କଟକ,୨୦।୭(ଶିଳ୍ପା ପ୍ରିୟଦର୍ଶିନୀ)**

ନିମାପଡ଼ା ବଳଙ୍ଗା ଗ୍ରାମର ଛାତ୍ରୀଙ୍କ ଦେହରେ ୩ଜଣ ଯୁବକ ଦେହରେ ନିଆଁ ଲଗାଇ ମାରିବାକୁ ଉଦ୍ୟମ କରିବା ଘଟଣାକୁ ନିନ୍ଦା କରିଛି କଟକ ଜିଲା ଛାତ୍ର କଂଗ୍ରେସ। କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଆଇନମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ତେବେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ କୁମାର ଅଗ୍ରୱାଲ, ପ୍ରତୀକ ନାୟକ, ନିର୍ମଳ ସାମଲ, ଛାତ୍ର ନେତା ଶ୍ୟାମସୁନ୍ଦର ଶର୍ମା, ଜିଲା କଂଗ୍ରେସ ଉପସଭାପତି ଶିଶିର ରଥ ଓ ମନୋଜ ବିଶ୍ୱାଳ, ବରିଷ୍ଠ କଂଗ୍ରେସ ନେତା ରାମ ଚନ୍ଦ୍ର ଗୋଚ୍ଛାୟତ, ରାଜେଶ ସ୍ୱାଇଁ, କଟକ ନଗର(ଜିଲା)ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଅଶୋକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




ରେଭେନ୍ସା ୟୁନିଭର୍ସିଟି ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।



କଟକ ଅନ୍ନପୂର୍ଣ୍ଣା ଥିଏଟର ବି ଗ୍ରୁପ୍ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ପାଞ୍ଚ ପା'ର ଏକ ଦୃଶ୍ୟ।

## 'ଅକାଳି ପଇସା' ଭିଡିଓ ଭାଇରାଲ

### ରୋଗୀଙ୍କୁ ସାହାଯ୍ୟ ଆଳରେ ଶୋଷଣ

**କଟକ,୨୦।୭(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ଏସ୍‌ସିବି ମେଡିକାଲରେ 'ଅକାଳି ପଇସା' ସମ୍ପର୍କରେ ମେଡିକାଲର ଜଣେ କର୍ମଚାରୀ କଥା ବାର୍ତ୍ତା ହେଉଥିବା ସମୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ କର୍ମଚାରୀ ଜଣକ କହୁଛନ୍ତି ଯେ, ଯାହା ପଇସା ହେଲା, ଅଧାଅଧା। ୪୦୦ ମିଳିଲେ ଦୁଇ ଜଣ ଭାଗ ବାଣ୍ଟି ନେଉଛୁ। ସିକ୍ୟୁରିଟିରେ ବି ବେଳେବେଳେ ଏଥିରେ ଭାଗ ରହୁଛି। ରୋଗୀ ପାଇଁ ଗାଡ଼ି ବୁଝିଲେ, କମିଶନ ମିଳୁଛି। ଏହା ଅକାଳି ପଇସା, ନେବାରେ କ୍ଷତି କ'ଣ? ଏହି ଭିଡିଓରେ ବାର୍ତ୍ତାଳାପ କରିଥିବା କର୍ମଚାରୀ ଜଣକ ଏକ ଠିକା ସଂସ୍ଥାର ବୋଲି ସୂଚନା ମିଳିଛି। ତେବେ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ପଠାଇବା, ଡିସ୍‌ଚାର୍ଜ ବେଳେ ଗାଡ଼ି ବୁଝିଦେବା ଭଳି ଘଟଣାରେ କର୍ମଚାରୀମାନେ ଏପରି ରୋଜଗାର କରୁଥିବା ଭାଇରାଲ ଭିଡିଓରୁ ଜଣାପଡ଼ିଛି। ଅନ୍ୟପଟେ ଏସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ଅଗ୍ନି ବିପନ୍ନଙ୍କୁ ସହାୟତା

**ମଙ୍ଗୁଳି-ଜଗତପୁର,୨୦।୭(ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଷାଲଣ୍ଡା ଗ୍ରାମ ପଞ୍ଚାୟତ ଅଧୀନ ଆମ୍ବିଳୀଝରି ଗ୍ରାମର ଜଣେ ଅଗ୍ନିବିପନ୍ନଙ୍କୁ ବରିଷ୍ଠ ଭାଜପା ନେତା ଅଭୟ ବାରିକ ରବିବାର ସହାୟତାର ହାତ ବଢାଇଛନ୍ତି। ବିପନ୍ନ ରାଶନସାମଗ୍ରୀ ଓ ବସ୍ତ୍ର ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ପରିବାରକୁ ଏଥିସହିତ ପଥଶାସନ ତରଫରୁ କିଭଳି ସହାୟତା ମିଳିପାରିବ ସେ ନେଇ ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତି।

ସୂଚନା ମୁତାବକ,ଆମ୍ବିଳୀଝରି ଗ୍ରାମର ବାଇଧର ପୂର୍ତ୍ତି ଓ ତାଙ୍କ ପରିବାର ସମସ୍ତ ସଦସ୍ୟ ଦିନ ମଜୁରିଆ ଭାବେ କାମ କରନ୍ତି। ଶନିବାର ସକାଳୁ ସେମାନେ ବିଲକୁ ଧାନ ରୋଇବା ପାଇଁ ଘରେ ତାଲା ପକାଇ ଯାଇଥିଲେ। ଅପରାହ୍ଣ ୨ଟା ସମୟରେ ଘରେ ନିଆଁ ଲାଗିଯାଇଥିବା ଖବର ଶୁଣି ଘରକୁ ଫେରି ଆସିଥିଲେ। ଗ୍ରାମବାସୀଙ୍କ ସହାୟତାରେ ନିଆଁ ଆୟତ୍ତ କରିଥିଲେ ସୁଦ୍ଧା ଘରେ ଥିବା ଧାନ ଚାଉଳ ଓ ଅନ୍ୟାନ୍ୟ ଘର କରଣା ଜିନିଷ ପୋଡି ପାଉଁଶ ହୋଇଯାଇଥିଲା।

## ବିଶ୍ୱଭୂଷଣ ପାଇବେ 'ଉତ୍କଳ ରତ୍ନ' ସମ୍ମାନ

### ୨୬ ଓ ୨୭ରେ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ

**କଟକ,୨୦।୭(କାର୍ତ୍ତିକ ସାହୁ)**

ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ 'ଉତ୍କଳରତ୍ନ' ସମ୍ମାନ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ତଥା ସାରସ୍ୱତ ସାଧକ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ପ୍ରଦାନ କରାଯିବ। ଆସନ୍ତା ୨୭ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ୧୨୩ତମ ବାର୍ଷିକ ଉତ୍ସବରେ ବିଶ୍ୱଭୂଷଣଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ରବିବାର ସନ୍ଧ୍ୟାରେ ଉତ୍କଳ ସାହିତ୍ୟ ସମାଜର ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ସମିତି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହ ଅନ୍ୟାନ୍ୟ ସମ୍ମାନ ଓ ପୁରସ୍କାର ପ୍ରଦାନ ମଧ୍ୟ କରାଯିବ। ଏନେଇ ଅନୁଷ୍ଠାନର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସମ୍ପାଦକ ସୁନାମଣି ରାଉତ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।



ବିଶ୍ୱଭୂଷଣ ହରିଚନ୍ଦନ

## ୪୦ ଫୁଟ୍ ଲମ୍ବ ବାହୁଙ୍ଗିରେ ବୋଲବମ୍ ଯାତ୍ରା



୪୦ ଫୁଟ୍ ଲମ୍ବ ବାହୁଙ୍ଗି ଧରି ଜଳାଭିଷେକ ପାଇଁ ବାହାରିଥିବା ଶ୍ରଦ୍ଧାଳୁ।

**କଟକ,୨୦।୭(ଶିଳ୍ପା ପ୍ରିୟଦର୍ଶିନୀ)**

■ ବିଡ଼ାନାସୀ କୁମ୍ଭାରସାହି ତ୍ରିନାଥ ଯୁବକ କାଉଡିଆ ସଂଘର ନିଆରା ଉଦ୍ୟମ

ଶ୍ରାବଣ ମାସ ଦ୍ୱିତୀୟ ସୋମବାରରେ ଶୈବପୀଠରେ ଜଳଲାଗି କରିବା ପାଇଁ କାଉଡିଆଙ୍କ ମନରେ ବେଶ ଉତ୍କଣ୍ଠା ଓ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ଅବସରରେ କଟକ ବିଡ଼ାନାସୀ କୁମ୍ଭାରସାହିର ତ୍ରିନାଥ ଯୁବକ କାଉଡ଼ିଆ ସଂଘର ସଦସ୍ୟମାନେ ନିଆରା ଢଙ୍ଗରେ ଜଳଲାଗି କରିବା ପାଇଁ ଆଠଗଡ଼ସ୍ଥିତ ସର୍ପେଶ୍ୱର ପୀଠ ଅଭିମୁଖେ ବାହାରିଛନ୍ତି। ଏଥିପାଇଁ ରବିବାର ସନ୍ଧ୍ୟା ୫ଟାରେ ଚହଟା ଘାଟରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ପାଣି ଭାର ନେଇ ବାହାରିଛନ୍ତି। ଏହି ସଂଘର ୫ଶହ ସଦସ୍ୟ ୪୦ ଫୁଟ୍ ଲମ୍ବ ଓ ୨୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଶିବଧନୁ ଆକୃତିର ତିଆରି ବାହୁଙ୍ଗୀରେ ପାଣି ଓ କ୍ଷୀର ଭାର କାନ୍ଧେଇ ବାହାରିଛନ୍ତି। ଏହି ବାହୁଙ୍ଗି ତିଆରି କରିବା ପାଇଁ ସଂଘର ସଦସ୍ୟମାନଙ୍କୁ ଏକ ସପ୍ତାହ ସମୟ ଲାଗିଛି। ଏଥିପାଇଁ ପ୍ରାୟ ୧ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ବାଉଁଶ ଓ କାଠରେ ତିଆରି ହୋଇଥିବା ବାହୁଙ୍ଗିକୁ ସୋଲ ଓ ରଙ୍ଗିନ ଫୁଲରେ ସଜା ଯାଇଛି। ବାହୁଙ୍ଗିରେ ପୂର୍ବରୁ ୫୦କେଜିର ଘଣ୍ଟି ଓ ପିତଳ ଗରା ଲଗାଯାଇଥିବାବେଳେ ଚଳିତବର୍ଷ ଆଉ ୫୦ କେଜି ଅର୍ଥାତ ମୋଟ ପ୍ରାୟ ୧ କୁଇଣ୍ଟାଲ ଓଜନର ଘଣ୍ଟି ଲଗାଯାଇଛି। ଏହି ବାହୁଙ୍ଗିରେ ପ୍ରାୟ ୪୦ଲିଟର କ୍ଷୀର ଓ ୨୦ ଲିଟର ଜଳ ନିଆଯାଇ ସର୍ପେଶ୍ୱର ମହାଦେବଙ୍କୁ ଜଳାଭିଷେକ କରାଯିବ। ଏହି ୨୦ ଫୁଟ୍ ଲମ୍ବର ବାହୁଙ୍ଗି ଓ କାଉଡ଼ିଆମାନଙ୍କୁ ଦେଖିବା ପାଇଁ ଚହଟା ଘାଟରେ ଲୋକଙ୍କ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଛି। ଏନେଇ ସଂଘର ଯୁଗ୍ମ ସମ୍ପାଦକ ଗୋପାଳ ଚନ୍ଦ୍ର ବେହେରା କହିଛନ୍ତି, ସଂଘ ପକ୍ଷରୁ ଆଜିକୁ ୧୯ ବର୍ଷ ହେବ ମହାଦେବଙ୍କ ନିକଟରେ ଜଳଲାଗି କରାଯାଉଛି। କଟକ ଭାଇଚାରାର ବାର୍ତ୍ତା ବାଣ୍ଟିବା ସହ ଗ୍ରାମର ସମସ୍ତ ସଦସ୍ୟ ଓ ସମାଜର ଉନ୍ନତି ଓ ମଙ୍ଗଳ କାମନା କରି ସର୍ପେଶ୍ୱର ମହାଦେବଙ୍କୁ ଜଳାଭିଷେକ କରାଯିବ ବୋଲି କହିଛନ୍ତି।

## ଦୁଇ ହାଇୱେ ଲୁଟେରା ଗିରଫ

**ମଙ୍ଗୁଳି-ଜଗତପୁର,୨୦।୭ (ମାନସ ସାମଲ)**

କଟକ ଜିଲା ଟାଙ୍ଗୀ ଥାନା ପୋଲିସ ଦୁଇ ହାଇୱେ ଲୁଟେରାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଧୀନ ଚନ୍ଦନପୁର ଗ୍ରାମର ସେକ ଆଖାରୁଦ୍ଦିନ୍ ଓରଫ ଆଖାର (୨୪) ଓ ମହେଶ୍ୱରପୁର ଗ୍ରାମର ସେକ ଆୟୁନ(୧୯)। ସେମାନଙ୍କ ନିକଟରୁ ଗୋଟିଏ ଲେଖାଏଁ ଚୋରି ସୁନା ଚେନ୍, ବାଇକ, ନଗଦ ୭ଶହ ଟଙ୍କା ସହ ଦୁଇଟି ନମ୍ବର ପ୍ଲେଟ ପୋଲିସ ଜବତ କରିଛି। ଏନେଇ ଟାଙ୍ଗୀ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ବୁଧବାର ଅପରାହ୍ଣ ସାଢେ ୨ଟା ସମୟରେ ଟାଙ୍ଗୀ ଥାନା ଅଧୀନ କ୍ଷେତ୍ରପାଳ ଗ୍ରାମର ନିରୋଦ ବିଶ୍ୱାଳ ସ୍ୱାମୀଙ୍କ ସହ ଏକ ସ୍କୁଟିରେ କଟକରୁ ଘରକୁ ଫେରୁଥିଲେ। ନିର୍ଗୁଣ୍ଡି ଓଭର ବ୍ରିଜ୍ ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ ପଲ୍‌ସର ଗାଡ଼ିରେ ଆସି ହାଠାତ୍ ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୨୦୪/୨୫) ରୁଜୁ କରି ଛକ ଛକ ସିସିଟିଭି ଯାଞ୍ଚ କରିଥିଲା। ସିସିଟିଭିରୁ ଏକ ପଲ୍‌ସର ଗାଡ଼ି ନମ୍ବରକୁ ମାଧ୍ୟମ କରି ଦୁଇ ଲୁଟେରାଙ୍କୁ ଶନିବାର ଯାଜପୁରରୁ ଗିରଫ କରିଥିଲା। ଉଭୟଙ୍କ ନାମରେ ପୂର୍ବରୁ ଟାଙ୍ଗୀ ଓ ଯାଜପୁର ଥାନାରେ ୨ଟି ଲେଖାଏଁ ମାମଲା ଥିବାବେଳେ ବାଲିଚନ୍ଦ୍ରପୁର ଓ ବ୍ରହ୍ମବରଦା ଥାନାରେ ଗୋଟେ ଲେଖାଏଁ ମାମଲା ରହିଛି।

## ଶିକ୍ଷା ବିକାଶ ସମିତିର ପୂର୍ବ ଛାତ୍ର ସମ୍ମିଳନୀ

**କଟକ, ୨୦।୭(କାର୍ତ୍ତିକ ସାହୁ)**

ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ପୂର୍ବଛାତ୍ର ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସମ୍ମାନନୀୟ ଅତିଥି ଶିକ୍ଷା ବିକାଶ ସମିତିର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଆନନ୍ଦ ରାଓ ପାଢୀ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥିଭାବେ ପ୍ରବଚକ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ କହିଥିଲେ। ଉତ୍ତରପୂର୍ବ ସମ୍ଭାଗ ସଭାପତି ଶିବ ନାରାୟଣ ସିଂହ ଅଭିଭାଷଣ ଦେଇଥିଲେ। ଉତ୍ତରପୂର୍ବ ସମ୍ଭାଗ ସଦସ୍ୟା ଇନ୍ଦୁମତୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମ୍ମିଳନୀରେ କଟକ ସହରରେ ଥିବା ୧୨ଟି ଶିଶୁ ମନ୍ଦିରର ବହୁ ଛାତ୍ରୀଛାତ୍ର, ପ୍ରଧାନ ଆଚାର୍ଯ୍ୟ ଓ ସହକାରୀ ଆଚାର୍ଯ୍ୟାଆଚାର୍ଯ୍ୟମାନେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜର ଅନୁଭୂତି ବଖାଣିଥିଲେ। କଟକ ବିଭାଗର ନିରୀକ୍ଷକ ରାହାସ ବିହାରୀ ମହାପାତ୍ର, ଉତ୍ତର ପୂର୍ବ ସମ୍ଭାଗର ସଂଯୋଜକ ତୁଷାର ରଞ୍ଜନ ଦାଶ, ପ୍ରସନ୍ନ କୁମାର ବିଶ୍ୱାଳ, ଖଗେଶ୍ୱର ବେହେରା, ଲଳିତେନ୍ଦ୍ର କାନୁନଗୋ ଉପସ୍ଥିତ ଥିଲେ।




ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ପୂର୍ବ ଛାତ୍ର ସମ୍ମିଳନୀରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

## ଅଗଷ୍ଟ ୨୪ରେ କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା, ଭସାଣି ବୈଠକ



କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା।

**କଟକ,୨୦।୭(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣି ଉତ୍ସବ ସଂକ୍ରାନ୍ତରେ ଏକ ବୈଠକ ରବିବାର ମଙ୍ଗଳାବାଗ ମୋହନ ମଣ୍ଡପରେ କମିଟିର ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ମଣିସାହୁ ଛକ ପୂଜା କମିଟି ନିମନ୍ତ୍ରଣକ୍ରମେ ସ୍ଥାନୀୟ କ୍ୟାଣ୍ଟନମେଣ୍ଟ ରୋଡଠାରେ ଅଗଷ୍ଟ ୨୪ରେ କଟକ ମହାନଗର ଶାନ୍ତି କମିଟିର ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ସଫଳ କରିବା ସମ୍ପର୍କରେ ଏକ ପ୍ରସ୍ତୁତି ମହାସଭା ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଏହାସହ ବୈଠକରେ କମିଟିର ସାଧାରଣ ସମ୍ପାଦକ ଭିକାରୀ ଦାସ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଅଗଷ୍ଟ ୨୪ରେ ହେବାକୁ ଥିବା ପ୍ରସ୍ତୁତି ସଭାରେ ସମସ୍ତ ନିର୍ବାଚିତ ଲୋକ-ପ୍ରତିନିଧି, ରାଜନୈତିକ ଦଳର ନେତୃବୃନ୍ଦ, ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ଓ ମହାନଗର ନିଗମର ଉଚ୍ଚ ପଦାଧିକାରୀ, ଖବରଦାତା ପ୍ରତିନିଧି ଏବଂ ଶାନ୍ତି କମିଟି ଅନ୍ତର୍ଭୁକ୍ତ ପ୍ରାୟ ୧୮୦ ମଣ୍ଡପର ସଭାପତି ଓ ସମ୍ପାଦକମାନଙ୍କୁ ଯୋଗ ଦେବାକୁ ନିମନ୍ତ୍ରଣ କରାଯିବ ବୋଲି ସ୍ଥିର କରାଯାଇଛି। ପ୍ରତ୍ୟେକ ମଣ୍ଡପ ନିମନ୍ତେ ବାର୍ଷିକ ସଭ୍ୟ ଚାନ୍ଦା ୧୦୦୦ ଟଙ୍କା ଧାର୍ଯ୍ୟ ହେବା ସହ ସଭାସ୍ଥଳରେ ଉକ୍ତ ସଭ୍ୟ ଚାନ୍ଦା ଦାଖଲ କରି ରସିଦ ହାସଲ କରିବାକୁ ନିବେଦନ କରାଯାଇଛି। ଏହାସହ ରାସ୍ତାଘାଟ ମରାମତି ବା ପୁନଃନିର୍ମାଣ, ବିଦ୍ୟୁତ ଓ କେବୁଲ ତାରକୁ ରାସ୍ତାର ଉଭୟ ପାର୍ଶ୍ୱକୁ ଅପସାରଣ ଏବଂ ଗଛ ଡାଳ କାଟିବା ଇତ୍ୟାଦି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲା ପ୍ରଶାସନ ଓ କଟକ ମହାନଗର ନିଗମକୁ ନିବେଦନ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ସିହ୍ନା, ନୃସିଂହଚରଣ ଚୌଧୁରୀ, ନରେଶ ସାହୁ, ଦେବାଶିଷ ରାୟ, ତାପସ ପ୍ରହରାଜ, ଶିବେନ୍ଦ୍ର ହାତୀ, ଧର୍ମାନନ୍ଦ ପାତ୍ର, ମନୋରଞ୍ଜନ ସାହୁ, ଦେବେନ୍ଦ୍ର କାହାଳୀ, ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ଉପସଭାପତି ରାକେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ



କଂଗ୍ରେସ ପକ୍ଷରୁ ଅତିରିକ୍ତ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଉଛି ।

## ଏଏସ୍‌ପିଙ୍କୁ ଦାବିପତ୍ର ଦେଲା କଂଗ୍ରେସ

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)

ବଲଙ୍ଗୀର ନାବାଳିକା ଜାଳିଦେବା ଘଟଣା ଅତ୍ୟନ୍ତ ବର୍ବରୋଚିତ ଏବଂ ଅମାନୁଷିକ ବୋଲି ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନିନ୍ଦା କରାଯିବା ସହ ତ୍ୱରିତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା କଂଗ୍ରେସ ସଂଯୋଜକ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରବିବାର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି)ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ପୁରୀ ସହର କଂଗ୍ରେସ ସଭାପତି ଅମରେନ୍ଦ୍ର ପାଇକରାୟ, ମନୋଜ କୁମାର ରଥ, ଉମାକାନ୍ତ ବେହେରା, ନିମାପଡ଼ା ବ୍ଲକ କଂଗ୍ରେସ ସଂଯୋଜକ କାଳିନ୍ଦୀ ବାରିକ, ପୂର୍ବତନ ସରପଞ୍ଚ ଗୋବିନ୍ଦ ମଲିଆ, ପୂର୍ବତନ ସମିତି ସଭ୍ୟ ନରେନ୍ଦ୍ର ବେହେରା, ପ୍ରଦୀପ ମହାନ୍ତି, ନିଶିକାନ୍ତ ସ୍ୱାଇଁ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ପ୍ରଧାନ, ପ୍ରଭାକର ପାଟଶାଣୀ ଏବଂ ପର୍ଶୁରାମ ପରିଡା ପ୍ରମୁଖ ସାମିଲ ଥିଲେ। ସେହିପରି ଘଟଣା ଅନୁସନ୍ଧାନର ଅଗ୍ରଗତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ ସହ ଗିରଫ କରିବା ପାଇଁ ଦାବିପତ୍ର ଦିଆଯାଇଛି। ପରେ ଜିଲ୍ଲା କଂଗ୍ରେସର ପ୍ରତିନିଧି ଦଳ ସେଠାରେ ଉପସ୍ଥିତ ଥିବା ପୀଡ଼ିତାଙ୍କ ନିକଟ ସମ୍ପର୍କୀୟମାନଙ୍କୁ ଶାନ୍ତ୍ୱନା ପ୍ରଦାନ କରିଥିଲେ।

## ପୀଡ଼ିତାଙ୍କ ଆରୋଗ୍ୟ କାମନା କରି ଭାଜପା ପକ୍ଷରୁ ଦୀପଦାନ

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)

ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବା ବଲଙ୍ଗା ଅଞ୍ଚଳର ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ପୁରୀ ଜିଲା ଭାଜପା ପକ୍ଷରୁ ରବିବାର ସନ୍ଧ୍ୟାରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯାଇଛି। ଜିଲା ଭାଜପା ସଭାପତି ଡା. ଦେବେନ୍ଦ୍ର ନାଥ ତରେଇ, ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା ସଭାନେତ୍ରୀ ଜ୍ୟୋତି ମହାପାତ୍ରଙ୍କ ନେତୃତ୍ୱରେ ଭାଜପା ପରିବାର ତରଫରୁ ସମୂହ ଦୀପଦାନ କରାଯାଇଥିଲା। ପୀଡ଼ିତା ଶୀଘ୍ର ସୁସ୍ଥ ହୋଇ ଫେରନ୍ତୁ ବୋଲି ପ୍ରାର୍ଥନା କରାଯାଇଛି। ପୀଡ଼ିତାଙ୍କ ସର୍ବୋତ୍ତମ ଚିକିତ୍ସା ପାଇଁ ବଲଙ୍ଗା ପୀଡ଼ିତାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଛି। ଏଭଳି ତ୍ୱରିତ ପଦକ୍ଷେପ ପାଇଁ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।



ଭାଜପା ପକ୍ଷରୁ ପୀଡିତାଙ୍କ ଆଶୁଆରୋଗ୍ୟ କାମନା କରି ସିଂହଦ୍ୱାର ସମ୍ମୁଖରେ ଦୀପ ଦାନ କରାଯାଉଛି ।

## ୩୦ ପ୍ରତିଭାଙ୍କୁ ସମ୍ମାନିତ




ଅତିଥିମାନଙ୍କ ଗହଣରେ ସମ୍ମାନିତ ପ୍ରତିଭା ।

### ଲିଟିଲ ଷ୍ଟାର୍ ପାଠ ମଉଜ ଓ ମେଧାବୀ ସମ୍ବର୍ଦ୍ଧନା ସମାରୋହ

ନିମାପଡ଼ା,୨୦।୭(ବିଚିତ୍ରାନନ୍ଦ ସାହୁ)

ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ୍ ପକ୍ଷରୁ ସ୍ଥାନୀୟ ପାଟପୁର ବାବା କପିଳେଶ୍ୱର ମହାଦେବଙ୍କ ପୀଠରେ ପାଠ ମଉଜ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ ଲିଟିଲ୍ ଷ୍ଟାର୍ ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଅତିଥି ଭାବେ ପ୍ରାଧ୍ୟାପକ ଡ. ରବୀନ୍ଦ୍ର ନାଥ ପାଢ଼ୀ, ବାନର ସେନାର ସମ୍ପାଦକ ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ଶିକ୍ଷାବିତ୍ ପ୍ରଣବ ସ୍ୱାଇଁ, ନିର୍ମଳ ମିଶ୍ର, ରମେଶ ସ୍ୱାଇଁ, ପ୍ରେସ କ୍ଲବର ସଭାପତି ଅକ୍ଷୟ ବେହେରା, କବି କାଳୀ କିଙ୍କର, ଶିକ୍ଷାବିତ ସଂଯୁକ୍ତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଲିଟିଲ ଷ୍ଟାର ଗ୍ରୁପର ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି କୃତୀ ବିଦ୍ୟାର୍ଥୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସମାରୋହରେ ଗତ ମାଟ୍ରିକ ପରୀକ୍ଷାରେ ଏ-୧ ରଖି ପାସ୍ କରିଥିବା ୩୦ଜଣ କୃତୀ ବିଦ୍ୟାର୍ଥୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ନିମାପଡ଼ା ବ୍ଲକରେ ଟପ୍ପର ହୋଇଥିବା ନୂଆସନ୍ଧ ଉଚ୍ଚ ବିଦ୍ୟାଳୟର ଛାତ୍ର ତନ୍ମୟ ମିଶ୍ରଙ୍କୁ କବି କାଳିକିଙ୍କର ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଗ୍ରୁପ୍ ପକ୍ଷରୁ ଚିତ୍ରଶିଳ୍ପୀ ଶାରଦା ପ୍ରସନ୍ନ ବେହେରା, ଅଜୟ ମିଶ୍ର, ଅମିୟ ମିଶ୍ର ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ସମାରୋହରେ ବହୁ ଅଧ୍ୟାପକ, ଶିକ୍ଷୟିତ୍ରୀ ଶିକ୍ଷକ, କବି, ସାହିତ୍ୟିକ, ଛାତ୍ରୀଛାତ୍ର, ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ବାଇକ ଡିକି ଭାଙ୍ଗି ୨୦ ହଜାର ଟଙ୍କା ଲୁଟ୍

ନିମାପଡ଼ା,୨୦।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଇଣ୍ଡିଆନ୍ ଅଏଲ୍ ପେଟ୍ରୋଲ ପମ୍ପ ରାସ୍ତାରେ ବଲଙ୍ଗା ବେରବୋଇ ଅଞ୍ଚଳର ବିଦ୍ୟାଧର ପରିଡ଼ାଙ୍କ ବାଇକ ଡିକି ଭାଙ୍ଗି ୨୦ ହଜାର ଟଙ୍କା ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେ ଶନିବାର ନିମାପଡ଼ା ସେଣ୍ଟ୍ରାଲ ବ୍ୟାଙ୍କରୁ ଟଙ୍କା ଉଠାଇ ଡିକିରେ ରଖିଥିଲେ। ବ୍ୟାଙ୍କ ଠାରୁ କିଛି ବାଟ ଆସି ଏକ ଫଳ ଦୋକାନରୁ ଆମ୍ବ କିଣୁଥିବାବେଳେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ୨୦ ହଜାର ଟଙ୍କା ଓ ତାଙ୍କର ବ୍ୟାଙ୍କ ପାସ ବହି, ଆଧାର କାର୍ଡ, ପାନ କାର୍ଡ, ଭୋଟର ପରିଚୟ ପତ୍ର ସମେତ ବହୁ ଦରକାରୀ କାଗଜପତ୍ର ଲୁଟି ନେଇଛନ୍ତି। ଏ ନେଇ ବିଦ୍ୟାଧର ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ସମ୍ପର୍କରେ କେସ୍ ନଂ. ୨୧୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବିବାର ସୁଦ୍ଧା ଲୁଟେରା କି ଲୁଟ୍ ଟଙ୍କାର ସନ୍ଧାନ ପୋଲିସକୁ ମିଳିପାରି ନାହିଁ। ଗତ କିଛିଦିନ ହେଲା ନିମାପଡ଼ା ଅଞ୍ଚଳରେ ବାଇକ୍ ଲୁଟେରା ସକ୍ରିୟ ହୋଇ ଉଠିଛନ୍ତି। ପୋଲିସ ଏ ଦିଗରେ କଡ଼ା ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ସାକ୍ଷୀଗୋପାଳ ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ ଋଣ ମେଳା

ସାକ୍ଷୀଗୋପାଳ,୨୦।୭(ଭରତ ରାଉତ)

ସାକ୍ଷୀଗୋପାଳ ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ଏକ ଋଣ ମେଳା ସହିତ ସିବିଡିସି ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଋଣ ଉତ୍ପାଦର ବଜାରୀକରଣ ଏବଂ ଭାରତ ସରକାରଙ୍କ ସିବିଡିସି ଆପ୍ ବ୍ୟବହାରକୁ ଲୋକପ୍ରିୟତା ସହିତ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଏହି ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚାଷୀ, ଏସ୍‌ଏଚଜି ଗୋଷ୍ଠୀ ସଦସ୍ୟ, ବ୍ୟବସାୟୀ ଏବଂ ଦୋକାନୀ, ପରିବହନ ଅପରେଟର୍, ଖୁଚୁରା ଗ୍ରାହକ, ଶିକ୍ଷକ, ଡାକ୍ତର ଏବଂ ପେନ୍‌ସନଭୋଗୀ ପ୍ରମୁଖ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ପୁରୀ ମୁଖ୍ୟ ଶାଖାର ଆଞ୍ଚଳିକ ମୁଖ୍ୟ ପରିଚାଳକ (ବିଜିନେସ କ୍ରେଡିଟ) ରୋହନ ତ୍ରିପାଠୀ, ସାକ୍ଷୀଗୋପାଳ ଶାଖା ମୁଖ୍ୟ ପରିଚାଳକ ସୀମାଞ୍ଚଳ ପଣ୍ଡା, ଉପ ପରିଚାଳକ ସୁଜାତା ପଟେଲ ଓ କ୍ଷେତ୍ର ଅଧିକାରୀ ମୋନାଲିସା ମହାରଣା, ସାଗରିକା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ଡ୍ରାଇଭର୍ ମୃତ୍ୟୁ

କଣାସ,୨୦।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ୍‌ରେ ଟ୍ରାକ୍ଟର ଓଲଟି ଜଣେ ଡ୍ରାଇଭର୍‌ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆଗାଁ ଗ୍ରାମର ଅନୀଲ କୁମାର ରାଉତରାୟ (୩୭)। ସୂଚନାଯୋଗ୍ୟ, ଅନୀଲ ପାଣିଟ୍ୟାଙ୍କର ବୋଝେଇ ଟ୍ରାକ୍ଟରକୁ ବକୁଠାରୁ ନୂଆଗାଁ ନେଉଥିବା ବେଳେ ପାହିଲୁଣ୍ଠି ନିକଟରେ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ଫଳରେ ଅନୀଲ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଗଡ଼ିଶାଗୋଦା ଥାନାଧିକାରୀ ସୁଧିର ଦାସ ଏକ ଅପମୃତ୍ୟୁ କେସ୍ ନଂ-୦୫/୨୦୨୫ରେ ମୋକଦ୍ଦମା ରୁଜୁ କରିଥିବା ବେଳେ ଖବରଲେଖା ହେବା ସୁଦ୍ଧା ଅନୀଲଙ୍କ ଶବ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପଡ଼ି ରହିଥିବା ଜଣାପଡ଼ିଛି।

### କେଶବ ହତ୍ୟାକାଣ୍ଡର ୨ ଅଭିଯୁକ୍ତ ଗିରିଫ

କଣାସ,୨୦।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ହରଷପଡ଼ା ଗ୍ରାମରେ ୩ଦିନ ତଳେ ଜମିବାଡ଼ିକୁ କେନ୍ଦ୍ରକରି ଏକ ଗଣ୍ଡଗୋଳ ଘଟି କେଶବ ଦଳେଇଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ପତ୍ନୀ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିବା ପରେ ଅଭିଯୋଗକୁ ଭିତ୍ତିକରି ୧୧୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ଆଇଆଇସି ସୁଧିର ଦାସ ତଦନ୍ତ କରି ହରଷପଡ଼ା ଗ୍ରାମର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓ ଗୀତାଞ୍ଜଳି ବିଶ୍ୱାଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।



ଶ୍ରାବଣ ଦ୍ୱିତୀୟ ସୋମବାର ପାଇଁ ପାଣିଭାର ନେବାକୁ କୋଣାର୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ କାଉଡିଆଙ୍କ ଭିଡ଼ । (ଫଟୋ-ଜ୍ୟୋତିରାଜ ମହାନ୍ତି)

## କଣାସ: ଝାଡ଼ାବାନ୍ତିରେ ଆଉ ୧୦ ଆକ୍ରାନ୍ତ

କଣାସ,୨୦।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀର ଜଳ ପ୍ରଦୂଷିତ ଯୋଗୁ କଣାସ ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରବିବାର ଆଉ ୧୦ ଜଣ ଆକ୍ରାନ୍ତ ଚିହ୍ନ ହୋଇଛନ୍ତି। ସେମାନଙ୍କୁ କଣାସ ମେଡିକାଲ୍‌ରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। କ୍ରମାଗତ ଭାବେ ଝାଡ଼ାବାନ୍ତି ଲାଗି ରହିଥିବାରୁ ଜିଲାପାଳ ଚଞ୍ଚଳ ରଣା, ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅକ୍ଷୟ ଶତପଥୀ ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳ ବୁଲି ଦେଖିବା ସହିତ କାହିଁକି ଝାଡ଼ାବାନ୍ତି ଆକ୍ରାନ୍ତ ହେଉଛନ୍ତି, ତାହାର ତଦନ୍ତକରି ଫେରିଥିଲେ ମଧ୍ୟ ପ୍ରତ୍ୟେକ ଦିନ ଝାଡ଼ାବାନ୍ତି ଆକ୍ରାନ୍ତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଆଜି ନୂଆଦୋକନ୍ଦା ଗ୍ରାମର ଅନୁପମା ବେହେରା (୪୦), ନାନାକେରା ଗ୍ରାମର ଇଲା ଜେନା (୪୫), କାତପଡ଼ା ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ (୩୬), କରମଳା ଗ୍ରାମର ମହନ୍ତ ବିଶ୍ୱାଳ (୬୦), କରମଳା ଗ୍ରାମର ଧୁଶାସନ ବିଶ୍ୱାଳ (୬୫) ଏବଂ ଗଡ଼ସାହି ଓ ଗଡ଼ମାଟିଆପଡା ଗ୍ରାମର ମୋଟ ୧୦ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି।



ମେଡିକାଲରେ ଝାଡାବାନ୍ତି ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି ।

### ଗାଡ଼ି ଧକ୍କାରେ ଯୁବକ ମୃତ

କଣାସ,୨୦।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ନୂଆ ଜଗନ୍ନାଥ ସଡ଼କର ଟୁପୁରିଙ୍ଗି ବଜାରରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସେ ହେଲେ ଶ୍ରୀମକୁନ୍ଦପୁର ଗ୍ରାମର ଅକ୍ଷୟ ନାୟକ। ଶନିବାର ଜଙ୍କିଆ ବଜାରରୁ ନିଜ ଘରକୁ ଜଗନ୍ନାଥ ସଡ଼କରେ ଚାଲିଚାଲି ଯାଉଥିବା ବେଳେ ଟୁପୁରିଙ୍ଗି ବଜାରରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତାରେ ପଡ଼ି ଯାଇଥିଲେ। କେତେଜଣ ବ୍ୟକ୍ତି ତାଙ୍କୁ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଥିଲେ। ଡା. ଅକ୍ଷୟଙ୍କର ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ। ଖବରପାଇ ଗଡ଼ିଶାଗୋଦା ଥାନା ଆଇଆଇସି ସୁଧିର ଦାସ ଅକ୍ଷୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

## ଦୃଷ୍ଟିବାଧିତଙ୍କୁ ଶିକ୍ଷା ଉପକରଣ ପ୍ରଦାନ

ପୁରୀ,୨୦।୭
(ଅଜିତ୍ କୁମାର ମହାନ୍ତି)



ଜିଲାପାଳ ଦୃଷ୍ଟିବାଧିତଙ୍କୁ ଶିକ୍ଷା ଉପକରଣ ଦେଉଛନ୍ତି ।

ଜିଲାପାଳ ଚଞ୍ଚଳ ରାଣାଙ୍କ ଦ୍ୱାରା ନିମାପଡ଼ା ଓ ଗୋପର ସ୍ୱତନ୍ତ୍ର ବିଦ୍ୟାଳୟରେ ପଢୁଥିବା ୪ ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟ ଡିଭାଇସ ବା ଶିକ୍ଷା ଉପକରଣ ରବିବାର ପ୍ରଦାନ କରାଯାଇଛି। ଏହି ଉପକରଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କ ଶିକ୍ଷା ଲାଭ ପାଇଁ ଅନେକ ଉପାଦେୟ ସାବ୍ୟସ୍ତ ହୋଇପାରିବ ବୋଲି ଜିଲାପାଳ ସୂଚନା ଦେବା ସହ ଶିକ୍ଷା ଲାଭ ପାଇଁ କୌଣସି ପ୍ରତିବନ୍ଧକ ଯେପରି ନ ରୁହେ ସେଥିପାଇଁ ଯତ୍ନବାନ ହେବାକୁ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଛାତ୍ରୀଛାତ୍ରମାନେ ଯେପରି ଏହି ଉପକରଣର ସଠିକ ଉପଯୋଗ କରି ଉପକୃତ ହେବେ ସେଥିପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉପକରଣ ପ୍ରଦାନ ସମୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ଉପସ୍ଥିତ ଥିଲେ।

## ହଜି ଯାଇଥିବା ଶିଳଚକି ଧରି ବୁଲନ୍ତି ପ୍ରଫୁଲ

ଗୋପ,୨୦।୭(ଭାରତୀ ଭୂଷଣ ଉପାଧ୍ୟାୟ)

### ସାଇକେଲ୍‌ରେ ବୁଲନ୍ତି ଦିନକୁ ୨୦ କି.ମି.



ଦେହରେ ଗୋଟିଏ ମଇଳା ସାର୍ଟ ସହିତ ଲୁଙ୍ଗି ଗାମୁଛା ପକାଇ ଗୋଟିଏ ଭଙ୍ଗା ସାଇକେଲରେ ଦେଢ଼ କୁଇଣ୍ଟାଲ ଓଜନର ଜିନିଷ ଧରି ସାଇକେଲ ଚଳାଇ ଗାଁ ଗାଁ ବୁଲି ଶିଳଚକି ବିକ୍ରି କରୁଛନ୍ତି ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ଗ୍ରାମର ପ୍ରଫୁଲ ଦାସ (୫୦)।

ଘରେ ଘରେ ରୋଷେଇ ବାସ ସହିତ ଅନ୍ୟ କାର୍ଯ୍ୟରେ ଶିଳଚକିର ଆବଶ୍ୟକତା ପଡୁଥିଲା। କିନ୍ତୁ ଆଧୁନିକ ଯୁଗରେ ଲୋକମାନେ ଶିଳଚକି ସ୍ଥାନରେ ଗ୍ରାଇଣ୍ଡର ବ୍ୟବହାର କରୁଥିବା ବେଳେ ଗାଁ ଗହଳି ସହିତ ସହରାଞ୍ଚଳରେ ଆଉ ଏହି ଶିଳଚକି ଦେଖିବାକୁ ମିଳୁନାହିଁ। ଗାଁ ଗହଳି ସହିତ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନେ ଶିଳଚକିକୁ ଭୁଲି ଯାଇଥିବା ବେଳେ ଏହାର ବ୍ୟବହାର ଓ ଶିଳଚକିର ରୋଷେଇ ସ୍ୱାଦିଷ୍ଟ କେତେ କହି କହି ବିକୁଛନ୍ତି ପ୍ରଫୁଲ। ଆଉ ମଧ୍ୟ ଏହି ଶିଳଚକି ବିବାହ, ବ୍ରତ ସହିତ ଆଉ କେତକ ଓଡ଼ିଆ ଘରର ପରମ୍ପରା ସଂସ୍କୃତିରେ ଥିବାବେଳେ ପୁଣି ଏହାର ପୁନରୁଦ୍ଧାର କରିବାର ସୁଯୋଗ ଆସିଛି ବୋଲି ସେ କୁହନ୍ତି। ଦୀର୍ଘ ୧୦/୧୨ ବର୍ଷ ଧରି ପ୍ରଫୁଲ ଦିନକୁ ସାଇକେଲରେ ଦେଢ଼ କୁଇଣ୍ଟାଲ୍‌ରୁ ଅଧିକ ଓଜନର ପଥରରେ ତିଆରି ଶିଳଚକି ଧରି ପ୍ରାୟତଃ ୧୫/୨୦ କି.ମି. ବୁଲି ଏହି ବ୍ୟବସାୟ କରିଥାନ୍ତି। ଦିନକୁ ଏହି ଶିଳଚକି ବିକ୍ରି କଲେ ଦିନକର ମଜୁରି ପାଇଥାନ୍ତି ବୋଲି କହିଛନ୍ତି। ଏହି ବ୍ୟବସାୟରେ ପରିବାର ଭରଣପୋଷଣ ହେଉଥିବା ଆମ ପ୍ରତିନିଧି ପଚାରିବାରେ ସେମିତି ନୁହେଁ ବୋଲି କହିବା ସହ ଚାଷବାସ ପରେ ଏହି ବ୍ୟବସାୟ କରୁଥିବା କହିଛନ୍ତି। ହେଲେ ଓଡ଼ିଆ ଘରେ ପ୍ରତ୍ୟେକ ଖାଦ୍ୟ ତିଆରିରେ ଶିଳଚକିର ଆବଶ୍ୟକତା ଓ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ ଆମମାନଙ୍କୁ ଏହାର ବ୍ୟବହାର କରିବାକୁ କହିଛନ୍ତି ପ୍ରଫୁଲ।

## ଆଧାତ୍ମବାଦ ହିଁ ଭକ୍ତି ପରମ୍ପରାର ମୌଳିକ ଉତ୍ସ

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ 'ନବଧା ଭକ୍ତି ଓ ଶ୍ରୀଜଗନ୍ନାଥ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରାଣୀସତୀ ଭବନରେ ଉପଦେଷ୍ଟା ପୁଷ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ସଂସ୍କୃତିର ମୂଳପିଣ୍ଡ ଅଧାତ୍ମବାଦ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ସେହି ଆଧାତ୍ମ ଚେତନାର ପ୍ରାଣ ପ୍ରବାହ ସ୍ୱରୂପ। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସ୍ୱରୂପ ନୀଳମାଧବଙ୍କୁ ଯମ ଓ ନାରଦ ଦର୍ଶନ କରିଥିଲେ। ନାରଦ ଭକ୍ତି ସୂତ୍ର ଓ ସନ୍ଦୀଲ୍ୟ ଭକ୍ତି ସୂତ୍ର ଭକ୍ତି ମତବାଦର ଦୁଇଟି ଅମୂଲ୍ୟ ଗ୍ରନ୍ଥ ନବଦା ଭକ୍ତିତ୍ୱ ଭାଗବତରେ ଅତିବଡ଼ୀ ଜଗନ୍ନାଥ ଦାସ ବିଶଦ ବର୍ଣ୍ଣନା କରିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଗୁରୁ ଚରଣ ଦାଶ ଅତିଥି ପରିଚୟ ଦେବା ସହ ଆଲୋଚନାଚକ୍ର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅତିଥିଭାବେ ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଐତିହାସିକ ମଦନ ମୋହନ ମହାପାତ୍ର, ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ପ୍ରାଧ୍ୟାପକ ପ୍ରମୋଦ କୁମାର ଦଳାଇ, ପଣ୍ଡିତ ସଦାଶିବ ମିଶ୍ର, ପଣ୍ଡିତ ହରିଶଙ୍କର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ସଦାଶିବ ମିଶ୍ର ମନ୍ତ୍ର ପାଠ କରିଥିବା ବେଳେ ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ବିଜୟଲକ୍ଷ୍ମୀ ଦାଶ, ଗବେଷକ ନାରାୟଣ ନନ୍ଦ, କୈଳାଶ ଚନ୍ଦ୍ର ସାହୁ, ରଚିତା ରାଉତରାୟ, ଅଜୟ କୁମାର ଦାଶ, ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ, ଦୟାନିଧି ତ୍ରିପାଠୀ, ପ୍ରାଧ୍ୟାପକ କାର୍ତ୍ତିକ କୁମାର ଦାସ, ବିପିନ ଦଳାଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତପନ କୁମାର ସେଠୀ, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଜୁପିଟର ଦାସ ଓ ମାନସୀ ରଥ ପ୍ରମୁଖ ସହଯୋଗ କରିଥିଲେ। ସୁଶ୍ରୀ କ୍ରିଷ୍ଣାଦେବୀ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)

ପବିତ୍ର ଶ୍ରାବଣ ମାସ କୃଷ୍ଣପକ୍ଷ ଏକାଦଶୀ ତିଥି ଅବସରରେ ରବିବାର 'କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ' ପକ୍ଷରୁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସୂର୍ଯ୍ୟ ଆଳତି ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷ ୫ଟା ୨୦ରେ ସୂର୍ଯ୍ୟ ପୂଜା ପରେ ବନ୍ଦାପନା ଓ ଆଳତି ହୋଇଥିଲା। ଟ୍ରଷ୍ଟ ମାର୍ଗଦର୍ଶକ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭ୍ୟା ସଭ୍ୟ ଓ ଚନ୍ଦ୍ରଭାଗାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନେ ମିଶି ସୂର୍ଯ୍ୟ ଆଳତି କରିଥିଲେ। ଅତିଥି ଭାବେ ପ୍ରଫେସର ହରମୋହନ ମିଶ୍ର, କୋଷାଧ୍ୟକ୍ଷ ସଞ୍ଜୟ ବରାଳ, ବାନର ସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ଶ୍ରୀଧର ନାୟକ, ପ୍ରସନ୍ନ ତ୍ରିପାଠୀ, ପ୍ରତାପ ରାଉତ, ସାଂସଦଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି, ଓ ସୁକାନ୍ତ କୁମାର ନାଏକ, ଅଜିତ୍ କୁମାର ମଲ୍ଲିକ, ରବିନ୍ଦ୍ରନାଥ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ବିରଞ୍ଚି ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ମାସର ସଂକ୍ରାନ୍ତି ଓ ସ୍ୱତନ୍ତ୍ର ଦିବସରେ ସକଳ ଶକ୍ତିର ଆଧାର ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଛି।

## ଜୟ ଓଡ଼ିଶା ଓ ତତ୍ତ୍ୱ ଟେକ୍ନୋଲୋଜିସ୍ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୨୦।୭(ସୌମ୍ୟରଞ୍ଜନ ରାଉତ)

ଜୟ ଓଡ଼ିଶା ଓ ତତ୍ତ୍ୱ ଟେକ୍ନୋଲୋଜିସ୍ ପକ୍ଷରୁ ୧୧ତମ ରକ୍ତଦାନ ଶିବିର ଶନିବାର ଇନ୍‌ଫୋସିଟିସ୍ଥିତ ତତ୍ତ୍ୱ ଟାୱାର୍‌ମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ସହପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତପେନ୍ଦ୍ର ସେନାପତି, କମିଶନରେଟ ପୋଲିସର ଡେପୁଟି କମାଣ୍ଡାଣ୍ଟ ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ସେହିପରି ରବିବାର ଘାଟିକିଆସ୍ଥିତ ଟ୍ରାଇଡେଣ୍ଟ୍ସ ଗାଲେକ୍ସିଠାରେ ଜୟ ଓଡ଼ିଶାର ୧୨ତମ ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ଅନୁଷ୍ଠାନର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ ସୂଚନା ଦେଇଛନ୍ତି।

# 'ଯାଦବମାନେ ନିଜ ଅଧିକାର ପାଇଁ ଏକାଠି ହୁଅନ୍ତୁ'

**ଦାୟିତ୍ୱ ନେଲେ ଯାଦବ ମହାସଭା ଓଡ଼ିଶା ୟୁନିଟ ନୂତନ କର୍ମକର୍ତ୍ତା**

ଭୁବନେଶ୍ୱର,୨୦।୭(ସୌମ୍ୟରଞ୍ଜନ ରାଉତ)



ବୈଠକରେ ଯାଦବ ମହାସଭାର ଜାତୀୟ ସାଧାରଣ ସମ୍ପାଦକ ନବକିଶୋର ବେହେରାଙ୍କ ସହ ଓଡ଼ିଶା ୟୁନିଟ୍‌ର ନବ ନିର୍ବାଚିତ କର୍ମକର୍ତ୍ତା।

ରାଜ୍ୟରେ ଯାଦବ ବା ଗୋପାଳଙ୍କ ବିକାଶକୁ ସରକାର ପ୍ରାଥମିକତା ଦିଅନ୍ତୁ। ସେମାନେ ଶିକ୍ଷିତ ହେଲେ ହିଁ ବିକାଶ ଆସିବ। ସେମାନଙ୍କ ଶିକ୍ଷା ପାଇଁ ସରକାର ବ୍ୟବସ୍ଥା କରନ୍ତୁ। ଯାଦବମାନେ ନିଜ ଅଧିକାର ପାଇଁ ଏକାଠି ହୋଇ ସରକାରଙ୍କ ପାଖରେ ଦୃଢ଼ ଦାବି ରଖନ୍ତୁ ବୋଲି ରବିବାର ଅଲ୍ ଇଣ୍ଡିଆ ଯାଦବ ମହାସଭାର ଓଡ଼ିଶା ୟୁନିଟ୍ ପକ୍ଷରୁ ଭୁବନେଶ୍ୱରର ଏକ ହୋଟେଲ୍‌ରେ ଆୟୋଜିତ ବୈଠକରେ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ଯାଦବ ମହାସଭା ଓଡ଼ିଶା ୟୁନିଟର ନବ ନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସବ୍ୟସାଚୀ ମହଲା ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ରଶ୍ମିରାଣୀ ବେହେରା ମହିଳା ସଭାନେତ୍ରୀ ହୋଇଛନ୍ତି। ବରିଷ୍ଠ ଯାଦବ ନେତା ସଞ୍ଜିବ ମାରିକ ଓଡ଼ିଶା ୟୁନିଟର ଉପଦେଷ୍ଟା ହୋଇଛନ୍ତି। ଜାତୀୟ ସାଧାରଣ ସମ୍ପାଦକ ନବକିଶୋର ବେହେରା, କର୍ମକର୍ତ୍ତା ମାନସ ଦାସ, ରାଜ୍ୟ ସାଧାରଣ ସମ୍ପାଦକ ଡା. ବେହେରା, ବରିଷ୍ଠ ନେତା ପ୍ରତାପ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ନବ ନିର୍ବାଚିତ ସଭାପତି ମହଲା କହିଛନ୍ତି, ଓଡ଼ିଶାରେ ଯାଦବଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୨୦ ପ୍ରତିଶତ। କିନ୍ତୁ ସେମାନଙ୍କ ବିକାଶ ପାଇଁ ଯେଉ ପଦକ୍ଷେପ ନିଆଯିବା କଥା ତାହା ହୋଇନି। ଅଧିକାଂଶ ଯାଦବ ଏବେ ବି ନିଜ କୌଳିକ ବୃତ୍ତି କରୁଛନ୍ତି। ସେମାନଙ୍କ ଶିକ୍ଷା ପାଇଁ ସରକାର ପଦକ୍ଷେପ ନିଅନ୍ତୁ। ଯାଦବମାନେ ଅଲ୍ ଇଣ୍ଡିଆ ଯାଦବ ମହାସଭାରେ ସାମିଲ ହୋଇ ନିଜ ଅଧିକାର ପାଇଁ ଲଢ଼ନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ସେହିପରି ମହିଳା ସଭାନେତ୍ରୀ ରଶ୍ମିରାଣୀ କହିଛନ୍ତି, ଆମ ବର୍ଗର ମହିଳାମାନେ ବହୁତ ପଛରେ ରହିଛନ୍ତି। ସେମାନେ କେମିତି ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ଆଗକୁ ଯିବେ ସେଥିପାଇଁ ମିଳିମିଶି କାମ କରିବା ମତପ୍ରକାଶ କରିଛନ୍ତି।

## କୃତ୍ରିମ ବୁଦ୍ଧିମତ୍ତା ସମାଜର ସବୁକ୍ଷେତ୍ର ଉପରେ ବ୍ୟାପକ ପ୍ରଭାବ ପକାଇବ

ଭୁବନେଶ୍ୱର,୨୦।୭ (ବନ୍ଦନା ସେଠୀ)

କୃତ୍ରିମ ବୁଦ୍ଧିମତ୍ତା ସମାଜର ସମସ୍ତ କ୍ଷେତ୍ର ଯଥା ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା, ପରିବହନ, ସ୍ୱାସ୍ଥ୍ୟସେବା, ଶିକ୍ଷା, ଆର୍ଥିକ ସେବା, ଉପଭୋକ୍ତା ଓ କ୍ଷୁଦ୍ର ବ୍ୟବସାୟ, ଶିଳ୍ପ, କୃଷି ଆଦି କ୍ଷେତ୍ର ଉପରେ ବ୍ୟାପକ ପ୍ରଭାବ ପକାଇବ। ଆଧୁନିକ ଶିଳ୍ପ ଉପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଯୋଗୁ ଶ୍ରମ, ନିଯୁକ୍ତି ସମ୍ପର୍କ/ଚାକିରି ପ୍ରଭାବିତ ହେବ ବୋଲି ସିଆଇଟିୟୁର ସର୍ବଭାରତୀୟ ସମ୍ପାଦକ ସୁଦୀପ୍ତ ଦତ୍ତ କହିଛନ୍ତି। ରବିବାର ସିଆଇଟିୟୁ ଏବଂ ଭୁବନେଶ୍ୱର ୟୁନିୟନ ଓ ଆସୋସିଏଶନ ସମନ୍ୱୟ ସମିତି ପକ୍ଷରୁ 'କୃତ୍ରିମ ବୁଦ୍ଧିମତା ଓ ଏହାର ପ୍ରଭାବ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଉତ୍କଳମଣି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁଦୀପ୍ତ କହିଲେ, ନୂତନ ପ୍ରବୃତ୍ତି ଆସୁଥିବାରୁ ଶ୍ରମିକ ତଥା କର୍ମଚାରୀମାନେ ଚାକିରି ହରାଇବା ସହିତ ବେକାର ହେବାର ମଧ୍ୟ ଆଶଙ୍କା ରହିଛି। ତେଣୁ ସରକାର ଏ ସମ୍ପର୍କରେ ବିହିତ ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ ବ୍ୟାପକ ମାନବୀୟ ସଙ୍କଟ ସୃଷ୍ଟି ହେବ ବୋଲି ସେ କହିଥିଲେ। ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ଏ ସମ୍ପର୍କରେ ଶ୍ରମିକ/କର୍ମଚାରୀଙ୍କ ମଧ୍ୟରେ ବ୍ୟାପକ ପ୍ରଚାର ଅଭିଯାନ ପାଇଁ ଆହ୍ୱାନ ଦେଇଥିଲେ। ରାଜନୈତିକ ପରିସ୍ଥିତିରେ ଶ୍ରମିକଶ୍ରେଣୀ ନିଜ ଅଧିକାର ପାଇଁ ସଂଘର୍ଷ କରୁଥିବାବେଳେ ଏହି କୃତ୍ରିମ ବୁଦ୍ଧିମତ୍ତାର ବିପଦ ଆହୁରି ଗୁରୁତର ସଙ୍କଟ ସୃଷ୍ଟି କରିବ ବୋଲି ସେ କହିଥିଲେ। ବିଷ୍ଣୁ ମହାନ୍ତି ଓ ବିସିସିୟୁଏ ନେତା ପି.ସି. ଷଣ୍ଢଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କର୍ମଚାରୀ ନେତା ତଥା ସିଆଇଟିୟୁ ରାଜ୍ୟ କୋଷାଧ୍ୟକ୍ଷ ଦୁଷ୍ମନ୍ତ ଦାସ, ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ, ପ୍ରଦୀପ୍ତ ନାୟକ, କେନ୍ଦ୍ର ସରକାରୀ କର୍ମଚାରୀ ନେତା ବୃହସ୍ପତି ସାମଲ, ରାଜ୍ୟ ସରକାରୀ କର୍ମଚାରୀ ନେତା ପ୍ରତାପ ମିଶ୍ର, ଶିକ୍ଷକ ନେତା ସୁରେନ୍ଦ୍ର ଜେନା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



ଦୁର୍ବୃତ୍ତଙ୍କ ନିଆଁରେ ପୋଡ଼ିଯାଇଥିବା ପୁରୀ ଜିଲା ବଳଙ୍ଗା ବାୟାବର ଗ୍ରାମର ପୀଡିତା ନାବାଳିକାଙ୍କୁ ଦିଲ୍ଲୀ ଏମ୍‌ସକୁ ଏୟାରଲିଫ୍ଟ ପାଇଁ ଗ୍ରୀନ୍ କରିଡ଼ରେ ଭୁବନେଶ୍ୱରରୁ ଏମ୍‌ସରୁ ଏୟାରପୋର୍ଟକୁ ନିଆଯାଉଛି।

## ଗ୍ରାମବାସୀ ଚୋରଙ୍କୁ ଧରି ପୋଲିସ ଜିମା ଦେଲେ

ଟିଗିରିଆ,୨୦।୭(ଜାଫର ଖାଁ)

ଦିନରେ ଭିକ୍ଷାବୃତ୍ତି, ରାତିରେ ଚୋରି। ଏପରି ଏକ ବାପପୁଅ ଗ୍ୟାଙ୍ଗ୍‌ର ୩ ସଦସ୍ୟଙ୍କୁ ଶନିବାର ରାତିରେ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। କଟକ ଜିଲା ଟିଗିରିଆ ଥାନା ପାଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମବାସୀଙ୍କ କହିବାନୁଯାୟୀ, କିଛିଦିନ ହେବ ଟିଗିରିଆ ଥାନା ଅଞ୍ଚଳରେ ଚୋରି ଘଟଣା ବଢ଼ିବାରେ ଲାଗିଥିଲାବେଳେ ଚୋରଙ୍କୁ ଧରିବାରେ ପୋଲିସ ସକ୍ଷମ ହେଉ ନ ଥିଲା। ଶନିବାର ବିଳମ୍ବିତ ରାତିରେ ଏକ ୩ ଜଣିଆ ଚୋର ଗ୍ୟାଙ୍ଗ୍ ସୁଦର୍ଶନପୁର ଗ୍ରାମର ମୃତ ଦିଗମ୍ବର ପ୍ରଧାନଙ୍କ ଘରେ ପଶିଥିଲା। ସେମାନେ ଲୁହାଗ୍ରୀଲ ଭାଙ୍ଗି ଭିତରକୁ ପଶିଥିଲେ। ପଡ଼ୋଶୀ କୌଣସି କାରଣ ପାଇଁ ଉଠିଥିବାବେଳେ ଏବିଷୟରେ ଜାଣି ଚୋର ଧରିବାକୁ ଘର ବାହାରକୁ ଯିବାକୁ ଉଦ୍ୟମ କଲାବେଳେ ଘର ବାହାରପଟୁ ବନ୍ଦ କରାଯାଇଥିବା ଜାଣିପାରି ଅନ୍ୟ ଜଣେ ପଡ଼ୋଶୀଙ୍କୁ ମୋବାଇଲରେ ଫୋନ୍ କରି ଜଣାଇଥିଲେ। ଖବରପାଇ ଅନ୍ୟ ସାହିର ଲୋକେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରି ପୋଲିସରେ ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ହୋଇଥିବା ୨୦ରୁ ଊର୍ଦ୍ଧ୍ୱ ଚୋରିରେ ସେମାନଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

## ସିସିଡିଏସ୍‌ଆଇର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ




ସମ୍ମିଳନୀରେ ଏମ୍‌ସର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ଅଶୋକ ମହାପାତ୍ରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୦।୭ (ବନ୍ଦନା ସେଠୀ)

କ୍ଲିନିକାଲ୍ କାର୍ଡିଓ ଡାଏବେଟିକ୍ ସୋସାଇଟି ଅଫ୍ ଇଣ୍ଡିଆ (ସିସିଡିଏସ୍‌ଆଇ)ର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ବିଷୟବସ୍ତୁ ଥିଲା 'କାର୍ଡିଓ-ଡାଏବେଟିକ କ୍ଲିନିକାଲ ଅପଡେଟ୍'। ଏଥିରେ ଡାଏବେଟିସ ସମ୍ବନ୍ଧୀୟ ବିଭିନ୍ନ କାର୍ଡୋ ମେଟାବୋଲିକ୍ ସମସ୍ୟାଗୁଡ଼ିକୁ କ୍ଲିନିକାଲ ଅଭ୍ୟାସରେ ଅପଡେଟ୍ କରିବାର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀ ଓଡ଼ିଶା ଏବଂ ଭାରତରେ ବୃଦ୍ଧି ପାଉଥିବା ଡାଏବେଟିସ୍ ରୋଗ ଚିକିତ୍ସାର ପରିମାଣ ଏବଂ ସ୍ତରକୁ ପୁନଃଆକାର ଦେବାରେ ସାହାଯ୍ୟ କରିବ ବୋଲି ସୂଚନା ଦିଆଯାଇଛି। ସମ୍ମିଳନୀରେ ଦେଶର ବିଭିନ୍ନ ଅଞ୍ଚଳରୁ ୨୦୦ଜଣ ବିଶେଷଜ୍ଞ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇ ବିଭିନ୍ନ ଉପାଦେୟମୂଳକ କଥା କହିଥିଲେ। ସମ୍ମାନିତ ଅତିଥି ଭାବେ ସିସିଡିଏସ୍‌ଆଇର ଜାତୀୟ ପଦାଧିକାରୀ ପ୍ରଫେସର ଡା. ଅଭୟ ଏନ୍. ରାୟ, ଅବୈତନିକ ସଚିବ ଡା. ମୃତ୍ୟୁଞ୍ଜୟ କୁମାର ସିଂହ, ଡା. ସୁମନ୍ତ କେ. ପଣ୍ଡା, ସିପିଏସ୍‌ଆଇ ଅଧ୍ୟକ୍ଷ ଡା. କେ. ଏନ୍. ପଢିଆରୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀକୁ ସିସିଡିଏସ୍‌ଆଇ ଓଡ଼ିଶାର ପୃଷ୍ଠପୋଷକ ତଥା ପ୍ରତିଷ୍ଠାତା ସଦସ୍ୟ ଡା. ଜୟନ୍ତ କୁମାର ପଣ୍ଡା, ଡା. ସଞ୍ଜୟ ଦାସ, ସଙ୍ଗଠନ ସଚିବ ଏବଂ ଅବୈତନିକ ସଚିବ ଡା. ସନ୍ତୋଷ କୁମାର ସ୍ୱାଇଁ, ସିସିଡିଏସ୍‌ଆଇ ଓଡ଼ିଶାର କୋଷାଧ୍ୟକ୍ଷ ଡା. ମହେଶ ରଥ ପ୍ରମୁଖ ପରିଚାଳନା କରିଥିଲେ।

## ଗୁଣ୍ଡିଚା ମନ୍ଦିର ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

ବାରଙ୍ଗ,୨୦।୭(ଲିଙ୍ଗରାଜ ରାଉତ)

ରାଜଧାନୀ ଉପକଣ୍ଠ ରଘୁନାଥପୁର ମାଉସୀମା ମନ୍ଦିର ପାଖରେ ଥିବା କୁବେର ଅପ୍ଟିକାଲ ଓ ୬ଲକ୍ଷ ଟଙ୍କା ବ୍ୟୟ ବାରଦରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନିର୍ମିତ ଶ୍ରୀଶ୍ରୀ ଗୁଣ୍ଡିଚା ମନ୍ଦିର ଗୋଷ୍ଠୀକେନ୍ଦ୍ରକୁ ରବିବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତ, ବିଜେଡି ନେତା ସୁବାସ ଚନ୍ଦ୍ର ପାତ୍ର, ସରପଞ୍ଚ ଖୋଲଣା ମାଝି, ସମିତିସଭ୍ୟ ନୀହାରକାନ୍ତ ପଢ଼ିହାରୀ, ନାରୀନେତ୍ରୀ ଝୁନା ରାଉତଙ୍କ ସମେତ ବହୁ ବିଜେଡି ନେତା, ମହିଳା ଓ ମୁରବିମାନେ ଉପସ୍ଥିତ ଥିଲେ।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନ୍ତର୍ଜାତୀୟ ଚନ୍ଦ୍ର ଦିବସ

ଭୁବନେଶ୍ୱର,୨୦।୭(ସୁଚିସ୍ମିତା ସାହୁ)




ଜଣେ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ଅବସରରେ କପିଳ ଜୈନ ଓ ଅନ୍ୟ ଅତିଥିମାନେ।

ଚନ୍ଦ୍ରକୁ ଜ୍ୟୋତିର୍ବିଜ୍ଞାନ ଦୃଷ୍ଟିକୋଣରୁ ଅଧ୍ୟୟନ କରିବା ଏବଂ ଦୈନନ୍ଦିନ ଜୀବନରେ ଏହାର ପ୍ରଭାବକୁ ହୃଦୟଙ୍ଗମ କରିବା ଲକ୍ଷ୍ୟରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନ୍ତର୍ଜାତୀୟ ଚନ୍ଦ୍ର ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରର ପ୍ରକଳ୍ପ ସଂଯୋଜକ କପିଲ ଜୈନ ଅନ୍ତର୍ଜାତୀୟ ଚନ୍ଦ୍ର ଦିବସ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ଚନ୍ଦ୍ର କଳାର ହ୍ରାସବୃଦ୍ଧି' ବିଷୟ ଉପରେ ଆଧାରିତ ଏକ କ୍ରିୟାକଳାପଭିତ୍ତିକ କର୍ମଶାଳା ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ର ଏବଂ ସାଧାରଣ ଜନତାଙ୍କ ପାଇଁ ପ୍ରଥମ ଚନ୍ଦ୍ର ଅବତରଣ ଉପରେ ଆଧାରିତ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ହୀରାକୁଦ ସେଚାଞ୍ଚଳର ୮୧୭ କରନାଳୀର ପୁନରୁଦ୍ଧାର ହେବ

ଭୁବନେଶ୍ୱର,୨୦।୭ (ବନ୍ଦନା ସେଠୀ)

**ଖର୍ଚ୍ଚ ହେବ ୮୫୫ କୋଟି**

ହୀରାକୁଦ ସେଚାଞ୍ଚଳ ଉନ୍ନୟନ ଯୋଜନାରେ ଏହାର ସେଚାଞ୍ଚଳକୁ ସୁଷମ ଜଳ ବଣ୍ଟନ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେଚାଞ୍ଚଳର କରନାଳୀଗୁଡ଼ିକର ନବୀକରଣ ପାଇଁ ୮୫୫କୋଟି ଟଙ୍କା ବ୍ୟୟ ଅଟକଳରେ ହୀରାକୁଦ ସେଚାଞ୍ଚଳ ଉନ୍ନୟନ ନାମରେ ଏକ ନୂତନ ଯୋଜନାକୁ କ୍ୟାବିନେଟରେ ଅନୁମୋଦନ ମିଳିଛି। ଫଳରେ ହୀରାକୁଦ ସେଚାଞ୍ଚଳରେ ଥିବା ୧୫୧୦ କି.ମି ବିଶିଷ୍ଟ ୮୧୭ଟି କରନାଳୀର ପୁନରୁଦ୍ଧାର ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିବା ଜଳସମ୍ପଦ ବିଭାଗ ସୂଚନା ଦିଆଯାଇଛି। ୧୯୫୭ରେ ହୀରାକୁଦ ନଦୀବନ୍ଧ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ଏହାର କେନାଲ ପ୍ରଣାଳୀର ୧୯୬୬ରେ କାର୍ଯ୍ୟକ୍ଷମ ହୋଇଥିଲା। ଅଦ୍ୟାବଧି ୭୦ବର୍ଷ ଧରି ଏହି ପ୍ରକଳ୍ପ ମାଧ୍ୟମରେ ସମ୍ବଲପୁର, ବରଗଡ, ସୁବର୍ଣ୍ଣପୁର ଓ ବଲାଙ୍ଗିର ଜିଲାର ୧,୫୯,୧୦୬ ହେକ୍ଟର ଚାଷ ଜମିକୁ ନିରବଚ୍ଛିନ୍ନ ଭାବରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି। ତେବେ ବିଗତବର୍ଷ ମାନଙ୍କରେ ଉନ୍ନତିକରଣ କିମ୍ବା ନବୀକରଣ ପାଇଁ ଯେତିକି ଅନୁଦାନ ଆସିଛି, ସମସ୍ତ ଅନୁଦାନ ଉପରୋକ୍ତ ବଡ କେନାଲର ଉନ୍ନତିକରଣରେ ଖର୍ଚ୍ଚ ହୋଇଛି। ତେଣୁ ଦୀର୍ଘ ୭୦ବର୍ଷ ଧରି କରନାଳୀଗୁଡିକ ଅବହେଳିତ ଅବସ୍ଥାରେ ପଡି ରହିଛି। ଏହି କରନାଳୀଗୁଡ଼ିକୁ ସେଚାଞ୍ଚଳ ଅନୁସାରେ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ୫୦ହେକ୍ଟରରୁ ୧୦୦ହେକ୍ଟର ସେଚାଞ୍ଚଳ ଥିବା କରନାଳୀ, ୧୦୦ ହେକ୍ଟରରୁ ୨୦୦ ହେକ୍ଟର ସେଚାଞ୍ଚଳ ଥିବା କରନାଳୀ ଏବଂ ୨୦୦ ହେକ୍ଟରରୁ ଅଧିକ ସେଚାଞ୍ଚଳ ଥିବା କରନାଳୀ। ସେହିପରି ଏହି ଯୋଜନାରେ ବରଗଡ଼ ମୁଖ୍ୟ କେନାଲ ଏବଂ ଅନ୍ୟାନ୍ୟ ଡିଷ୍ଟ୍ରିବ୍ୟୁଟାରୀ ମାନଙ୍କରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଫଲ, ସିଡି, ଆଉଟଲେଟ ଇତ୍ୟାଦିର ନବୀକରଣ ତଥା ଭିଆରବି, ସିଆର, ଏଚଆର, ସାଇଫନ, ଆକ୍ୱିଡକ୍ଟ ଇତ୍ୟାଦିର ଦୃଢୀକରଣ କରାଇବା ଲକ୍ଷ୍ୟ ରଖାଯାଇଛି। ତୃତୀୟ ଓ ଦିତୀୟ ଶ୍ରେଣୀରେ ଆସୁଥିବା କରନାଳୀଗୁଡିକୁ ଯଥାକ୍ରମେ ମାଇନର ଓ ସବ-ମାଇନର ନାମରେ ନାମିତ କରାଯିବା ସହିତ ସମସ୍ତ କରନାଳିଗୁଡିକର ଉନ୍ନତିକରଣ କରି କଂକ୍ରିଟ ଲାଇନିଙ୍ଗ ଓ ଉକ୍ତ କରାନାଳୀ ମାନଙ୍କରେ ଥିବା ର୍ନିମାଣଗୁଡ଼ିକର ମଧ୍ୟ ନବୀକରଣ କରାଇବା ଏହି ଯୋଜନାରେ ଅନ୍ତର୍ଭୂକ୍ତ। ହୀରାକୁଦ ସେଚାଞ୍ଚଳରେ ଉଭୟ ରବି ଓ ଖରିଫ ଋତୁରେ ଜଳଯୋଗାଣ କରାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ୩୧ଟି ପ୍ୟାକେଜରେ ବିଭକ୍ତ କରାଯାଇଅଛି ଏବଂ ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଜାରିରହିଛି ବୋଲି ସୂଚନା ଦିଆଯାଇଛି।

**ଫଟୋ ରେ ଖବର**




ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ନାବାଳିକାକୁ ପୋଡି ହତ୍ୟା ଉଦ୍ୟମ ଘଟଣାର ପ୍ରତିବାଦ କରିବା ସହ ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ଉପରେ ହେଉଥିବା ହିଂସା ବନ୍ଦ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଇସ୍ତଫା ଦାବିକରି ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ ପକ୍ଷରୁ ରବିବାର ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ ଛକରେ ଗଣପ୍ରତିବାଦ କରାଯାଉଛି।




ମହିଳା ନିର୍ଯାତନା ଘଟଣାଗୁଡିକର ନ୍ୟାୟିକ ତଦନ୍ତ ମହିଳା ବିଚାରପତିଙ୍କ ଦ୍ୱାରା କରାଯିବା ସହ ବିଭିନ୍ନ ଦାବି ନେଇ ଏଆଇଡିଡବ୍ଲ୍ୟୁଏ ପକ୍ଷରୁ ରବିବାର ଭୁବନେଶ୍ୱରସ୍ଥିତ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

# କଣାସ: ଝାଡ଼ାବାନ୍ତିରେ ଆଉ ୧୦ ଆକ୍ରାନ୍ତ

କଣାସ,୨୦।୭(ବିଭୂତି ଭୂଷଣ ତ୍ରିପାଠୀ)– କଣାସ ବ୍ଲକରେ ପ୍ରବାହିତ ଦୟାନଦୀର ଜଳ ପ୍ରଦୂଷିତ ଯୋଗୁ କଣାସ ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରବିବାର ଆଉ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ କଣାସ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। କ୍ରମାଗତ ଭାବେ ଝାଡ଼ାବାନ୍ତି ଲାଗିରହିଥିବାରୁ ଜିଲାପାଳ ଚଞ୍ଚଳ ରାଣା, ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ ଶତପଥୀ ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳ ବୁଲି ଦେଖିବା ସହିତ କାହିଁକି ଝାଡ଼ାବାନ୍ତି ଆକ୍ରାନ୍ତ ହେଉଛନ୍ତି, ତାହାର ତଦନ୍ତ କରି ଫେରିଥିଲେ ମଧ୍ୟ ପ୍ରତ୍ୟେକ ଦିନ ଝାଡ଼ାବାନ୍ତି ଆକ୍ରାନ୍ତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ରବିବାର ନୂଆଦୋକନ୍ଦା ଗ୍ରାମର ଅନୁପମା ବେହେରା, ନାନକେରା ଗ୍ରାମର ଇଲା ଜେନା, କାତପଡ଼ା ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ, କରମଳା ଗ୍ରାମର ମହନ୍ତ ବିଶ୍ୱାଳ, ଦୁଃଶାସନ ବିଶ୍ୱାଳ ଏବଂ ଗଡ଼ସାହି ଓ ଗଡ଼ମାଟିଆପଡ଼ା ଗ୍ରାମର ମୋଟ ୧୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି।

# ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ମାରିଥିଲେ ସାଙ୍ଗ

## ରାଜଧାନୀରେ ଇଟାରେ ଛେଚି ଯୁବକଙ୍କୁ ହତ୍ୟା ଘଟଣା

- ଗଞ୍ଜାମରୁ ଅଭିଯୁକ୍ତ ଗିରଫ, ହତ୍ୟା ପରେ ଚୋରା ବାଇକ୍‌ରେ ପଳାଇଥିଲେ
- ମୃତକ ଓ ଅଭିଯୁକ୍ତ ହେଉଛନ୍ତି ଅଭ୍ୟାସଗତ ବାଇକ ଚୋର

ଭୁବନେଶ୍ୱର,୨୦।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଦୁର୍ଗାମାଧବନଗରସ୍ଥିତ ସୋମନାଥ ବସ୍ତିରେ କୈଳାସ ନାୟକ ଓରଫ ମୁନ୍ନା (୨୦)ଙ୍କୁ ସିମେଣ୍ଟ ଇଟାରେ ଛେଚି ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି ରବିବାର କମିଶନରେଟ୍ ପୋଲିସ କହିଛି। ଏଥିସହ ଅଭିଯୁକ୍ତ ନରହରି ନାଏକ (୨୪)ଙ୍କୁ ଭରତପୁର ପୋଲିସ ଗଞ୍ଜାମ ଜିଲା ତୁଳସୀପାଲ୍ଲି ଅଞ୍ଚଳରୁ ଭଞ୍ଜନଗର ପୋଲିସ ସହାୟତାରେ ଗିରଫ କରିଛି। ନରହରିଙ୍କ ଘର ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜି. ନୂଆଗାଁରେ। ତାଙ୍କଠୁ ଗୋଟିଏ ବାଇକ, ଚେସିସ୍ ନମ୍ବର ଓ ନମ୍ବର ପ୍ଲେଟ୍‌ବିହୀନ ଆଉ ଏକ ବଇକ, ରକ୍ତଲଗା ପୋଷାକ ଆଦି ଜବତ କରିଛି। ତାଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ନରହରିଙ୍କ ନାମରେ ଶ୍ରୀଲିଙ୍ଗରାଜ ଥାନାରେ ଗୋଟିଏ, ଭରତପୁର ଥାନାରେ ଗୋଟିଏ ଓ ଭଞ୍ଜନଗର ଥାନାରେ ୩ଟି ଚୋରି ମାମଲା ରହିଛି। ପୋଲିସ ସୂଚନା ଅନୁଯାୟୀ, ମୃତ କୈଳାସ ରଙ୍ଗମିସ୍ତ୍ରି ଓ ଡ୍ରାଇଭର କାମ କରୁଥିଲେ। ୨୫ ଦିନ ହେବ ମା'ଙ୍କ ସହ ସେ ଭୁବନେଶ୍ୱର



ନରହରି ନାଏକ

ଆସି ସୋମନାଥ ବସ୍ତିରେ ଭଡାଘରେ ରହିଥିଲେ। ସାଙ୍ଗ ନରହରି ମଧ୍ୟ ପ୍ରାୟ ସମୟରେ ଆସି ତାଙ୍କ ପାଖରେ ରହୁଥିଲେ। ନରହରି ଓ କୈଳାସ ଅଭ୍ୟାସଗତ ବାଇକ୍ ଚୋର ହୋଇଥିବାବେଳେ ବହୁ ଚୋରା ବାଇକ ବିକ୍ରି କରିଛନ୍ତି। ଘରେ ରନ୍ଧା ହୋଇଥିବା ତରକାରି ସୁଆଦିଆ ହୋଇ ନ ଥିବାରୁ ଏହାକୁ ନେଇ ଗୁରୁବାର ସନ୍ଧ୍ୟାରେ କୈଳାସ ଓ ତାଙ୍କ ମା' ବେବିନାଙ୍କ ମଧ୍ୟରେ ଝଗଡା ହୋଇଥିଲା। ପୁଅଠୁ ନାନା ପ୍ରକାର ଗାଳିଗୁଲଜ ପାଇ ବେବିନା ରାଗରେ ସ୍ଥାନୀୟ ଅଞ୍ଚଳରେ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ। ଏହାପରେ ନରହରି ଓ କୈଳାସଙ୍କ ମଧ୍ୟରେ ଚୋରି ବାଇକ୍ ବିକ୍ରି ଟଙ୍କାକୁ ନେଇ ଝଗଡା ହୋଇଥିଲା। ସେମାନେ ହାତାହାତି ହେବା ସହ ପରସ୍ପରକୁ ଆକ୍ରମଣ କରିଥିଲେ। ଝଗଡ଼ା ପରେ କୈଳାସ ଶୋଇପଡ଼ିଥିଲେ। ଏହାପରେ ନରହରି ନିକଟରୁ ଏକ ବଡ଼ ଇଟା ଆଣି କୈଳାସଙ୍କୁ ଛେଚି ହତ୍ୟା କରିଥିଲେ। ପରେ ଭରତପୁର ଥାନା ଅଞ୍ଚଳରୁ ଉଭୟ ଚୋରି କରିଥିବା ବାଇକକୁ ନେଇ ନରହରି ଗଞ୍ଜାମ ଚାଲିଯାଇଥିଲେ। ଶୁକ୍ରବାର ସକାଳେ କୈଳାସଙ୍କ ମୃତଦେହ ଦେଖି ମାଲିକ କଲ୍ କରି ତାଙ୍କ ମା' ବେବିନାଙ୍କୁ ଜଣାଇଥିଲେ। ବେବିନା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇ ଏତଲା ଦେଇଥିଲେ।

# ସାମ୍ୟବାଦୀ ନେତା ବଂଶୀଧର ଦାସଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭା



ସ୍ମୃତିସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର, ୨୦।୭
(ସୌମ୍ୟରଞ୍ଜନ ରାଉତ)

ସାମ୍ୟବାଦୀ ନେତା ବଂଶୀଧର ଦାସଙ୍କ ୫ମ ବାର୍ଷିକ ରାଜ୍ୟସ୍ତରୀୟ ସ୍ମୃତି ସଭା ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଟକ ମେୟର ସୁବାଷ ସିଂ, ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରମୁଖ ଯୋଗଦେଇ ବଂଶାଧରଙ୍କ ସ୍ମୃତି ଚରଣ କରିବା ସହିତ ତାଙ୍କ ସାମ୍ୟବାଦୀ ଚିନ୍ତାଧାରା ଆଜିର ସମାଜରେ ସାମଗ୍ରିକ ଭାବେ ସାମାଜିକ ସନ୍ତୁଳନଭିତିକ ବିକାଶ କ୍ଷେତ୍ରରେ ଅନେକ ସହାୟକ ହୋଇ ପାରିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଶିକ୍ଷାବିତ୍ ସୋନାମିକା ରାୟ, ସ୍ୱାସ୍ଥ୍ୟ ଅଧିକାରୀ ବିଧୁଭୂଷଣ ନାୟକ ଓ ସମାଜସେବୀ ନିରଞ୍ଜନ ଯୋଗାଣିଆଙ୍କୁ 'ବଂଶୀଧର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହିତ ଅଲିଭା ପାତ୍ର ଓ କାର୍ତ୍ତିକ ଦାଶଙ୍କୁ 'ବଂଶୀଧର ଦାସ ମେଧା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସଭାପତି ଅରୁଣ କୁମାର ଦାସ କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିବା ବେଳେ ସ୍ମୃତି ପରିଷଦ ଆବାହକ ମାନବାଧିକାର ପ୍ରବକ୍ତା ମନୋଜ ଜେନା ସଭା ସଂଯୋଜନା କରିଥିଲେ। ଡ. ଭାରତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର,୨୦।୭
(ସୌମ୍ୟରଞ୍ଜନ ରାଉତ)

ସାଇ କୃପା କଳାକେନ୍ଦ୍ରର ଜାତୀୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ବୁଦ୍ଧମନ୍ଦିର ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ କରାଯାଇଥିଲା। ୧୫୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ପୁରସ୍କାରପ୍ରାପ୍ତ ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ରର ପ୍ରଯୋଜକ ରାଜ ଗୋପାଳ ସିଂହ, ପ୍ରସିଦ୍ଧ ଗାୟିକା ସାରଦା ମିଶ୍ର, ଶିକ୍ଷାବିତ୍ ଡ. ନଳିନୀ ନିରୋଦ କର ଏବଂ ରୂପଶ୍ରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରୋମା ରିତିଶା ପଣ୍ଡା ଏବଂ ସୁରମା ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଇ କୃପା କଳାକେନ୍ଦ୍ରର ନିର୍ଦ୍ଦେଶକ ଏବଂ ଅଧକ୍ଷା ଜ୍ୟୋତିର୍ମୟୀ ମହାପାତ୍ର ଉପସ୍ଥିତ ଥିଲେ।



ସାଇ କୃପା କଳାକେନ୍ଦ୍ରର ଜାତୀୟ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

# ନୃତ୍ୟ, ଚିତ୍ରାଙ୍କନ, ପିଠା ତିଆରି ପ୍ରତିଯୋଗିତା



ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨୦।୭
(ସୌମ୍ୟରଞ୍ଜନ ରାଉତ)

ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ରବିବାର ଉତ୍କର୍ଷ ପ୍ରତିଭା ପ୍ରତିଯୋଗିତା କସ୍ତୁରବା ନାରୀ ମହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀମାନେ ନୃତ୍ୟ, ଚିତ୍ରାଙ୍କନ ସହ ପିଠା ତିଆରି ପ୍ରତିଯୋଗିତାରେ ଭାଗନେଇଥିଲେ। ପରେ ପ୍ରତିଯୋଗୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବରେ ରମେଶ ମିଶ୍ର, ଡ. ସ୍ନେହଶ୍ରୀ ସ୍ୱାଇଁ, ସଞ୍ଜୟ ଭଞ୍ଜ, ନୃତ୍ୟଗୁରୁ ଦିଲୀପ ସ୍ୱାଇଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ଆଶା କୁମାରୀ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟ ଅଧକ୍ଷା ମାନସୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନ୍ମଦିନରେ ଗଛ ଲଗାଇବାକୁ ସଚେତନ କଲେ

ପୁରୁଣା ଭୁବନେଶ୍ୱର, ୨୦।୭ (ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଅଞ୍ଚଳର ସାମାଜିକ କର୍ମୀ ତଥା ବିଜେଡି ଛାତ୍ର ନେତା ଭଗବାନ ସାହୁଙ୍କ ୩୯ତମ ଜନ୍ମ ଦିବସ ରବିବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ କଲେଜ ଛାତ୍ରୀଛାତ୍ର ଓ ଛାତ୍ର ନେତାମାନେ ଯୋଗଦେଇ ଶୁଭେଚ୍ଛା ଜଣାଇ ଥିଲେ। ଭଗବାନ ସମସ୍ତ ଯୁବ ବର୍ଗଙ୍କୁ ଗଛଟିଏ ଲଗାଇବାକୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, କର୍ପୋରେଟର ଅଜୟ ବେହେରା, ରାଜ୍ୟ ବିଜେଡି ସମ୍ପାଦକ ରଣଜିତ ମହାପାତ୍ର, ପୂର୍ବତନ ସରପଞ୍ଚ ସୁଶାନ୍ତ ଚମ୍ପତି, ହେମନ୍ତ ପାଳ, ସାମାଜିକ କର୍ମୀ ଅକ୍ଷୟ ବରାଳ, ବିଜୟ ପ୍ରଧାନ ଏବଂ ସୁମନ୍ତ କୁମାର ସୁବୁଦ୍ଧିଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ସାମାଜିକ କର୍ମୀ ଭଗବାନ ସାହୁଙ୍କ ଜନ୍ମଦିନରେ ଯୋଗଦେଇଥିବା ଅତିଥି।

# ଇଂଲିଶ ଅନୁବାଦ ପୁସ୍ତକ 'ନର କିନ୍ନର' ଲୋକାର୍ପିତ

ଭୁବନେଶ୍ୱର, ୨୦।୭(ସୌମ୍ୟରଞ୍ଜନ ରାଉତ)

ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଗୀତଗୋବିନ୍ଦ ସଦନରେ ଅୟୋଜିତ ୧୦ମ ଅଧିବେଶନରେ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସର ଇଂଲିଶ ଅନୁବାଦ ପୁସ୍ତକ 'ନର କିନ୍ନର' ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ନଟବର ଶତପଥୀ କହିଲେ, ଶାନ୍ତନୁ ଯାହା କହନ୍ତି ତାହା ଅସ୍ତିତ୍ୱବାଦୀଙ୍କ ମନସ୍ତାତ୍ତ୍ୱିକ ବିଚାର। 'ନର କିନ୍ନର'ର ୬୩ ବର୍ଷର ଯାତ୍ରା କିଛି କମ୍ ନୁହେଁ। ଏନେଇ ଆଲୋଚନା ନିଶ୍ଚୟ ବହିର ଚମତ୍କାରିତାର ଓ ପାଠକୀୟତାର ଏକ ଅପୂର୍ବ ବିଷୟ। ପୁସ୍ତକର ସମୀକ୍ଷା କରି ପ୍ରଫେସର ଶତପଥୀ କହିଲେ, ଏହା ସର୍ବକାଳୀନ ମହାନ ଉପନ୍ୟାସ। ୧୯୬୨ ମସିହାରେ ଯେତେବେଳେ ଶାନ୍ତନୁ



ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସର ଇଂଲିଶ ଅନୁବାଦକୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।

ଆଚାର୍ଯ୍ୟଙ୍କୁ ମାତ୍ର ୨୬ବର୍ଷ ହୋଇଥିଲା ସେତେବେଳେ ଏହି ଉପନ୍ୟାସ ଲେଖିଥିଲେ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଶରତ ଚନ୍ଦ୍ର ଶତପଥୀ ଇଂଲିଶ ଅନୁବାଦର ସମୀକ୍ଷା କରି ଏହାଏକ ଅଦ୍ୱିତୀୟ ପୁସ୍ତକ ଓ ଭିନ୍ନ ଧରଣର ଚମତ୍କାର ଉପନ୍ୟାସ। ଏହି ଉପନ୍ୟାସର ଅନୁବାଦ ଖୁବ୍‌ସୁନ୍ଦର ହୋଇଛି, ଯାହା ଦେଶରେ ବିଦେଶରେ ଖୁବ ଆଦୃତ ହେବ ସନ୍ଦେହ ନାହିଁ ବୋଲି ସେ କହିଥିଲେ। ଟ୍ରଷ୍ଟ ସଭାପତି ତଥା କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ସଭାପତିତ୍ୱ କରିଥିବାବେଳେ ପକ୍ଷୀଘର ପ୍ରକାଶନୀ ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ଟ୍ରଷ୍ଟର ସମ୍ପାଦିକା ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ,୨୦।୭(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)– ସତ୍ୟବାଦୀ ଥାନା ଅଞ୍ଚଳରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଶନିବାର ମଧ୍ୟାହ୍ନରେ ୫ମ ଶ୍ରେଣୀରେ ପଢୁଥିବା ଜଣେ ୧୦ ବର୍ଷର ନାବାଳିକାଙ୍କୁ କୁରୁକୁରେ ଦେଇ ଦୋକାନ ଭିତରେ ବଳାତ୍କାର କରାଯାଇଥିବା ରବିବାର ସତ୍ୟବାଦୀ ଥାନାରେ ଅଭିଯୋଗ କରାଯାଇଛି। ଛାତ୍ରୀ ଜଣକ ମସଲା ଆଣିବାକୁ ଦୋକାନକୁ ଯାଇଥିବା ବେଳେ ୫୩ ବର୍ଷର ଉକ୍ତ ଦୋକାନୀ ନାବାଳିକାଙ୍କୁ ୨ ପ୍ୟାକେଟ କୁରକୁରେ ଦେଇ ଦୋକାନ ଭିତରକୁ ଡାକି ନେଇଥିଲେ ଏବଂ ଦୋକାନ ଭିତରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ତାଙ୍କ ମା'ଙ୍କୁ ସେ ଜଣାଇଥିଲେ। ପୀଡ଼ିତାଙ୍କ ମା' ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୋଲିସ ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଘଟଣାର ତଦନ୍ତ ଚଳାଇଛି। ଉଭୟଙ୍କୁ ପୋଲିସ ଡାକ୍ତରୀ ମାଇନା କରାଯାଇଥିବା ଜଣାପଡ଼ିଛି।

# ଯୁବବର୍ଗଙ୍କ ସମର୍ପଣ ଭାରତକୁ ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ

## ଯୁବୋଦୟ ପକ୍ଷରୁ 'ଆଚିଭର୍ସ ମିଟ୍'

ଭୁବନେଶ୍ୱର, ୨୦।୭(ଅନୁରାଧା ମହାରଣା)

ପ୍ରତିଭାଦୀପ୍ତ ତରୁଣ ଓ ଯୁବବର୍ଗଙ୍କ ସମର୍ପଣ ଭାରତକୁ ବିଶ୍ୱର ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ। ନିଜ ମେଧା, ପ୍ରତିଭା ଓ ଉଦ୍‌ଯୋଗକୁ ଦେଶ ଗଠନ ଏବଂ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରି ଏକ ଜାତୀୟ କର୍ତ୍ତବ୍ୟରେ ସମ୍ପାଦନ କରିବାକୁ ଯୁବୋଦୟର 'ଆଚିଭର୍ସ ମିଟ୍' ସମାବେଶରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ନିଟ୍ ଓ ଜେଇଇ-୨୦୨୫ର ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଯୁବୋଦୟ ପକ୍ଷରୁ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜାତୀୟ ମାନବାଧିକାର ଆୟୋଗର ସଭ୍ୟ ଜଷ୍ଟିସ୍ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ,



ଯୁବୋଦୟର 'ଆଚିଭର୍ସ ମିଟ୍' ସମାବେଶରେ ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଅନ୍ତର୍ଜାତୀୟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଅଶୋକ ମହାପାତ୍ର, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର ଓ ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରୀଛାତ୍ରମାନେ ଯୁବୋଦୟରେ ପ୍ରଶିକ୍ଷଣ ନେଇ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ନିଟ୍ ଓ ଜେଇଇରେ କୃତିତ୍ୱ ଲାଭ କରିଛନ୍ତି। ଯୁବୋଦୟ ଅଧକ୍ଷ ଅଭିରାମ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ଉଦ୍ୟୋଗୀ ଅମ୍ବରୀଶ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ମିତ୍ରବିନ୍ଦା ଦାଶ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଏହାସହ ବିଗତ ବର୍ଷଗୁଡିକରେ ମେଡିକାଲ କଲେଜରେ ଅଧ୍ୟୟନ କରିଥିବା ଯୁବୋଦୟର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଉପହାର ଓ ଉପଢ଼ୌକନ ଦେଇ ଅଭିନନ୍ଦନ ଜଣାଇଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ।


**GOVERNMENT OF ODISHA** No.C-691
**OFFICE OF THE SUPERINTENDING ENGINEER**
**P.H.DIVISION, SAMBALPUR**
Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No.SEPHSBP-02/2025-26 Dt.15.07.2025

| | | |
|---|---|---|
| 1. | Name of the Work | : 1 No. Work |
| 2. | Type of Bid | : Two Bid System |
| 3. | Estimated Cost | : Rs.281.43 Lakhs |
| 4. | Period of Completion | : 6 (Six) Calendar Months |
| 5. | Date & Time of availability of bid document in the portal | : From 11.00 AM of dt.21.07.2025 To 5.00 PM of 07.08.2025 |
| 6. | Last date/time of receipt of bids in the portal | : 5.00 PM of 07.08.2025 |
| 7. | Date & Time of Opening of technical bids | : At 11.30 AM of 08.08.2025 |
| 8. | Name and address of the Officer Inviting Bid | : Superintending Engineer P.H. Division, Sambalpur, Brooks' Hill, Near Stadium, At/Po-Motijharan, Dist-Sambalpur -768001 |

Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Superintending Engineer
P.H.Division, Sambalpur
OIPR-13026/11/0010/2526

GOVERNMENT OF ODISHA No.A-
DEPARTMENT OF WATER RESOURCES
Office of the Superintending Engineer,
Mechanical Division, Bhubaneswar
Email Address: smdivisionbbsr@yahoo.com
e-Procurement Notice - Bid Identification No. - SE/MDB-04/W/2025-26

| | | | |
|---|---|---|---|
| 1 | Name of the work | : | Replacement and renovation of Gates and hoists of Saradhapur Sluice-II under Khordha Irrigation Division, Khordha for the year of 2025-26 |
| 2 | No. of works | : | 01 (One) |
| 3 | Category of executors | : | SSI Units registered under DIC/NSIC/MSME for Irrigation Shutters / Hydro mechanical gates |
| 4 | Bid Identification No. | : | SE/MDB-04/W/2025-26 |
| 5 | Estimated cost | : | Rs.8,44,425/- |
| 6 | Period of completion | : | 20 days |
| 7 | Date & time of availability of bid documents in the portal | : | From dt.22.07.2025 (10.00 A.M.) to dt.31.07.2025 (5.30 P.M.) |
| 8 | Last date / time for receipt of bid in the portal | : | Dt.31.07.2025 (Upto 5.30 P.M.) |
| 9 | Date and place of opening of bid | : | Dt.01.08.2025 (12.00 Noon onwards in the O/o the undersigned) |
| 10 | Name of the officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of addenda / corrigenda / cancellation notice shall be uploaded in the aforesaid website only.
Sd./- Superintending Engineer,
Mechanical Division, Bhubaneswar
OIPR-32385/11/0004/2526

**ODISHA JOINT ENTRANCE EXAMINATION (OJEE) - 2025**
No.OJEE/333 Dt.19.07.2025
**TENTATIVE SCHEDULE OF REGISTRATION FOR NEET UG2025 CANDIDATES**
No.h-06:- Interested NEET-UG 2025 qualified candidates wish to participate in Odisha State Medical Counselling (Session 2025-26) have to register in prior for data pre-processing and preparation of State Merit List in reference to NEET all India Rank. Only State Natives are eligible for all the state quota MBBS and BDS seats in Odisha. However, other state candidates may be eligible for NRI quota seats only. Therefore, candidates must ensure their eligibility before registering.

| Activity | Date |
|---|---|
| Registration and Online Application Uploading of Documents for Online Verification | 22.07.2025 12:00 NOON to 26.07.2025 11.59 P.M. |
| All eligible PC Candidates are required to attend the Medical Board at LT-II, SCB Medical College, Cuttack | 23.07.2025 and 25.07.2025 |
| All eligible ES Candidates are required to attend the ES Board at Rajya Sainik Board, Odisha at IRC Village, Nayapalli, Bhubaneswar | 23.07.2025 and 24.07.2025 |
| Reconciliation and verification of data | 27.07.2025 and 28.07.2025 |
| Publication of provisional State Merit List of registered candidates | 29.07.2025, 5.00 P.M. |
| Any Query raised by candidates on the merit list | 30.07.2025 by 5.00 P.M. |
| Publication of final State Merit List of registered candidates | 01.08.2025 |

*For other details regarding registration process, guidelines visit https://ojee.nic.in. Detail Schedule of the Counselling Process for Admission to MBBS/BDS Courses will be Notified in Due Course of Time.*
Mail id of OJEE: odishaojee@gmail.com
Website: www.ojee.nic.in, www.odishajee.com
*All the candidates are informed to follow the dates of PC Board and Ex-Serviceman Board strictly. Candidates missing the dates to appear before the applicable PC/ES Boards will be deprived of getting PC or ES reservations.*
**State Rank is mandatory to participate in the State Counselling for all State Quota Seats under MBBS/BDS courses.**
Sd./- Chairman, OJEE
OIPR-14020/11/0007/2526

## ଗୁଣ୍ଡିଚା ମନ୍ଦିର ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

ବାରଙ୍ଗ,(ଲିଙ୍ଗରାଜ ରାଉତ): ରାଜଧାନୀ ଉପକଣ୍ଠ ରଘୁନାଥପୁର ମାଉସୀମା ମନ୍ଦିର ପାଖରେ ଥିବା କୁବେର ଅଫିକାଲ ଓ ୬ଲକ୍ଷ ଟଙ୍କା ବ୍ୟୟ ବରାଦରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନିର୍ମିତ ଶ୍ରୀଶ୍ରୀ ଗୁଣ୍ଡିଚା ମନ୍ଦିର ଗୋଷ୍ଠୀକେନ୍ଦ୍ରକୁ ରବିବାର ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଗାନ୍ଧୀବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତ, ବିଜେଡି ନେତା ସୁବାସ ଚନ୍ଦ୍ର ପାତ୍ର, ସରପଞ୍ଚ ଖୋଲଣା ମାଝି, ସମିତିସଭ୍ୟ ନୀହାରକାନ୍ତ ପଡ଼ିହାରୀ, ନାରାନେତ୍ରୀ ଝୁନା ରାଉତଙ୍କ ସମେତ ବହୁ ବିଜେଡି ନେତା, ମହିଳା ଓ ମୁରବିମାନେ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## କୁଳେଇଶୁଣୀ ପୀଠରେ ଫଳ ଚାରାରୋପଣ

କଟକ ସଦର,୨୦।୭(ସୁଶାନ୍ତ କୁମାର ଜେନା) କଟକ ସଦର ବ୍ଲକ ଅନ୍ତର୍ଗତ ଅଥଙ୍ଗାସ୍ଥିତ କୁଳେଇଶୁଣୀ ପୀଠରେ ରବିବାର ଫଳ ଚାରା ରୋପଣ କରାଯାଇଛି। ବିଷ୍ଣୁପ୍ରିୟା ସେବା ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୀମା ସୁରକ୍ଷା ବଳର ନିରୀକ୍ଷକ ବିଜୟ କୁମାର ଲେଙ୍କା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ କାଠଯୋଡି ନଦୀପଠାରେ ପିଜୁଳି, ଡାଳିମ୍ବ ପ୍ରଭୃତି ଚାରା ରୋପଣ କରାଯାଇଥିଲା। ଆଗକୁ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସମିତିର ସଂଯୋଜକ ସୁବୋଧ ବେହେରା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାକର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ଶିବ ପ୍ରସାଦ ପ୍ରଧାନ, ପୂଜକ ସୂର୍ଯ୍ୟମଣି ନାୟକ, ପ୍ରକାଶ ସାହୁ, ସମୀର ବେଉରା, ଲୋଚନ ପରିଡ଼ା, ବାଇନ ଭୋଇ ପ୍ରମୁଖ ଚାରା ରୋପଣରେ ସହଯୋଗ କରିଥିଲେ। ସମିତି ପକ୍ଷରୁ ୧ଲକ୍ଷ ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଜଣାପଡିଛି।

## ବୃକ୍ଷ ହିଁ ଜୀବନ

ବାଙ୍କୀ,୨୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମର ସ୍ୱର୍ଗତ ସଂକୀର୍ତ୍ତନ ଗୁରୁ ଗୋବର୍ଦ୍ଧନ ରାଉତ ସ୍ମୃତି ସଂସଦ ଆନୁକୂଲ୍ୟରେ ବାଆଁରା ଗ୍ରାମରେ ରବିବାର ବିଭିନ୍ନ ପ୍ରକାରର ଔଷଧୀୟ ଓ ଫଳ ଚାରା ରୋପଣ କରାଯାଇଛି। ସଂସଦର ସମ୍ପାଦକ ଗୌରାଙ୍ଗ ଚରଣ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ତଥା ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବୃକ୍ଷ ହିଁ ଜୀବନ ଓ ଏଥିରେ ଅମ୍ଳଜାନ ମିଳିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଗୁରୁଚରଣ ବେହେରା, ପ୍ରମୋଦ ମୁଦୁଲି, ବିଶ୍ୱନାଥ ରାଉତ, ପ୍ରହ୍ଲାଦ ବେଉରା ପ୍ରମୁଖ ଯୋଗଦେଇ ଚାରା ରୋପଣ କରିଥିଲେ।

ସେହିପରି ବାଙ୍କୀ ଆଦର୍ଶ ଯୁବ ପରିଷଦ ପକ୍ଷରୁ ବିଭିନ୍ନ ଗ୍ରାମରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମର ଧୋଇଆ ନାଳ ଓ ମେଘା ଚୋଟା ନିକଟସ୍ଥ ରାସ୍ତାକଡରେ ବର ଓ ଅଶ୍ୱତ୍ଥ ଗଛ ରୋପଣ କରାଯାଇଛି। ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବର ଓ ଅଶ୍ୱତ୍ଥ ଚାରା ଲଗାଇଲେ ପୁଣ୍ୟ ମିଳିଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ କଂଗ୍ରେସ ରଣା, ବିଶ୍ୱରଞ୍ଜନ ସ୍ୱାଇଁ, ସୁବ୍ରତ ନାୟକ, ବସନ୍ତ କୁମାର ସାହୁ, ବିଭୂତି ସାହୁ, ନବଘନ ସାହୁ, ବିଜୟ ସେଠୀ ପ୍ରମୁଖ ଯୋଗଦେଇ ବର ଓ ଅଶ୍ୱତ୍ଥ ଚାରା ଲଗାଇଛନ୍ତି।

## ବେଆଇନ ବାଲି ଉଠାଣକୁ ବିରୋଧ

### କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ବାଙ୍କୀ,୨୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ତହସିଲ ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମରେ ଥିବା ବାଲି ସୈରାତ ଉତ୍ସରୁ ବେଆଇନ ଭାବେ ଚୋରାରେ ଶହ ଶହ ଟ୍ରିପ୍ ଦୈନିକ ମହାନଦୀ ବାଲି ହେଉଛି। ଏନେଇ ତେନ୍ତୁଳିଆ ଓ ଗଦାଧରପୁର ମୌଜାର ସୁବାସ ଚନ୍ଦ୍ର ପୃଷ୍ଟି, ଗୋପାଳ ନାୟକ, ମଣ୍ଟୁ ନାୟକଙ୍କ ସମେତ ଶତାଧିକ ଲୋକ ରବିବାର କଟକ ଜିଲାପାଳଙ୍କୁ ଦାବି ପତ୍ର ଦିଆଯାଇଛି। ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ଦିନ ଦ୍ୱିପ୍ରହରେ ବାଲି ଉଠାଯାଇ ବାହାରକୁ ଚାଲାଣ କରାଯାଉଛି। ଏ ସଂକ୍ରାନ୍ତରେ ତେନ୍ତୁଳିଆ ଗ୍ରାମର ସୁବାସ ଚନ୍ଦ୍ର ପୃଷ୍ଟିଙ୍କ ସୂଚନା ଅନୁଯାୟୀ ପରିବେଶ ମଞ୍ଜୁରୀପତ୍ର ଏବଂ କନସେଣ୍ଟ ଟୁ ଅପରେଟର ନ ଥିବାରୁ ଏହି ବାଲିଘାଟ କାର୍ଯ୍ୟକ୍ଷମ ହେଉନାହିଁ କିମ୍ବା ଘାଟ ତରଫରୁ କୌଣସି ରୟାଲଟି ପ୍ରଦାନ କରାଯାଉନାହିଁ। କିନ୍ତୁ ବାସ୍ତବରେ ସେଠାରୁ ପ୍ରତ୍ୟେକ ଦିନ ଶହ ଶହ ଟ୍ରିପ ବାଲି ଉଠାଯାଇ ବାହାରକୁ ଚାଲାଣ କରାଯାଇଥିଲା। ତେଣୁ ତୁରନ୍ତ ଏହା ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଯେଉଁ ନିଲାମଧାରୀ ବେଆଇନ ଭାବେ ଏ ଘାଟରୁ ବାଲି ଉଠାଇ ଲକ୍ଷ ଲକ୍ଷ ଟଙ୍କା ଲାଭ ଉଠାଇଛନ୍ତି ତାଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବରେ ଜଣାଇଛନ୍ତି।

# ଉନ୍ନୟନମୂଳକ କାର୍ଯ୍ୟକୁ ଗୁରୁତ୍ୱ

### ଏନ୍‌ଏସିର ସାଧାରଣ ବୈଠକ

ବାଙ୍କୀ,୨୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର):



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିମାନେ।

ବାଙ୍କୀ ଏନ୍‌ଏସିର ୨୨ତମ ସାଧାରଣ ବୈଠକ ପରିଷଦ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ଉନ୍ନୟନମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି। ବୈଠକରେ ନଗରପାଳ ମାଣିକ ସାହୁ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ନୂତନ ଭାବେ ଯୋଗଦେଇଥିବା ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଓ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକଙ୍କୁ ପରିଷଦ ତରଫରୁ ସ୍ୱାଗତ କରାଯିବା ସହ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ବିଭିନ୍ନ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-୨.୦ର ଯୋଗ୍ୟ ହିତାଧିକାରୀ ଚୟନ କରି କାର୍ଯ୍ୟାଦେଶ ଦେବା, ବିଭିନ୍ନ ୱାର୍ଡରେ ରାସ୍ତା ମରାମତି କରିବା, ଷ୍ଟ୍ରିଟ ଲାଇଟ ଦାୟିତ୍ୱରେ ଥିବା କମ୍ପାନୀକୁ ବିଭିନ୍ନ ୱାର୍ଡର ମରାମତି ପାଇଁ ନିର୍ଦ୍ଦେଶ ଦେବା, ସହରର ସଫେଇ ଓ ପରିମଳ କାର୍ଯ୍ୟକୁ ଠିକ୍ କରିବା, ବର୍ଜ୍ୟବସ୍ତୁ ପରିଚାଳନା, ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା, ଅସମ୍ପୂର୍ଣ୍ଣ କଲ୍ୟାଣମଣ୍ଡପର କାର୍ଯ୍ୟାରମ୍ଭ କରିବା ଓ ଟାଉନ ହଲ୍ ଏନ୍‌ଏସିକୁ ହସ୍ତାନ୍ତର କରାଯିବା ପାଇଁ ଉପଖଣ୍ଡ ପ୍ରଶାସନକୁ ଅନୁରୋଧ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହିତ ଗୋଶାଳା ନିର୍ମାଣ ନିମନ୍ତେ ଉପଖଣ୍ଡ ପ୍ରଶାସନ ଓ ତହସିଲଦାରଙ୍କୁ ଅନୁରୋଧ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆକ୍ସନ ପ୍ଲାନ ଅନୁଯାୟୀ ଅନୁଦାନ ରାଶି ଆସିଲେ ରାସ୍ତା, ଡ୍ରେନ, ଶ୍ମଶାନ ଆଦି କାର୍ଯ୍ୟଗୁଡିକର ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ କରିବା ପାଇଁ ନଗରପାଳିକା କହିଛନ୍ତି। ମା'ଚର୍ଚ୍ଚିକା ମନ୍ଦିର ଉନ୍ନତି ପାଇଁ ପୂର୍ତ୍ତବିଭାଗ ଟେଣ୍ଡର କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅନୁରୋଧ କରୁଛନ୍ତି। ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ବର୍ଷା ସମୟରେ ଜଳମଗ୍ନ ହେଉଥିବାରୁ ପରିଷଦ ପକ୍ଷରୁ ଡ୍ରେନ ନିର୍ମାଣ ପାଇଁ ଅନୁରୋଧ କରାଯାଇଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଗୁରୁତ୍ୱ ଦେଉ ନ ଥିବାରୁ ଏ ଦିଗରେ ପୁନର୍ବାର ଅନୁରୋଧ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହ ପଥର ଡୁଠାରେ ଜଳ ନିଷ୍କାସନ ଲାଗି ଘରୋଇ ଜମି ଅଧିଗ୍ରହଣ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ସମସ୍ତ ପାରିଷଦଙ୍କ ସହ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସେଠୀ, ସହାୟକ ରୁଦ୍ରପତି ପ୍ରମୁଖ ଉପସ୍ଥିତ ଥିଲେ।

# ଦିନରେ ଭିକ୍ଷାବୃତ୍ତି, ରାତିରେ ଚୋରି

### ଚୋର ଗ୍ୟାଙ୍ଗକୁ ପୋଲିସକୁ ହସ୍ତାନ୍ତର କଲେ ଗ୍ରାମବାସୀ

ଟିଗିରିଆ,୨୦।୭(ଜାଫର ଖାଁ)

ଦିନରେ ଭିକ୍ଷାବୃତ୍ତି, ରାତିରେ ଚୋରି। ଏପରି ଏକ ବାପପୁଅ ଗ୍ୟାଙ୍ଗ୍‌ର ୩ ସଦସ୍ୟଙ୍କୁ ଶନିବାର ରାତିରେ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। କଟକ ଜିଲା ଟିଗିରିଆ ଥାନା ପାଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ସୁଦର୍ଶନପୁର ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମବାସୀଙ୍କ କହିବାନୁଯାୟୀ, କିଛିଦିନ ହେବ ଟିଗିରିଆ ଥାନା ଅଞ୍ଚଳରେ ଚୋରି ଘଟଣା ବଢ଼ିବାରେ ଲାଗିଥିଲାବେଳେ ଚୋରଙ୍କୁ ଧରିବାରେ ପୋଲିସ ସକ୍ଷମ ହେଉ ନ ଥିଲା। ଶନିବାର ବିଳମ୍ବିତ ରାତିରେ ଏକ ୩ ଜଣିଆ ଚୋର ଗ୍ୟାଙ୍ଗ୍ ସୁଦର୍ଶନପୁର ଗ୍ରାମର ମୃତ ଦିଗମ୍ବର ପ୍ରଧାନଙ୍କ ଘରେ ପଶିଥିଲା। ସେମାନେ ଲୁହାଗ୍ରିଲ ଭାଙ୍ଗି ଭିତରକୁ ପଶିଥିଲେ। ପଡ଼ୋଶୀ କୌଣସି କାରଣ ପାଇଁ ଉଠିଥିବାବେଳେ ଏବିଷୟରେ ଜାଣି ଚୋର ଧରିବାକୁ ଘର ବାହାରକୁ ଯିବାକୁ ଉଦ୍ୟମ କଲାବେଳେ ଘର ବାହାରପଟୁ ବନ୍ଦ କରାଯାଇଥିବା ଜାଣିପାରି ଅନ୍ୟ ଜଣେ ପଡ଼ୋଶୀଙ୍କୁ ମୋବାଇଲରେ ଫୋନ୍ କରି ଜଣାଇଥିଲେ। ଖବରପାଇ ଅନ୍ୟ ସାହିର ଲୋକେ ପହଞ୍ଚି ଅଭିଯୁକ୍ତମାନଙ୍କୁ କାବୁ କରି ପୋଲିସରେ ଦେଇଛନ୍ତି। ପଚରାଉଚରା ସମୟରେ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ବାପା ହୋଇଥିବା ବେଳେ ଅନ୍ୟ ୨ ଜଣ ପୁଅ ବୋଲି ଜଣାପଡ଼ିଛି। ସେମାନଙ୍କ ଘର ସମ୍ବଲପୁର ଜିଲାରେ। ମାତ୍ର ସେମାନଙ୍କ ନିକଟରେ କୌଣସି ଆଧାର କାର୍ଡ, ଭୋଟର କାର୍ଡ କିମ୍ବା ଅନ୍ୟ କୌଣସି ପରିଚୟପତ୍ର ନ ଥିବା ପ୍ରକାଶ କରିଛନ୍ତି। ପାରିପାର୍ଶ୍ୱିକ ଅବସ୍ଥାରୁ ଏହି ଚୋରମାନେ ରୋହିଙ୍ଗ୍ୟା ବୋଲି ସନ୍ଦେହ କରାଯାଇଛି। ଗତ କିଛିଦିନ ହେବ ସେମାନେ ପାଞ୍ଚଗାଁରେ ରହୁଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଶନିବାର ସକାଳେ ସୁଦର୍ଶନପୁର ଗ୍ରାମକୁ ବେକରେ ଗୋଟିଏ ଦଉଡି ଝୁଲାଇ ଭିକ ମାଗିବା ପାଇଁ ଆସିଥିଲେ। ଏହି ସମୟରେ ସେ ଗ୍ରାମର କେଉଁ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଛି ଓ କେଉଁ ଘରେ ଚୋରି କରିବେ ସେ ସମସ୍ତ ତଥ୍ୟ ସଂଗ୍ରହ କରିଥିଲେ। ଉକ୍ତ ତଥ୍ୟ ଅନୁସାରେ ବିଳମ୍ବିତ ରାତିରେ ଚୋରି କରୁଥିଲେ। ଏପରିକି ଗ୍ରାମରେ ଲାଗିଥିବା ସିସିଟିଭିକୁ ମଧ୍ୟ ଅଭିଯୁକ୍ତମାନେ ଭାଙ୍ଗି ଦେଇଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଗତ କିଛିଦିନ ଧରି ଥାନା ଅଧୀନରେ ହୋଇଥିବା ୨୦ରୁ ଊର୍ଦ୍ଧ୍ୱ ଚୋରିରେ ସେମାନଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି। ଟିଗିରିଆ ଅଞ୍ଚଳରେ ବିନା ପରିଚୟପତ୍ରରେ ରହୁଥିବା ଏଭଳି ବ୍ୟକ୍ତିବିଶେଷଙ୍କୁ ଚିହ୍ନଟକରି ବିଦା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ନିଷ୍ପତ୍ତି ପୁନଃବିଚାର ପାଇଁ ଦାବି

### ଖେଳ ଛୁଟିରେ ପିଲାଙ୍କୁ ବାହାରକୁ ନ ଛାଡ଼ିବାକୁ ତାଗିଦ

କଟକ ସଦର,୨୦।୭(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅଧୀନରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ପିଲାମାନଙ୍କୁ ଖେଳଛୁଟି ହେଲେ ବାହାରକୁ ନ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶନାମାର ପୁନଃବିଚାର କରିବା ପାଇଁ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଦାବି କରିଛନ୍ତି।

ପ୍ରକାଶ ଯେ, ବିଦ୍ୟାଳୟରେ ଖେଳଛୁଟି ହେଲେ ପିଲାମାନେ ବାହାରେ ବୁଲାବୁଲି କରନ୍ତି। ଏନେଇ ଅଭିଯୋଗ ଆସିବାରୁ କଟକ ସଦର ବ୍ଲକ ଶିକ୍ଷାଧିକାରୀ ପ୍ରିୟଙ୍କା ବେହେରା ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶାନୁଯାୟୀ ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ପିଲାମାନେ ବିଦ୍ୟାଳୟ ପରିସରରେ ରହିବେ। ନିର୍ଦ୍ଦେଶ ଉଲ୍ଲଂଘନ କଲେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଯାଇଛି। ଏହାକୁ ନେଇ ପ୍ରଧାନ ଶିକ୍ଷକମାନେ ଚିନ୍ତାରେ ପଡ଼ିଛନ୍ତି। କାରଣ ୭୦ ପ୍ରତିଶତ ବିଦ୍ୟାଳୟରେ ପାଚେରି ନାହିଁ। ଖେଳ ଛୁଟିରେ ପିଲାମାନେ ପଡିଆକୁ ଯାଇ ଖେଳିବେ। ତେଣୁ ପିଲାଙ୍କୁ ଜଗିବା କଷ୍ଟକର। ନିକଟରେ ନିଶ୍ଚିନ୍ତ କୋଇଲି ବ୍ଲକ ଅଞ୍ଚଳର ଏକ ବିଦ୍ୟାଳୟରେ ପିଲା କଳିକୁ ନେଇ ଶିକ୍ଷୟିତ୍ରୀଙ୍କୁ ଜେଲ ଯିବା ସହ ନିଲମ୍ବିତ ହୋଇଥିଲେ। ଯାହା ସମସ୍ତ ଶିକ୍ଷକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

## ପିକ୍‌ଅପ୍ ଭ୍ୟାନ-ଡାଲା ଅଟୋ ମୁହାଁମୁହିଁ ଧକ୍କା:ଜଣେ ମୃତ

ସାଲେପୁର,୨୦।୭(ଅରବିନ୍ଦ ଭୂୟାଁ):



ଦୁର୍ଘଟଣାରେ ଭାଙ୍ଗିଯାଇଥିବା ଡାଲା ଅଟୋକୁ ପୋଲିସ ଜବତ କରୁଛି।

କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ନାଳିଆମୁହଁ ଛକ ନିକଟରେ ରବିବାର ପିକ୍‌ଅପ୍ ଭ୍ୟାନ୍ ସହ ଏକ ଡାଲାଅଟୋର ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଡାଲାଅଟୋରେ ଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଚାଳକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଢେଙ୍କାନାଳ ଭାପୁର ଥାନା ରାଣୀପାଳର ସାଗର ସାହୁ। ଗୁରୁତର ଜଣକ ଏହି ଜିଲାର ଭୁବନ ଥାନା ଅଞ୍ଚଳର ବିଶ୍ୱଜିତ୍ ବେହେରା। ସୂଚନାଯୋଗ୍ୟ, ଡାଲାଅଟୋରେ ସାଗର ଓ ବିଶ୍ୱଜିତ୍ କଟକ ମାଲ୍‌ଗୋଦାମରୁ କେନ୍ଦ୍ରାପଡ଼ା ଯାଉଥିବାବେଳେ ସାଲେପୁର ନାଳିଆମୁହଁ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାରକରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସାଗରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି। ଅପରପକ୍ଷେ ପିକ୍‌ଅପ୍ ଚାଳକ ଫେରାର ହୋଇଯାଇଛନ୍ତି। ଡାଲାଅଟୋକୁ ପୋଲିସ ଜବତ କରିଛି।

## ମାରପିଟ ଅଭିଯୋଗ: ୨ ଗିରଫ

କଟକ ସଦର,୨୦।୭(ସୁଶାନ୍ତ କୁମାର ଜେନା): ମାରପିଟ ଅଭିଯୋଗରେ ରବିବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି କିଶନ ନଗର ଥାନା ପୋଲିସ। ଅଭିଯୁକ୍ତମାନେ ହେଲେ ବୋଧପୁର ଝାଁୟତ ପାଇକରା ବାଟରି ପ୍ରଦୀପ୍ତ ମଲ୍ଲିକ ଓ ରାକେଶ ବେହେରା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଘର କାମକୁ ନେଇ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏନେଇ ଥାନାରେ ମାମଲା (ନଂ ୧୭୪/୨୫) ରୁଜୁ ହୋଇଛି।

# ଚୋରା ମଦ କାରବାର ବନ୍ଦ ନ ହେଲେ ତୀବ୍ର ହେବ ଆନ୍ଦୋଳନ

### ରାଢ଼ଙ୍ଗ ମଦ ବିରୋଧୀ ଅଭିଯାନର ସଂକଳ୍ପ ସମାବେଶ

ରଘୁନାଥପୁର,୨୦।୭(ରାଜେନ୍ଦ୍ର ନାରାୟଣ ସିଂହ)



ସଙ୍କଳ୍ପ ସମାବେଶରେ ରାଢ଼ଙ୍ଗ ମଦ ବିରୋଧୀ ଅଭିଯାନର ସଦସ୍ୟମାନେ।

ରଘୁନାଥପୁର ବ୍ଲକ ରାଢଙ୍ଗ ପଞ୍ଚାୟତ ଜିରା ଗ୍ରାମସ୍ଥିତ ପାଣ୍ଡୁବାବା ଟୁଙ୍ଗୀରେ ରାଢ଼ଙ୍ଗ ମଦ ବିରୋଧୀ ଅଭିଯାନ ତରଫରୁ ମହିଳାମାନଙ୍କୁ ନେଇ ରବିବାର ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦେବୀପ୍ରସାଦ ମହାରଣା, ଶାରଦା ପ୍ରସାଦ ଜେନା ଓ ଲୋକନାଥ ସ୍ୱାଇଁଙ୍କ ଉଦ୍ୟମରେ ଆୟୋଜିତ ସମାବେଶରେ ଜିରା ଏବଂ ଡିଙ୍ଗେଶ୍ୱର ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ସରକାର ରାଜସ୍ୱ ବୃଦ୍ଧି ଲକ୍ଷ ରଖି ଗ୍ରାମାଞ୍ଚଳରେ ମଦ ଦୋକାନ ସଂଖ୍ୟା ବଢ଼ାଇ ଚାଲିଛନ୍ତି। ଫଳରେ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହେବାସହ ମହିଳାମାନଙ୍କ ମଧ୍ୟରେ ଅଶାନ୍ତି ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗାଁ ଗଣ୍ଡାରେ ଅନେକ ବ୍ୟକ୍ତି ଚୋରା ମଦ ବେପାରରେ ଲିପ୍ତ ରହି ଜନଜୀବନକୁ କ୍ଷତି ପହଞ୍ଚାଉଛନ୍ତି ବୋଲି ମହାରଣା କ୍ଷୋଭକ୍ତି ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ରାଢ଼ଙ୍ଗ ପଞ୍ଚାୟତରୁ ଚୋରା ମଦ ବେପାର ବନ୍ଦ ନ ହେଲେ ଆଗାମୀ ଦିନରେ ମଦ ବିରୋଧୀ ଆନ୍ଦୋଳନ ଆହୁରି ତୀବ୍ର ରୂପ ଧାରଣ କରିବ। ଏଥିସହ ପଞ୍ଚାୟତ ବନ୍ଦ ପାଇଁ ଶାରଦା ପ୍ରସାଦ ଜେନା ଏବଂ ଲୋକନାଥ ସ୍ୱାଇଁ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ଜୁଲାଇ ୨୭ରେ ରବିବାର ରାଢ଼ଙ୍ଗ ବଟ ପ୍ରାଙ୍ଗଣରେ ହଜାର ସଂଖ୍ୟକ ମଦ ବିରୋଧୀ ମହିଳା ଓ ପୁରୁଷ ସମବେତ ହୋଇ ପଞ୍ଚାୟତରୁ ଚୋରା ମଦ ବେପାର ବନ୍ଦ ପାଇଁ ଏକ ନିର୍ଣ୍ଣାୟକ ଲଢେଇ କରିବେ ବୋଲି ଉପସ୍ଥିତ ମହିଳାମାନେ ସଂକଳ୍ପ ନେଇଥିଲେ। ପ୍ରିୟତମା ରାୟ, ବିଜୟଲକ୍ଷ୍ମୀ ରାୟ, ଚନ୍ଦ୍ରକାନ୍ତି ମହାନ୍ତି, ଝରଣା ବେହେରା, ମିତା ମଲ୍ଲିକ, ଲିଲି ମଲ୍ଲିକ, ସବିତା ରାଉତ, ମିନତି ଦାସ, ରଞ୍ଜିତା ଦାସ, ବିଭୂତି ବାରିକ, ସୁଜାତା ଦାସ, ଲିଲି ପରିଡ଼ା, ସୁପ୍ରଭାତ ରାଉତ, ପ୍ରତିମା ଦାସ ପ୍ରମୁଖ ଏହି ସଭାରେ ଯୋଗ ଦେଇଥିଲେ।

## ଭାଜପାର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ବାଙ୍କୀ,୨୦।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଶୁଭେନ୍ଦୁ ମହାପାତ୍ର ):

ବାଙ୍କୀ ଭାଜପା ପକ୍ଷରୁ ଡମପଡ଼ା ବ୍ଲକ ଅନ୍ତର୍ଗତ ବିଲିପଡା ପଞ୍ଚାୟତରେ ଏକ ବିରାଟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଭଗବତ ଗୋସୱାମୀଙ୍କ ମଣ୍ଡପରେ ଆୟୋଜିତ ଏହି ସମ୍ମିଳନୀରେ ବିଲିପଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଲିପଡା ସେବାସମବାୟ ସମିତି ସଭାପତି ସୁଦର୍ଶନ ପରିଡା, ପର୍ବତେଶ୍ୱର ପାଣି ପଞ୍ଚାୟତର ସଭାପତି କେଲୁଚରଣ ବେହେରା, ପୂର୍ବତନ ସରପଞ୍ଚ ଅପର୍ତ୍ତି ସ୍ୱାଇଁ, ପୂର୍ବତନ ଡମପଡ଼ା ବ୍ଲକ ଉପାଧ୍ୟକ୍ଷଙ୍କ ପୁତ୍ର ଭୀମସେନ ରାଉତ, ସରୋଜ କୁମାର ମଙ୍ଗରାଜ, ଘନଶ୍ୟାମ ସ୍ୱାଇଁ, କୈଳାସ ଚନ୍ଦ୍ର ମନ୍ତ୍ରୀ, ମେଘନାଦ ରାଉତ, ଖଗେଶ୍ୱର ପ୍ରଧାନ, ତାରେଶ୍ୱର ଗୁରୁ, ରାମକୃଷ୍ଣ ସାହୁ, ଲୋଚନ ପଲେଇଙ୍କ ସହ ବିଜେଡି ଓ କଂଗ୍ରେସର ବହୁ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଡମପଡ଼ା ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ସରୋଜ କୁମାର ମତଗଜ ସିଂହଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ମଣ୍ଡଳ ସଭାପତି ଅନ୍ତର୍ଯାମୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଭାଜପା କାର୍ଯ୍ୟକର୍ତ୍ତା ଦେବାଶିଷ ମାନସିଂହ ଓ ଜଗନ୍ନାଥ ପରିଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାଙ୍କୀ ଭାଜପା ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ସହ ଫୁଲତୋଡା ଦେଇ ଭାଜପାରେ ସାମିଲ କରିଥିଲେ। କାର୍ଯ୍ୟକ୍ରମରେ ବିଲିପଡା, ବିଲିମନ୍ତ୍ରୀ ସାହି, ବରଗାଁ, ବରପଦନପୁର, ଓସ୍ତପୁର ଗ୍ରାମର ବହୁ କର୍ମୀ ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଛନ୍ତି।



ଭାଜପାରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରାଯାଉଛି।

GOVERNMENT OF ODISHA No.C-691
OFFICE OF THE SUPERINTENDING ENGINEER
P.H.DIVISION, SAMBALPUR
Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No.SEPHSBP-02/2025-26 Dt.15.07.2025

| | | |
|---|---|---|
| 1. | Name of the Work | : 1 No. Work |
| 2. | Type of Bid | : Two Bid System |
| 3. | Estimated Cost | : Rs.281.43 Lakhs |
| 4. | Period of Completion | : 6 (Six) Calendar Months |
| 5. | Date & Time of availability of bid document in the portal | : From 11.00 AM of dt.21.07.2025 To 5.00 PM of 07.08.2025 |
| 6. | Last date/time of receipt of bids in the portal | : 5.00 PM of 07.08.2025 |
| 7. | Date & Time of Opening of technical bids | : At 11.30 AM of 08.08.2025 |
| 8. | Name and address of the Officer Inviting Bid | : Superintending Engineer P.H. Division, Sambalpur, Brooks' Hill, Near Stadium, At/Po-Motijharan, Dist-Sambalpur -768001 |

Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Superintending Engineer
P.H.Division, Sambalpur
OIPR-13026/11/0010/2526

GOVERNMENT OF ODISHA No.A-
DEPARTMENT OF WATER RESOURCES
Office of the Superintending Engineer,
Mechanical Division, Bhubaneswar
Email Address: smdivisionbbsr@yahoo.com
e-Procurement Notice - Bid Identification No. - SE/MDB-04/W/2025-26

| | | |
|---|---|---|
| 1 | Name of the work | : Replacement and renovation of Gates and hoists of Saradhapur Sluice-II under Khordha Irrigation Division, Khordha for the year of 2025-26 |
| 2 | No. of works | : 01 (One) |
| 3 | Category of executors | : SSI Units registered under DIC/NSIC/ MSME for Irrigation Shutters / Hydro mechanical gates |
| 4 | Bid Identification No. | : SE/MDB-04/W/2025-26 |
| 5 | Estimated cost | : Rs.8,44,425/- |
| 6 | Period of completion | : 20 days |
| 7 | Date & time of availability of bid documents in the portal | : From dt.22.07.2025 (10.00 A.M.) to dt.31.07.2025 (5.30 P.M.) |
| 8 | Last date / time for receipt of bid in the portal | : Dt.31.07.2025 (Upto 5.30 P.M.) |
| 9 | Date and place of opening of bid | : Dt.01.08.2025 (12.00 Noon onwards in the O/o the undersigned) |
| 10 | Name of the officer inviting bid | : Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of addenda / corrigenda / cancellation notice shall be uploaded in the aforesaid website only.
Sd./- Superintending Engineer,
OIPR-32385/11/0004/2526 Mechanical Division, Bhubaneswar

ODISHA JOINT ENTRANCE EXAMINATION
(OJEE) - 2025
No.OJEE/333 Dt.19.07.2025
TENTATIVE SCHEDULE OF REGISTRATION FOR NEET UG2025 CANDIDATES

No.h-06:- Interested NEET-UG 2025 qualified candidates wish to participate in Odisha State Medical Counselling (Session 2025-26) have to register in prior for data pre-processing and preparation of State Merit List in reference to NEET all India Rank. Only State Natives are eligible for all the state quota MBBS and BDS seats in Odisha. However, other state candidates may be eligible for NRI quota seats only. Therefore, candidates must ensure their eligibility before registering.

| Activity | Date |
|---|---|
| Registration and Online Application Uploading of Documents for Online Verification | 22.07.2025 12:00 NOON to 26.07.2025 11.59 P.M. |
| All eligible PC Candidates are required to attend the Medical Board at LT-II, SCB Medical College, Cuttack | 23.07.2025 and 25.07.2025 |
| All eligible ES Candidates are required to attend the ES Board at Rajya Sainik Board, Odisha at IRC Village, Nayapalli, Bhubaneswar | 23.07.2025 and 24.07.2025 |
| Reconciliation and verification of data | 27.07.2025 and 28.07.2025 |
| Publication of provisional State Merit List of registered candidates | 29.07.2025, 5.00 P.M. |
| Any Query raised by candidates on the merit list | 30.07.2025 by 5.00 P.M. |
| Publication of final State Merit List of registered candidates | 01.08.2025 |

*For other details regarding registration process, guidelines visit https://ojee.nic.in. Detail Schedule of the Counselling Process for Admission to MBBS/BDS Courses will be Notified in Due Course of Time.*

Mail id of OJEE: odishaojee@gmail.com
Website: www.ojee.nic.in, www.odishajee.com

*All the candidates are informed to follow the dates of PC Board and Ex-Serviceman Board strictly. Candidates missing the dates to appear before the applicable PC/ES Boards will be deprived of getting PC or ES reservations.* **State Rank is mandatory to participate in the State Counselling for all State Quota Seats under MBBS/BDS courses.**

Sd./- Chairman, OJEE
OIPR-14020/11/0007/2526

## କଣାସ: ଝାଡ଼ାବାନ୍ତିରେ ଆଉ ୧୦ ଆକ୍ରାନ୍ତ

କଣାସ,୨୦।୭(ବିଭୂତି ଭୂଷଣ ତ୍ରିପାଠୀ)– କଣାସ ବ୍ଲକରେ ପ୍ରବାହିତ ଦୟାନଦୀର ଜଳ ପ୍ରଦୂଷିତ ଯୋଗୁ କଣାସ ଅଞ୍ଚଳରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରବିବାର ଆଉ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ କଣାସ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଜାରି ରହିଛି। କ୍ରମାଗତ ଭାବେ ଝାଡ଼ାବାନ୍ତି ଲାଗିରହିଥିବାରୁ ଜିଲାପାଳ ଚଞ୍ଚଳ ରାଣା, ପୁରୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ ଶତପଥୀ ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳ ବୁଲି ଦେଖିବା ସହିତ କାହିଁକି ଝାଡ଼ାବାନ୍ତି ଆକ୍ରାନ୍ତ ହେଉଛନ୍ତି, ତାହାର ତଦନ୍ତ କରି ଫେରିଥିଲେ ମଧ ପ୍ରତ୍ୟେକ ଦିନ ଝାଡ଼ାବାନ୍ତି ଆକ୍ରାନ୍ତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ରବିବାର ନୂଆଦୋକନ୍ଦା ଗ୍ରାମର ଅନୁପମା ବେହେରା, ନାନକେରା ଗ୍ରାମର ଇଲା ଜେନା, କାତପଡ଼ା ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ, କରମଳା ଗ୍ରାମର ମହନ୍ତ ବିଶ୍ୱାଳ, ଦୁଃଶାସନ ବିଶ୍ୱାଳ ଏବଂ ଗଡ଼ସାହି ଓ ଗଡ଼ମାଟିଆପଡ଼ା ଗ୍ରାମର ମୋଟ ୧୦ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି।

# ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ମାରିଥିଲେ ସାଙ୍ଗ

**ରାଜଧାନୀରେ ଇଟାରେ ଛେଚି ଯୁବକଙ୍କୁ ହତ୍ୟା ଘଟଣା**

- ଗଞ୍ଜାମରୁ ଅଭିଯୁକ୍ତ ଗିରଫ, ହତ୍ୟା ପରେ ଚୋରା ବାଇକ୍‌ରେ ପଳାଇଥିଲେ
- ମୃତକ ଓ ଅଭିଯୁକ୍ତ ହେଉଛନ୍ତି ଅଭ୍ୟାସଗତ ବାଇକ ଚୋର

ଭୁବନେଶ୍ୱର,୨୦।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଦୁର୍ଗାମାଧବନଗରସ୍ଥିତ ସୋମନାଥ ବସ୍ତିରେ କୈଳାସ ନାୟକ ଓରଫ ମୁନ୍ନା (୨୦)ଙ୍କୁ ସିମେଣ୍ଟ ଇଟାରେ ଛେଚି ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ କରିଛି ପୋଲିସ। ଚୋରି ଟଙ୍କା ଭାଗବଣ୍ଟାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି ରବିବାର କମିଶନରେଟ୍ ପୋଲିସ କହିଛି। ଏଥିସହ ଅଭିଯୁକ୍ତ ନରହରି ନାଏକ (୨୪)ଙ୍କୁ ଭରତପୁର ପୋଲିସ ଗଞ୍ଜାମ ଜିଲା ତୁଳସୀପାଲି ଅଞ୍ଚଳରୁ ଭଞ୍ଜନଗର ପୋଲିସ ସହାୟତାରେ ଗିରଫ କରିଛି। ନରହରିଙ୍କ ଘର ବେଲଗୁଣ୍ଠା ଥାନା ଅନ୍ତର୍ଗତ ଜି. ନୂଆଗାଁରେ। ତାଙ୍କଠୁ ଗୋଟିଏ ବାଇକ, ଚେସିସ୍ ନମ୍ବର ଓ ନମ୍ବର ପ୍ଲେଟ୍‌ବିହୀନ ଆଉ ଏକ ବଇକ, ରକ୍ତଲଗା ପୋଷାକ ଆଦି ଜବତ କରିଛି। ତାଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ନରହରିଙ୍କ ନାମରେ ଶ୍ରୀଲିଙ୍ଗରାଜ ଥାନାରେ ଗୋଟିଏ, ଭରତପୁର ଥାନାରେ ଗୋଟିଏ ଓ ଭଞ୍ଜନଗର ଥାନାରେ ୩ଟି ଚୋରି ମାମଲା ରହିଛି। ପୋଲିସ ସୂଚନା ଅନୁଯାୟୀ, ମୃତ କୈଳାସ ରଙ୍ଗମିସ୍ତ୍ରି ଓ ଡ୍ରାଇଭର କାମ କରୁଥିଲେ। ୨୫ ଦିନ ହେବ ମା'ଙ୍କ ସହ ସେ ଭୁବନେଶ୍ୱର ଆସି ସୋମନାଥ ବସ୍ତିରେ ଭଡାଘରେ ରହିଥିଲେ। ସାଙ୍ଗ ନରହରି ମଧ ପ୍ରାୟ ସମୟରେ ଆସି ତାଙ୍କ ପାଖରେ ରହୁଥିଲେ। ନରହରି ଓ କୈଳାସ ଅଭ୍ୟାସଗତ ବାଇକ୍ ଚୋର ହୋଇଥିବାବେଳେ ବହୁ ଚୋରା ବାଇକ ବିକ୍ରି କରିଛନ୍ତି। ଘରେ ରନ୍ଧା ହୋଇଥିବା ତରକାରି ସୁଆଦିଆ ହୋଇ ନଥିବାରୁ ଏହାକୁ ନେଇ ଗୁରୁବାର ସନ୍ଧ୍ୟାରେ କୈଳାସ ଓ ତାଙ୍କ ମା' ବେବିନାଙ୍କ ମଧ୍ୟରେ ଝଗଡା ହୋଇଥିଲା। ପୁଅଠୁ ନାନା ପ୍ରକାର ଗାଳିଗୁଲଜ ପାଇ ବେବିନା ରାଗରେ ସ୍ଥାନୀୟ ଅଞ୍ଚଳରେ ସମ୍ପର୍କୀୟଙ୍କ ଘରକୁ ଚାଲିଯାଇଥିଲେ। ଏହାପରେ ନରହରି ଓ କୈଳାସଙ୍କ ମଧରେ ଚୋରି ବାଇକ୍ ବିକ୍ରି ଟଙ୍କାକୁ ନେଇ ଝଗଡା ହୋଇଥିଲା। ସେମାନେ ହାତାହାତି ହେବା ସହ ପରସ୍ପରକୁ ଆକ୍ରମଣ କରିଥିଲେ। ଝଗଡ଼ା ପରେ କୈଳାସ ଶୋଇପଡ଼ିଥିଲେ। ଏହାପରେ ନରହରି ନିକଟରୁ ଏକ ବଡ଼ ଇଟା ଆଣି କୈଳାସଙ୍କୁ ଛେଚି ହତ୍ୟା କରିଥିଲେ। ପରେ ଭରତପୁର ଥାନା ଅଞ୍ଚଳରୁ ଉଭୟ ଚୋରି କରିଥିବା ବାଇକକୁ ନେଇ ନରହରି ଗଞ୍ଜାମ ଚାଲିଯାଇଥିଲେ। ଶୁକ୍ରବାର ସକାଳେ କୈଳାସଙ୍କ ମୃତଦେହ ଦେଖି ମାଲିକ କଲ୍ କରି ତାଙ୍କ ମା' ବେବିନାଙ୍କୁ ଜଣାଇଥିଲେ। ବେବିନା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇ ଏତଲା ଦେଇଥିଲେ।


ନରହରି ନାଏକ

## ସାମ୍ୟବାଦୀ ନେତା ବଂଶୀଧର ଦାସଙ୍କ ରାଜ୍ୟସ୍ତରୀୟ ସ୍ମୃତିସଭା



ସ୍ମୃତିସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର, ୨୦।୭
(ସୌମ୍ୟରଞ୍ଜନ ରାଉତ)

ସାମ୍ୟବାଦୀ ନେତା ବଂଶୀଧର ଦାସଙ୍କ ୫ମ ବାର୍ଷିକ ରାଜ୍ୟସ୍ତରୀୟ ସ୍ମୃତି ସଭା ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଟକ ମେୟର ସୁବାଷ ସିଂ, ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରମୁଖ ଯୋଗଦେଇ ବଂଶାଧରଙ୍କ ସ୍ମୃତି ଚରଣ କରିବା ସହିତ ତାଙ୍କ ସାମ୍ୟବାଦୀ ଚିନ୍ତାଧାରା ଆଜିର ସମାଜରେ ସାମଗ୍ରିକ ଭାବେ ସାମାଜିକ ସନ୍ତୁଳନଭିତିକ ବିକାଶ କ୍ଷେତ୍ରରେ ଅନେକ ସହାୟକ ହୋଇ ପାରିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଶିକ୍ଷାବିତ୍ ସୋନାମିକା ରାୟ, ସ୍ୱାସ୍ଥ୍ୟ ଅଧିକାରୀ ବିଧୁଭୂଷଣ ନାୟକ ଓ ସମାଜସେବୀ ନିରଞ୍ଜନ ଯୋଗାଣିଆଙ୍କୁ 'ବଂଶୀଧର ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହିତ ଅଲିଭା ପାତ୍ର ଓ କାର୍ତ୍ତିକ ଦାଶଙ୍କୁ 'ବଂଶୀଧର ଦାସ ମେଧା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଷଦ ସଭାପତି ଅରୁଣ କୁମାର ଦାସ କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିବା ବେଳେ ସ୍ମୃତି ପରିଷଦ ଆବାହକ ମାନବାଧିକାର ପ୍ରବକ୍ତା ମନୋଜ ଜେନା ସଭା ସଂଯୋଜନା କରିଥିଲେ। ଡ. ଭାରତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର,୨୦।୭
(ସୌମ୍ୟରଞ୍ଜନ ରାଉତ)

ସାଇ କୃପା କଳାକେନ୍ଦ୍ରର ଜାତୀୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ ବୁଦ୍ଧମନ୍ଦିର ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ଜାତୀୟସ୍ତରୀୟ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ ଏବଂ ସମ୍ବର୍ଦ୍ଧିତ କରାଯାଇଥିଲା। ୧୫୦ରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଆୟୋଜିତ ହୋଇଥିଲା। ପୁରସ୍କାରପ୍ରାପ୍ତ ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ରର ପ୍ରଯୋଜକ ରାଜ ଗୋପାଳ ସିଂହ, ପ୍ରସିଦ୍ଧ ଗାୟିକା ସାରଦା ମିଶ୍ର, ଶିକ୍ଷାବିତ୍ ଡ. ନଳିନୀ ନିରୋଦ କର ଏବଂ ରୂପଶ୍ରୀ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରୋମା ରିତିଶା ପଣ୍ଡା ଏବଂ ସୁରମା ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାଇ କୃପା କଳାକେନ୍ଦ୍ରର ନିର୍ଦ୍ଦେଶକ ଏବଂ ଅଧକ୍ଷା ଜ୍ୟୋତିର୍ମୟୀ ମହାପାତ୍ର ଉପସ୍ଥିତ ଥିଲେ।



ସାଇ କୃପା କଳାକେନ୍ଦ୍ରର ଜାତୀୟ ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା।

## ନୃତ୍ୟ, ଚିତ୍ରାଙ୍କନ, ପିଠା ତିଆରି ପ୍ରତିଯୋଗିତା



ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୨୦।୭
(ସୌମ୍ୟରଞ୍ଜନ ରାଉତ)

ଅଭିକ୍ଷା ଟ୍ରଷ୍ଟ ପକ୍ଷରୁ ରବିବାର ଉତ୍କର୍ଷ ପ୍ରତିଭା ପ୍ରତିଯୋଗିତା କସ୍ତୁରବା ନାରୀ ମହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀମାନେ ନୃତ୍ୟ, ଚିତ୍ରାଙ୍କନ ସହ ପିଠା ତିଆରି ପ୍ରତିଯୋଗିତାରେ ଭାଗନେଇଥିଲେ। ପରେ ପ୍ରତିଯୋଗୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଚାରକ ଭାବରେ ରମେଶ ମିଶ୍ର, ଡ. ସ୍ନେହଶ୍ରୀ ସ୍ୱାଇଁ, ସଞ୍ଜୟ ଭଞ୍ଜ, ନୃତ୍ୟଗୁରୁ ଦିଲୀପ ସ୍ୱାଇଁ, ଓଡ଼ିଶୀ ନୃତ୍ୟଶିଳ୍ପୀ ଆଶା କୁମାରୀ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟ ଅଧକ୍ଷା ମାନସୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**GOVERNMENT OF ODISHA** No.C-691
**OFFICE OF THE SUPERINTENDING ENGINEER**
**P.H.DIVISION, SAMBALPUR**
Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No.SEPHSBP-02/2025-26 Dt.15.07.2025

1. Name of the Work : 1 No. Work
2. Type of Bid : Two Bid System
3. Estimated Cost : Rs.281.43 Lakhs
4. Period of Completion : 6 (Six) Calendar Months
5. Date & Time of availability of bid document in the portal : From 11.00 AM of dt.21.07.2025 To 5.00 PM of 07.08.2025
6. Last date/time of receipt of bids in the portal : 5.00 PM of 07.08.2025
7. Date & Time of Opening of technical bids : At 11.30 AM of 08.08.2025
8. Name and address of the Officer Inviting Bid : Superintending Engineer P.H. Division, Sambalpur, Brooks' Hill, Near Stadium, At/Po-Motijharan, Dist-Sambalpur -768001

Further details can be seen from the website http://tenders.ori.nic.in or www.tendersorissa.gov.in.
OIPR-13026/11/0010/2526
Sd./- Superintending Engineer
P.H.Division, Sambalpur


## ଜନ୍ମଦିନରେ ଗଛ ଲଗାଇବାକୁ ସଚେତନ କଲେ

ପୁରୁଣା ଭୁବନେଶ୍ୱର, ୨୦।୭ (ସୁବାସ ଚନ୍ଦ୍ର ପ୍ରଧାନ)

ଧଉଳି ଅଞ୍ଚଳର ସାମାଜିକ କର୍ମୀ ତଥା ବିଜେଡି ଛାତ୍ର ନେତା ଭଗବାନ ସାହୁଙ୍କ ୩୯ତମ ଜନ୍ମ ଦିବସ ରବିବାର ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱରର ବିଭିନ୍ନ କଲେଜ ଛାତ୍ରୀଛାତ୍ର ଓ ଛାତ୍ର ନେତାମାନେ ଯୋଗଦେଇ ଶୁଭେଚ୍ଛା ଜଣାଇ ଥିଲେ। ଭଗବାନ ସମସ୍ତ ଯୁବ ବର୍ଗଙ୍କୁ ଗଛଟିଏ ଲଗାଇବାକୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, କର୍ପୋରେଟର ଅଜୟ ବେହେରା, ରାଜ୍ୟ ବିଜେଡି ସମ୍ପାଦକ ରଣଜିତ ମହାପାତ୍ର, ପୂର୍ବତନ ସରପଞ୍ଚ ସୁଶାନ୍ତ ଚମ୍ପତି, ହେମନ୍ତ ପାଳ, ସାମାଜିକ କର୍ମୀ ଅକ୍ଷୟ ବରାଳ, ବିଜୟ ପ୍ରଧାନ ଏବଂ ସୁମନ୍ତ କୁମାର ସୁବୁଦ୍ଧିଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ।



ସାମାଜିକ କର୍ମୀ ଭଗବାନ ସାହୁଙ୍କ ଜନ୍ମଦିନରେ ଯୋଗଦେଇଥିବା ଅତିଥି।

## ଇଂଲିଶ ଅନୁବାଦ ପୁସ୍ତକ 'ନର କିନ୍ନର' ଲୋକାର୍ପିତ

ଭୁବନେଶ୍ୱର, ୨୦।୭(ସୌମ୍ୟରଞ୍ଜନ ରାଉତ)

ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଗୀତଗୋବିନ୍ଦ ସଦନରେ ଅୟୋଜିତ ୧୦ମ ଅଧିବେଶନରେ ସାହିତ୍ୟିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସର ଇଂଲିଶ ଅନୁବାଦ ପୁସ୍ତକ 'ନର କିନ୍ନର' ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ନଟବର ଶତପଥୀ କହିଲେ, ଶାନ୍ତନୁ ଯାହା କହନ୍ତି ତାହା ଅସ୍ତିତ୍ୱବାଦୀଙ୍କ ମନସ୍ତାତ୍ତ୍ୱିକ ବିଚାର। 'ନର କିନ୍ନର'ର ୬୩ ବର୍ଷର ଯାତ୍ରା କିଛି କମ୍ ନୁହେଁ। ଏନେଇ ଆଲୋଚନା ନିଶ୍ଚୟ ବହିର ଚମତ୍କାରିତାର ଓ ପାଠକୀୟତାର ଏକ ଅପୂର୍ବ ବିଷୟ। ପୁସ୍ତକର ସମୀକ୍ଷା କରି ପ୍ରଫେସର ଶତପଥୀ କହିଲେ, ଏହା ସର୍ବକାଳୀନ ମହାନ ଉପନ୍ୟାସ। ୧୯୬୨ ମସିହାରେ ଯେତେବେଳେ ଶାନ୍ତନୁ ଆଚାର୍ଯ୍ୟଙ୍କୁ ମାତ୍ର ୨୬ବର୍ଷ ହୋଇଥିଲା ସେତେବେଳେ ଏହି ଉପନ୍ୟାସ ଲେଖିଥିଲେ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଶରତ ଚନ୍ଦ୍ର ଶତପଥୀ ଇଂଲିଶ ଅନୁବାଦର ସମୀକ୍ଷା କରି ଏହାଏକ ଅଦ୍ୱିତୀୟ ପୁସ୍ତକ ଓ ଭିନ୍ନ ଧରଣର ଚମତ୍କାର ଉପନ୍ୟାସ। ଏହି ଉପନ୍ୟାସର ଅନୁବାଦ ଖୁବ୍‌ସୁନ୍ଦର ହୋଇଛି, ଯାହା ଦେଶରେ ବିଦେଶରେ ଖୁବ ଆଦୃତ ହେବ ସନ୍ଦେହ ନାହିଁ ବୋଲି ସେ କହିଥିଲେ। ଟ୍ରଷ୍ଟ ସଭାପତି ତଥା କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ ସଭାପତିତ୍ୱ କରିଥିବାବେଳେ ପକ୍ଷୀଘର ପ୍ରକାଶନୀ ମୁଖ୍ୟ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା ଓ ଟ୍ରଷ୍ଟର ସମ୍ପାଦିକା ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପନ୍ୟାସର ଇଂଲିଶ ଅନୁବାଦକୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।


GOVERNMENT OF ODISHA No.A-
**DEPARTMENT OF WATER RESOURCES**
Office of the Superintending Engineer,
Mechanical Division, Bhubaneswar
Email Address: smdivisionbbsr@yahoo.com
e-Procurement Notice - Bid Identification No. - SE/MDB-04/W/2025-26

| | | | |
|---|---|---|---|
| 1 | Name of the work | : | Replacement and renovation of Gates and hoists of Saradhapur Sluice-II under Khordha Irrigation Division, Khordha for the year of 2025-26 |
| 2 | No. of works | : | 01 (One) |
| 3 | Category of executors | : | SSI Units registered under DIC/NSIC/MSME for Irrigation Shutters / Hydro mechanical gates |
| 4 | Bid Identification No. | : | SE/MDB-04/W/2025-26 |
| 5 | Estimated cost | : | Rs.8,44,425/- |
| 6 | Period of completion | : | 20 days |
| 7 | Date & time of availability of bid documents in the portal | : | From dt.22.07.2025 (10.00 A.M.) to dt.31.07.2025 (5.30 P.M.) |
| 8 | Last date / time for receipt of bid in the portal | : | Dt.31.07.2025 (Upto 5.30 P.M.) |
| 9 | Date and place of opening of bid | : | Dt.01.08.2025 (12.00 Noon onwards in the O/o the undersigned) |
| 10 | Name of the officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of addenda / corrigenda / cancellation notice shall be uploaded in the aforesaid website only.
Sd./- Superintending Engineer,
OIPR-32385/11/0004/2526 Mechanical Division, Bhubaneswar


## ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ,୨୦।୭(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)– ସତ୍ୟବାଦୀ ଥାନା ଅଞ୍ଚଳରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଶନିବାର ମଧ୍ୟାହ୍ନରେ ୫ମ ଶ୍ରେଣୀରେ ପଢୁଥିବା ଜଣେ ୧୦ ବର୍ଷର ନାବାଳିକାଙ୍କୁ କୁରୁକୁରେ ଦେଇ ଦୋକାନ ଭିତରେ ବଳାତ୍କାର କରାଯାଇଥିବା ରବିବାର ସତ୍ୟବାଦୀ ଥାନାରେ ଅଭିଯୋଗ କରାଯାଇଛି। ଛାତ୍ରୀ ଜଣକ ମସଲା ଆଣିବାକୁ ଦୋକାନକୁ ଯାଇଥିବା ବେଳେ ୫୩ ବର୍ଷର ଉକ୍ତ ଦୋକାନୀ ନାବାଳିକାକୁ ୨ ପ୍ୟାକେଟ କୁରକୁରେ ଦେଇ ଦୋକାନ ଭିତରକୁ ଡାକି ନେଇଥିଲେ ଏବଂ ଦୋକାନ ଭିତରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ତାଙ୍କ ମା'ଙ୍କୁ ସେ ଜଣାଇଥିଲେ। ପୀଡ଼ିତାଙ୍କ ମା' ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୋଲିସ ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଘଟଣାର ତଦନ୍ତ ଚଳାଇଛି। ଉଭୟଙ୍କୁ ପୋଲିସ ଡାକ୍ତରୀ ମାଇନା କରାଯାଇଥିବା ଜଣାପଡ଼ିଛି।

# ଯୁବବର୍ଗଙ୍କ ସମର୍ପଣ ଭାରତକୁ ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ

**ଯୁବୋଦୟ ପକ୍ଷରୁ 'ଆଚିଭର୍ସ ମିଟ୍'**

ଭୁବନେଶ୍ୱର, ୨୦।୭(ଅନୁରାଧା ମହାରଣା)

ପ୍ରତିଭାଦୀପ୍ତ ତରୁଣ ଓ ଯୁବବର୍ଗଙ୍କ ସମର୍ପଣ ଭାରତକୁ ବିଶ୍ୱର ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ। ନିଜ ମେଧା, ପ୍ରତିଭା ଓ ଉଦ୍‌ଯୋଗକୁ ଦେଶ ଗଠନ ଏବଂ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରି ଏକ ଜାତୀୟ କର୍ତ୍ତବ୍ୟରେ ସମ୍ପାଦନ କରିବାକୁ ଯୁବୋଦୟର 'ଆଚିଭର୍ସ ମିଟ୍' ସମାବେଶରେ ଅତିଥିମାନେ ଆହ୍ୱାନ ଦେଇଛନ୍ତି। ନିଟ୍ ଓ ଜେଇଇ-୨୦୨୫ର ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଯୁବୋଦୟ ପକ୍ଷରୁ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱତନ୍ତ୍ର ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜାତୀୟ ମାନବାଧିକାର ଆୟୋଗର ସଭ୍ୟ ଜଷ୍ଟିସ୍ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଅନ୍ତର୍ଜାତୀୟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. ଅଶୋକ ମହାପାତ୍ର, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର ଓ ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଛାତ୍ରୀଛାତ୍ରମାନେ ଯୁବୋଦୟରେ ପ୍ରଶିକ୍ଷଣ ନେଇ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ନିଟ୍ ଓ ଜେଇଇରେ କୃତିତ୍ୱ ଲାଭ କରିଛନ୍ତି। ଯୁବୋଦୟ ଅଧକ୍ଷ ଅଭିରାମ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷା ଉଦ୍ୟୋଗୀ ଅମ୍ବରୀଶ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା ମିତ୍ରବିନ୍ଦା ଦାଶ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ। ଏହାସହ ବିଗତ ବର୍ଷଗୁଡ଼ିକରେ ମେଡିକାଲ କଲେଜରେ ଅଧ୍ୟୟନ କରିଥିବା ଯୁବୋଦୟର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଉପହାର ଓ ଉପଢୌକନ ଦେଇ ଅଭିନନ୍ଦନ ଜଣାଇଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ସଞ୍ଚାଳନ କରିବା ସହ ଧନ୍ୟବାଦ ଦେଇଥିଲେ।


ଯୁବୋଦୟର 'ଆଚିଭର୍ସ ମିଟ୍' ସମାବେଶରେ ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।


**ODISHA JOINT ENTRANCE EXAMINATION (OJEE) - 2025**
No.OJEE/333 Dt.19.07.2025
**TENTATIVE SCHEDULE OF REGISTRATION FOR NEET UG2025 CANDIDATES**

No.h-06:- Interested NEET-UG 2025 qualified candidates wish to participate in Odisha State Medical Counselling (Session 2025-26) have to register in prior for data pre-processing and preparation of State Merit List in reference to NEET all India Rank. Only State Natives are eligible for all the state quota MBBS and BDS seats in Odisha. However, other state candidates may be eligible for NRI quota seats only. Therefore, candidates must ensure their eligibility before registering.

| Activity | Date |
|---|---|
| Registration and Online Application Uploading of Documents for Online Verification | 22.07.2025 12:00 NOON to 26.07.2025 11.59 P.M. |
| All eligible PC Candidates are required to attend the Medical Board at LT-II, SCB Medical College, Cuttack | 23.07.2025 and 25.07.2025 |
| All eligible ES Candidates are required to attend the ES Board at Rajya Sainik Board, Odisha at IRC Village, Nayapalli, Bhubaneswar | 23.07.2025 and 24.07.2025 |
| Reconciliation and verification of data | 27.07.2025 and 28.07.2025 |
| Publication of provisional State Merit List of registered candidates | 29.07.2025, 5.00 P.M. |
| Any Query raised by candidates on the merit list | 30.07.2025 by 5.00 P.M. |
| Publication of final State Merit List of registered candidates | 01.08.2025 |

*For other details regarding registration process, guidelines visit https://ojee.nic.in. Detail Schedule of the Counselling Process for Admission to MBBS/BDS Courses will be Notified in Due Course of Time.*

Mail id of OJEE: odishaojee@gmail.com
Website: www.ojee.nic.in, www.odishajee.com

*All the candidates are informed to follow the dates of PC Board and Ex-Serviceman Board strictly. Candidates missing the dates to appear before the applicable PC/ES Boards will be deprived of getting PC or ES reservations.*
**State Rank is mandatory to participate in the State Counselling for all State Quota Seats under MBBS/BDS courses.**

OIPR-14020/11/0007/2526
Sd./- Chairman, OJEE

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ସାକ୍ଷୀଗୋପାଳ,୨୦।୭(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ଥାନା ଅଞ୍ଚଳରେ ଆଉ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଶନିବାର ମଧ୍ୟାହ୍ନରେ ୫ମ ଶ୍ରେଣୀରେ ପଢୁଥିବା ଜଣେ ୧୦ ବର୍ଷର ନାବାଳିକାଙ୍କୁ କୁରକୁରେ ଦେଇ ଦୋକାନ ଭିତରେ ବଳାତ୍କାର କରାଯାଇଥିବା ରବିବାର ସତ୍ୟବାଦୀ ଥାନାରେ ଅଭିଯୋଗ କରାଯାଇଛି। ଛାତ୍ରୀ ଜଣକ ମସଲା ଆଣିବାକୁ ଦୋକାନକୁ ଯାଇଥିବା ବେଳେ ୫୩ ବର୍ଷର ଉକ୍ତ ଦୋକାନୀ ନାବାଳିକାକୁ ୨ ପ୍ୟାକେଟ କୁରକୁରେ ଦେଇ ଦୋକାନ ଭିତରକୁ ଡାକି ନେଇଥିଲେ ଏବଂ ଦୋକାନ ଭିତରେ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ତାଙ୍କ ମା'ଙ୍କୁ ସେ ଜଣାଇଥିଲେ। ପୀଡ଼ିତାଙ୍କ ମା' ସତ୍ୟବାଦୀ ଥାନାରେ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୋଲିସ ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଘଟଣାର ତଦନ୍ତ ଚଳାଇଛି। ଉଭୟଙ୍କୁ ପୋଲିସ ଡାକ୍ତରୀ ମାଇନା କରାଯାଇଥିବା ଜଣାପଡ଼ିଛି। ସତ୍ୟବାଦୀ ଥାନା କେସ୍ ନଂ ୧୨୮/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ପୋକ୍ସୋ ଅଦାଲତରେ ହାଜର କରାଯିବ ବୋଲି ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୪ ଗାଈ ମୃତ

ଡେଲାଙ୍ଗ,୨୦।୭(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟରେ ଥିବା ଏକ ଟେଲିଫୋନ୍ ଟାୱାର ପରିସରରେ ଥିବା ବିଦ୍ୟୁତ ଖୁଣ୍ଟ ସଂସ୍ପର୍ଶରେ ଆସି ୪ ଗାଈଙ୍କ ମୃତ୍ୟୁ ଘଟିଛି। ଏହି ଅଘଟଣ ପାଇଁ ବିଦ୍ୟୁତ ବିଭାଗ ଦାୟୀ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ଅରୁଣ ସ୍ୱାଇଁଙ୍କ ବାଡ଼ିରେ ଗୋଟିଏ ମୋବାଇଲ୍ ଟାୱାର ରହିଛି। ଷ୍ଟେଶନ ନିକଟରେ ଥିବା ବିଦ୍ୟୁତ ଖୁଣ୍ଟ ଠାରୁ ୧୧ କେ.ଭି. ତାର ବାଡ଼ିରେ ଥିବା ଟ୍ରାନ୍ସଫର୍ମରକୁ ସଂଯୋଗ କରି ଟାୱାରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ଏହି ଟ୍ରାନ୍ସଫର୍ମର ଚତୁର୍ପାର୍ଶ୍ୱରେ ବଡ଼ ବଡ଼ ଗଛଲତା ସହ ଅନାବନା ଘାସ ଚରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ଏନେଇ ସ୍ଥାନୀୟ ବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡେଲାଙ୍ଗ ବିଦ୍ୟୁତ୍ ବିଭାଗୀୟ ଯନ୍ତ୍ରୀ ଅମରେନ୍ଦ୍ର ବେହେରା କହିଛନ୍ତି, ଏହି ସଂଯୋଗ ଏକ ପ୍ରାଇଭେଟ୍ ଜାଗାକୁ ଯାଇଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ହେଉଛି ତାଙ୍କର, ଆମେ ଗୋରୁ ମରିବାର ଖବରପାଇ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଥିଲୁ। ଏହି ଘଟଣା ପାଇଁ ବିଦ୍ୟୁତ୍ ବିଭାଗ ଦାୟୀ ନୁହେଁ ବୋଲି କହି ନିଜ ଉପରୁ ଦୋଷ ଖସାଇଥିଲେ।

### ଜିଲା ଯାତ୍ରା କମିଟି ସୁରକ୍ଷା ମଞ୍ଚର ବନ୍ଧୁମିଳନ ସମାରୋହ

ନିମାପଡ଼ା,୨୦।୭(ବିଚିତ୍ରାନନ୍ଦ ସାହୁ)

ଜିଲା ଯାତ୍ରା କମିଟି ସୁରକ୍ଷା ମଞ୍ଚ, ପୁରୀ ପକ୍ଷରୁ ଏକ ଜିଲାସ୍ତରୀୟ ବନ୍ଧୁମିଳନ ସମାରୋହ ଓ କର୍ମକର୍ତ୍ତା ସମ୍ମିଳନୀ ନିମାପଡ଼ାସ୍ଥିତ ଏକ କଲ୍ୟାଣମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ଓଡ଼ିଶା ଯାତ୍ରା କମିଟି ସୁରକ୍ଷା ମଞ୍ଚର ସଭାପତି ରଘୁନାଥ ମହାନ୍ତି, ସହସମ୍ପାଦକ ପ୍ରମୋଦ କୁମାର ମିଶ୍ର, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ଜେନା, ମହେଶ୍ୱର ଦାସ, ସରୋଜ ସ୍ୱାଇଁ, ପୁରୀ ଜିଲା ଯାତ୍ରା କମିଟି ସୁରକ୍ଷା ମଞ୍ଚର ସଭାପତି ଜୟନାରାୟଣ ଦାଶ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ଆଲୋକ ମଲ୍ଲିକ, ସନାତନ ସାଥୁଆ ପ୍ରମୁଖ ଯୋଗ ଦେଇଥିଲେ।

# ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)

ପବିତ୍ର ଶ୍ରାବଣ ମାସ କୃଷ୍ଣପକ୍ଷ ଏକାଦଶୀ ତିଥି ଅବସରରେ ରବିବାର 'କୋଣାର୍କ ସୂର୍ଯ୍ୟ ଆଳତି ଟ୍ରଷ୍ଟ' ପକ୍ଷରୁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସୂର୍ଯ୍ୟ ଆଳତି ଅନୁଷ୍ଠିତ ହୋଇଯାଇଛି। ପଞ୍ଜିକାନୁଯାୟୀ, ପ୍ରତ୍ୟୁଷ ୫ଟା ୨୦ରେ ସୂର୍ଯ୍ୟ ପୂଜା ପରେ ବନ୍ଦାପନା ଓ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ଧର୍ମୀୟ ଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଟ୍ରଷ୍ଟ ପକ୍ଷରୁ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଟ୍ରଷ୍ଟ ମାର୍ଗଦର୍ଶକ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ ଓ ସଭାପତି ପ୍ରଫୁଲ୍ଲ କୁମାର ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭ୍ୟା ସଭ୍ୟ ଓ ଚନ୍ଦ୍ରଭାଗାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନେ ମିଶି ସୂର୍ଯ୍ୟ ଆଳତି କରିଥିଲେ।

ଅତିଥି ଭାବେ ପ୍ରଫେସର ହରମୋହନ ମିଶ୍ର, କୋଷାଧ୍ୟକ୍ଷ ସଞ୍ଜୟ ବରାଳ, ବାନର ସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଅଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ, ଶ୍ରୀଧର ନାୟକ, ପ୍ରସନ୍ନ ତ୍ରିପାଠୀ, ପ୍ରତାପ ରାଉତ, ସାଂସଦଙ୍କ ପ୍ରତିନିଧି ମଙ୍ଗରାଜ ମୁଦୁଲି, ଓ ସୁକାନ୍ତ କୁମାର ନାଏକ, ଅଜିତ୍ କୁମାର ମଲ୍ଲିକ, ରବିନ୍ଦ୍ରନାଥ ପ୍ରଧାନ, ନିରଞ୍ଜନ ତ୍ରିପାଠୀ, ବିରଞ୍ଚି ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂର୍ଯ୍ୟ ଆଳତି ଟ୍ରଷ୍ଟ ପକ୍ଷରୁ ପ୍ରତ୍ୟେକ ମାସର ସଂକ୍ରାନ୍ତି ଓ ସ୍ୱତନ୍ତ୍ର ଦିବସରେ ସକଳ ଶକ୍ତିର ଆଧାର ସୂର୍ଯ୍ୟ ନାରାୟଣଙ୍କ ଉଦ୍ଦେଶ୍ୟରେ ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ହୋଇଛି। ଜୁନ୍ ୨୦ ତାରିଖରୁ ମାସିକ ଆଳତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତା ଅଗଷ୍ଟ ୧୭ ତାରିଖ ରବିବାର ସିଂହ ସଂକ୍ରାନ୍ତି, ସେପ୍ଟେମ୍ବର ୨୧, ଅକ୍ଟୋବର ୧୯, ନଭେମ୍ବର ୧୬ ତାରିଖ ଡିସେମ୍ବର ୨୧ ତାରିଖ ଓ ସେହି ମାସର ୩୦ ତାରିଖ, ୨୦୨୬ ଜାନୁୟାରୀ ୧୪ ମକର ସଂକ୍ରାନ୍ତି ଏବଂ ସେହି ମାସର ୨୫ ତାରିଖ ରବିବାର ମାଘ ମେଳାରେ ପ୍ରଭୁ ସୂର୍ଯ୍ୟନାରାୟଣଙ୍କ ଉଦ୍ଦେଶ୍ୟରେ ଆଳତି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି



ଚନ୍ଦ୍ରଭାଗାରେ ସୂର୍ଯ୍ୟ ଆଳତି କରାଯାଉଛି ।

# ଶିଶୁ ସମାଚାରର ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)

ଶିଶୁମାନଙ୍କ ମାସିକ ଖବରକାଗଜ ଶିଶୁ ସମାଚାରର ଅଷ୍ଟାଦଶ ସ୍ୱନକ୍ଷତ୍ର ଦିବସ ସମାରୋହ ଅଗଷ୍ଟ ୨ତାରିଖ ପୁରୀ ଟାଉନ୍ ହଲରେ ଅନୁଷ୍ଠିତ ହେବ। ତା' ପୂର୍ବରୁ ରବିବାର ଦୋଳମଣ୍ଡପ ସାହି ୟୁପି ସ୍କୁଲରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ପରିଚାଳନା ମଣ୍ଡଳୀ ସଦସ୍ୟ ଶରତ କୁମାର ରାୟଗୁରୁ, ଉପଦେଷ୍ଟା ଧ୍ରୁବ ଚରଣ କର, ବିଜୟ କୁମାର ପଣ୍ଡା ପ୍ରତିଯୋଗିତାକୁ ଶୁଭାରମ୍ଭ କରିଥିଲେ। ପିଲାମାନଙ୍କ ମଧ୍ୟରେ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଶିଶୁ ସମାଚାର ତା'ର ଅହରହ ଚେଷ୍ଟା ଚାଲୁରଖିଛି। ଏଥିରେ ଶିକ୍ଷକ ଅଭିଭାବକମାନଙ୍କର ସହଯୋଗକୁ ପ୍ରଶଂସା କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଦୁର୍ଗା ମାଧବ କର, ଚନ୍ଦ୍ରଶେଖର ମହାରଣା, ସତ୍ୟ ପାଢ଼ୀ, ବିଶ୍ୱନାଥ ପଣ୍ଡା, କେଶବ ନାୟକ ଓ ବକ୍ତୃତାରେ ଶିବ ସୁନ୍ଦର ମିଶ୍ର, ବାସନ୍ତୀ ଦେବୀ, ସଂଘମିତ୍ରା ଦାସ, ସିଦ୍ଧାର୍ଥ ରୟ, ଶୁଭ ନାରାୟଣ ଶତପଥୀ, ରେଣୁକା ମିଶ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ଏହାକୁ ବନିତା ଦୀକ୍ଷିତ, ପ୍ରୀତମ ମିତ୍ର, ଆକାଶ ସିଂ ଓ ମୋନାଲିସା ଜେନା ପ୍ରମୁଖ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

## 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)

ହରଚଣ୍ଡୀ ସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତିର ଉପସଭାପତି ସ୍ୱର୍ଣ୍ଣଲତା ଦାସ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଆଧାରସ୍ତରର ପ୍ରମୁଖ ମମତା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ନନ୍ଦ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିବା ବେଳେ କୁନି କୁନି ଶିଶୁମାନଙ୍କ ଦ୍ୱାରା ବ୍ୟକ୍ତିଗତ ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଆଚାର୍ଯ୍ୟ ସବିତା ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଜ୍ଜିତ ପ୍ରଦର୍ଶନୀଗୁଡ଼ିକ ଅଭିଭାବକ ଓ ଶିଶୁମାନେ ବୁଲି ଦେଖିଥିଲେ। ଶେଷରେ ସ୍ୱର୍ଣ୍ଣଲତା ଦାସ ଧନ୍ୟବାଦ ଦେଇଥିଲେ।

## ଏସ୍‌ବିଆଇ ପକ୍ଷରୁ ଋଣ ମେଳା

ପିପିଲି,୨୦।୭(ଦୁର୍ଗା ମାଧବ ମିଶ୍ର)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ପିପିଲି ଶାଖା ପକ୍ଷରୁ ସ୍ଥାନୀୟ ତାରା କଲ୍ୟାଣ ମଣ୍ଡପ ଠାରେ ରବିବାର ଏକ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ପିପିଲି ଶାଖା ଚିଫ୍ ମ୍ୟାନେଜର ସୁବ୍ରତ କୁମାର ଷଡଙ୍ଗୀ, ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ (ଜମା ଓ ମୂଲ୍ୟଯୁକ୍ତ ସେବା) କାଶୀନାଥ ଦାଶଙ୍କ ଉପସ୍ଥିତିରେ ଏସ୍‌ବିଆଇର ଆଞ୍ଚଳିକ ପ୍ରବନ୍ଧକ ଭରତ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ବହୁ ସଂଖ୍ୟାରେ ଋଣ ଆବେଦନକାରୀ ଯୋଗ ଦେଇଥିବାବେଳେ ସେମାନଙ୍କୁ କାର ଋଣ, ଗୃହ ଋଣ, ମୁଦ୍ରା ଋଣ, ଏସ୍ଏଚ୍‌ଜି ଋଣ, କୃଷି ଋଣ ଆଦିର ମଞ୍ଜୁରୀପତ୍ର ପିପିଲି ଶାଖା ମୁଖ୍ୟ ପ୍ରବନ୍ଧକଙ୍କ ସହ ଅତିଥି ଭାବେ ଯୋଗ ଦେଇଥିବା ବରିଷ୍ଠ ଅଧିକାରୀମାନେ ପ୍ରଦାନ କରିଥିଲେ। ଏସ୍‌ବିଆଇର ବିଭିନ୍ନ ଋଣ ଉତ୍ପାଦ ସମ୍ପର୍କରେ ଅଧିକାରୀମାନେ ଗ୍ରାହକଙ୍କୁ ଅବଗତ କରାଇଥିଲେ। ଠିକ ସମୟରେ ଋଣ ଅର୍ଥକୁ ପରିଶୋଧ କରି ସବୁ ସୁବିଧା ସୁଯୋଗ ନେବା ପାଇଁ ପିପିଲି ଶାଖା ମୁଖ୍ୟ ପ୍ରବନ୍ଧକ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ। ପିପିଲି ଶାଖା କ୍ଷେତ୍ର ଅଧିକାରୀ ରଞ୍ଜନ କୁମାର ବେହେରା ମେଳା ପରିଚାଳନା କରିଥିଲେ।

# ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ




ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ କରାଯାଉଛି ।

ସାକ୍ଷୀଗୋପାଳ,୨୦।୭(ଭରତ ରାଉତ)

ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାକୁ ଏକସପ୍ତାହ ନ ପୂରୁଣୁ ଶନିବାର ପିପିଲି ନିକଟବର୍ତ୍ତୀ ବଲଙ୍ଗାଠାରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ କିରୋସିନ ଢାଳି ଜିଅନ୍ତା ଜାଳିଦେବାକୁ ଉଦ୍ୟମ କରିଥିଲେ। ଯାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ଏଥିରେ ଅସାମାଜିକ ଲୋକଙ୍କ ଶାସନ ଚାଲିବା ଭଳି ପ୍ରତୀୟମାନ ହେଉଛି। ଭାଜପାର ଡବଲ ଇଞ୍ଜିନ୍ ସରକାର ଏଥିପାଇଁ ଶାସନ କ୍ଷମତାରେ ରହିବାର ନିଜର ନୈତିକ ଅଧିକାର ହରାଇ ବସିଛନ୍ତି ବୋଲି ସତ୍ୟବାଦୀ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ପ୍ଲା-କାର୍ଡ ଧରି ସତ୍ୟବାଦୀ ଅନ୍ତର୍ଗତ ଅଳଗୁମ ଗାଇବାଟିଆ ଛକରେ ତୀବ୍ର ପ୍ରତିବାଦ କରାଯାଇଛି। ଏସୟୁସିଆଇ କମ୍ୟୁନିଷ୍ଟ, ସତ୍ୟବାଦୀ ଆଞ୍ଚଳିକ କମିଟିର ସଭ୍ୟ କମ୍ରେଡ ଶ୍ୟାମସୁନ୍ଦର ମହାପାତ୍ର, ଜିଲା କମିଟି ସମ୍ପାଦକ ସୁବାସ ବରାଳ, ସତ୍ୟବାଦୀ ଆଞ୍ଚଳିକ କମିଟି ସମ୍ପାଦକ ସୁବାସ ବେହେରା, ହାଡ଼ିବନ୍ଧୁ ବେହେରା, ପଦ୍ମନାଭ ଭୋଇ, ବାସୁଦେବ ସେଠୀ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ହୋଇଥିଲେ।

# ଅଗ୍ନି ନିରାପତ୍ତା ସଚେତନତା ଶିବିର



ସ୍କୁଲରେ ଅଗ୍ନି ନିରାପତ୍ତା ପାଇଁ ସଚେତନତା କରାଯାଉଛି ।

ଚାରିଛକ,୨୦।୭(ଶିଶିର କୁମାର ସ୍ୱାଇଁ)

ଚାରିଛକ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକ ଅଗ୍ନି ନିରାପତ୍ତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ସ୍ଥିତ ଅଗ୍ନି ସେବାକେନ୍ଦ୍ରର ଅଧିକାରୀ ସରୋଜ କାନ୍ତ ସାହୁ, ଶୁଭେନ୍ଦୁ ଲେଙ୍କା, ସରୋଜ କୁମାର ସେନାପତି, ଚିତ୍ରସେନ ଦାସ, ସୌରଭ ରଞ୍ଜନ ଓଝା, ଶଶିକାନ୍ତ ମୁଦୁଲି ପ୍ରମୁଖ ଅଗ୍ନିସେବା କର୍ମଚାରୀମାନେ ଅଗ୍ନିକାଣ୍ଡ ଘଟିଲେ କିପରି ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ ସାହାଯ୍ୟ କରିବା, ଅଗ୍ନିକୁ କିପରି ନିର୍ବାପିତ କରିହେବ ସେ ସମ୍ପର୍କରେ ମକଡ୍ରିଲ କରି ସଚେତନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର, ରାନୀ ବସ୍ତିଆ, ଆଦ୍ୟାଶା ପ୍ରିୟଦର୍ଶିନୀ, ବିଭୁପ୍ରସନ୍ନ ଦାଶ, ମାନସ ରଞ୍ଜନ ନାୟକ, ଶିବବ୍ରତ ମଲ୍ଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଅଗ୍ନିକାଣ୍ଡର ନିରାକରଣ ଓ ଅଗ୍ନିକାଣ୍ଡ ଘଟିଲେ କି କି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ସେ ସମ୍ପର୍କରେ ବୁଝାଇଥିଲେ।

# ୨ ବଖରା ଜଳିଗଲା

କଣାସ,୨୦।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଭାଟପଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ସୁଦର୍ଶନ ପ୍ରଧାନଙ୍କ ୨ ବଖରା ବାସଗୃହ ଓ ଆସବାବପତ୍ର ପୋଡ଼ି ପାଉଁଶ ଯାଇଛି। ଖବର ପାଇ କଣାସ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। କଳାପଦର ଆର୍ଆଇ ସୁନୀଲ ଛୋଟରାୟ ବିପନ୍ନ ପରିବାରଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଏକ ପଲିଥିନ ପ୍ରଦାନ କରିଛନ୍ତି।


**GOVERNMENT OF ODISHA** No.C-691
**OFFICE OF THE SUPERINTENDING ENGINEER**
**P.H.DIVISION, SAMBALPUR**
Email ID: eephdsbp@gmail.com
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No.SEPHSBP-02/2025-26 Dt.15.07.2025

| | | |
|---|---|---|
| 1. | Name of the Work | : 1 No. Work |
| 2. | Type of Bid | : Two Bid System |
| 3. | Estimated Cost | : Rs.281.43 Lakhs |
| 4. | Period of Completion | : 6 (Six) Calendar Months |
| 5. | Date & Time of availability of bid document in the portal | : From 11.00 AM of dt.21.07.2025 To 5.00 PM of 07.08.2025 |
| 6. | Last date/time of receipt of bids in the portal | : 5.00 PM of 07.08.2025 |
| 7. | Date & Time of Opening of technical bids | : At 11.30 AM of 08.08.2025 |
| 8. | Name and address of the Officer Inviting Bid | : Superintending Engineer P.H. Division, Sambalpur, Brooks' Hill, Near Stadium, At/Po-Motijharan, Dist-Sambalpur -768001 |

Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Superintending Engineer
P.H.Division, Sambalpur
OIPR-13026/11/0010/2526

GOVERNMENT OF ODISHA No.A-
DEPARTMENT OF WATER RESOURCES
Office of the Superintending Engineer,
Mechanical Division, Bhubaneswar
Email Address: smdivisionbbsr@yahoo.com
e-Procurement Notice - Bid Identification No. - SE/MDB-04/W/2025-26

| | | |
|---|---|---|
| 1 | Name of the work | : Replacement and renovation of Gates and hoists of Saradhapur Sluice-II under Khordha Irrigation Division, Khordha for the year of 2025-26 |
| 2 | No. of works | : 01 (One) |
| 3 | Category of executors | : SSI Units registered under DIC/NSIC/ MSME for Irrigation Shutters / Hydro mechanical gates |
| 4 | Bid Identification No. | : SE/MDB-04/W/2025-26 |
| 5 | Estimated cost | : Rs.8,44,425/- |
| 6 | Period of completion | : 20 days |
| 7 | Date & time of availability of bid documents in the portal | : From dt.22.07.2025 (10.00 A.M.) to dt.31.07.2025 (5.30 P.M.) |
| 8 | Last date / time for receipt of bid in the portal | : Dt.31.07.2025 (Upto 5.30 P.M.) |
| 9 | Date and place of opening of bid | : Dt.01.08.2025 (12.00 Noon onwards in the O/o the undersigned) |
| 10 | Name of the officer inviting bid | : Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of addenda / corrigenda / cancellation notice shall be uploaded in the aforesaid website only.
Sd./- Superintending Engineer,
Mechanical Division, Bhubaneswar
OIPR-32385/11/0004/2526

**ODISHA JOINT ENTRANCE EXAMINATION (OJEE) - 2025**
No.OJEE/333 Dt.19.07.2025
**TENTATIVE SCHEDULE OF REGISTRATION FOR NEET UG2025 CANDIDATES**

No.h-06:- Interested NEET-UG 2025 qualified candidates wish to participate in Odisha State Medical Counselling (Session 2025-26) have to register in prior for data pre-processing and preparation of State Merit List in reference to NEET all India Rank. Only State Natives are eligible for all the state quota MBBS and BDS seats in Odisha. However, other state candidates may be eligible for NRI quota seats only. Therefore, candidates must ensure their eligibility before registering.

| Activity | Date |
|---|---|
| Registration and Online Application Uploading of Documents for Online Verification | **22.07.2025 12:00 NOON to 26.07.2025 11.59 P.M.** |
| All eligible PC Candidates are required to attend the Medical Board at **LT-II, SCB Medical College, Cuttack** | **23.07.2025 and 25.07.2025** |
| All eligible ES Candidates are required to attend the ES Board at **Rajya Sainik Board, Odisha at IRC Village, Nayapalli, Bhubaneswar** | **23.07.2025 and 24.07.2025** |
| Reconciliation and verification of data | 27.07.2025 and 28.07.2025 |
| Publication of provisional State Merit List of registered candidates | **29.07.2025, 5.00 P.M.** |
| Any Query raised by candidates on the merit list | 30.07.2025 by 5.00 P.M. |
| Publication of final State Merit List of registered candidates | **01.08.2025** |

***For other details regarding registration process, guidelines visit https://ojee.nic.in. Detail Schedule of the Counselling Process for Admission to MBBS/BDS Courses will be Notified in Due Course of Time.***

Mail id of OJEE: **odishaojee@gmail.com**
**Website: www.ojee.nic.in, www.odishajee.com**

***All the candidates are informed to follow the dates of PC Board and Ex-Serviceman Board strictly. Candidates missing the dates to appear before the applicable PC/ES Boards will be deprived of getting PC or ES reservations.*** **State Rank is mandatory to participate in the State Counselling for all State Quota Seats under MBBS/BDS courses.**

**Sd./- Chairman, OJEE**
OIPR-14020/11/0007/2526


# ଶିଶୁ କୈନ୍ଦ୍ରିକ ଶିକ୍ଷଣରେ ଶିକ୍ଷକ ମାର୍ଗଦର୍ଶକ

କୋଣାର୍କ,୨୦।୭(ଜ୍ୟୋତିରାଜ ମହାନ୍ତି)

ଜାତୀୟ ଶିକ୍ଷାନୀତି-୨୦୨୦ରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷାକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଦୃଷ୍ଟିରୁ ଚଳିତ ଶିକ୍ଷା ବର୍ଷରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଶିଶୁ ବାଟିକା-୩ ଖୋଲିଛି। ପାଞ୍ଚବର୍ଷ ବୟସ୍କ ଶିଶୁମାନଙ୍କର ଶାରୀରିକ, ବୌଦ୍ଧିକ, ଆବେଗିକ, ନୈତିକ, କଳା-ସୌନ୍ଦର୍ଯ୍ୟ ଓ ଭାଷାଗତ ବିକାଶ ନିମନ୍ତେ ପ୍ରଣୀତ ପାଠ୍ୟକ୍ରମରେ ଶିଶୁକୈନ୍ଦ୍ରିକ ଶିକ୍ଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଶିକ୍ଷକ ଜଣେ ମାର୍ଗଦର୍ଶକ ଭାବେ ଆନ୍ତରିକତାର ସହ ନିଜର ଗୁରୁଦାୟିତ୍ୱ ନିର୍ବାହ କରିବାକୁ ଗୋପ ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କୁମାର କର ପରାମର୍ଶ ଦେଇଛନ୍ତି।

ଶନିବାର ଗୋପ ବ୍ଲକ ଅନ୍ତର୍ଗତ ଭୈରବ ନୋଡାଲ୍ ୟୁପିଏସ କ୍ଲଷ୍ଟର ପକ୍ଷରୁ ଶିରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚଳିତ ଶିକ୍ଷା ବର୍ଷର ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବୀନ୍ଦ୍ରନାଥ ବାହିନୀପତିଙ୍କ ସଂଯୋଜନାରେ ଗୋପ ବିଇଓ କର ଉଦ୍‌ଘାଟନ କରିବା ସହିତ ଶିକ୍ଷକମାନଙ୍କୁ ଉପରୋକ୍ତ ପରାମର୍ଶ ଦେଇଛନ୍ତି। ବୈଠକରେ ୧୩ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫଏଲଏନ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟ ତଥା ୪ଟି ଅଧିବେଶନରେ



ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ।

## ପ୍ରଥମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ଶିଶୁ ବାଟିକା ଶିକ୍ଷକ ସହାୟକ ପୁସ୍ତିକା, କାର୍ଯ୍ୟ ପୁସ୍ତିକା, ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ପରିଚାଳନା, ପାଠଟୀକା ପ୍ରସ୍ତୁତି ଓ ଉପସ୍ଥାପନା, କାର୍ଯ୍ୟ ନିର୍ଘଣ୍ଟ, ବିଦ୍ୟାଳୟ ବିକାଶ ଯୋଜନା ଏବଂ ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତି, ପ୍ରଧାନଶିକ୍ଷକ ସମ୍ରାଟ ଭଞ୍ଜ ଭୋଇ, ଚିତ୍ତରଞ୍ଜନ ଦାଶ, ରାମକୃଷ୍ଣ ମହାନ୍ତି, ବାନାମ୍ବର ବେହେରା, ପ୍ରୀତି ଶତପଥୀ, ଜିତେନ୍ଦ୍ର କାଣ୍ଡିଙ୍କ ସମେତ ଅନ୍ୟମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ପରିଚାଳନାରେ ସହଯୋଗ କରିଥିଲେ।

# ପୁନର୍ବିକାଶ ହେଉଛି ରାଜ୍ୟର ୫୯ ରେଳଷ୍ଟେଶନ

- ୨୦୨୬ ଜାନୁଆରୀରେ ଲୋକାର୍ପଣ ହେବ ପୁରୀ ରେଳଷ୍ଟେଶନ
- ପୁନର୍ବିକାଶ କାର୍ଯ୍ୟ ଅନୁଧାନ କଲେ କେନ୍ଦ୍ରମନ୍ତ୍ରୀ ଭି. ସୋମନ୍ନା

ପୁରୀ,୨୦।୭(ଅଜିତ୍ କୁମାର ମହାନ୍ତି)



କେନ୍ଦ୍ରମନ୍ତ୍ରୀ ଭି. ସୋମନ୍ନା ପୁରୀ ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ଅନୁଧାନ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

କେନ୍ଦ୍ର ରେଳ ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମାନ୍ନା ରବିବାର ପୁରୀ ଗସ୍ତରେ ଆସି ପୁରୀ ରେଳଷ୍ଟେଶନରେ ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ରୂପାନ୍ତରଣ କରାଯାଉଥିବା ପୁନର୍ବିକାଶ କାର୍ଯ୍ୟ ଅନୁଧାନ କରିଛନ୍ତି। ମନ୍ତ୍ରୀ ରେଳଷ୍ଟେଶନର ବିଭିନ୍ନ ସ୍ଥାନ ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅବଗତ ହୋଇଥିଲେ। ରେଳ ଭିତ୍ତିଭୂମିର ଆଧୁନିକୀକରଣ ପାଇଁ ଭାରତ ସରକାରଙ୍କ ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରି ଉଲ୍ଲେଖ କରିଛନ୍ତି ଯେ, ୨୦୨୫ ରେଳ ବଜେଟରେ ଓଡ଼ିଶାକୁ ୧୦,୫୯୯ କୋଟି ଟଙ୍କା ମିଳିଛି, ଯାହା ୨୦୦୯-୧୪ ତୁଳନାରେ ୧୨.୫ ଗୁଣ ଅଧିକ। ବର୍ତ୍ତମାନ ରାଜ୍ୟର ୫୯ ଷ୍ଟେଶନକୁ ୨୩୭୯ କୋଟି ଟଙ୍କା ବ୍ୟୟରେ ପୁନର୍ବିକାଶ କରାଯାଉଛି ଏବଂ ପ୍ରାୟ ୮୦୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ ରାଜ୍ୟରେ ଚାଲୁ ରହିଛି। ସୋମାନ୍ନା କହିଥିଲେ, ଗତ ଦଶନ୍ଧି ମଧ୍ୟରେ ଏହି ଅଞ୍ଚଳରେ ରେଳ ଭିତ୍ତିଭୂମି ଅଭୂତପୂର୍ବ ଅଭିବୃଦ୍ଧି ପାଇଛି, ଯେଉଁଥିରେ ନୂତନ ରେଳ ଲାଇନ ନିର୍ମାଣ, ଟ୍ରାକ୍ ଦୋହରୀକରଣ ଏବଂ ଯାତ୍ରୀ ସୁବିଧା ବୃଦ୍ଧିରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି, ଯାହା ପୂର୍ବ ବର୍ଷଗୁଡ଼ିକର ଅଗ୍ରଗତିକୁ ବହୁ ପଛରେ ପକାଇଛି। ବନ୍ଦେ ଭାରତ ଏକ୍ସପ୍ରେସ ଭଳି ଆଧୁନିକ ଟ୍ରେନ୍ ପ୍ରଚଳନ ବିଷୟରେ ମଧ୍ୟ ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ଓଡ଼ିଶାର ପ୍ରମୁଖ ଅଂଶକୁ ବନ୍ଦେ ଭାରତ ଏକ୍ସପ୍ରେସ ସଂଯୋଗ କରୁଛି ଏବଂ ଆଞ୍ଚଳିକ ସଂଯୋଗୀକରଣ ଓ ବିକାଶକୁ ଆହୁରି ବୃଦ୍ଧି କରୁଛି। ରୂପାନ୍ତରିତ ପୁରୀ ଷ୍ଟେଶନରେ 'ୱାନ ଷ୍ଟେଶନ ୱାନ ପ୍ରଡକ୍ଟ' ଷ୍ଟଲ ଉପଲବ୍ଧ କରାଯାଇ ସ୍ଥାନୀୟ ପ୍ରଡକ୍ଟକୁ ପ୍ରୋତ୍ସାହନ ଦିଆଯିବା ସହ ବିଶ୍ୱସ୍ତରୀୟ ସୁବିଧା ପ୍ରଦାନ କରିବ। ସେହିପରି କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ନିର୍ମିତ ବିଶ୍ୱସ୍ତରୀୟ ପୁରୀ ରେଳଷ୍ଟେଶନ୍ ୨୦୨୬ ଜାନୁଆରୀରେ ଲୋକାର୍ପଣ ହେବ। ୨୦୨୫ ଡିସେମ୍ବର ସୁଦ୍ଧା ଏହି ରେଳଷ୍ଟେଶନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଗାମୀ ୫ରୁ ୬ ମାସ ମଧ୍ୟରେ ଏହି ରେଳଷ୍ଟେଶନ ନିର୍ମାଣ ସରିବ। ୨୦୨୧ - ୨୨ରୁ ୧୭୭ କୋଟି ବ୍ୟୟରେ ନିର୍ମିତ ଏହି କୋଠା ଖୁବ୍ ଶୀଘ୍ର ପୂର୍ଣ୍ଣାଙ୍ଗ ରୂପ ନେବ। ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ। ଫ୍ରି ୱାଇଫାଇ ସେବା, ୱାନ ଷ୍ଟେଶନ, ୱାନ ପ୍ରଡକ୍ଟ କିଓସ୍କ, ୬ଟି ଏସ୍କାଲେଟର ସହ ୫ ଲିଫ୍ଟ ରହିବ। ଟପ୍ ଫ୍ଲୋରରେ ୧୫୦ ବେଡ୍‌ଯୁକ୍ତ ହଲ ରହିବ। ମଡର୍ନ ୱେଟିଂ ହଲ୍ ସହ ରହିବ ଏକ୍‌ଜିକ୍ୟୁଟିଭ ଲାଉଞ୍ଜ। ୧୬ ହଜାରରୁ ୬୦ ହଜାରରୁ ବଢ଼ିବ ଷ୍ଟେଶନର ଯାତ୍ରୀଧାରଣ କ୍ଷମତା। ଇଲେକ୍ଟ୍ରି ଭେହିକିଲ ଚାର୍ଜିଂ ସହ ଅନ୍ୟାନ୍ୟ ଅନେକ ସୁବିଧା ରହିବ। ସେହିପରି ଖୁବ୍‌ଶୀଘ୍ର ୩୦୩ କୋଟି ବ୍ୟୟରେ କଟକରେ, ୩୯୮ କୋଟି ବ୍ୟୟରେ ଭୁବନେଶ୍ୱରରେ, ୩୩୮ କୋଟି ବ୍ୟୟରେ ସମ୍ବଲପୁରରେ, ୧୯୭ କୋଟି ବ୍ୟୟରେ ବାଲେଶ୍ୱରରେ ମଧ୍ୟ ବିଶ୍ୱସ୍ତରୀୟ ଷ୍ଟେଶନ କାର୍ଯ୍ୟ ଶେଷ ହେବ। ବିଗତ ଦୁଇ ବର୍ଷ ହେବ ଜିଆର୍‌ପି ଥାନା ପାଇଁ ସ୍ଥାୟୀ ଗୃହ ନଥିବା ବେଳେ ସେନେଇ ମଧ୍ୟ ଯୋଜନା ସହ ସୁରକ୍ଷାକୁ ଫୋକସ ଦିଆଯାଉଛି ବୋଲି ମନ୍ତ୍ରୀ ଭି. ସୋମନ୍ନା କହିଛନ୍ତି। ସମୀକ୍ଷା ସମୟରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି.ଏସ୍. ରାଜକୁମାର, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ/ନିର୍ମାଣ ଏ.ଜି. ଶ୍ରୀନିବାସଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦|୦୭|୨୦୨୫

| | |
|---|---|
| ୭,୧୯, ୫୧୫ ଟଙ୍କା | |
| ସୁନା | ୨୨୦ ମିଲିଗ୍ରାମ୍ |
| ରୁପା | ୮୦ ଗ୍ରାମ୍ |



କଳିଙ୍ଗାୟନ ତୌର୍ଯ୍ୟାତ୍ରାକମ୍ ପକ୍ଷରୁ ଚାଲିଥିବା ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ 'ନିମ୍ବସ୍'ର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ସମସ୍ତ ୟୁଏଲ୍‌ବିରେ ବିଚାରାଧୀନ ଅଭିଯୋଗ ସମାଧାନ ପାଇଁ ଆଜିଠାରୁ ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର, ୨୦।୭ (ବନ୍ଦନା ସେଠୀ)

ନାଗରିକ କୈନ୍ଦ୍ରିକ ସହରାଞ୍ଚଳ ଶାସନକୁ ସୁଦୃଢ଼ କରିବା ଦିଗରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛି। ଏହିକ୍ରମରେ ବିଭାଗ ପକ୍ଷରୁ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି)ଗୁଡ଼ିକରେ ସମସ୍ତ ବିଚାରାଧୀନ ଅଭିଯୋଗର ସମାଧାନ ପାଇଁ ଏକ 'ଉତ୍ସର୍ଗୀକୃତ ସ୍ୱତନ୍ତ୍ର ଅଭିଯାନ' ଘୋଷଣା କରାଯାଇଛି। ସୋମବାରଠାରୁ ଜୁଲାଇ ୨୫ ପର୍ଯ୍ୟନ୍ତ ୫ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିବ। ଏହି ସମୟରେ ଜନଶୁଣାଣି, କେନ୍ଦ୍ରୀକୃତ ଜନ ଅଭିଯୋଗ ସମାଧାନ ଏବଂ ମନିଟରିଂ ସିଷ୍ଟମ୍ (ସିପିଜିଆର୍‌ଏଏମ୍‌ଏସ୍), ୟୁଏଲ୍‌ବିସ୍ତରୀୟ ହେଲ୍ପଡେସ୍କ ସମେତ ବିଭିନ୍ନ ପ୍ଲାଟ୍‌ଫର୍ମ ମାଧ୍ୟମରେ ନାଗରିକଙ୍କଠାରୁ ପ୍ରାପ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ଉପରେ ଧ୍ୟାନ ଦିଆଯିବ। ତେଣୁ ସମସ୍ତ ମହାନଗର ନିଗମର କମିଶନର ଏବଂ ପୌରପାଳିକା ତଥା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଆବଶ୍ୟକ ଦଳ ଗଠନ କରିବା, ଅଭିଯୋଗ ପରିଚାଳନା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ଏବଂ ଏହି ସମୟ ମଧ୍ୟରେ ସମସ୍ତ ଅଭିଯୋଗର ସମାଧାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିଭାଗ ପକ୍ଷରୁ ସମସ୍ତ ୟୁଏଲବିଗୁଡ଼ିକୁ ଜୁଲାଇ ୨୯ ସୁଦ୍ଧା ଏହି ଅଭିଯାନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ରିପୋର୍ଟ (ଏଟିଆର) ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା, ସିଷ୍ଟମ ସ୍ତରୀୟ ଉନ୍ନତି ଏବଂ ନାଗରିକଙ୍କ ମତାମତ ଉପରେ ଆଲୋକପାତ କରାଯାଇଛି। ଅଧିକ ସୂଚନା ପାଇଁ ନାଗରିକମାନଙ୍କୁ ସେମାନଙ୍କ ସ୍ଥାନୀୟ ୟୁଏଲ୍‌ବି କାର୍ଯ୍ୟାଳୟ ପରିଦର୍ଶନ କରିବାକୁ କିମ୍ବା ସରକାରୀ ଯୋଗାଯୋଗ ମାଧ୍ୟମ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

# ବିମୋହିତ କଲା ଶାସ୍ତ୍ରୀୟ ନୃତ୍ୟ

ଭୁବନେଶ୍ୱର, ୨୦।୭ (ସୌମ୍ୟରଞ୍ଜନ ରାଉତ)

## ନୃତ୍ୟ ମହୋତ୍ସବ 'ନିମ୍ବସ୍' ଉଦ୍‌ଯାପିତ

କଳିଙ୍ଗାୟନ ତୌର୍ଯ୍ୟାତ୍ରାକମ୍ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଚାଲିଥିବା ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ମହୋତ୍ସବ 'ନିମ୍ବସ୍' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ସମେତ ରାଜ୍ୟ ଓ ବାହାରୁ ଆସିଥିବା ବିଭିନ୍ନ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଶ୍ୟାମ ନଗର ହେ, ତୋ ଲାଗି ଗୋପ ଦାଣ୍ଡ ଆଦି ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂଯୋଜନା ଗୁରୁ ପୁଷ୍ପିତା ମିଶ୍ର କରିଥିଲେ। ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ଅନୁଷ୍ଠାନ ପକ୍ଷରୁ ୯୦ଜଣ କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ, କର୍ପୋରେଟର ରାମଚନ୍ଦ୍ର ରଣସିଂହ, ଟ୍ରଷ୍ଟ ଅଧ୍ୟକ୍ଷ ଅଂଶୁମାନ ମିଶ୍ର, ଓଡ଼ିଶୀ ଗୁରୁ ପୁଷ୍ପିତା ମିଶ୍ର, ମହୋତ୍ସବର ନିର୍ଦ୍ଦେଶକ ସେୟାଶ୍ରୀ ପତି ପ୍ରମୁଖ ଯୋଗଦେଇଥିଲେ। ଆଦ୍ୟାଶା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଳାଷ



@ ସ୍ମୃତିରଞ୍ଜନ



@ ଆଶିଷ



@ ସୁଶୀଲ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟ୍ରକ୍-ସ୍କୁଟି ଧକ୍କା: ସ୍କୁଟି ଚାଳକଙ୍କ ମୃତ୍ୟୁ

ବୋଲଗଡ଼,୨୦।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ପଞ୍ଚୁକୋଟ ଗ୍ରାମ ନିକଟ ୫୭ନଂ ଜାତୀୟ ରାଜପଥରେ ରବିବାର ମଧ୍ୟାହ୍ନରେ ଏକ ଟ୍ରକ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଛି। ଦୁର୍ଘଟଣାସ୍ଥଳରେ ସ୍କୁଟି ଚାଳକଙ୍କ ଜୀବନ ଯାଇଛି। ମୃତକ ହେଲେ ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ଖମାର ସାହି ଗ୍ରାମର ଗଣେଶ ପାଇଖାଣୀଙ୍କ ପୁଅ ଦୀନବନ୍ଧୁ ପାଇଖାଣୀ (୨୬)। ସୂଚନା ଅନୁଯାୟୀ, ଏକ ଆଇଚର ଟ୍ରକ (ନଂ. ଓଡି ୦୨-ଡିଡି-୦୩୭୨) ନୟାଗଡ଼ ପଟୁ ଭୁବନେଶ୍ୱର ଯାଉଥିଲା। ଏହି ସମୟରେ ଦୀନବନ୍ଧୁ ସ୍କୁଟି (ନଂ. ଓଡି ୩୩ ଏଆର୍ ୬୧୪୫) ଚଳାଇ ନିଜ ଗ୍ରାମକୁ ଫେରୁଥିଲେ। ପଞ୍ଚୁକୋଟ ନିକଟରେ ଉଭୟ ଗାଡ଼ି ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରକଟି ସ୍କୁଟି ସହ ଚାଳକଙ୍କୁ ପ୍ରାୟ କିଛି ମିଟର ଘୋଷାରି ନେଇଥିଲା। ଖବର ପାଇ ୧୦୮ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚି ଦୀନବନ୍ଧୁଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସମ୍ପର୍କୀୟ ଖମାରସାହି ଗ୍ରାମର କୁଳମଣି ପାଇଖାଣୀଙ୍କ ଲିଖିତ ଅଭିଯୋଗକ୍ରମେ ବୋଲଗଡ଼ ପୋଲିସ ଏକ କେସ୍ (ନଂ. ୧୬୨/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରାଯାଇଥିବା ଥାନା ଏସ୍‌ଆଇ ଲିଲି ପାଢ଼ୀ ସୂଚନା ଦେଇଛନ୍ତି।



# ସ୍ପେଶାଲ ଓଟିଇଟି ସ୍ଥଗିତ, ପରୀକ୍ଷାର୍ଥୀ ଅସନ୍ତୁଷ୍ଟ

କଟକ,୨୦।୭(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ପେଶାଲ ଓଡିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ(ଓଟିଇଟି)କୁ ସ୍ଥଗିତ ରଖାଯାଇଛି। ଚାକିରୀ କରିଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ପେଶାଲ ଓଟିଇଟିର ପେପର -୧ ଓ ପେପର -୨ ପରୀକ୍ଷା ଜୁଲାଇ ୨୦ ତାରିଖରେ ଅନୁଷ୍ଠିତ ହେବାର ଥିଲା। ମାତ୍ର ଏହି ପରୀକ୍ଷାକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା ବୋଲି ବୋର୍ଡ ପକ୍ଷରୁ ଶନିବାର ମଧ୍ୟରାତ୍ରିରେ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା। ଅପରପକ୍ଷରେ ଏହି ପରୀକ୍ଷା ବାତିଲ୍ ଯୋଗୁ ରାଜ୍ୟର ପ୍ରାୟ ୭୫ହଜାର ଶିକ୍ଷକ ନିରାଶ ହୋଇଛନ୍ତି। ଏହାକୁ ନେଇ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରୀକ୍ଷା ଦେବା ପାଇଁ ଦିନରାତି ଏକାକାର କରି ପ୍ରସ୍ତୁତି ଚଳାଇ ଥିବା ଶିକ୍ଷକମାନେ ବୋର୍ଡର ପରୀକ୍ଷା ପରିଚାଳନାଗତ ତ୍ରୁଟିକୁ ନାପସନ୍ଦ କରିଛନ୍ତି।

ସୂଚନାନୁସାରେ ରବିବାର ସ୍ପେଶାଲ ଓଟିଇଟି ପରୀକ୍ଷା ହେବାର ଥିଲା। ମାତ୍ର ଗତ ୧୧ତାରିଖରେ ଏହି ପରୀକ୍ଷାର ହାତ ଲେଖା ପ୍ରଶ୍ନ ପତ୍ର ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିସହ ସେଗୁଡ଼ିକର ଉତ୍ତର ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ବୋର୍ଡ ପକ୍ଷରୁ ଏଭଳି ଘଟଣା ପରେ ପରୀକ୍ଷା ସ୍ଥଗିତ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ କେଉଁ ପରିସ୍ଥିତିରେ ଏଭଳି ପ୍ରଶ୍ନପତ୍ର ଭାଇରାଲ ହେଲା ତାହାକୁ ନେଇ ବୋର୍ଡ ପକ୍ଷରୁ ତର୍ଜମା କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ ବାରମ୍ବାର ପରୀକ୍ଷା ପରିଚାଳନାଗତ ତ୍ରୁଟି ପାଇଁ ପରୀକ୍ଷାର୍ଥୀମାନେ ବିଭିନ୍ନ ସମୟରେ ହଇରାଣ ହରକତ ହେବା ସହ ସେମାନଙ୍କ ଉପରେ ମାନସିକ ଚାପ ପଡ଼ୁଥିବା ନେଇ ବହୁ ପରୀକ୍ଷାର୍ଥୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟରେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉ

ଭୁବନେଶ୍ୱର,୨୦।୭(ସୁଚିସ୍ମିତା ସାହୁ)

### ସନ୍ଦେହ ପ୍ରକାଶ କଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ

ରବିବାର ହେବାକୁ ଥିବା ସ୍ପେଶାଲ ଓଟିଇଟି ପରୀକ୍ଷା ବାତିଲ ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷା ପୂର୍ବରୁ ସୋସିଆଲ ମିଡିଆରେ ଓଟିଇଟିର ପେପର୍-୧ ଓ ପେପର୍-୨ର ହାତଲେଖା ପ୍ରଶ୍ନ ଏବଂ ତାହାର ଉତ୍ତର ଘୂରି ବୁଲୁଥିବାରୁ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ପରୀକ୍ଷା ବାତିଲ କରାଯାଇଛି। ରାତିଅଧରେ ପ୍ରଶ୍ନପତ୍ର ପ୍ରଘଟ ଦର୍ଶାଇ ପରୀକ୍ଷାକୁ ବାତିଲ କରାଯାଇଥିବାରୁ ରାଜ୍ୟର ୭୫ ହଜାର ଶିକ୍ଷକ ନିରାଶ ହୋଇଛନ୍ତି। ଏହି ଘଟଣାକୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତୀବ୍ର ନିନ୍ଦା କରିଛି। ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ନ ଦେବା ପାଇଁ ରାତିଅଧରେ ପରୀକ୍ଷା ବାତିଲ କରାଯାଇଥିବା ସନ୍ଦେହ କରାଯାଉଛି। ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଶିକ୍ଷା ବିଭାଗର ଯେଉଁ ଅଧିକାରୀ/ କର୍ମଚାରୀ ସଂପୃକ୍ତ ଅଛନ୍ତି, ଉପଯୁକ୍ତ ତଦନ୍ତ କରି ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି। ୨୦୧୨ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ନ କରି ସେମାନଙ୍କୁ ତୁରନ୍ତ ପଦୋନ୍ନତି ଦେବାକୁ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଓ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ସାହୁ ଦାବି କରିଛନ୍ତି। ଏନେଇ ସଂଘ ପକ୍ଷରୁ ଏକ ପ୍ରେସ୍ ବିବୃତି ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ରଖାଯାଇଛି।

# ଡିଓନ ଅଟୋମୋଟିଭ ଲଞ୍ଚ କଲା ଟାଟା ହାରିଅର୍.ଇଭି

ଭୁବନେଶ୍ୱର, ୨୦।୭(ଅନୁରାଧା ମହାରଣା)



ଟାଟା ମୋଟର୍ସ ପାସେଞ୍ଜର ଭେଇକିଲ୍ସ ଲିମିଟେଡ ଓ ଟାଟା ମୋଟର୍ସ ଇଲେକ୍ଟ୍ରିକ ମୋବିଲିଟିର ଅଧିକୃତ ଡିଲର ଡିଓନ ଅଟୋମୋଟିଭ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଭୁବନେଶ୍ୱରରେ ଟାଟାର ଅତ୍ୟାଧୁନିକ ଫ୍ଲାଗସିପ ପ୍ରଡକ୍ଟ ଟାଟା ହାରିଅର୍.ଇଭି ଉନ୍ମୋଚନ କରାଯାଇଛି। ଚଳିତ ମାସରେ ସମାନ୍ତରାପୁରରେ ଓଡ଼ିଶାର ଏକ୍ସକ୍ଲୁସିଭ ଶୋ'ରୁମ ଉଦଘାଟନ କରିଥିବା ଡିଓନ ଅଟୋମୋଟିଭ୍ସ ଓଡ଼ିଶାର ଗ୍ରାହକଙ୍କୁ ପେଟ୍ରୋଲ, ଡିଜେଲ, ସିଏନଜି ଓ ଇଲେକ୍ଟ୍ରିକ ଫୁଏଲ ଅପ୍ସନରେ ମାନୁଆଲ, ଅଟୋମାଟିକ ଓ ଡିସିଏ ଟ୍ରାନ୍ସମିସନ ସହିତ ଟାଟା ଗାଡ଼ି ଯୋଗାଇ ଦେଉଛି। ଟାଟା ହାରିଅର୍.ଇଭି ତୁରନ୍ତ ଟର୍କ, ନିର୍ଭୁଲ ଗତିଶୀଳ ଓ ଅତ୍ୟାଧୁନିକ ଟେରେନ ଅଡାପ୍ଟାବିଲିଟି ସହିତ ଉପଲବ୍ଧ ହୋଇଛି। ଏହାର ଅତ୍ୟାଧୁନିକ ଫିଚରଗୁଡ଼ିକ ମଧ୍ୟରେ ୫ ଷ୍ଟାର ବିଏନସିଏପି ପ୍ରସ୍ତୁତ ବଡି ଷ୍ଟ୍ରକଚର ଓ ଇଣ୍ଟେଲିଜେଣ୍ଟ ଲେଭେଲ ୨ ଆଡାସ୍ ସହିତ ଏହା ରିଅଲ-ଟାଇମରେ ପୂର୍ବାନୁମାନ, ପ୍ରତିକ୍ରିୟା ଓ ସୁରକ୍ଷା ଯୋଗାଇବାରେ ସହାୟକ ହେଉଛି। ଏହାର ୬୫କିଲୋୱାଟ୍ ଓ ୭୫ କିଲୋୱାଟ୍ ବ୍ୟାଟେରି ସହିତ ଆରଡବ୍ଲ୍ୟୁଡି ଓ ଏଡବ୍ଲ୍ୟୁଡି ଭାରିଆଣ୍ଟରେ ଉପଲବ୍ଧ। ଏହା ୬୨୭ କିମି ରେଞ୍ଜ, ୫୦୪ ଏନଏମ୍ ଟର୍କ, ୦-୧୦୦ କିମି/ଘଣ୍ଟା ୬.୩ ସେକେଣ୍ଡରେ ଓ ୧୨୦କିଲୋୱାଟ୍ ଡିସି ଫାଷ୍ଟ ଚାର୍ଜିଂ ଦେଇଥାଏ। ଫିଚର ମଧ୍ୟରେ ୧୪.୫- ଇଞ୍ଚ ସାମସଙ୍ଗ ନିଓ କ୍ୟୁଏଲଇଡି ଟଚସ୍କ୍ରିନ, ୫୪୦-ଡିଗ୍ରୀ କ୍ୟାମେରା, ଭି୨ଭି/ଭି୨ଏଲ୍ ଚାର୍ଜିଂ ଓ ୬ ଟେରେନ ମୋଡ ରହିଛି। ଏହାର ମୂଲ୍ୟ ୨୧.୪୯ ଲକ୍ଷରୁ ଆରମ୍ଭ ହୋଇ ଟପ ଭାରିଆଣ୍ଟ ୩୦.୨୩ ଲକ୍ଷ (ଏକ୍ସ-ଶୋ'ରୁମ) ପର୍ଯ୍ୟନ୍ତ ରହିଛି। ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିବହନ କମିଶନର ଅମିତାଭ ଠାକୁର ଓ ଆରଟିଓ ଭୁବନେଶ୍ୱର-୧ର ବିକାସ ଚୌଧୁରୀ ଯୋଗ ଦେଇଥିଲେ। ଟାଟା ମୋଟର୍ସରୁ ଶୈଲେଶ ରାୟ, ହର୍ଷ ରାଜ, ରମେଶ ଦେ, ରାମପୁରୀ ଭାମସୀ ଓ ରାହୁଲ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଡିଓନ ଗ୍ରୁପର ନିର୍ଦ୍ଦେଶକ ମନୋଜ କୁମାର ସାହୁ, ସିଇଓ ସତ୍ୟମ ପଟ୍ଟନାୟକ ଓ ସେଲ୍ସ ହେଡ ସନ୍ଦୀପ କାନୁନଗୋ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଠାକୁର କହିଥିଲେ, ଓଡ଼ିଶାରେ ବୈଦ୍ୟୁତିକ ଯାନ(ଇଭି)ର ଆଦୃତି ଦିନକୁ ଦିନ ବଢ଼ୁଛି। ରାଜ୍ୟ ସରକାର ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଓ ସୁବିଧା ମାଧ୍ୟମରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ସହିତ ରାଜ୍ୟର ପ୍ରମୁଖ ରାସ୍ତାଗୁଡ଼ିକରେ ଚାର୍ଜିଂ ଷ୍ଟେଶନ ସ୍ଥାପନ ପାଇଁ ଯୋଜନା କରାଯାଉଛି, ଯାହା ଗ୍ରାହକଙ୍କୁ ଇଭି ଆଡ଼କୁ ଆକୃଷ୍ଟ କରିବ। ଡିଓନ ଗ୍ରୁପର ନିର୍ଦ୍ଦେଶକ ମନୋଜ କୁମାର ସାହୁ କହିଛନ୍ତି, ଆମେ ପରିବେଶ ସୁରକ୍ଷା ପାଇଁ ଅଙ୍ଗୀକାରବଦ୍ଧ ଓ ଟାଟା ମୋଟର୍ସ ସହ ମିଳିତ ଭାବେ ଓଡ଼ିଶାର ନାଗରିକଙ୍କ ପାଖରେ ଇଭି ପହଞ୍ଚାଇବା ସହିତ ୨୪ଘଣ୍ଟିଆ ସେବା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ଟାଟା ପାସେଞ୍ଜର ଇଲେକ୍ଟ୍ରିକ ମୋବିଲିଟିର ନୀତି ଓ ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରିବୁ। ୬ ବର୍ଷ ଧରି ଇଭି ବିକ୍ରୟରେ ନେତୃତ୍ୱ ନେଉଥିବା ତ୍ରିନାଥ ରଥଙ୍କ ନେତୃତ୍ୱରେ ଏକ ବିଶେଷ ଇଲେକ୍ଟ୍ରିକ ଭେଇକିଲ କନସଲଟିଂ ଟିମ ଗଠନ କରାଯାଇଛି ।

# ରାଜ୍ୟସ୍ତରୀୟ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରେ ଓପିଜିସି ଦ୍ୱିତୀୟ



ଖବରଦାତା ସମ୍ମିଳନୀରେ ଓପିଜିସି ଅଧିକାରୀ।

ଝାରସୁଗୁଡ଼ା, ୨୦।୭ (ଆଶିଷ ରଞ୍ଜନ ଦାଶ)

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି) ଲିମିଟେଡ୍ ୨୦୨୪-୨୫ ଆର୍ଥିକ ବର୍ଷରେ ୮୩. ୮୦% ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର(ପିଏଲ୍ଏଫ୍) ହାସଲ କରି ଭାରତର ସମସ୍ତ ରାଜ୍ୟ ସରକାରଙ୍କ ଅଧୀନ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ସଫଳତା ଦ୍ୱାରା ଓପିଜିସି ଭାରତର ସମସ୍ତ ବିଦ୍ୟୁତ୍ କେନ୍ଦ୍ର ମଧ୍ୟରେ ୧୯ତମ ସ୍ଥାନ ହାସଲ କରିଛି। ଓପିଜିସିର ପିଏଲ୍ଏଫ୍ ୮୩. ୮୦% ଥିବାସ୍ଥଳେ ଚଳିତବର୍ଷ ଜାତୀୟ ହାରାହାରି ପିଏଲ୍ଏଫ୍ ୬୯. ୪୭% ରହିଥିଲା ବୋଲି ଝାରସୁଗୁଡ଼ାସ୍ଥିତ ଏକ ହୋଟେଲରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓପିଜିସିର ବରିଷ୍ଠ ଉପସଭାପତି (ଅପେରଶନ) ସୁକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ମ୍ୟାନେଜିଂ ଡାଇରେକ୍ଟର କେଦାର ରଞ୍ଜନ ପାଣ୍ଡୁ କହିଛନ୍ତି, ଦାୟିତ୍ୱବାନ ସରକାରୀ ଅନୁଷ୍ଠାନ ଭାବେ ଓପିଜିସି ପ୍ରଦୂଷଣ ନିୟନ୍ତ୍ରଣର ସମସ୍ତ ଅଧିନିୟମ ପାଳନ କରିବାକୁ ବଦ୍ଧପରିକର। ନିର୍ଦ୍ଦେଶକ (ଅପରେଶନ) ଏ.ଆର୍. ଦାଶ କହିଛନ୍ତି, କମ୍ପାନୀର ଆଗାମୀ ପ୍ରକଳ୍ପଗୁଡ଼ିକ କେବଳ ରାଜ୍ୟ ଗ୍ରୀଡ୍‌କୁ ଶକ୍ତି ପ୍ରଦାନ କରିବ ନାହିଁ ବରଂ ସିଏସ୍ଆର୍ ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ବିକାଶକୁ ତ୍ୱରାନ୍ୱିତ କରିବ। ପ୍ଲାଣ୍ଟରେ ହେବା ଦ୍ୱାରା ବହୁ ମାତ୍ରାରେ ସ୍ଥାନୀୟ ନିଯୁକ୍ତି ବୃଦ୍ଧି ପାଇବ। ଏହି ଖବରଦାତା ସମ୍ମିଳନୀରେ କମ୍ପାନୀରେ ସିନିୟର ଜିଏମ୍ (ଏଚ୍ଆର୍) ସୁବାଶିଷ ମୁଖାର୍ଜୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଏଲ୍‌ଟିଏଫ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୨୦।୭

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲ୍‌ଟିଏଫ)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଏପରିକି ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ୭୦୧ କୋଟି ଟଙ୍କାର କନସୋଲିଡେଟେଡ ଟିକସ ପରବର୍ତ୍ତୀ ଲାଭ (ପିଏଟି) ହାସଲ କରିଛି। ଏହା ପୂର୍ବ ତ୍ରୈମାସିକ ତୁଳନାରେ ୧୦ % ଏବଂ ପ୍ରଥମ ତ୍ରୈମାସିକରେ ପୂର୍ବ ବର୍ଷ ତୁଳନାରେ ୨% ଅଧିକ ହୋଇଛି। ଏହି ତ୍ରୈମାସିକରେ ଏଲଟିଏଫ ପୂର୍ବ ବର୍ଷ ତୁଳନାରେ ଏପର୍ଯ୍ୟନ୍ତ ସର୍ବାଧିକ କନସୋଲିଡେଟେଡ ବୁକ ୧,୦୨,୩୧୪ କୋଟି ଟଙ୍କା ହାସଲ କରିଛି, ଯାହା ପୂର୍ବବର୍ଷ ତୁଳନାରେ ୧୫% ଅଧିକ ବୋଲି କୁହାଯାଉଛି। ଏହି ତ୍ରୈମାସିକରେ ରିଟେଲ ବୁକ ପରିମାଣ ୯୯,୮୧୬ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୮% ଅଧିକ ବୋଲି କୁହାଯାଇଛି। କମ୍ପାନୀ ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ପ୍ରଥମ ତ୍ରୈମାସିକରେ ୧୭,୫୨୨ କୋଟି ଟଙ୍କାର ତ୍ରୈମାସିକ ରିଟେଲ ଯୋଗାଣ ହାସଲ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୮% ଅଧିକ ରହିଛି। ୨୦୨୫ ଜୁନ ୩୦ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକରେ ରିଟେଲୀକରଣ ୯୮% ହୋଇଛି, ଯାହା ୨୦୨୬ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି।

ଏ ସମ୍ପର୍କରେ ଏଲଟିଏଫର ଏମ୍‌ଡି ତଥା ସିଓଓ ସୁଦୀପ୍ତ ରାୟ କହିଥିଲେ, ଏକ ଚ୍ୟାଲେଞ୍ଜପୂର୍ଣ୍ଣ ତ୍ରୈମାସିକରେ ଆମ କମ୍ପାନୀ ଫଳାଫଳ ଉପରେ ଦୃଷ୍ଟିନିବଦ୍ଧ କରିଥିଲା ଏବଂ ଦମଦାର ପ୍ରଦର୍ଶନ ସହିତ ବଜାରରେ ଅସ୍ଥିର ପରିସ୍ଥିତି ପରିଚାଳନା କ୍ଷେତ୍ରରେ ଆମର ସାମର୍ଥ୍ୟକୁ ପ୍ରଦର୍ଶିତ କରିଥିଲା। ପ୍ରଯୁକ୍ତି ଏବଂ ସୁସଂହତ ଋଣ ଯୋଗାଣ ସମ୍ପର୍କିତ ମାର୍ଗଦର୍ଶିକା ସହିତ ଋଣ ଯୋଗ୍ୟ ଗ୍ରାହକମାନଙ୍କୁ ଋଣ ପ୍ରଦାନ ଏବଂ ସେହି ସମୟରେ ସମଗ୍ର ବ୍ୟବସାୟ କ୍ଷେତ୍ରରେ ଦକ୍ଷତାର ସହିତ ଋଣ ଆଦାୟ ଉପରେ ମଜଭୁତ ଦୃଷ୍ଟିନିବଦ୍ଧ ଦ୍ୱାରା ଏହି ପ୍ରଦର୍ଶନ ସମ୍ଭବ ହୋଇପାରିଛି। ଆଲୋଚ୍ୟ ତ୍ରୈମାସିକରେ ଆମେ ଏପର୍ଯ୍ୟନ୍ତ ସର୍ବାଧିକ ୧ଲକ୍ଷ କୋଟି ଟଙ୍କାର କନସୋଲିଡେଟେଡ ବୁକ ମାଇଲଖୁଣ୍ଟ ହାସଲ କରିଛୁ।

# ଚାହିଦାରେ ହସ୍ତଶିଳ୍ପ ଉତ୍ପାଦ

## କଟନ ଫାବ୍‌ରେ ଗ୍ରାହକ ଭିଡ଼

ଭୁବନେଶ୍ୱର,୨୦।୭ (ଅଭୟ ଦାଶ)



ଭୁବନେଶ୍ୱରର ୟୁନିଟ-୩ ପ୍ରଦର୍ଶନୀ ପଡ଼ିଆଠାରେ ଜାରି ରହିଥିବା ରାଜସ୍ଥାନ କଟନ ଫାବ୍‌ରେ ଗ୍ରାହକ ଭିଡ ଦିନକୁ ଦିନ ବୃଦ୍ଧି ପାଉଛି। ଏପରିକି ମେଳା ପରିସରରେ ପଡିଥିବା ହ୍ୟାଣ୍ଡଲୁମ, ହ୍ୟାଣ୍ଡିକ୍ରାଫ୍ଟ ଓ କଟନ ଉତ୍ପାଦର ସମ୍ଭାର ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଥିଲାବେଳେ ଚାହିଦାରେ ହସ୍ତଶିଳ୍ପ ଉତ୍ପାଦ ରହିଛି ବୋଲି ମେଳାର ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷ କରି ସନ୍ଧ୍ୟା ହେଲେ ମେଳା ପରିସରକୁ ସବୁ ବର୍ଗର ଗ୍ରାହକଙ୍କ ଭିଡ ଲାଗିଥାଏ। ଏହିଭିଡ ମେଳାର ଉତ୍ସାହକୁ ଦ୍ୱିଗୁଣିତ କରୁଥିଲାବେଳେ ବ୍ୟବସାୟ ମଧ୍ୟ ଆଶାନୁଯାୟୀ ହୋଇଥାଏ।

ସେହିପରି ଏହି ପ୍ରଦର୍ଶନୀ ୨୦୨୫ ଅଗଷ୍ଟ ୩୧ ପର୍ଯ୍ୟନ୍ତ ପ୍ରାରମ୍ଭିକ ଭାବେ ଜାରି ରହିବ ବୋଲି ମେଳାର ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଏହି ମେଳାରେ ସର୍ବଭାରତୀୟସ୍ତରର ଗାର୍ମେଣ୍ଟସ/କପଡା ଓ ପୋଷାକ ବ୍ୟବସାୟୀମାନେ ଅଂଶଗ୍ରହଣ ସହ ସେମାନଙ୍କର ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରିଥାନ୍ତି।

ଏହି ମେଳାରେ ଦେଶର ସମସ୍ତ ଭାଗର ଲୋକପ୍ରିୟ ସାମଗ୍ରୀ ପଡିଥିଲାବେଳେ ରିହାତି ମୂଲ୍ୟରେ ଗ୍ରାହକଙ୍କୁ ସେମାନଙ୍କ ପସନ୍ଦର ସାମଗ୍ରୀ ଯୋଗାଇ ଦିଆଯାଇଥାଏ। ଏପରିକି ପ୍ରତି କ୍ରୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। କାରବାର ସମୟରେ ସମସ୍ତ ବ୍ୟାଙ୍କର ଡେବିଟ ଓ କ୍ରେଡିଟ କାର୍ଡର ବ୍ୟବହାର ସହ ଗ୍ରହଣ କରାଯାଉଛି।

ସେହିପରି ଏହି ମେଳାରେ ୨୦ଟି ରାଜ୍ୟର ପ୍ରମୁଖ ଉତ୍ପାଦ ସମ୍ବଲପୁରୀଠାରୁ ଇକତ ଏବଂ ଜାମଦାନୀଠାରୁ ଆରମ୍ଭକରି ବନାରସୀ ପର୍ଯ୍ୟନ୍ତ ପ୍ରିମିୟମ ବର୍ଗର ପୋଷାକ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉପଲବ୍ଧ ରହିଛି। ଏହି ମେଳାରେ ଓଡିଶା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ତେଲଙ୍ଗାନା, ଆସାମ ଓ ପୁଡୁଚେରୀ ଭଳି ବଜାରର ପ୍ରିମିୟମ ପୋଷାକ ଓ ପ୍ରମୁଖ ବ୍ୟବସାୟୀମାନେ ସାମିଲ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜସ୍ଥାନ କଟନ ଫାବ୍‌ରେ ମୋଟ ୨୦୦ଟି ଷ୍ଟଲ ପଡିଥିଲାବେଳେ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ସାମଗ୍ରୀ ପାଇଁ ସ୍ୱତନ୍ତ୍ର ଷ୍ଟଲ କରାଯାଇଛି। ଏହି ମେଳା ଦିବା ୧୧ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିଥିଲାବେଳେ ମେଳା ପରିସରରେ ମାଗଣା ପାର୍କିଂର ସୁବିଧା ମଧ୍ୟ ରହିଛି।

# ବ୍ୟବସାୟ ପରିଚାଳନାରେ ସୁନୀଲ ମିତଲଙ୍କୁ ଡକ୍ଟରେଟ୍ ଡିଗ୍ରୀ

ଭୁବନେଶ୍ୱର,୨୦।୭

ଭାରତୀ ଏଣ୍ଟରପ୍ରାଇଜେସ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁନୀଲ ଭାରତୀ ମିତଲଙ୍କୁ ନିକଟରେ ଆଉ ଏକ ଡକ୍ଟରେଟ୍ ଡିଗ୍ରୀ ମିଳିଛି। ବ୍ରିଟେନର ବାଥ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜନେସ୍ ଆଡମିନିଷ୍ଟ୍ରେଶନ (ବ୍ୟବସାୟ ପରିଚାଳନା) ରେ ତାଙ୍କୁ ଅନରାରି ଡକ୍ଟରେଟ୍ ପ୍ରଦାନ କରାଯାଇଛି। ସେହିଭଳି ବାଥ୍ ଆବେରେ ଆୟୋଜିତ ବିଶ୍ୱବିଦ୍ୟାଳୟର ଗ୍ରୀଷ୍ମ ଡିଗ୍ରୀ ସମାରୋହ ଉତ୍ସବରେ ମିତଲଙ୍କୁ ବିଶ୍ୱ ବ୍ୟବସାୟ, ଉଦ୍ୟମିତା ଏବଂ ବଦାନ୍ୟତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ମିତଲ ହେଉଛନ୍ତି ଭାରତୀୟ ଟେଲିକମ୍ ବିପ୍ଳବର ଅଗ୍ରଦୂତ ଏବଂ ବିଶ୍ୱର ଅଗ୍ରଣୀ ଟେଲିକମ୍ କମ୍ପାନିଗୁଡ଼ିକ ମଧ୍ୟରୁ ଅନ୍ୟତମ। ଭାରତୀ ଏୟାରଟେଲ୍ ମାଧ୍ୟମରେ ସେ ବିଶ୍ୱ ଟେଲିକମ୍ କ୍ଷେତ୍ରକୁ ନୂଆ ଦିଗ ଦେଖାଇବା ସହ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଟେଲିକମ୍ ଏବଂ ଡିଜିଟାଲ୍ ଭିତ୍ତିଭୂମିରୁ ଆରମ୍ଭ କରି ଆର୍ଥିକ ସେବା ଏବଂ ମହାକାଶ ଯୋଗାଯୋଗ ପର୍ଯ୍ୟନ୍ତ ବିଭିନ୍ନ ଉଦ୍ୟୋଗରେ ତାଙ୍କର ନେତୃତ୍ୱ ଏବଂ ଶିକ୍ଷାରେ ସମତା ନିଶ୍ଚିତ କରିବା ପାଇଁ ତାଙ୍କର ଅବିଚଳିତ ପ୍ରତିବଦ୍ଧତା, ତାଙ୍କ ଲକ୍ଷ୍ୟ, ନବସୃଜନ ଏବଂ ବିଶ୍ୱସ୍ତରୀୟ ମହତ୍ୱାକାଂକ୍ଷାକୁ ସ୍ପଷ୍ଟ କରୁଛି।

ଏ ନେଇ ବାଥ୍ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ସଭାପତି ପ୍ରଫେସର୍ ଫିଲ୍ ଟେଲର୍ କହିଛନ୍ତି, ଉଦ୍ୟୋଗ, ନେତୃତ୍ୱ ଏବଂ ସମାଜ ସେବାରେ ସୁନୀଲ ଭାରତୀ ମିତଲଙ୍କ ବିଶାଳ ସାଧନାକୁ ସମ୍ମାନିତ କରିଥିବାରୁ ଆମେ ବହୁତ ଗର୍ବିତ। ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିବା ଭାରତୀ ଏଣ୍ଟରପ୍ରାଇଜେସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁନୀଲ ମିତଲ କହିଛନ୍ତି, ବୌଦ୍ଧିକ କଠୋରତା, ଉଦ୍ୟୋଗିକ ଭାବନା ଏବଂ ଶ୍ରେଣୀ ବାହାରେ ବିଶ୍ୱ ସହିତ ଯୋଗାଯୋଗ ପାଇଁ ପ୍ରସିଦ୍ଧ ବାଥ୍ ବିଶ୍ୱବିଦ୍ୟାଳୟ ଦ୍ୱାରା ଏହି ସମ୍ମାନ ପାଇବା ମୋ ପାଇଁ ଏକ ଗର୍ବର ବିଷୟ। ମୋ ପରିବାରର ବିଶ୍ୱବିଦ୍ୟାଳୟ ସହିତ ବ୍ୟକ୍ତିଗତ ସମ୍ପର୍କ ଥିବାରୁ ଏହି ମୁହୂର୍ତ୍ତ ବିଶେଷ ଭାବେ ଅର୍ଥପୂର୍ଣ୍ଣ। ଶିକ୍ଷା ଯେ ସୁଯୋଗର ଦ୍ୱାର ଖୋଲିପାରେ, ସମ୍ପ୍ରଦାୟକୁ ଉନ୍ନତ କରିପାରେ ଏବଂ ରାଷ୍ଟ୍ରକୁ ଆକୃତି ଦେଇପାରେ ଏହା ସର୍ବଦା ମୋ ପାଇଁ ବିଶ୍ୱାସର ବିଷୟ ହୋଇ ରହିଛି। ଯେହେତୁ ଉଭୟ ଦେଶରେ ପ୍ରତିଭା ଏବଂ ଦକ୍ଷତାର ଏକ ଅସାଧାରଣ ଭଣ୍ଡାର ରହିଛି, ତେଣୁ ଶିଳ୍ପ ଏବଂ ଶିକ୍ଷା କ୍ଷେତ୍ରରେ ଭାରତ-ୟୁକେ ସହଯୋଗକୁ ଦ୍ରୁତ ଗତିରେ ଆଗେଇ ନେବା ପାଇଁ ମୁଁ ମୋର ଅବଦାନ ଦେବାକୁ ଦୃଢ଼ ଭାବରେ ପ୍ରତିବଦ୍ଧ ।

# ଅନ୍ତର୍ଜାତୀୟ ଚେସ୍ ଦିବସ

**ଜୁଲାଇ ୨୦ ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚେସ୍ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପ୍ରଫେଶନାଲ ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟା) ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ଅଲ୍ ଓଡ଼ିଶା ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରେ ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ଚାମ୍ପିୟନ ହୋଇଥିବାବେଳେ ଭୁବନେଶ୍ୱରସ୍ଥିତ ଏସ୍ପ୍ଲାନେଡ୍ ମଲ୍‌ରେ ଆୟୋଜିତ ର୍ୟାପିଡ୍ ଚେସ୍ ଟୁର୍ନାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଟାଇଟଲ ହାସଲ କରିଛନ୍ତି । କିଙ୍ଗ୍ ଚେସ୍ ସେଣ୍ଟରରେ କୋଚ୍ ବିଶ୍ୱଜିତ ରାୟ ଚେସ୍ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।**



ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ରବିବାର ପ୍ରଫେସନାଲ ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟା)ରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ଅନୁଷ୍ଠିତ ଅଲ୍ ଓଡ଼ିଶା ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟନ ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଓ ଅନ୍ୟମାନେ।



କିଙ୍ଗ୍ ଚେସ୍ ସେଣ୍ଟରରେ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସହ କୋଚ୍ ବିଶ୍ୱଜିତ ରାୟ।

## ଅନ୍ୱେଷ ଉପାଧ୍ୟାୟ ବିଜେତା

ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ ପ୍ରଫେଶନାଲ ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟା) ପ୍ରତିଷ୍ଠା ଦିବସରେ ରବିବାର ଅଲ୍ ଓଡ଼ିଶା ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆଇଏମ୍ (ଅନ୍ତର୍ଜାତୀୟ ମାଷ୍ଟର) ଅନ୍ୱେଷ ଉପାଧ୍ୟାୟ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡରୁ ଅନ୍ୱେଷ ପୂରା ୭ ପଏଣ୍ଟ ହାସଲ କରିଥିଲେ। ଅନ୍ୟ ୪ ଖେଳାଳିଙ୍କ ସହ ୫.୫ ପଏଣ୍ଟ ପାଇଥିବା ଶ୍ରେୟାସ ଶୁଭମ୍ ପଟ୍ଟନାୟକ ରନରଅପ୍ ହୋଇଛନ୍ତି। ଲାଭ୍ୟାଜ୍ୟୋତି ରାଉତରାୟ, ସାତ୍ତ୍ୱିକ ସ୍ୱାଇଁ, ସ୍ଥିତିପ୍ରଜ୍ଞ ସାହୁ, ମନୀଷ ମିଶ୍ର, ଯାଶିତା ରାଉତ, ମହାପାତ୍ର ବିଶ୍ୱନାଥ ଗୋପାଳ ପ୍ରସାଦ, ପ୍ରତ୍ୟାଶା ଜେନା ଓ ମୃତ୍ୟୁଞ୍ଜୟ ମଣ୍ଡଳ ଆଦି ଯଥାକ୍ରମେ ତୃତୀୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଉପସ୍ଥିତ ଥିଲେ। ପିଙ୍କି ମହାପାତ୍ର ଚିଫ୍ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

## ସୌମ୍ୟରଞ୍ଜନଙ୍କୁ ୮୪ତମ ଟାଇଟଲ

ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)

ଏସ୍ପ୍ଲାନେଡ ମଲ୍‌ରେ ରବିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ଚେସ୍ ଦିବସ ଟୁର୍ନାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ୬.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ସୌମ୍ୟଙ୍କ କ୍ୟାରିୟରରେ ଏହା ୮୪ତମ ଚେସ୍ ଟାଇଟଲ। ତପନ ବଡ଼ମୁଣ୍ଡି ଓ ଫକୀର ମାଝି ୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଅଣରେଟେଡ ବିଭାଗରେ ହରପ୍ରସାଦ ଚାଟାର୍ଜୀ ଚାମ୍ପିୟନ ଓ ବୀରେନ୍ଦ୍ର ବେହୁରିଆ ରନରଅପ୍ ହୋଇଛନ୍ତି। କମ୍ୟୁନିଟି ଆଣ୍ଡ ଚେସ୍‌ଟର୍ଫ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ସ୍ୱୟଂଶୁ ସତ୍ୟକାମ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଏବଂ ଜ୍ୟୋତି ଶଙ୍କର ନନ୍ଦ ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ। ଇଭେଣ୍ଟ ସହିତ କ୍ରୀଡ଼ାବିତ୍, ବୁଦ୍ଧିଜୀବୀ ଏବଂ ଜନସାଧାରଣଙ୍କୁ ସମ୍ପୃକ୍ତ କରାଯାଇଥିଲା। ଓଡ଼ିଶାରେ ପ୍ରଥମଥରପାଇଁ ନୂଆ ଫର୍ମାଟ 'ଚେସ୍ ସୁଡୋକୁ' ପ୍ରଚଳନ କରାଯାଇଥିଲା। ଅନ୍ତର୍ଜାତୀୟ ମାଷ୍ଟର ଅନ୍ୱେଷ ଉପାଧ୍ୟାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀରେ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ।



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।



ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

## ଉଦୟକାନ୍ତ ଚାମ୍ପିୟନ, ସାତ୍ତ୍ୱିକ ରନରଅପ୍

ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)

ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ରବିବାର ଓଡିଏମ୍ ଗ୍ଲୋବାଲ ସ୍କୁଲ ପରିସରରେ ଅନୁଷ୍ଠିତ ସ୍କୁଲ୍ସ ଓପନ ଚେସ୍‌ରେ ଉଦୟକାନ୍ତ ନାୟକ ଚାମ୍ପିୟନ ଓ ସାତ୍ତ୍ୱିକ ସ୍ୱାଇଁ ରନରଅପ୍ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଉଦୟକାନ୍ତ ପୂରା ୫ ଓ ସାତ୍ତ୍ୱିକ ୪.୫ ପଏଣ୍ଟ ପାଇଛନ୍ତି। ପୁରସ୍କାର ଆକାରରେ ଏମାନଙ୍କୁ ଟ୍ରଫି ସହ ଯଥାକ୍ରମେ ୧୦,୦୦୦ ଓ ୭୦୦୦ ଟଙ୍କା ପ୍ରଦାନ କରାଯାଇଛି। ମନୀଷ ମିଶ୍ର, ଶୁଭମ ପ୍ରତୀକ ମିଶ୍ର ଓ ଆଦ୍ୟା ଅଭିତ ଦାସ ପରବର୍ତ୍ତୀ ୩ ସ୍ଥାନ ଅଧିକାର କରିଛନ୍ତି। ଏମାନଙ୍କୁ ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ଖେଳାଳିମାନଙ୍କୁ ଏଜ୍ ଗ୍ରୁପ୍ ଏବଂ ୭ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲ ପ୍ରିନ୍ସିପାଲ ସୁବ୍ରତ କୁମାର ଷଡ଼ଙ୍ଗୀ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ଆୟୋଜକ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟାଇମ୍ସ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ବ୍ରାଞ୍ଚ ଭର୍ଟିକାଲ ହେଡ୍ ସୁଦେଷ୍ଣା ନନ୍ଦ ଓ ବିଶ୍ୱଜିତ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**ଆନ୍ଧ୍ର ମଦ ଦୁର୍ନୀତି ଚାର୍ଜଶିଟ୍‌ରେ ଜଗନମୋହନ**

ଅମରାବତୀ,୨୦।୭: ଆନ୍ଧ୍ରପ୍ରଦେଶରେ ୩,୫୦୦ କୋଟି ଟଙ୍କାର ମଦ ଦୁର୍ନୀତି ମାମଲାରେ ପୋଲିସ ଶନିବାର ଅଦାଲତରେ ଦାଖଲ କରିଥିବା ଚାର୍ଜଶିଟ୍‌ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ନାଁ ରହିଛି। ସେ ମାସିକ ହାରାହାରି ୫୦ରୁ ୬୦ କୋଟି ଟଙ୍କା ଉତ୍କୋଚ ପାଉଥିଲେ ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ତେବେ ଚାର୍ଜଶିଟ୍‌ରେ ଜଗନମୋହନଙ୍କୁ ଅଭିଯୁକ୍ତ ଦର୍ଶାଯାଇ ନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଭଗବାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବୋଟ୍‌ରେ ନିଆଁଲାଗି ୫ ମୃତ

**ମନାଡୋ (ଇଣ୍ଡୋନେସିଆ), ୨୦।୭**

ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପ ନିକଟବର୍ତ୍ତୀ ସମୁଦ୍ରରେ ରବିବାର ଏକ ଯାତ୍ରୀବାହୀ ବୋଟ୍‌ରେ ନିଆଁ ଲାଗିଯାଇ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିଛି। ବୋଟ୍‌ରୁ ୨୮୪ ଜଣଙ୍କୁ ଉଦ୍ଧାର କରାଗଲାଣି। କେଏମ୍ ବାର୍ସେଲୋନା୫ ନାମକ ଏହି ବୋଟ୍‌ଟି ତଲାଉଦ୍‌ରୁ ଉତ୍ତର ସୁଲାୱେସି ପ୍ରଦେଶର ରାଜଧାନୀ ମନାଡୋ ଅଭିମୁଖେ ଯାଉଥିବାବେଳେ ଟାଲିସେ ନିକଟରେ ନିଆଁ ଲାଗିଯାଇଥିଲା। ଉଦ୍ଧାର କାର୍ଯ୍ୟରେ ନୌସେନାର ୩ଟି ଜାହାଜକୁ ନିୟୋଜିତ କରାଯାଇଛି। ସ୍ଥାନୀୟ ମତ୍ସ୍ୟଜୀବୀମାନେ ମଧ୍ୟ କେତେଜଣ ଯାତ୍ରୀଙ୍କୁ ଉଦ୍ଧାର କରିଛନ୍ତି। ବୋଟ୍‌ରେ ମୋଟ କେତେ ଯାତ୍ରୀ ଓ କର୍ମଚାରୀ ଥିଲେ ତାହା ସ୍ପଷ୍ଟ ହୋଇନାହିଁ।



# ମହାରାଷ୍ଟ୍ର ବିଧାନସଭାରେ ରୁମି ଖେଳୁଥିଲେ ମନ୍ତ୍ରୀ

**ମୁମ୍ବାଇ,୨୦।୭**

ମହାରାଷ୍ଟ୍ର ବିଧାନସଭା ଅଧିବେଶନ ଚାଲିଥିବାବେଳେ କୃଷିମନ୍ତ୍ରୀ ମାନିକରାଓ କୋକଟେ ସେଠାରେ ରୁମି ଖେଳୁଥିବାର ଏଭ ଭିଡିଓରୁ ଦେଖିବାକୁ ମିଳିଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ଶାସକ ନ୍ୟାଶନାଲ କଂଗ୍ରେସ ପାର୍ଟି (ଏନ୍‌ସିପି) ଏବଂ ଭାଜପାକୁ ଟାର୍ଗେଟ କରିଛନ୍ତି। ଭିଡିଓ ଭାଇରାଲ ହେବା ପରେ ଏନ୍‌ସିପସି(ଏସ୍‌ପି) ନେତା ରୋହିତ ପାୱାର କହିଛନ୍ତି, ରାଜ୍ୟରେ ଅନେକ କୃଷି ସମସ୍ୟା ରହିଥିବାବେଳେ ଦୈନିକ ୮ ଚାଷୀ ଆତ୍ମହତ୍ୟା କରୁଛନ୍ତି। ଏଭଳି ସମୟରେ କୃଷିମନ୍ତ୍ରୀ କିଛି ନ କରି ବିଧାନସଭାରେ ରୁମି ଖେଳିବାକୁ ସମୟ ପାଉଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ମାନିକରାଓ ସଫେଇ ଦେବାକୁ ଯାଇ କହିଛନ୍ତି, ବିଧାନସଭାରେ କ୍ୟାମେରା ଲାଗିଥିବାବେଳେ ସେ ସେଠାରେ ବସି ଗେମ୍ ଖେଳିଥାନ୍ତେ କାହିଁକି। ଭୁଲ୍‌ରେ ଗେମ୍ ଡାଉନ୍‌ଲୋଡ ହୋଇଯାଇଥିଲା। ୨ ଥର ଏହାକୁ ବନ୍ଦ କରିବାକୁ ଉଦ୍ୟମ କରିଥିଲି। କିପରି ସ୍କିପ୍ କରିବାକୁ ହୁଏ ଜାଣି ନ ଥିଲି। ପରବର୍ତ୍ତୀ ସେକେଣ୍ଡରେ ସ୍କିପ୍ କରିଥିଲି ବୋଲି ସେ କହିଛନ୍ତି।



ମାନିକରାଓ କୋକଟେ

# ଲୋକ ସଭାକୁ ଏପର୍ଯ୍ୟନ୍ତ ଯାଇଛନ୍ତି ୧୮ ମୁସଲମାନ ମହିଳା

**ନୂଆଦିଲ୍ଲୀ,୨୦।୭(ପି.ଟି.)**

ଲୋକ ସଭାକୁ ମହିଳାଙ୍କ ପ୍ରତିନିଧିତ୍ୱ କମ୍ ରହିଆସିଥିବାବେଳେ ମୁସଲମାନ ମହିଳା ବିରଳ ଦେଖାଯାଇଥାନ୍ତି। ସ୍ୱାଧୀନତାଠାରୁ ଏପର୍ଯ୍ୟନ୍ତ ଲୋକ ସଭାକୁ ମାତ୍ର ୧୮ ଜଣ ମହିଳା ନିର୍ବାଚିତ ହୋଇଥିବା ଏକ ନୂତନ ପୁସ୍ତକରୁ ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ୧୩ ଜଣ ରାଜନୈତିକ ପରିବାରରୁ ଆସିଛନ୍ତି। ରଶିଦ କିଦ୍‌ୱାଇ ଏବଂ ଅମ୍ବର କୁମାର ଘୋଷଙ୍କ ଦ୍ୱାରା ଲିଖିତ 'ମିସିଂ ଫ୍ରମ୍ ଦି ହାଉସ୍: ମୁସ୍‌ଲିମ୍ ୱମେନ୍ ଇନ୍ ଦି ଲୋକ ସଭା' ଖୁବ୍‌ଶୀଘ୍ର ବଜାରକୁ ଆସିବାକୁ ଯାଉଛି, ଯେଉଁଥିରେ ୧୮ ମୁସଲମାନ ମହିଳା ସାଂସଦଙ୍କ ସମ୍ପର୍କରେ ଲେଖାଯାଇଛି। କିଦ୍‌ୱାଇ କହିଛନ୍ତି, ସେ ୨୦ ମୁସଲମାନ ମହିଳା ଏମ୍‌ପିଙ୍କ ପ୍ରୋଫାଇଲ୍ ଦେବାକୁ ଚାହୁଁଥିବାବେଳେ ସେମାନଙ୍କ ମଧ୍ୟରୁ ଶୁଭାଷିନୀ ଅଲି ଏବଂ ଆଫ୍ରିନ୍ ଅଲି ଇସ୍‌ଲାମ ଧର୍ମର ନୁହନ୍ତି ବୋଲି ଖୋଲାଖୋଲି କହିଥିଲେ। ପ୍ରଥମ ଲୋକ ସଭା ୧୯୫୧-୫୨ରୁ ଏପର୍ଯ୍ୟନ୍ତ ମାତ୍ର ୧୮ ଜଣ ମୁସଲମାନ ମହିଳା ନିମ୍ନ ସଦନକୁ ଯାଇପାରିଛନ୍ତି। ଭାରତର ୧୪୬ କୋଟି ଜନସଂଖ୍ୟାର ୭.୧ ପ୍ରତିଶତ ମୁସଲମାନ ମହିଳା ହୋଇଥିବାବେଳେ ଲୋକ ସଭାରେ ସେମାନଙ୍କ ପ୍ରତିନିଧିତ୍ୱ ନଗଣ୍ୟ ବୋଲି ଏଥିରୁ ଜଣାପଡ଼ିଛି। ୫ ଥର ଲୋକ ସଭା ମୁସଲମାନ ମହିଳା ଶୂନ୍ୟ ରହିଥିଲା ବୋଲି ଉକ୍ତ ପୁସ୍ତକରୁ ଜଣାପଡ଼ିଛି।

# 'ଡନ୍' ନିର୍ଦ୍ଦେଶକ ଚନ୍ଦ୍ର ବରୋଟଙ୍କ ପରଲୋକ

**ମୁମ୍ବାଇ, ୨୦।୭**

୧୯୭୮ରେ ରିଲିଜ୍ 'ଡନ୍' ଫିଲ୍ମର ନିର୍ଦ୍ଦେଶକ ଚନ୍ଦ୍ର ବରୋଟଙ୍କର ରବିବାର ୮୬ ବର୍ଷ ବୟସରେ ମୁମ୍ବାଇର ଗୁରୁ ନାନକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କର ହୃଦ୍‌ଘାତ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସେ ଅନେକ ଦିନ ଧରି ଅସୁସ୍ଥ ଥିଲେ। ୧୯୭୦ରେ ମନୋଜ କୁମାରଙ୍କ ନିର୍ଦ୍ଦେଶିତ ଏବଂ ଅଭିନୀତ 'ପୂର୍ବ ଔର୍ ପଶ୍ଚିମ' ଫିଲ୍ମ ସହ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।




ଧ-୧୩୬୭

# ମୁମ୍ବାଇରେ ୨୦, ଭୋପାଳରେ ୮ ବର୍ଷ କିନ୍ନର ବେଶରେ ବାଂଲାଦେଶୀ

**ଭୋପାଳ, ୨୦।୭**

ବାଂଲାଦେଶୀ ନାଗରିକ ଅବ୍‌ଦୁଲ କଲାମ ନିଜକୁ ଜଣେ କିନ୍ନର ଭାବେ ସଜାଇ ନକଲି ଭାରତୀୟ ଦସ୍ତାବିଜ ସହ ୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମଧ୍ୟପ୍ରଦେଶର ଭୋପାଳରେ ରହୁଥିଲେ। ସ୍ଥାନୀୟ ଅଞ୍ଚଳରେ ନେହା ନାମରେ ପରିଚିତ ଉକ୍ତ କିନ୍ନର ଛଦ୍ମନାମରେ ଆଧାର କାର୍ଡ, ରାଶନ କାର୍ଡ ଏବଂ ପାସ୍‌ପୋର୍ଟ କରିଥିଲେ। ଏହି ଘଟଣା ଦେଶର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭୋପାଳର ବୁଧ୍‌ୱାରା ଅଞ୍ଚଳରୁ ଗିରଫ ନେହା ବାଂଲାଦେଶୀ ହୋଇଥିବା ଜାଣିବା ପରେ ପୋଲିସ ଗିରଫ କରିଥିଲା। ଅବ୍‌ଦୁଲ ୧୦ ବର୍ଷ ବୟସରୁ ଭାରତ ଆସି ମହାରାଷ୍ଟ୍ରର ମୁମ୍ବାଇରେ ୨୦ ବର୍ଷ ରହିବା ପରେ ଭୋପାଳ ଆସିଥିବା ତଦନ୍ତରୁ ଜଣାପଡ଼ିଛି। ଭୋପାଳରେ ଥିବା ଅନେକ କିନ୍ନର ଗୋଷ୍ଠୀ ସହ ସେ ଜଡ଼ିତ। ଅବ୍‌ଦୁଲ ସ୍ଥାନୀୟ ଏଜେଣ୍ଟଙ୍କ ସହାୟତାରେ ନକଲି କାଗଜପତ୍ର ବ୍ୟବହାର କରି ନିଜ ପାଇଁ ବିଭିନ୍ନ ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ସେ ଭାରତୀୟ ପାସ୍‌ପୋର୍ଟକୁ ବ୍ୟବହାର କରି ବାଂଲାଦେଶ ସମେତ ଅନେକ ଥର ବିଦେଶ ଯାତ୍ରା ମଧ୍ୟ କରିଥିଲେ। ନକଲି ଦସ୍ତାବିଜ ତିଆରି କରିବା ଅଭିଯୋଗରେ ପୋଲିସ ୨ ଜଣ ସ୍ଥାନୀୟ ଲୋକଙ୍କୁ ଅଟକ ରଖିଛି। ଅବ୍‌ଦୁଲଙ୍କ ଫୋନ୍ କଲ୍ ଏବଂ ଚାଟିଂକୁ ଯାଞ୍ଚ କରାଯାଉଛି। ଭୋପାଳ ଏସିପି ଶାଲିନୀ ଦୀକ୍ଷିତ କହିଛନ୍ତି, ଅବଦୁଲଙ୍କ ବିରୋଧରେ ନିର୍ବାସନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ସେ ବାଲାଂଦେଶୀ ହୋଇଥିବା ନେଇ ଜଣେ ଇନ୍‌ଫର୍ମରଙ୍କଠାରୁ ପୋଲିସକୁ ସୂଚନା ମିଳିଥିଲା। ଅବ୍‌ଦୁଲଙ୍କ ଭଳି ଆଉ କେତେଜଣ ବାଂଲାଦେଶୀ ଭୋପାଳରେ ରହୁଛନ୍ତି, ସେନେଇ ତଦନ୍ତ ଜାରି ରହିଛି। ସେହିପରି ଅବଦୁଲ ଭାରତ ଏବଂ ବିଦେଶରେ କେଉଁ କେଉଁ ସ୍ଥାନ ପରିଦର୍ଶନ କରିଛନ୍ତି ଏବଂ ଏଥିପାଇଁ ସେ କାହା ସହ ଯୋଗାଯୋଗରେ ଥିଲେ ସେ ଦିଗରେ ମଧ୍ୟ ତଦନ୍ତ ଚାଲିଛି। ଅବ୍‌ଦୁଲ ପ୍ରକୃତରେ ଜଣେ କିନ୍ନର କି ନିଜ ବାଂଲାଦେଶୀ ପରିଚୟକୁ ଲୁଚାଇବା ପାଇଁ ସେ କିନ୍ନର ଭାବେ ଅଭିନୟ କରୁଥିଲେ ସେଥିପାଇଁ ଖୁବ୍‌ଶୀଘ୍ର ଡାକ୍ତରଙ୍କ ଦ୍ୱାରା ତାଙ୍କର ପରୀକ୍ଷାନିରୀକ୍ଷା କରାଯିବ ବୋଲି ଏସିପି ଶାଳିନୀ କହିଛନ୍ତି।



ଅବ୍‌ଦୁଲ କଲାମ

# ମନେ ପଡ଼ନ୍ତି

**୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ. କୀର୍ତ୍ତନ ସାହୁ**
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ତିରୋଧାନ: ୦୧।୦୮।୨୦୦୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମ ପାଇଁ ପଥପ୍ରଦର୍ଶକ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ ।
ଧ-୭୬୮୪୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଣ୍ଣଲତା ସାହୁ**
ରସିକନଗର, ଟାଙ୍ଗୀ, କଟକ
ଆବିର୍ଭାବ: ୧୦।୦୫।୧୯୫୦
ତିରୋଧାନ: ୩୧।୦୭।୨୦୨୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ରମାନେ: ଜତିନ୍ଦ୍ର ସାହୁ, ମହେନ୍ଦ୍ର ସାହୁ, ରାଜେନ୍ଦ୍ର ସାହୁ, କବୀନ୍ଦ୍ର ସାହୁ, ଦିଅର: ବୀରବର, ଗଣେଶ୍ୱର, ନାରାୟଣ, ପୁତ୍ରବଧୂ: ନମିତା, ପୁଷ୍ପିତା, କାମିନୀ, ନାତି/ନାତୁଣୀ: ହର୍ଷିତା, ଆଦିତ୍ୟ, ପାୟଲ, ପ୍ରିନ୍ସ, ଅଂଶୁ ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୧୩୬୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଶରତ କୁମାର ମିଶ୍ର**
ଆବିର୍ଭାବ: ୧୯।୦୫।୧୯୩୭
ତିରୋଧାନ: ୨୦।୦୭।୨୦୦୬
ନନା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ,ଆଦର୍ଶ, ସତ୍ୟବାଦିତା ଓ କର୍ତ୍ତବ୍ୟପରାୟଣତା ଆମମାନଙ୍କୁ ଅନୁପ୍ରାଣିତ କରୁଥିବା ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ଝିଅ: ପିଙ୍କି (ସରିତା), ଜ୍ୱାଇଁ: ସିନୁ (ଶ୍ରୀନିବାସ), ନାତି: ବାବୁ (କୁମାର କାର୍ତ୍ତିକ)
ଧ-୧୩୫୮

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଈଂ ଚତୁର୍ଭୁଜ ପଟ୍ଟନାୟକ**
୬୮୯, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୦୧.୦୪.୧୯୪୧
ତିରୋଧାନ : ୧୧.୦୭.୨୦୨୫
ଆପଣଙ୍କର କର୍ମନିଷ୍ଠ, ସଚ୍ଚୋଟ ମଣିଷପଣିଆ ସର୍ବାଦୃତ । ଆର୍ଯ୍ୟସମାଜ ଚେତନାରେ ଆପଣ ସରଳ, ସୁନ୍ଦର, ବ୍ୟାପକ । ଚୀରକାଳ ଆପଣ ଆମର ନମସ୍ୟ।
ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୬୮୪୮

# Classified Everyday

**0674-2580101, 9692975378**



**REAL ESTATE SALE**

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

**Sale of personal plot 60x80= 4800 sft Nearer to Phulanakhara, 11km from BBSR @ 1500 per sft with big compound wall, beautiful road, touching to a building 7809525452** D-1362

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288




5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278

**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Positively health benefits SPA expert female therapist homely atmosphere. 9114559860. D-1310

Newly open health benefits SPA by expert therapist. Contact- 8280961126. D-76928

Newly open SPA positively health benefits (expert therapist). Contact- 7327030529. D-76929

**AFFIDAVIT**

By virtue of an affidavit sworn before Executive Magistrate, Keonjhar, dated- 31.05.2025. I, Padmini Naik, Address: At- Dehuripada, P.O.- Nusuriposi, P.S.- Ghatagaon, Dist.- Keonjhar, declare that I have changed the name of my daughter from Mamini Naik to Mamuni Naik. Henceforth, she shall be known as Mamuni Naik for all purpose.
Padmini Naik
D-1363

By virtue of an affidavit sworn before Executive Magistrate, Keonjhar, dated- 16.06.2025. I, Satyabhama Bewa, Address: At/P.O.- Khantaghar, P.S.- Ghatagaon, Dist.- Keonjhar, declare that I have changed my name from Saita Nayak to Satyabhama Bewa. Henceforth, I shall be Satyabhama Bewa for all purpose.
Satyabhama Bewa
D-1369

By virtue of an affidavit before Executive Magistrate, Bhubaneswar, I, Pradip Kumar Dash, S/o- Late Sadhu Charan Dash, At- Chakeisihani, P.O.- Rasulgarh, Bhubaneswar- 751010. My father name was wrongly recorded as Sudhakar Das instead of Sadhu Charan Dash in my Land ROR Vide Khata No.- 257/1214, Plot No.-18/2250, Area- A0.080 decs., Mouza- Shyamsundarpur, P.S.- Chandaka. Henceforth, he will be known as Sadhu Charan Dash for all purposes. D-1365

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before Executive Magistrate, Keonjhar, dated- 27.03.2025. I, Diptirani Mahanta, Address: At/P.O.- Poipani, P.S.- Ghatagaon, Dist.- Keonjhar, declare that I have changed the name of my daughter from Pragnya Priyadarsini Mahanta to Pratingya Mahanta. Henceforth, she shall be Pratingya Mahanta for all purpose.
Diptirani Mahanta
D-1368

By virtue of an affidavit sworn before Notary Public, Sambalpur, dated- 30.06.2025. I, Sarita Barla, Address: At- Phiringibahal (Bad), P.O.- Gadposh, P.S.- Govindpur, Dist.- Sambalpur (Odisha)- 768224, declare that I have changed my name from Sarita Samad to Sarita Barla. Henceforth, I shall be known as Sarita Barla for all purposes.
Sarita Barla
D- 1356

I, Saroj Kanta Tripathy, S/o. Biranchi Narayan Tripathy, resident of B/152, Nalconagar, P.O.-/P.S.- Nalco, Dist.- Angul, PIN- 759145, Odisha, declare by this affidavit No.- 423 (13.05.2025) that now onwards, I shall be known as Saroja Kanta Tripathy for all future purposes. D-1355

**LEGAL NOTICE**

IN THE COURT OF THE ADDL. COMMISSIONER, CONSOLIDATION AND SETTLEMENT, ODISHA, NAYAGARH
Notice Under Order- 5, Rule- 20 of the Code of Civil Procedure
Notice by Paper Publication
Revision Petition Case No.- 105/2025

In the Matter of:
1. Shantilata Sahoo, W/o- Sarat Chandra Sahoo. 2. Samir Kumar Sahoo, S/o- Sarat Chandra Sahoo, 3. Satish Kumar Sahoo, S/o- Sarat Chandra Sahoo, 4. Salina Mahapatra, D/o- Sarat Chandra Sahoo, 5. Samita Sahu, D/o- Sarat Chandra Sahoo
all are of Village/P.O.- Satapatana, P.S.- Dasapalla, Dist.- Nayagarh ...Petitioners

-Vrs-

1. Bimala Mallik, W/o- Santosh Mallik and D/o- Sudam Mallik, At/P.O./P.S.- Nuagaon, Dist.- Nayagarh. 2. Hari Hara Mallik, S/o- Bhagaban Mallik, At/P.O.- Nij Gambharikhola, P.S.- Dasapalla, Dist.- Nayagarh, 3. Krushna Chandra Mallik, S/o- Bhagaban Mallik, At/P.O.- Nij Gambharikhola, P.S.- Dasapalla, Dist.- Nayagarh ...Opposite Parties.

You are above named Opposite Parties take notice that the petitioners have filed above RP Case against you. Though Notices sent to you in the above given address, but you did not receive the same which returned, therefore you are hereby directed through this general publication to appear before this Hon'ble Court in person or through counsel on Dtd- 23.07.2025, at 10:30 AM. Take notice that in default of your appearance the above RP Case will be heard and decided as per law.

Give under my hand and seal on the Court of 9th day July, 2025.

By order of the Court of Addl. Commissioner, Consolidation and Settlement, Nayagarh.

Sd./- Addl. Commissioner Consolidation & Settlement, Nayagarh
D-1364

# ପୁରୁଣା କାଗଜର ରଙ୍ଗ



ମମତା ମହାନ୍ତି

''କାଗଜ ପାଇଁ ବ୍ୟବହୃତ ବାଉଁଶ ଓ ନରମ କାଠରେ ଦୁଇଟି ମୁଖ୍ୟ ଉପାଦାନ ଥାଏ। ସେଗୁଡ଼ିକ ହେଲା-ସେଲୁଲୋଜ୍ ଓ ଲିଗ୍ନିନ୍। କାଗଜ ପ୍ରସ୍ତୁତି ଓ ଏହାର ସୁନ୍ଦରତାରେ ଉଭୟ ଉପାଦାନର ବିଶେଷ ଭୂମିକା ରହିଛି। ସେଲୁଲୋଜ୍ ପଦାର୍ଥର ରଙ୍ଗ ଧଳା ଓ ଏହା ନରମ। ଏହା କାଠର ମୁଖ୍ୟ ଅଂଶ ଏବଂ କାଗଜର ମଧ ମୂଳ ଉପାଦାନ। ଏହା ତନ୍ତୁ ପରି ଭିତରେ ରହି କାଗଜକୁ ନମନୀୟ କରେ ଏବଂ କାଗଜ ସହଜରେ ଚିରିଯାଏ ନାହିଁ। ସେଲୁଲୋଜ୍ ନ ରହିଲେ କାଗଜକୁ ଧରିଲେ ତାହା ପାମ୍ପଡ଼ ପରି ଚୂନା ହୋଇଯାଆନ୍ତା। ଅପର ପକ୍ଷରେ କାଠ ଭିତରେ ଲିଗ୍ନିନ୍ ଉପାଦାନ ସେଲୁଲୋଜ୍‌କୁ ବାନ୍ଧି ରଖେ।''





ବହିଖାତା ଓ ଖବରକାଗଜର ରଙ୍ଗ ସାଧାରଣତଃ ଧଳା ବୋଲି ଆମେ ସମସ୍ତେ ଜାଣିଛୁ। କିନ୍ତୁ ଦୀର୍ଘ ଦିନ ଧରି ବହିଥାକରେ ଅବା ଷ୍ଟୋର୍ ରୁମ୍‌ରେ ରହିଗଲେ ବହିଖାତାର ରଙ୍ଗ ପୂର୍ବ ଭଳି ଆଉ ଧଳା ହୋଇ ରହି ନଥାଏ। ବହିଖାତାରେ ଥିବା କାଗଜର ଅଧିକାଂଶ ଭାଗ ହଳଦିଆ ବା ଧୂସରରଙ୍ଗରେ ପରିବର୍ତ୍ତିତ ହୋଇଯାଇଥାଏ। କାଗଜରେ ରହିଥିବା ଉପାଦାନ ହିଁ ଏଥିପାଇଁ ଦାୟୀ। ସେହି ଉପାଦାନର ରାସାୟନିକ ପ୍ରକ୍ରିୟା ଫଳରେ ପୁରୁଣା କାଗଜର ରଙ୍ଗ ବଦଳିଯାଏ।

ସାଧାରଣତଃ ବାଉଁଶ, ନରମକାଠ ଓ ସବାଇଘାସରୁ କାଗଜ ତିଆରିହୁଏ। ଗଛରୁ କାଠ କଟାଯାଏ। ତା'ପରେ କାଠକୁ ଛୋଟ ଛୋଟ ଟୁକୁଡ଼ାରେ ପରିଣତ କରାଯାଏ। ଏହି ଟୁକୁଡ଼ା ଖଣ୍ଡକୁ ପାଣିରେ ବହୁତ ସମୟ ଭିଜେଇ ଦିଆଯାଏ। ବିଭିନ୍ନ ପ୍ରକାର ଯନ୍ତ୍ରପାତି ସାହାଯ୍ୟରେ ଏହାକୁ ପେଷି କାଦୁଆ-ମଣ୍ଡରେ ପରିଣତ କରାଯାଏ। ସେହି ମଣ୍ଡକୁ ପଲ୍‌ପ କହନ୍ତି। ସେଇ କାଦୁଆ-ମଣ୍ଡକୁ ସଫା କରି ଛାଞ୍ଚରେ ଢାଳି ତା' ଉପରେ ଚାପ ଦିଆଯାଏ। ତା' ପରେ ଏଥିରୁ ପାଣି ନିଗାଡ଼ି ଏହାକୁ ଭଲ ଭାବରେ ଶୁଖେଇ କାଗଜ ପ୍ରସ୍ତୁତ କରାଯାଏ। ତା'ପରେ ଆମ ଆବଶ୍ୟକତା ଅନୁଯାୟୀ ମାପ କରି କାଗଜକୁ କଟାଯାଏ ଏବଂ ଏହାକୁ ଗଣି ଦିସ୍ତା ଓ ରିମ୍ ହିସାବରେ ରଖାଯାଏ। ଏହିପରି ଭାବରେ ଆମର ଲେଖା ଉପଯୋଗୀ କାଗଜ ପ୍ରସ୍ତୁତ ହୁଏ।

କାଗଜ ପାଇଁ ବ୍ୟବହୃତ ବାଉଁଶ ଓ ନରମ କାଠରେ ଦୁଇଟି ମୁଖ୍ୟ ଉପାଦାନ ଥାଏ। ସେଗୁଡ଼ିକ ହେଲା-ସେଲୁଲୋଜ୍ ଓ ଲିଗ୍ନିନ୍। କାଗଜ ପ୍ରସ୍ତୁତି ଓ ଏହାର ସୁନ୍ଦରତାରେ ଉଭୟ ଉପାଦାନର ବିଶେଷ ଭୂମିକା ରହିଛି। ସେଲୁଲୋଜ୍ ପଦାର୍ଥର ରଙ୍ଗ ଧଳା ଓ ଏହା ନରମ। ଏହା କାଠର ମୁଖ୍ୟ ଅଂଶ ଏବଂ କାଗଜର ମଧ ମୂଳ ଉପାଦାନ। ଏହା ତନ୍ତୁ ପରି ଭିତରେ ରହି କାଗଜକୁ ନମନୀୟ କରେ ଏବଂ କାଗଜ ସହଜରେ ଚିରିଯାଏ ନାହିଁ। ସେଲୁଲୋଜ୍ ନ ରହିଲେ କାଗଜକୁ ଧରିଲେ ତାହା ପାମ୍ପଡ଼ ପରି ଚୂନା ହୋଇଯାଆନ୍ତା। ଅପର ପକ୍ଷରେ କାଠ ଭିତରେ ଲିଗ୍ନିନ୍ ଉପାଦାନ ସେଲୁଲୋଜ୍‌କୁ ବାନ୍ଧି ରଖେ। ସେଲୁଲୋଜ୍‌କୁ ବାନ୍ଧିବାରେ ଏହା ଅଠା ପରି କାମ କରେ। ତେଣୁ ଗଛର ଡାଳ ଶକ୍ତ ରହେ ଓ ଗଛର ଶାଖା-ପ୍ରଶାଖା ସଜେଇ ହୋଇ ରହେ। କିନ୍ତୁ ପୁରୁଣା କାଗଜକୁ ହଳଦିଆ ହେବାରେ ଏହି ଲିଗ୍ନିନ୍ ହିଁ ସହାୟତା କରେ।

କାଗଜ ଯେତେବେଳେ ଆଲୋକ ଓ ବାୟୁ ସଂସ୍ପର୍ଶରେ ଦୀର୍ଘ ଦିନ ଧରି ଆସେ, ସେତେବେଳେ ତା' ଭିତରେ ଥିବା ଲିଗ୍ନିନ୍ ଉପାଦାନ ବାୟୁରେ ଥିବା ଅମ୍ଳଜାନ ସହିତ ମିଶି 'ଜାରଣ' (ଅକ୍ସିଡେସନ୍) ରାସାୟନିକ ପ୍ରକ୍ରିୟା କରିବାରେ ଲାଗିଥାଏ। ଆଲୋକ ଓ ବାୟୁର ଉପସ୍ଥିତିରେ ସେହି ରାସାୟନିକ ପ୍ରକ୍ରିୟା ହେତୁ ଲିଗ୍ନିନ୍ ଉପାଦାନର ରଙ୍ଗ ବଦଳିଯାଏ। ଏହିପରି ରାସାୟନିକ ପ୍ରକ୍ରିୟା କାରଣରୁ କାଗଜ ହଳଦିଆ ଅଥବା ଧୂସର ରଙ୍ଗରେ ପରିବର୍ତ୍ତିତ ହୋଇଥାଏ। କିନ୍ତୁ ସେଲୁଲୋଜ୍ ସହଜରେ ରାସାୟନିକ ପ୍ରକ୍ରିୟା କରେ ନାହିଁ କି ହଳଦିଆ ହୁଏ ନାହିଁ।

କାଗଜର ରଙ୍ଗ ପରିବର୍ତ୍ତନ ପ୍ରକ୍ରିୟାକୁ ଆହୁରି ତୀବ୍ରତର କରେ ବାୟୁମଣ୍ଡଳର ଆର୍ଦ୍ରତା, ଉତ୍ତାପ, ଧୂଳି ଏବଂ ଆମର ବେପରୁଆ ମନୋଭାବ। ଆମେ ବହିପତ୍ର ଓ କାଗଜକୁ ଠିକ୍ ସ୍ଥାନରେ ଯତ୍ନର ସହ ନ ରଖି ଖୋଲା ଜାଗାରେ ଏଣେ ତେଣେ ପକାଇ ଦେଲେ ସେଗୁଡିକ ଖୁବ୍ ଶୀଘ୍ର ହଳଦିଆ ପଡ଼ିଯାଏ। ଆଉ ଏହି ପ୍ରକ୍ରିୟା ନିମ୍ନ ଗୁଣବତ୍ତା (କ୍ୱାଲିଟି) ଥିବା କାଗଜରେ ଅଧିକ ପରିମାଣରେ ଦେଖାଯାଏ। ଏଥିରୁ ଅନୁମେୟ ଯେ ସେହି କାଗଜରେ ଲିଗ୍ନିନ୍ ଉପାଦାନର ପରିମାଣ ବହୁତ ବେଶି।

ଲିଗ୍ନିନ୍ ରହିଲେ କାଗଜର ଗୁଣବତ୍ତାକୁ ଖରାପ କରିବା ସଙ୍ଗେ ସଙ୍ଗେ ହଳଦିଆ ମଧ କରିଦିଏ, ତେଣୁ ଯେତେବେଳେ କାଠରୁ କାଗଜ ତିଆରି କରାଯାଏ, ସେତେବେଳେ କାଠରେ ଥିବା ଲିଗ୍ନିନ୍ ନାମକ ବସ୍ତୁକୁ ବାହାର କରିବାକୁ ପଡ଼େ। କାଦୁଆମଣ୍ଡରୁ ଲିଗ୍ନିନ୍‌କୁ ବାହାର କରିବା ପାଇଁ କେତେକ ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ। ସେହି ରାସାୟନିକ ପଦାର୍ଥ ଭିତରେ ସୋଡିଅମ୍ ହାଇଡ୍ରକ୍ସାଇଡ୍ (ସୋଡ଼ା) ଓ ସୋଡିଅମ୍ ସଲ୍‌ଫାଇଡ୍ ଅନ୍ତର୍ଭୁକ୍ତ। କାଗଜ ତିଆରି ସମୟରେ ପ୍ରଥମେ ଲିଗ୍ନିନ୍‌କୁ ଛାଣିବାରେ ସୋଡିଅମ୍ ହାଇଡ୍ରକ୍ସାଇଡ୍ ସାହାଯ୍ୟ କରେ ଓ ପରେ ଏଥିରେ ଥିବା ଲିଗ୍ନିନ୍ ଓ ଅନ୍ୟାନ୍ୟ ଅପଦ୍ରବ୍ୟକୁ ଅଲଗା କରିଦିଏ। ସେହିପରି ଲିଗ୍ନିନ୍ ସହିତ ସୋଡିଅମ୍ ସଲ୍‌ଫାଇଡ୍ ରାସାୟନିକ ପ୍ରକ୍ରିୟା କରି ତାହାକୁ ସମୂଳେ ନଷ୍ଟ କରେ ଏବଂ ମଣ୍ଡକୁ ଶୁଦ୍ଧ କରେ। ଫଳରେ ସେଥିରୁ ସୁନ୍ଦର କାଗଜ ପ୍ରସ୍ତୁତହୁଏ।

ବିଭିନ୍ନ ଗୁଣବତ୍ତାର କାଗଜ ତିଆରି ହୁଏ। ଅତି ଭଲ କ୍ୱାଲିଟିର କାଗଜରେ ଲିଗ୍ନିନ୍ ନ ଥାଏ। ବିଶେଷକରି ଖବର ଛାପିବା ପାଇଁ ବ୍ୟବହୃତ କାଗଜରେ ଅଧିକ ଲିଗ୍ନିନ୍ ଥାଏ। କାଗଜ ପଟା ଓ ମଲାଟ ଇତ୍ୟାଦି ପାଇଁ ବ୍ୟବହୃତ କାଗଜରେ ମଧ ଅଧିକ ଲିଗ୍ନିନ୍ ଥାଏ। ସତ କଥା ହେଉଛି, ଏସବୁ କାଗଜ ତିଆରି କରିବା ସମୟରେ କାଦୁଆ-ମଣ୍ଡରେ ଥିବା ଲିଗ୍ନିନ୍ ଉପାଦାନକୁ ବାହାର କରାଯାଇ ନଥାଏ। କାରଣ ଲିଗ୍ନିନ୍ ଉପାଦାନକୁ ବାହାର କରିବା ପାଇଁ ଅଧିକ ପରିଶ୍ରମ ଓ ଅଧିକ ଖର୍ଚ୍ଚ ଦରକାର। ଫଳରେ କାଗଜର ଦାମ୍ ବି ବଢ଼ିଯିବ। ତେଣୁ ଭଲ କ୍ୱାଲିଟିର କାଗଜ ତିଆରି କରିବାର ନ ଥିଲେ ଲିଗ୍ନିନ୍ ଉପାଦାନକୁ ବାହାର କରାଯାଏ ନାହିଁ। ସେହି କାଗଜର ଦାମ୍ କମ୍ ରହେ, କିନ୍ତୁ ତାହା ଶୀଘ୍ର ହଳଦିଆ ପଡ଼େ।

କାଗଜରେ ସେଲୁଲୋଜ୍ ସହିତ ଲିଗ୍ନିନ୍ ନ ଥିଲେ ଜାରଣ ପ୍ରକ୍ରିୟା ଦ୍ୱାରା କାଗଜର ଧଳାରଙ୍ଗ ବିଗିଡ଼ି ନଥାନ୍ତା। ଜାରଣ ପ୍ରକ୍ରିୟାରେ ଲିଗ୍ନିନ୍ ପଦାର୍ଥର ଅଣୁଗଠନ ପରିବର୍ତ୍ତିତ ହୋଇ କ୍ରୋମୋଫୋର୍ ତିଆରି ହୁଏ, ଯାହା ହଳଦିଆ ରଙ୍ଗରେ ରୂପାନ୍ତରିତ ହୋଇଯାଏ। ସୂର୍ଯ୍ୟାଲୋକରେ ଅତି-ବାଇଗଣି (ୟୁଭି, ଅଲଟ୍ରାଭାଓଲେଟ୍) ରଶ୍ମି ଥାଏ। ଏହି ରଶ୍ମି ସୂର୍ଯ୍ୟଠାରୁ ଆମ ପୃଥିବୀକୁ ଆସେ। ଏହା ମାନବ ଶରୀର ପାଇଁ କ୍ଷତିକାରକ। ଏହା ଚର୍ମକର୍କଟ, ଚକ୍ଷୁରୋଗ (ମୋତିଆବିନ୍ଦୁ) ଏବଂ ଚର୍ମଜଳିବା ଆଦି ରୋଗ ସୃଷ୍ଟି କରେ। ଅତି-ବାଇଗଣି ରଶ୍ମି ଜାରଣ (ଅକ୍ସିକରଣ) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଏ। କେତେକ କାଗଜରେ ବ୍ରାଇଟ୍‌ନର ବ୍ୟବହୃତ ହୁଏ, ଯାହା କି ଏହି ରଶ୍ମି ଦ୍ୱାରା ଖରାପ ହୁଏ। ଅମ୍ଳୀୟ ଓ ଆର୍ଦ୍ର ପରିବେଶରେ ମଧ କାଗଜରେ ଥିବା ସେଲୁଲୋଜ୍ ଜାରଣ ପ୍ରକ୍ରିୟା ଦ୍ୱାରା ହଳଦିଆ ପଡ଼ିଯାଏ। କିନ୍ତୁ ଲିଗ୍ନିନ୍ ଭଳି ସେତେ ମାତ୍ରାରେ ନୁହେଁ। ସୂର୍ଯ୍ୟାଲୋକରୁ ଆସୁଥିବା ଅତିବାଇଗଣି ବିକିରଣ କାଗଜ ଉପରେ ଦୀର୍ଘ ସମୟ ପଡ଼ିଲେ ତାହା ଧୀରେ ଧୀରେ କାଗଜର ତନ୍ତୁକୁ ନଷ୍ଟ କରି ଦୁର୍ବଳ କରିଦିଏ। ବାୟୁମଣ୍ଡଳରେ ଥିବା ଆର୍ଦ୍ରତା କାଗଜରେ ଫିମ୍ପି (ଫଙ୍ଗସ୍) ସୃଷ୍ଟିକରେ। ପୁରୁଣା କାଗଜକୁ ବେଶି ଧରିଲେ କି ମୋଡ଼ାମୋଡ଼ି କଲେ ତାହା ଜଲ୍‌ଦି ଚିରିଯିବାର ଓ ଫାଟିଯିବାର ଅଧିକ ସମ୍ଭାବନା ଥାଏ। ତେଣୁ ପୁରୁଣା ବହିପତ୍ର ଓ ନଥିପୋଥିକୁ ସାବଧାନତାର ସହିତ ବ୍ୟବହାର କରିବା ଉଚିତ।

-ଶିକ୍ଷୟିତ୍ରୀ, ଝାଡ଼େଶ୍ୱର ଇଣ୍ଟରନ୍ୟାଶନାଲ ସ୍କୁଲ, ବାଲେଶ୍ୱର
ମୋ: ୮୬୩୭୨୭୨୭୩୯

## ଉପକାରୀ ଭିଟାମିନ୍ 'ଇ'



ଭିଟାମିନ୍-ଇ'ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଥିରେ ଏଭଳି ତତ୍ତ୍ୱ ଅଛି, ଯାହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏହି ତାଲିକାରେ ଆଉ ଏକ ବିଷୟକୁ ସାମିଲ କରାଯାଇଛି। ଏଭଳି ଖାଦ୍ୟ ଖାଉଥିଲେ ତାହା ଆଲର୍ଜି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟି ଅକ୍ସିଡାଣ୍ଟ ପରି କାମ କରେ। ଆପଣ କୋଲେଷ୍ଟରଲ ସମସ୍ୟା ସହ ଜଡ଼ିତ କି? ଯଦି ହଁ, ତେବେ ଏଭଳି ଖାଦ୍ୟ ଖାଇଲେ ତାହା ଏହି ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। ଭିଟାମିନ୍-ଇ ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତ କୋଷିକା ଗଠନରେ ମଧ୍ୟ ସାହାଯ୍ୟ କରେ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍-ଇ ପ୍ରଚୁର ମାତ୍ରାରେ ଭରି ରହିଛି।

## ସ୍ପାଇଡର ରୋବୋ



ରୋବୋର ବ୍ୟବହାର ଆଜିକାଲି ବିଭିନ୍ନ କ୍ଷେତ୍ରରେ କରାଯାଉଛି। ଏପରିକି ଚିକିତ୍ସା ବିଜ୍ଞାନରେ ଏହାକୁ ଉପଯୋଗ କରାଯାଇ ଅପରେଶନ ଭଳି ଗୁରୁତ୍ୱପୂର୍ଣ୍ଣ କାମ କରାଯାଇପାରୁଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏକ ନୂଆ ରୋବୋ ପ୍ରସ୍ତୁତ କରିଛନ୍ତି। ତେବେ ଏହି ରୋବୋର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି। ତାହା କ'ଣ ଜାଣନ୍ତି? ଉକ୍ତ ରୋବୋ ଡେଇଁ ଡେଇଁ ଯାଇପାରିବ। ତେବେ ଏହାକୁ ପ୍ରସ୍ତୁତ କରିବା ପୂର୍ବରୁ ଟୋକିଓ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ବେଶ୍ ଚିନ୍ତା କରିଥିଲେ। ଏହି ସମୟରେ ସେମାନଙ୍କ ମନକୁ ବୁଢ଼ିଆଣୀ ବା ସ୍ପାଇଡର ଆସିଥିଲା। ଏହା ଯେପରି ଡେଇଁ ଡେଇଁ ଯାଏ ଠିକ୍ ସେହିଭଳି ଏକ ରୋବୋ ପ୍ରସ୍ତୁତ କରିବାକୁ ସେମାନେ ଲାଗିପଡ଼ିଲେ। ଶେଷରେ ଦୀର୍ଘ ଚାରି ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ଉକ୍ତ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏଥିରେ ସଫଳ ହୋଇଥିଲେ। ଯେହେତୁ ବୁଢ଼ିଆଣୀକୁ ଆଧାର କରି ଏହାକୁ ନିର୍ମାଣ କରାଯାଇଛି ତେଣୁ ତାହାକୁ 'ସ୍ପାଇଡର ରୋବୋ' ନାମରେ ନାମିତ କରିଛନ୍ତି। କେବଳ ସେତିକି ନୁହେଁ, ଏକୁଟିଆ ବସିଥିବା ସମୟରେ ଉକ୍ତ ରୋବୋ ସଂପୃକ୍ତ ବ୍ୟକ୍ତିଙ୍କ ଏକୁଟିଆପଣ ଦୂର କରିବାରେ ସହାୟତା କରିପାରିବ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଅତ୍ୟଧିକ ମୃଦୁ ପାନୀୟ ପିଉଥିଲେ...



ମୃଦୁ ପାନୀୟ ବା କୋଲ୍ଡ ଡ୍ରିଙ୍କ୍‌ସ ପିଇବା ଆଜିକାଲି କେତେ ଜନାଦୃତ ହୋଇଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତେବେ ବିଶେଷଭାବରେ ଯୁବପିଢ଼ି ଅଧିକ ପରିମାଣରେ ଏହାର କବଳିତ ହେଉଛନ୍ତି। ଏହାର ସ୍ୱାଦ ମନକୁ ସାମୟିକ ଆନନ୍ଦ ଦେଇପାରେ, ହେଲେ ଏହାର ଖରାପ ପ୍ରଭାବ ଅସ୍ଥି ଉପରେ ପଡ଼ିବାର ଆଶଙ୍କା ରହିଛି। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏ ନେଇ ନିକଟରେ ସୂଚନା ଦେଇଛନ୍ତି। 'ଅତ୍ୟଧିକ ମୃଦୁ ପାନୀୟ ପିଇବା ଏବଂ ଅସ୍ଥି ସମସ୍ୟା' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ (ଯେଉଁମାନଙ୍କର ମୃଦୁ ପାନୀୟ ପିଇବା ଏକ ଅଭ୍ୟାସରେ ପରିଣତ ହୋଇଥିଲା) ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ଅସ୍ଥିଜନିତ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ମୃଦୁ ପାନୀୟରେ ଏଭଳି ତତ୍ତ୍ୱ ରହିଛି ତାହାର ଖରାପ ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ତେଣୁ ଏହାର ପିଇବା ପରିମାଣକୁ ସୀମିତ ରଖିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଅସ୍ଥିକୁ ମଜଭୁତ ରଖିବା ପାଇଁ ଲୁଣଜାତୀୟ ଖାଦ୍ୟ କମ୍ ଖାଆନ୍ତୁ।

## ଔଷଧ ଖାଇବା ସମୟରେ...



ସାଧାରଣତଃ ଆମେ କୌଣସି ରୋଗରେ ପୀଡ଼ିତ ହେଲେ ଔଷଧ ଖାଇଥାଉ। ବେଳେବେଳେ ମେଡିସିନ୍ ଷ୍ଟୋର୍‌ରୁ ରୋଗର କାରଣ ସମ୍ପର୍କରେ ସୂଚନା ଦେଇ ଔଷଧ ଆଣିବାକୁ କେତେକେ ପସନ୍ଦ କରିଥାଆନ୍ତି। ହେଲେ କୌଣସି ଔଷଧ କିଣିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। ଔଷଧ କିଣିବା ହେଉ ଅବା ଖାଇବା-ଏନେଇ ଆମେ କେତୋଟି ପ୍ରମୁଖ ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ପ୍ରଥମ କଥା ହେଲା, ଯଦି ଆପଣ ଅସୁସ୍ଥ ଅନୁଭବ କରୁଛନ୍ତି, ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। କାରଣ ସେ ରୋଗର କାରଣ ଅନୁସାରେ ହିଁ ଔଷଧ ଖାଇବାକୁ ପରାମର୍ଶ ଦିଅନ୍ତି। ମନକୁ ମନ କୌଣସି ରୋଗ ପାଇଁ ମେଡିସିନ୍ ଆଣି ଖାଇବା ପୂର୍ବରୁ ସେ ବିଷୟରେ ଚିନ୍ତା କରନ୍ତୁ। ଯଦି ମେଡିସିନ୍ କିଣିବା ସମୟରେ ମନରେ କୌଣସି ଭ୍ରମ ଉପୁଜୁଛି ତେବେ ମେଡିସିନ୍ ଏକ୍ସପର୍ଟ ନ ହେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣ ବିଳମ୍ବିତ ରାତିରେ ଶୋଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଛି, ତେବେ ଏହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ସ୍ୱାସ୍ଥ୍ୟ ପାଇଁ ହିତକର।



➤ଯଦି ଆପଣ ଜିମ୍ ଯାଉଛନ୍ତି ଏବଂ ତଥାପି ଏହାକୁ ନେଇ ମନରେ କିଛି ପ୍ରଶ୍ନ ଉଙ୍କି ମାରୁଛି, ତେବେ ଏ ବିଷୟରେ ଜିମ୍ ଏକ୍ସପର୍ଟଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।

➤ସକାଳୁ ଉଠିବା ପରେ ଦାନ୍ତ ନ ଘଷି ଗ୍ଲାସେ ପାଣି ପିଅନ୍ତୁ। ଏହାଦ୍ୱାରା ଶରୀର ଭିତରେ ଥିବା ଟକ୍ସିନ ନାମକ ବିଷାକ୍ତ ତତ୍ତ୍ୱ ଅନେକାଂଶରେ ଦୂର ହୋଇଥାଏ।

➤ତଟକା ଫଳମୂଳରୁ ପ୍ରସ୍ତୁତ ସାଲାଡ ସବୁଦିନ ଖାଇବାକୁ ଚେଷ୍ଟା କରନ୍ତୁ। କାରଣ ଏଗୁଡ଼ିକରେ ଭିଟାମିନ୍ ଭରି ରହିଛି।

➤ବୟସ ବଢ଼ିଲେ ବିଶେଷଭାବରେ ଖାଦ୍ୟପେୟ ଏବଂ ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ନିଜକୁ ଟେନ୍‌ସନଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଯଦି ଆପଣଙ୍କର ଡାଇବେଟିସ୍ କିମ୍ବା ରକ୍ତଚାପ ସମସ୍ୟା ରହିଛି ତେବେ ଏ ନେଇ ଅଧିକ ସତର୍କ ହେବା ବିଧେୟ। କାରଣ ଏହାଦ୍ୱାରା ସୁଗାର ପରିମାଣ ଏବଂ ରକ୍ତଚାପ ବୃଦ୍ଧି ପାଇବାର ଆଶଙ୍କା ରହିଛି।

## କ୍ଷତିକାରକ ନିଶା ଔଷଧ

(ଶେଷ ଭାଗ)

**କୃତ୍ରିମ ଔଷଧ:** କୃତ୍ରିମ ଔଷଧ ସମ୍ପୂର୍ଣ୍ଣ ଭାବରେ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ଉତ୍ପାଦିତ ହୁଏ। ଆମ୍ଫେଟାମାଇନ, ଏକ୍ସଟାସି, ଡାଏଜେପାମ, ମେଥାକ୍ୱାଲୋନ (ସାଧାରଣତଃ ମାଣ୍ଡ୍ରାକ୍ସ କୁହାଯାଏ) ହେଉଛି କୃତ୍ରିମ ଔଷଧର କିଛି ଉଦାହରଣ। ମର୍ଫିନ, କୋଡିନ, ହେରୋଇନ ଓ କୋକେନ ଅଲ୍କଲୋଇଡ ପରିବାରର ରସାୟନ ହୋଇଥିବା ବେଳେ ଗଞ୍ଜେଇ କାନବଏଡ ପରିବାରର ସଦସ୍ୟ। ଏହି ଔଷଧଗୁଡ଼ିକ ସାଧାରଣତଃ ପାଟିବାଟେ ଚାଟିକି, ଇଞ୍ଜେକ୍ସନ ଦ୍ୱାରା, ନାକ ବାଟେ ଶୁଙ୍ଘିକି କିମ୍ବା ଧୂମପାନ କରିବା ଦ୍ୱାରା ନିଆଯାଏ। ଏହି ମାନସିକ ପ୍ରଭାବୀ ଔଷଧରେ ଏପରି ଯୌଗିକ ଥାଏ ଯାହା ମସ୍ତିଷ୍କର ସ୍ନାୟୁ ସଞ୍ଚାରକ ବା ନ୍ୟୁରୋଟ୍ରାନ୍ସମିଟରଗୁଡ଼ିକୁ ପ୍ରଭାବିତ କରେ। ବିଶେଷଭାବରେ ଆନନ୍ଦ ଅନୁଭବ କରୁଥିବା ଖୁସି ରସାୟନ, ଡୋପାମିନକୁ ପ୍ରଚୁର ଭାବରେ ନିର୍ଗତ କରିବାରେ ସାହାଯ୍ୟ କରେ। ସେମାନେ ମସ୍ତିଷ୍କ ଏବଂ ମେରୁଦଣ୍ଡରେ ଥିବା ନିର୍ଦ୍ଦିଷ୍ଟ ରିସେପ୍ଟର ସହିତ ବାନ୍ଧି ହୁଅନ୍ତି, ଯାହାକୁ ଓପିଓଏଡ ରିସେପ୍ଟର କୁହାଯାଏ। ଯେତେବେଳେ କେହି ନାର୍କୋଟିକ ଔଷଧ ନିଅନ୍ତି, ଏହା ଯନ୍ତ୍ରଣା ସଙ୍କେତଗୁଡ଼ିକୁ ଅବରୋଧ କରେ। ଏଥିପାଇଁ କ୍ୟାନ୍‌ସର ଭଳି ମାରାତ୍ମକ ରୋଗରେ ରୋଗୀମାନଙ୍କ ଯନ୍ତ୍ରଣା ଉପଶମ ପାଇଁ ଅଳ୍ପ ପରିମାଣରେ ଔଷଧ ରୂପରେ ବ୍ୟବହାର କରାଯାଏ। ଏହି ନାର୍କୋଟିକ୍ସ ଔଷଧ ଆନନ୍ଦ କିମ୍ବା ଅତ୍ୟନ୍ତ ଖୁସିର ଅନୁଭବ ଦିଏ। ଏହା ଶ୍ୱାସକ୍ରିୟା ଏବଂ ହୃଦ୍‌ସ୍ପନ୍ଦନକୁ ଧୀର କରିଦିଏ। ପ୍ରଥମେ ପ୍ରଥମେ ସାମୟିକ ଭାବରେ ମାନସିକ ଅବସାଦ ଦୂରକରି ଆନନ୍ଦ ଅନୁଭବ କରାଏ। କିନ୍ତୁ ଶୀଘ୍ର ଶରୀର ଏଥିରେ ଅଭ୍ୟସ୍ତ ହୋଇଯାଏ ଏବଂ ସମାନ ପ୍ରଭାବ ପାଇଁ ଅଧିକ ମାତ୍ରା ଆବଶ୍ୟକ ହୁଏ। ଏହା ନିଶା ଆଡ଼କୁ ନେଇଯାଏ। ଏହି ଔଷଧ ମସ୍ତିଷ୍କକୁ ନିଜ ଅଧୀନ କରିଦିଏ ଓ ପ୍ରତିଦିନ ଏହି ନିଶା ସେବନ କରିବାକୁ ବାଧ କରେ। ଏହି ଔଷଧ ସେହି ଜୁଆ ସଂସ୍ଥା ପରି ଯେ ପ୍ରଥମେ ଲୋକଙ୍କୁ ବିଜୟୀ କରାଇ ଜୁଆଖେଳ ଆଡ଼କୁ ଆକର୍ଷିତ କରାନ୍ତି ଓ ଧୀରେ ଧୀରେ ଜୁଆଖେଳ ପ୍ରତି ଆସକ୍ତ କରାଇ ସେ ଲୋକକୁ ସର୍ବସ୍ୱାନ୍ତ କରିଦିଅନ୍ତି। ଯଦିଓ ନିଶାଦ୍ରବ୍ୟ ସ୍ୱଳ୍ପ ସମୟ ପାଇଁ ଆନନ୍ଦ ପ୍ରଦାନ କରି ମସ୍ତିଷ୍କକୁ ବିପଦମୁକ୍ତ କରେ, ଏହା ଶରୀରର ପ୍ରାୟ ପ୍ରତ୍ୟେକ ଅଂଶକୁ କ୍ଷତି ପହଞ୍ଚାଏ।



ଏହାର ସବୁଠାରୁ ବେଶି କୁପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ। ଏହା ସ୍ମୃତି ହ୍ରାସ କରେ, ବିଚାର ଶକ୍ତିକୁ ଦୁର୍ବଳ କରିଦିଏ ଏବଂ ଭ୍ରମ ଓ ଦ୍ୱନ୍ଦ୍ୱ ସୃଷ୍ଟି କରେ। ହାର୍ଟ ଉପରେ ଏହାର ପ୍ରଭାବ ମଧ କିଛି କମ୍ ନୁହେଁ। ଏହା ଅନିୟମିତ ହୃଦ୍‌ସ୍ପନ୍ଦନ କରେ ଓ ହୃଦ୍‌ଘାତର ବିପଦ ସୃଷ୍ଟି କରେ। ବିଷାକ୍ତ ରାସାୟନିକ ପଦାର୍ଥ ଯୋଗୁ ଫୁସ୍‌ଫୁସ୍, ଯକୃତ୍ ଏବଂ ବୃକ୍କ ପରି ଅଙ୍ଗର ଅଭୂତ କ୍ଷତି ହୁଏ। ସମାନ ସିରିଞ୍ଜରେ ବହୁତ ଲୋକ ଔଷଧ ଗ୍ରହଣ କରିବାରୁ ଏଡ୍‌ସ ପରି ରୋଗ ସଂକ୍ରମଣର ଆଶଙ୍କା ମଧ ଅଧିକ ଥାଏ। ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ମଧ ବହୁ ପ୍ରଭାବ ପକାଏ। ଏହା ବିଷାଦଗ୍ରସ୍ତ କରାଏ, ମନରେ ଉତ୍କଣ୍ଠା ଜାତ କରେ, ଆତ୍ମହତ୍ୟା ଓ ଆତ୍ମଘାତ ଚିନ୍ତାଧାରା ପରି ଭାବନା ସୃଷ୍ଟି ହୁଏ। ନିଶା ଜଣେ ବ୍ୟକ୍ତିଙ୍କୁ ଜୀବନ, ପରିବାର, ପାଠପଢ଼ା ଏବଂ ନିଜର ସ୍ୱପ୍ନଠାରୁ ଦୂରକୁ ନେଇଯାଏ। ଏହା ଆଲୋକ ସନ୍ଧାନରେ ଅନ୍ଧକାର ଗୁମ୍ଫା ଭିତରେ ବାଟବଣା ହୋଇଯିବା ପରି। ଯଦିଓ ନିଶା ଏକ ଅନ୍ଧାର ରାସ୍ତା, ତଥାପି ସୁସ୍ଥତା ସର୍ବଦା ସମ୍ଭବ। ଏହି ଅନ୍ଧକାରମୟ ଦୁନିଆରୁ ବାହାରକୁ ଆସିବାର କିଛି ଉପାୟ ନିମ୍ନରେ ପ୍ରଦତ୍ତ କରାଗଲା।

ପ୍ରଥମ ପଦକ୍ଷେପ ହେଉଛି ନିଜକୁ ଏହି ଅନ୍ଧକାରମୟ ନିଶା କବଳରୁ ମୁକ୍ତି କରିବା ପାଇଁ ନିଶ୍ଚୟ କରିବା ଓ ସାହାଯ୍ୟ ଆବଶ୍ୟକ ବୋଲି ସ୍ୱୀକାର କରିବା। ଅନେକେ ଲଜ୍ଜାରେ ଏହାକୁ ଲୁଚାଇ ରଖନ୍ତି, କିନ୍ତୁ ଏପରି କରିବା ଠିକ୍ ନୁହେଁ। ମନୋବିଜ୍ଞାନୀମାନଙ୍କ ସହିତ କଥାବାର୍ତ୍ତା କରିବା ଟ୍ରିଗରଗୁଡ଼ିକୁ ଚିହ୍ନଟ କରିବାରେ ଏବଂ ମାନସିକ ଶକ୍ତି ନିର୍ମାଣ କରିବାରେ ସାହାଯ୍ୟ କରେ। ଡାକ୍ତରମାନେ ନିରାପଦରେ ପ୍ରତ୍ୟାହାର ଲକ୍ଷଣଗୁଡ଼ିକୁ ହ୍ରାସ କରିବା ପାଇଁ ମେଥାଡୋନ କିମ୍ବା ବୁପ୍ରେନର୍ଫାଇନ ଭଳି ଔଷଧ ଦେଇପାରନ୍ତି। ଏହି କେନ୍ଦ୍ରଗୁଡ଼ିକ ଏକ ନିଶାମୁକ୍ତ ପରିବେଶ, ନିୟମିତ ଯାଞ୍ଚ ଏବଂ ଗୋଷ୍ଠୀ ସହାୟତା ପ୍ରଦାନ କରନ୍ତି। ପରିବାର ଏବଂ ଶିକ୍ଷକମାନଙ୍କଠାରୁ ପ୍ରେମ, ଧୈର୍ଯ୍ୟ ଏବଂ ଉତ୍ସାହ ଆରୋଗ୍ୟରେ ଏକ ବଡ଼ ଭୂମିକା ଗ୍ରହଣ କରେ। ପିଲା ଏବଂ ଯୁବକମାନଙ୍କୁ ନିଶାର ବିପଦ ବିଷୟରେ ଶିକ୍ଷା ଦେବା ହେଉଛି ନିଶାକୁ ରୋକିବାର ସର୍ବୋତ୍ତମ ଉପାୟ। ଏହି ପ୍ରବନ୍ଧର ଉଦ୍ଦେଶ୍ୟ ମଧ ଯୁବପିଢ଼ିକୁ ସଚେତନ କରିବା। ଆମେ ମନେରଖିବା ନିଶା ସେବନ ଏକ ଅପରାଧ ନୁହେଁ, ଏହା ଏକ ରୋଗ ଏବଂ ଯେକୌଣସି ରୋଗ ପରି, ଏହାର ଚିକିତ୍ସା କରାଯାଇପାରିବ। ଯଦି ଆପଣ କିମ୍ବା ଆପଣଙ୍କ ଜଣାଶୁଣା କେହି ନିଶାଦ୍ରବ୍ୟର ଦୁନିଆରେ ଫସିଯାଇଛନ୍ତି, ତେବେ ତାଙ୍କୁ ଘୃଣା ନ କରି ସହାୟତା କରନ୍ତୁ। ସେମାନଙ୍କ ପାଖକୁ ଯାଆନ୍ତୁ, ଶୁଣନ୍ତୁ ଏବଂ ସେମାନଙ୍କୁ ନିରାପତ୍ତା ପାଇଁ ମାର୍ଗଦର୍ଶନ କରନ୍ତୁ। ଆସନ୍ତୁ ଏପରି ଏକ ବିଶ୍ୱ ନିର୍ମାଣ କରିବା ଯେଉଁଠାରେ କୌଣସି କୋମଳମତି ଶିଶୁ କିମ୍ବା ଉଦୀୟମାନ ଯୁବକ ନିଶାଦ୍ରବ୍ୟର କୁହୁଡ଼ିରେ ହଜି ନ ଯାଏ। ଆସନ୍ତୁ କଥା ହେବା, ଶିକ୍ଷା ଦେବା ଏବଂ ଆମର ଭବିଷ୍ୟତକୁ ସୁରକ୍ଷା ଦେବା। କାରଣ ପ୍ରତ୍ୟେକ ପିଲା ଛାଇ ନୁହେଁ ବରଂ ଆଲୋକରେ ପରିପୂର୍ଣ୍ଣ ଜୀବନ ପାଇବାର ଯୋଗ୍ୟ। ନିଶା ସେବନକୁ ନା କୁହନ୍ତୁ ଓ ଜୀବନକୁ ହଁ କୁହନ୍ତୁ - ଏହାହିଁ ଏହି ପ୍ରବନ୍ଧର ବାର୍ତ୍ତା।

**-ଦେବାଶିଷ ମହାନ୍ତି,** ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ, ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ
ମୋ: ୯୮୬୧୩୯୧୧୯୦

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁଲାଇ ୨୧/୨୦୨୫ Bhubaneswar, Monday, July 21/ 2025

## ଉସିକ ୱାର୍ଲ୍ଡ ହେଭିୱେଟ ଚାମ୍ପିୟନ

ଲଣ୍ଡନ,୨୦।୭(ଏପି)

ଓଲେକ୍‌ଜାଣ୍ଡର ଉସିକ ଦ୍ୱିତୀୟ ଥର ପାଇଁ ଅନ୍‌ଡିସ୍‌ପୁଟେଡ୍ ୱାର୍ଲ୍ଡ ହେଭିୱେଟ୍ ଚାମ୍ପିୟନ ହୋଇଛନ୍ତି। ଶନିବାର ୱେମ୍ବଲେ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ସେ ଡାନିଏଲ ଡୁବୋଇସଙ୍କୁ ପଞ୍ଚମ ରାଉଣ୍ଡରେ ନକ୍‌ଆଉଟ୍ କରି ଏହି ସଫଳତା ପାଇଛନ୍ତି। ୯୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ଉସିକଙ୍କ ଏକ ବାମହାତୀ ପଞ୍ଚ ଥୋଡ଼ିରେ ବାଜିବାରୁ ଡୁବୋଇସ ନକ୍‌ଆଉଟ୍ ହୋଇଥିଲେ। ଅପରାଜିତ ଉସିକ ତାଙ୍କର ଡବ୍ଲୁବିଏ, ଡବ୍ଲୁବିସି ଓ ଡବ୍ଲୁବିଓ ବେଲ୍ଟ ବଜାୟ ରଖିଛନ୍ତି। ଏଥିସହିତ ସେ ଏକ ବର୍ଷର ବ୍ୟବଧାନ ପରେ ଆଇବିଏଫ୍ ବେଲ୍ଟ ପୁନଃ ହାସଲ କରିଥିଲେ। ୩୮ ବର୍ଷୀୟ ୟୁକ୍ରେନ ବକ୍ସର ଉସିକ ପରବର୍ତ୍ତୀ ସମୟରେ ଟାଇସନ ଫ୍ୟୁରି, ଡେରେକ ଚିସୋରା, ଆନ୍‌ଥୋନୀ ଜୋଶୁଆ ଓ ଯୋଶେଫ ପାର୍କରଙ୍କୁ ରିଙ୍ଗ୍‌ରେ ଭେଟିବାକୁ ଆଶା ପ୍ରକଟ କରିଛନ୍ତି।

"ମୁଁ ବକ୍ସିଂ ଓ ଟ୍ରେନିଂ ଜାରି ରଖିବି। କିନ୍ତୁ ବର୍ତ୍ତମାନ ମୋର ପରବର୍ତ୍ତୀ ପ୍ରତିଦ୍ୱନ୍ଦ୍ୱୀ କିଏ ମୁଁ କହିପାରିବି ନାହିଁ। ମୁଁ ଗତ ସାଢ଼େ ୩ ମାସ ହେଲା ପ୍ରସ୍ତୁତି କରୁଛି। ମୋ ସ୍ତ୍ରୀ ଓ ପରିବାରକୁ ଦେଖିନି। ପ୍ରତ୍ୟେକ ଦିନ ମୁଁ ମୋ ଦଳ ସହ ରୁହେ। ଏବେ ମୁଁ ଘରକୁ ଯିବାକୁ ଚାହେଁ" ବୋଲି ଉସିକ କହିଛନ୍ତି। କ୍ୟାରିୟରରେ ମୋଟ ୨୪ ମ୍ୟାଚ୍ ଖେଳିଥିବା ଉସିକ ଏପର୍ଯ୍ୟନ୍ତ ଅପରାଜେୟ ରହିଛନ୍ତି। ଏଥିରୁ ୧୫ ବିଜୟ ସେ ନକ୍‌ଆଉଟ୍ ଜରିଆରରେ ହାସଲ କରିଛନ୍ତି। ଗତ ଦେଢ଼ରୁ ଦୁଇ ବର୍ଷ ମଧ୍ୟରେ ସେ ଦ୍ୱିତୀୟ ଥର ପାଇଁ ଡୁବୋଇସଙ୍କୁ ପରାସ୍ତ କରିଛନ୍ତି। ଗତ ଥର ଦୁଇ ବକ୍ସରଙ୍କ ମଧ୍ୟରେ ଲୋ-ବ୍ଲୋ ଡ୍ରାମା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ୨୭ ବର୍ଷୀୟ ଡୁବୋଇସଙ୍କ ଲାଗି ଏହା ତୃତୀୟ ପରାଜୟ। ତାଙ୍କ କ୍ୟାରିୟରରେ ବିଜୟ-ପରାଜୟ ରେକର୍ଡ ୨୨-୩ ରହିଛି। ଫ୍ୟୁରି ଓ ଯୋଶୁଆଙ୍କ ପରେ ସେ ତୃତୀୟ ବ୍ରିଟିଶ ବକ୍ସର ଭାବେ ଉସିକଙ୍କଠାରୁ ପରାସ୍ତ ହୋଇଛନ୍ତି।



ଅନ୍‌ଡିସ୍‌ପୁଟେଡ୍ ୱାର୍ଲ୍ଡ ହେଭିୱେଟ୍ ଚାମ୍ପିୟନ ଓଲେକ୍‌ଜାଣ୍ଡର ଉସିକ।

## ଭାରତ-ପାକିସ୍ତାନ ଡବ୍ଲ୍ୟୁସିଏଲ୍ ମ୍ୟାଚ୍ ବାତିଲ

ବର୍ମିଂହାମ,୨୦।୭(ପି.ଟି.)

ଭାରତ ଓ ପାକିସ୍ତାନର ଭେଟେରାନ କ୍ରିକେଟରଙ୍କ ମଧ୍ୟରେ ରବିବାର ଖେଳାଯିବାକୁ ଥିବା ୱାର୍ଲ୍ଡ ଚାମ୍ପିୟନଶିପ୍ ଅଫ୍ ଲିଜେଣ୍ଡ୍ସ (ଡବ୍ଲ୍ୟୁସିଏଲ୍) ମ୍ୟାଚ୍‌କୁ ବାତିଲ କରି ଦିଆଯାଇଛି। ଗତ ଏପ୍ରିଲରେ ଘଟିଥିବା ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା କାରଣରୁ ଶିଖର ଧାୱନଙ୍କ ସମେତ ଅନେକ ଭାରତୀୟ ଖେଳାଳି ମ୍ୟାଚ୍‌କୁ ବୟକଟ କରିଥିଲେ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପକ୍ଷରୁ ଆୟୋଜନ କରାଯାଉଥିବା ଏହି ଟୁର୍ନାମେଣ୍ଟର ସହ ମାଲିକ ହେଉଛନ୍ତି ବଲିଉଡ୍ ଷ୍ଟାର ଅଜୟ ଦେବଗନ। ଗତ ୧୮ ତାରିଖରୁ ଡବ୍ଲ୍ୟୁସିଏଲ୍ ଆରମ୍ଭ ହୋଇଥିବା ବେଳେ ଫାଇନାଲ ମ୍ୟାଚ୍ ଅଗଷ୍ଟ ୨ ତାରିଖରେ ଖେଳାଯିବ। ବିଶ୍ୱକପ୍ ବିଜୟୀ ୟୁବରାଜ ସିଂଙ୍କ ନେତୃତ୍ୱାଧୀନ ଇଣ୍ଡିଆନ ଚାମ୍ପିୟନ୍ସ ଦଳରେ ଧାୱନ, ହରଭଜନ ସିଂ, ୟୁସୁଫ ପଠାନ, ଇର୍ଫାନ ପଠାନ, ସୁରେଶ ରାଇନା, ରବିନ ଉଥପ୍ପା ଓ ବରୁନ ଆରୋନ ଦଳର ସଦସ୍ୟ ରହିଛନ୍ତି।

ଡବ୍ଲ୍ୟୁସିଏଲ୍ ଆୟୋଜକଙ୍କ ପକ୍ଷରୁ ଏକ୍ସ'ରେ କୁହାଯାଇଛି ଯେ, ଚଳିତବର୍ଷ ପାକିସ୍ତାନ ହକି ଦଳ ଭାରତ ଟୁର କରିବ ଖବର ପାଇଥିଲୁ। ଭଲିବଲ ଭଳି ଅନ୍ୟ ଖେଳରେ ଦୁଇ ପଡ଼ୋଶୀ ଦେଶ ପରସ୍ପର ବିପକ୍ଷରେ ଖେଳୁଛନ୍ତି। ଏଣୁ ଆମେ ଡବ୍ଲ୍ୟୁସିଏଲ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍ ଜାରି ରଖିବାକୁ ଚିନ୍ତା କରିଥିଲୁ। କିଛି ପୁରୁଣା ଖୁସିର ମୁହୂର୍ତ୍ତକୁ ଉଜ୍ଜୀବିତ କରିବା ହିଁ ମ୍ୟାଚ୍ ଆୟୋଜନ ପଛର ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହି ପ୍ରକ୍ରିୟା ଦ୍ୱାରା ଆମେ ଅନେକଙ୍କ ଭାବନାକୁ ଆଘାତ ଦେଇଛୁ। ଏଣୁ ଆମେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛୁ। ଲୋକଙ୍କ ଭାବନାକୁ ଆଘାତ ଦେଇଥିବାରୁ ଆମେ ପୁଣି ଥରେ କ୍ଷମା ପ୍ରାର୍ଥନା କରୁଛୁ। ଆମେ ଆଶା କରୁଛୁ ଲୋକେ ବୁଝିପାରିବେ ଯେ, ଆମେ କିଛି ପୁରୁଣା ଖୁସିର ମୁହୂର୍ତ୍ତକୁ ଉଜ୍ଜୀବିତ କରିବାକୁ ଉଦ୍ୟମ କରୁଥିଲୁ। ଧାୱନଙ୍କ ସହ ରାଜ୍ୟ ସଭା ସଦସ୍ୟ ଥିବା ହରଭଜନ, ଲୋକ ସଭା ସଦସ୍ୟ ୟୁସୁଫ ଓ ଇର୍ଫାନ ପାକିସ୍ତାନ ବିପକ୍ଷ ମ୍ୟାଚ୍‌କୁ ବୟକଟ କରିବା ନିଷ୍ପତ୍ତି ସମ୍ପର୍କରେ ସୋସିଆଲ ମିଡିଆରେ ଜଣାଇଥିଲେ। ଗତ ସଂସ୍କରଣରେ ଏଜ୍‌ବାଷ୍ଟନଠାରେ ଖେଳାଯାଇଥିବା ଫାଇନାଲରେ ପାକିସ୍ତାନକୁ ହରାଇ ଭାରତ ଚାମ୍ପିୟନ ହୋଇଥିଲା।

## ଫିଡେ ମହିଳା ବିଶ୍ୱକପ୍: ହମ୍ପି ସେମିରେ

ବାଟୁମି (ଜର୍ଜିଆ), ୨୦।୭ (ପି.ଟି.)

ଚାଇନାର ଇଣ୍ଟରନ୍ୟାଶନାଲ ମାଷ୍ଟର ୟୁଜିନ୍ ସଙ୍ଗ୍ ବିପକ୍ଷରେ ତାଙ୍କ ମ୍ୟାଚ ଡ୍ର ରଖି ଭାରତୀୟ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପି ଏଠାରେ ଚାଲିଥିବା ଫିଡେ ମହିଳା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ହମ୍ପି ଧଳାଦାନ ସହ ପ୍ରଥମ ଗେମ୍ ଜିତିବାପରେ ସେମିଫାଇନାଲରେ ପ୍ରବେଶ ପାଇଁ ସେ ଏକ ଡ୍ର ଆବଶ୍ୟକ କରୁଥିଲେ। ଚାଇନିଜ ଖେଳାଳିଙ୍କ ବିପକ୍ଷ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲେ ହେଁ ସେ ତାଙ୍କ ଲକ୍ଷ୍ୟ ହାସଲ କରିପାରିଥିଲେ। ଟପ୍ ୩ରେ ରହିବା ପାଇଁ ହମ୍ପିଙ୍କ ଆଗରେ ଦୁଇଟି ସୁଯୋଗ ରହିଛି। ଏଠାରେ ଟପ୍ ୩ରେ ରହିପାରିଲେ ହମ୍ପି ପରବର୍ତ୍ତୀ ମହିଳା କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିପାରିବେ। ଅନ୍ୟପକ୍ଷରେ ଗ୍ରାଣ୍ଡମାଷ୍ଟର ଡି. ହାରିକା ଓ ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଦେଶମୁଖଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର ରହିଛି। ଉଭୟଙ୍କ ମଧ୍ୟରେ ଟାଇବ୍ରେକ୍ ଗେମ୍ ସୋମବାର ହେବ। ଗ୍ରାଣ୍ଡମାଷ୍ଟର ଆର. ବୈଶାଳୀଙ୍କ କ୍ଷେତ୍ରରେ ଭାଗ୍ୟ ତାଙ୍କୁ ସହାୟକ ହେଲାନି। ପୂର୍ବତନ ମହିଳା ବିଶ୍ୱ ଚାମ୍ପିୟନ ଚାଇନାର ଝୋଙ୍ଗୟି ତାନ୍‌ଙ୍କ ବିପକ୍ଷରେ ସେ ତାଙ୍କ ପ୍ରଥମ ଗେ୍ ଡ୍ର ରଖିଥିଲେ ହେଁ ପରେ ସଙ୍ଗ୍‌ଙ୍କ ଭଳି ସାମାନ ସ୍କୋରରେ ହାରିଯାଇଥିଲେ।



## ଓଡ଼ିଶା ପରାସ୍ତ

ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)

ଅମୃତସରର ଗୁରୁ ନାନକ ଦେବ ୟୁନିଭର୍ସିଟି (ଜିଏନ୍‌ଡିୟୁ) ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜାତୀୟ ଜୁନିୟର ବାଳକ ଫୁଟବଲ ବି.ସି. ରୟ ଟ୍ରଫି ରବିବାର ଆରମ୍ଭ ହୋଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ କର୍ଣ୍ଣାଟକଠାରୁ ୧-୩ ଗୋଲରେ ହାରିଯାଇଛି। ମ୍ୟାଚ୍‌ର ୬ଷ୍ଠ ମିନିଟ୍‌ରେ ଇଶାନ୍ତ କୁଜୁର ଏକ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ୭ମ ମିନିଟ୍‌ରେ କର୍ଣ୍ଣାଟକର ହୃଷୀକେଶ ଚରଣ ମାନଭାଥ୍ ଗୋଲଟି ପରିଶୋଧ କରି ଦେଇଥିଲେ। ୧୭ଶ ମିନିଟ୍‌ରେ ପଭିଶ କୁମାର ଏକ ଗୋଲ ଦେଇ କର୍ଣ୍ଣାଟକକୁ ଅଗ୍ରଣୀ କରିଥିବାବେଳେ ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୩ ମିନିଟରେ ହୃଷୀକେଶ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି କର୍ଣ୍ଣାଟକର ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇଥିଲେ।

## ଇଂଲଣ୍ଡରେ ଆଉ ୩ ଡବ୍ଲ୍ୟୁଟିସି ଫାଇନାଲ

ସିଙ୍ଗାପୁର,୨୦।୭(ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ପରବର୍ତ୍ତୀ ୩ ସଂସ୍କରଣର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ର ଫାଇନାଲ ମ୍ୟାଚ୍ ଆୟୋଜନ କରିବାର ଅଧିକାର ଇଂଲଣ୍ଡକୁ ଦିଆଯାଇଛି। ରବିବାର ଶେଷ ହୋଇଥିବା ଆଇସିସି ବାର୍ଷିକ କନ୍‌ଫରେନ୍ସରେ ଏହି ନିଷ୍ପତ୍ତି ନିଆଯାଇଛି। ୩ ଡବ୍ଲ୍ୟୁଟିସି ଫାଇନାଲ ଦୁଇ ବର୍ଷିଆ ସାଇକେଲ ଶେଷରେ ଯଥାକ୍ରମେ ୨୦୨୭, ୨୦୨୯ ଓ ୨୦୩୧ରେ ହେବ। ସମସ୍ତ ଫାଇନାଲ ମ୍ୟାଚ୍ ଜୁନ ମାସରେ ହୋଇପାରେ, ଯାହାକି ଇଂଲଣ୍ଡରେ କ୍ରିକେଟ ସିଜନର ସମୟ। ବର୍ଷର ଏହି ସମୟରେ ପାଣିପାଗ ଯୋଗୁ ଇଂଲଣ୍ଡରେ ଖେଳାଯାଉଥିବା ମ୍ୟାଚ୍ ଅଧିକ ପ୍ରଭାବିତ ହୁଏ ନାହିଁ। ଏପର୍ଯ୍ୟନ୍ତ ହୋଇଥିବା ୩ ଡବ୍ଲ୍ୟୁଟିସି ଫାଇନାଲ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଦ୍ୱାରା ଆୟୋଜନ କରାଯାଇଛି। ସାଉଥାମ୍ପଟନଠାରେ ୨୦୨୧ ଫାଇନାଲ (ଭାରତ-ନ୍ୟୁଜିଲାଣ୍ଡ), ଓଭାଲରେ ୨୦୨୩ ଫାଇନାଲ (ଭାରତ-ଅଷ୍ଟ୍ରେଲିଆ) ଓ ୨୦୨୫ ସଂସ୍କରଣର ଫାଇନାଲ ଲର୍ଡ୍ସ (ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ)ରେ ହୋଇଥିଲା।

ଡବ୍ଲ୍ୟୁଟିସି ସାଇକେଲ କାର୍ଯ୍ୟସୂଚୀ ଏଭଳି ହୋଇଛି ଯେ, ଏହାର ଫାଇନାଲ ମ୍ୟାଚ୍ ଜୁନରେ ହୋଇପାରିବ। ବର୍ଷର ଏହି ମାସରେ ଇଂଲଣ୍ଡରେ ଖୁବ୍ କମ୍ ପାଣିପାଗର ପ୍ରଭାବ ଦେଖିବାକୁ ମିଳେ। ବର୍ଷା ଯୋଗୁ ଅଷ୍ଟ୍ରେଲିଆର କ୍ରିକେଟ ସିଜନ ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲେ। ଭାରତରେ ଟେଷ୍ଟ କ୍ରିକେଟ ଅଧିକ ଲୋକପ୍ରିୟ ନୁହେଁ। ଏଣୁ ଯଦି ଭାରତରେ ଫାଇନାଲ ଖେଳାଯାଏ ଏବଂ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୁଏ, ତେବେ ଖୁବ୍ କମ୍ ପରିମାଣରେ ଦର୍ଶକ ଯୋଗଦେବେ। ଏଥିଯୋଗୁ ଇଂଲଣ୍ଡକୁ ଭେନ୍ୟୁ ଭାବେ ଚୟନ କରାଯାଇଛି।

### ୱାର୍କିଂ କମିଟି ଗଠିତ

୨୦୨୭ଠାରୁ ବିଶ୍ୱ କ୍ରିକେଟ କ୍ୟାଲେଣ୍ଡର ଉପରେ କାର୍ଯ୍ୟ କରିବା ପାଇଁ ଆଇସିସି ପକ୍ଷରୁ ଏକ କ୍ୟାଲେଣ୍ଡର ୱାର୍କିଂ ଗ୍ରୁପ୍ ଗଠନ କରାଯାଇଛି। ଆଇସିସିର କ୍ୟାଲେଣ୍ଡର ୱାର୍କିଂ ଗ୍ରୁପ୍‌ରେ କ୍ରିକେଟ୍ ଅଷ୍ଟ୍ରେଲିଆ ସିଇଓ ଟଡ୍ ଗ୍ରୀନ୍‌ବର୍ଗ, ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମୁଖ୍ୟ ରିଚାର୍ଡ ଗୌଲ୍ଡ ଓ ଆଇସିସିର ନବନିଯୁକ୍ତ ସିଇଓ ସଂଯୋଗ ଗୁପ୍ତା ରହିଛନ୍ତି। ଏହି ଗ୍ରୁପ୍ ଚଳିତବର୍ଷ ଶେଷ ଆଡ଼କୁ ଜୟ ଶାହାଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଆଇସିସି ବୋର୍ଡ ବୈଠକରେ ତା'ର ଅନ୍ତରୀଣ ରିପୋର୍ଟ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ଯୋଗ୍ୟତାର ମାଧ୍ୟମ ନିର୍ଦ୍ଧାରଣ କରିବା ଦାୟିତ୍ୱ ଏହି କମିଟିକୁ ଦିଆଯାଇଛି।

### ନୂଆ ଆସୋସିଏଟ୍ ସଦସ୍ୟ

ଆଇସିସି ଦୁଇ ନୂଆ ସଦସ୍ୟ ଟିମୋର ଲେଷ୍ଟେ କ୍ରିକେଟ୍ ଫେଡେରେଶନ ଓ ଜାମ୍ବିଆ ୟୁନିଅନକୁ ଆସୋସିଏଟ୍ ସଦସ୍ୟଙ୍କ ତାଲିକାରେ ସାମିଲ କରାଯାଇଛି। ଫଳରେ ଆଇସିସିର ମୋଟ ସଦସ୍ୟ ସଂଖ୍ୟା ୧୧୦କୁ ବୃଦ୍ଧି ପାଇଛି।

## ଭାରତୀୟ ଦଳରେ ପେସର ଅଂଶୁଲ

ମାଞ୍ଚେଷ୍ଟର, ୨୦।୭ (ପି.ଟି.): ଆକାଶ ଦୀପ ଓ ଅର୍ଶଦୀପ ସିଂ ଆହତ ହୋଇଥିବାରୁ ସେମାନଙ୍କ ସ୍ଥାନ ଭରଣା ପାଇଁ ଜୁଲାଇ ୨୩ରେ ଓଲ୍ଡ ଟ୍ରାଫୋର୍ଡଠାରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ଟେଷ୍ଟ ଲାଗି ପେସ୍ ବୋଲର ଅଂଶୁଲ କାମ୍ବୋଜଙ୍କୁ ସାମିଲ କରାଯାଇଛି। ଆକାଶଦୀପ ଚଳିତ ସିରିଜରେ ଯଥାକ୍ରମେ ବର୍ମିଂହାମ୍ ଓ ଲର୍ଡ୍ସଠାରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ଖେଳି ଥିବା ବେଳେ ବାମହାତୀ ପେସର ଅର୍ଶଦୀପ୍ ଚଳିତ ସିରିଜରେ ଗୋଟିଏ ହେଲେ ମ୍ୟାଚ ଖେଳି ନାହାନ୍ତି। ଗ୍ରୋଇନ୍ ଇଞ୍ଜୁରୀ କାରଣରୁ ଆକାଶଦୀପ ଉପଲବ୍ଧ ହେବେ କି ନା ସେ ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ। ଅର୍ଶଦୀପ ମାଞ୍ଚେଷ୍ଟର ଟେଷ୍ଟ ପାଇଁ ଉପଲବ୍ଧ ହୋଇ ନ ପାରନ୍ତି। ସେଥିପାଇଁ ଚୟନକର୍ତ୍ତାମାନେ କାମ୍ବୋଜଙ୍କୁ ଡକାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ଗୁରୁବାର ବେକେନହାମ୍‌ଠାରେ ନେଟ ସେସନ ବେଳେ ସାଇ ସୁଦର୍ଶନଙ୍କ ଏକ ଶଟ୍‌କୁ ଅଟକାଇବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ବାମହାତରେ ଆଘାତ ଲାଗିଥିଲା। ତାଙ୍କ ବୋଲିଂ ହାତରେ ବ୍ୟାଣ୍ଡେଜ କରାଯାଇଛି। ଟେଷ୍ଟ ସିରିଜ ପୂର୍ବରୁ ଭାରତ 'ଏ' ଓ ଇଂଲଣ୍ଡ ଲାୟନ୍ସ ମଧ୍ୟରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ପେସ୍ ଅଲ୍‌ରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଆହତ ହୋଇଛନ୍ତି। ଆନୁଷ୍ଠାନିକ ଭାବେ ବିସିସିଆଇ ପକ୍ଷରୁ ତାଙ୍କର ଆହତ ସମସ୍ୟା ପଛର କାରଣ କୁହାଯାଇ ନାହିଁ। ହେଲେ ମିଳିଥିବା ସୂଚନା ମୁତାବକ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ସେ ଅନ୍ୟ ଭାରତୀୟ ଖେଳାଳିଙ୍କ ସହ ରବିବାର ମାଞ୍ଚେଷ୍ଟରରେ ପହଞ୍ଚିଛନ୍ତି। ହେଲେ ସେ ଦଳର ଅପ୍ସନାଲ ଟ୍ରେନିଂ ସେଶନରେ ଭାଗ ନେଇ ନ ଥିଲେ।

## ନବରଙ୍ଗପୁର, ଭୁବନେଶ୍ୱର ବିଜୟୀ



ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ଫୁଟବଲ ମ୍ୟାଚ।

### ଆନ୍ତଃଜିଲା ସାହାଣୀ କପ୍

ବ୍ରହ୍ମପୁର,୨୦।୭ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ବ୍ରହ୍ମପୁର ଜୋନ୍ ପକ୍ଷରୁ ଚାଲିଥିବା ଆନ୍ତଃଜିଲା ପୁରୁଷ ବର୍ଗ ଫୁଟବଲ ସାହାଣୀ କପ୍-୨୦୨୫ର ରବିବାର ପଞ୍ଚମ ଦିନରେ ନବରଙ୍ଗପୁର ଓ ଭୁବନେଶ୍ୱର ବିଜୟୀ ହୋଇଛନ୍ତି। ଖେଳାଯାଇଥିବା ଦୁଇଟି ମ୍ୟାଚରୁ ପ୍ରଥମ ମ୍ୟାଚ ଗଞ୍ଜାମ ଓ ନବରଙ୍ଗପୁର ଜିଲା ମଧ୍ୟରେ ହୋଇଥିଲା। ଏଥିରେ ନବରଙ୍ଗପୁର ୨-୧ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଗଜପତି ଓ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଭୁବନେଶ୍ୱର ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା।

### ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ

**ବୌଦ୍ଧ**
ବଲାଙ୍ଗୀର-୩, ନୂଆପଡ଼ା-୧
ବୌଦ୍ଧ-୦, କନ୍ଧମାଳ-୦

**କେନ୍ଦ୍ରାପଡ଼ା**
କେନ୍ଦ୍ରାପଡ଼ା-୧, ଜଗତ୍‌ସିଂହପୁର-୦
ଝାରସୁଗୁଡ଼ା-୫, ଭଦ୍ରକ-୩

**କେନ୍ଦୁଝର**
ଅନୁଗୋଳ-୪, ଯାଜପୁର-୩
ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ-୧, କେନ୍ଦୁଝର-୦

## ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତକୁ ବ୍ରୋଞ୍ଜ

### ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୨୦।୭ (ତପନ ସ୍ୱାଇଁ)

ଜର୍ମାନୀର ରାଇନେ-ରୁହରଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ବ୍ୟାଡ୍‌ମିଣ୍ଟନ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ଭାରତ ପାଇଁ ଏହା ସର୍ବପ୍ରଥମ ପଦକ। ଭାରତୀୟ ଦଳ କ୍ୱାର୍ଟର ଫାଇନାଲରେ ମାଲେସିଆକୁ ୩-୨ରେ ପରାସ୍ତ କରିଥିଲେ ମଧ୍ୟ ସେମିଫାଇନାଲରେ ଚାଇନିଜ ତାଇପେଠାରୁ ୧-୩ରେ ହାରି ଯାଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛି। ଅନ୍ୟ ଏକ ସେମିଫାଇନାଲରେ ଚାଇନାଠାରୁ ହାରି କୋରିଆ ମଧ୍ୟ ବ୍ରୋଞ୍ଜ ପଦକ ଜିତିଛି। ଜର୍ମାନୀ ଯିବା ପୂର୍ବରୁ ଭାରତୀୟ ଦଳର କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପଦକ ନିଶ୍ଚିତ କରିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ମିକ୍ସଡ୍ ଟିମ୍ ଇଭେଣ୍ଟ ଅବସରରେ ଭାରତର ଦୁଇ ମହିଳା ଖେଳାଳି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ